# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୯/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 19/2026 | Page 14 | ₹ 7.00

୫୨ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 57 | ମୂଲ୍ୟ ₹୭/-







## କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ଇନ୍ଦୋର, ୧୮।୧**

ବିରାଟ କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ଏଠାରେ ଅନୁଷ୍ଠିତ ତୃତୀୟ ତଥା ସିରିଜର ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୪୧ ରନରେ ହାରି ଯାଇଛି। ଏଥିସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୨ରେ ହାରି ଯାଇଛି। ଡାରିଲ ମିଚେଲ ଓ ଗ୍ଲେନ ଫିଲିପ୍ସଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୬ ଓଭରରେ ୨୯୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କୋହଲି ୧୨୪ ରନର ଲଢୁଆ ଇନିଂସ ଖେଳିଥିଲେ। ଏକଦିବସୀୟ କ୍ରିକେଟରେ ଏହାଥିଲା କୋହଲିଙ୍କ ୫୪ତମ ଶତକ। ଏହା ବ୍ୟତୀତ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ୩୬ ଇନିଂସରୁ ସର୍ବାଧିକ ୭ ଶତକ ହାସଲ କରିବାରେ ରେକର୍ଡ କରିଛନ୍ତି। ରିକି ପଣ୍ଟିଂ ଓ ବୀରେନ୍ଦ୍ର ସେହ୍ୱାଗ ୬ଟି ଲେଖାଏ ଶତକ ହାସଲ କରି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଓଭରଅଲ୍ କୋହଲିଙ୍କର ଏହାଥିଲା ୮୫ତମ ଅନ୍ତର୍ଜାତୀୟ ଶତକ। **(ସମ୍ପୂର୍ଣ୍ଣ ବିବରଣୀ ଖେଳ ପୃଷ୍ଠାରେ)**

**ଆଜିର ସମ୍ପାଦକୀୟ**

**ଅଖାଡୁଆ ବ୍ୟକ୍ତି**



ଇଣ୍ଟରନ୍ୟାଶନାଲ ସ୍କି ଫେଡେରେଶନ ପକ୍ଷରୁ ଜର୍ମାନୀର ଓବରହୋଫ୍‌ଠାରେ ଆୟୋଜିତ ମହିଳା ନର୍ଡିକ କମ୍ବାଇନ୍‌ଡ୍ ବିଶ୍ୱକପ୍‌ରେ ନରୱେର ତାରକା ଖେଳାଳି ଇଡା ମାରି ହେଗେନ୍ ରବିବାର ନର୍ମାଲ ହିଲ୍ ପ୍ରତିଯୋଗିତାରେ ୯୮.୮ ମିଟର ଉଚ୍ଚରୁ ସ୍କି ଜମ୍ପିଂ କରୁଛନ୍ତି।

## ୨୨ରେ ମିଳିବ 'ସୁଭଦ୍ରା' ସହାୟତା

**ଭୁବନେଶ୍ୱର,୧୮।୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ଯୋଜନା 'ସୁଭଦ୍ରା' କିସ୍ତି ଚଳିତମାସ ୨୨ରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରବିବାର ସେ କହିଛନ୍ତି, ପୂର୍ବରୁ ଜାନୁଆରୀ ୧୮ରେ ସୁଭଦ୍ରା ଟଙ୍କା ମିଳିବାକୁ ଥିବାବେଳେ, ଏଥିରେ ପରିବର୍ତ୍ତନ ହୋଇଛି। ୧୮ ବଦଳରେ ୨୨ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଟୁଇଟ୍ କରି କୁହାଯାଇଛି। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ଏଥର ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସହାୟତା ପାଇବେ। ଏଥିରେ ନୂଆକରି ୧ ଲକ୍ଷ ୭୮ ହଜାର ୩୧୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି, ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ। ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାଥରକେ ଦୁଇଟି କିସ୍ତିର ଟଙ୍କା ପାଇବେ ।

# ଆତଙ୍କବାଦୀଙ୍କୁ କ୍ରିପ୍ଟୋ ପାଣ୍ଠି

## ହାୱାଲା ଜରିଆରେ ବିଦେଶରୁ କଶ୍ମୀରକୁ ହେଉଛି ଯୋଗାଣ

**୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରି ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌କୁ ତତ୍କାଳ ଅଚଳ କରିଦେଇଥିଲେ। ବେଆଇନ ଓ ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବାରେ ଏହା ବିଶେଷ ସହାୟକ ହେବ ବୋଲି ସେତେବେଳେ ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ଇତିମଧ୍ୟରେ 'ନୋଟ୍‌ବନ୍ଦୀ'କୁ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ଏହି ପଦକ୍ଷେପ ଆତଙ୍କବାଦ ଦମନ ପାଇଁ କେତେ ସହାୟକ ହୋଇପାରିଛି ତାହା ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆତଙ୍କବାଦୀମାନେ ସରକାରଙ୍କ ଆଖିରେ ଧୂଳି ଦେଇ ପାଣ୍ଠି ସଂଗ୍ରହର ନୂଆ ପନ୍ଥା ଆପଣାଇଛନ୍ତି। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପକୁ ବ୍ୟାପକ କରିବା ପାଇଁ ବିଦେଶରୁ ହାୱାଲା ଜରିଆରେ ଡିଜିଟାଲ କରେନ୍ସି 'କ୍ରିପ୍ଟୋ' ପାଣ୍ଠି ଯୋଗାଣ ହେଉଛି। ଦେଶରେ ପ୍ରଚଳିତ ଆର୍ଥିକ ଦେଣନେଣ ବ୍ୟବସ୍ଥାରେ ଥିବା ସୁରକ୍ଷାକୁ ବାଇପାସ୍ କରି ଅନ୍‌ଲାଇନ୍‌ରେ ଏହି କାରବାର ହେଉଥିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ିଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକୁ ହାଇଆଲର୍ଟରେ ରଖାଯାଇଛି।**

**ଶ୍ରୀନଗର/ନୂଆଦିଲ୍ଲୀ,୧୮।୧ (ପି.ଟି./ଏଜେନ୍ସି)**

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ସୀମାପାର ଆତଙ୍କବାଦ ଉପରେ ଲଗାମ କଷିବା ପାଇଁ ପୋଲିସ ଓ ସେନା ପକ୍ଷରୁ ଘନଘନ ଚଢ଼ାଉ ସହ ତଲାସି ଅଭିଯାନ ଜାରି ରହିଛି। ପାକିସ୍ତାନରୁ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଉପତ୍ୟକାକୁ ଅନୁପ୍ରବେଶ କରୁଥିବା ଆତଙ୍କବାଦୀଙ୍କୁ ଧରିବା ଓ ସେମାନଙ୍କ ନେଟ୍‌ୱର୍କକୁ ଧ୍ୱସ୍ତ କରିବା ହେଉଛି ଏହି ଅପରେଶନ୍‌ର ମୂଳ ଉଦ୍ଦେଶ୍ୟ। ଆତଙ୍କବାଦୀଙ୍କ ଉଦ୍ଦେଶ୍ୟରେ ବିଦେଶରୁ ହେଉଥିବା ପାଣ୍ଠି ଯୋଗାଣ କରିବା ଲାଗି ଭାରତର ସିକ୍ୟୁରିଟି ଓ ଇଣ୍ଟେଲିଜେନ୍ସ ଏଜେନ୍ସିଗୁଡ଼ିକ ଲାଗିପଡ଼ିଥିବାବେଳେ ସେମାନଙ୍କ ଚିନ୍ତା ବଢ଼ାଇଦେଇଛି ଆଉ ଏକ ବିଷୟ। ତାହା ହେଲା କ୍ରିପ୍ଟୋ ଫଣ୍ଡିଂ। 'କ୍ରିପ୍ଟୋ ହାୱାଲା' ନେଟ୍‌ୱର୍କ ଜରିଆରେ ଜମ୍ମୁ-କଶ୍ମୀରରେ ଥିବା ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀମାନଙ୍କ ନିକଟକୁ ବିପୁଳ ପରିମାଣର ଅର୍ଥ ଆସୁଛି। ଏହି ପାଣ୍ଠିକୁ ବ୍ୟବହାର କରି ସେମାନେ କେବଳ ଉପତ୍ୟକା ନୁହେଁ, ବରଂ ଦେଶର ବିଭିନ୍ନ ଭାଗରେ ଆକ୍ରମଣ କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ଜଣାପଡ଼ିଛି। ଏଜେନ୍ସିଗୁଡ଼ିକର ଅଧିକାରୀମାନେ ଏହି ବିଷୟ ରବିବାର ସାମ୍ନାକୁ ଆଣିବା ପରେ ସେନା ଘାଟି ଓ ଅନ୍ୟ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ଏହି ଛାୟା ପାଣ୍ଠି (ଶ୍ୟାଡୋ ଫଣ୍ଡ) ବିଚ୍ଛିନ୍ନତାବାଦୀ ତତ୍ତ୍ୱଙ୍କୁ ନୂଆ ଜୀବନ ଦେବା ସହ କେନ୍ଦ୍ରଶାସିତ ଅଞ୍ଚଳରେ ଦେଶବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ଘଟାଇପାରେ ବୋଲି ଅଧିକାରୀମାନେ ସତର୍କ କରାଇଛନ୍ତି।

ପାରମ୍ପରିକ ହାୱାଲା ବ୍ୟବସ୍ଥାରେ ଅଣବ୍ୟାଙ୍କିଙ୍ଗ୍ ଚ୍ୟାନେଲରେ ଟଙ୍କା ଆସୁଥିବାବେଳେ ଉକ୍ତ ଡିଜିଟାଲ ଭର୍ସନରେ କ୍ରିପ୍ଟୋକରେନ୍ସି ଆସୁଛି। ଭାରତରେ ସମସ୍ତ ଭର୍ଚୁଆଲ ଡିଜିଟାଲ ଆସେଟ ସର୍ଭିସ ପ୍ରୋଭାଇଡର୍ସ (ଭିଡିଏଏସ୍‌ପି)ମାନଙ୍କୁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ସହ ପଞ୍ଜୀକୃତ ହେବାକୁ ପଡ଼ିଥାଏ। କିନ୍ତୁ ଆତଙ୍କବବାଦୀଙ୍କ ଛାୟା ନେଟ୍‌ୱର୍କ ପ୍ରଚଳିତ ଆଇନ ବ୍ୟବସ୍ଥା ଊର୍ଦ୍ଧ୍ୱରେ କାର୍ଯ୍ୟ କରିଥାଏ। କ୍ରିପ୍ଟୋ ନେଟ୍‌ୱର୍କ ଉପରେ କୌଣସି ଦେଶର ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ବେଆଇନ ପାଣ୍ଠିକୁ କିଏ ପଠାଇଛନ୍ତି ତାହା ଜାଣିବା କଷ୍ଟକର। ଏହାବାଦ୍ ଉକ୍ତ କଳାଧନକୁ ଧଳା କରି ଦେଶର ଘରୋଇ ଅର୍ଥନୀତିରେ ସାମିଲ କରାଗଲେ ବିପଦ ଆହୁରି ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଜମ୍ମୁ-କଶ୍ମୀର ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ମିଳିତ ଭାବେ କରାଯାଇଥିବା ☞ପୃଷ୍ଠା-୪

## ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

### ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ, ମାଲିକ ଫେରାର

**କଟକ/ଫୁଲନଖରା,୧୮।୧(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)**

ବେଆଇନ ବାଣ କାରବାର ରୋକିବାକୁ ପ୍ରଶାସନ ଯେତେପ୍ରକାର ଉଦ୍ୟମ କଲେ ବି କେଉଁଠି ନା କେଉଁଠି ତ୍ରୁଟି ରହିଯାଉଛି। ଯଦ୍ୱାରା ବେଆଇନ ବାଣ ତିଆରି ଓ ବିକ୍ରି ରୋକି ହେଉନାହିଁ। ଯାହାର କୁପରିଣାମ ରବିବାର କଟକ ଜିଲା ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧା ପଞ୍ଚାୟତସ୍ଥିତ ହାତୀଗଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ଘଟି ଜଣେ ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହାତୀଗଡ଼ା ଗ୍ରାମର ସୁରେଶ ଭୋଇ (୫୨)। ମୃତକଙ୍କୁ ଭୁଶୁଡ଼ି ପଡ଼ିଥିବା ଘରର କାନ୍ଥ ମଧ୍ୟରୁ ଉଦ୍ଧାର କରାଯାଇଛି। ବାଣ ତିଆରି ହେଉଥିବା ଆଜବେଷ୍ଟସ୍ ଘରଟି ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ଆଜବେଷ୍ଟସ୍ ଛାତ ଉଡ଼ିଯାଇଛି। ଏହି ବାଣ ବିସ୍ଫୋରଣର ପ୍ରଭାବ ଅତି ତୀବ୍ର ଥିଲା। ପାଖାପାଖି ପାଞ୍ଚ କିଲୋମିଟର ଦୂର ପର୍ଯ୍ୟନ୍ତ ଶବ୍ଦ ଶୁଣିବାକୁ ମିଳିଥିଲା। ଏହାର ପ୍ରଭାବରେ ବାଣଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ନିକଟରେ ଥିବା ପ୍ରଦୀପ ପ୍ୟାଲେସ ନାମକ ଏକ ମଣ୍ଡପର କାଚ ଭାଙ୍ଗିଛି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଆଇଆଇସି ତୁଷାରକାନ୍ତି ☞ପୃଷ୍ଠା-୪


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଶୀତ, କୁହୁଡ଼ି ଭିତରେ ବଢ଼ିବ ତାତି

**ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)**

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବରେ ବଢ଼ିବ ରାତି ତାପମାତ୍ରା। ଶୀତ, କୁହୁଡ଼ି ସାଙ୍ଗକୁ ଖରାତାତିକୁ ଅନୁଭବ କରିବେ ଲୋକେ। ଏବେ ବି ଥଣ୍ଡା ପ୍ରକୋପ ଜାରି ରହିଛି। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଛି। ତେବେ ସୋମବାର ଓ ବୁଧବାର ରାତିରୁ ଉତ୍ତର-ପଶ୍ଚିମ ଭାରତକୁ ଅତି କମ୍ ଅନ୍ତରାଳରେ ଦୁଇଟି ପଶ୍ଚିମାଝଡ଼ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ଆସନ୍ତା ୪ ଦିନ ମଧ୍ୟରେ ☞ପୃଷ୍ଠା-୪

## ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ

### ଚାଲାଣ ଥିବାରୁ କରିପାରୁନାହାନ୍ତି ପଲ୍ୟୁଶନ ସାର୍ଟିଫିକେଟ

**ଆଗରପଡ଼ା,୧୮।୧ (ସୁଶାନ୍ତ ଦାସ)**

ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ ବାଧ୍ୟତାମୂଳକ ନେଇ ସରକାରଙ୍କ ଘୋଷଣା ପରଠାରୁ ଲୋକଙ୍କ ମନରେ ଏକପ୍ରକାର ଛନକା ପଶିଯାଇଛି। ମୋଟା ଅଙ୍କର ଫାଇନ୍‌ରୁ ବଞ୍ଚିବା ପାଇଁ ଲୋକେ ପଲ୍ୟୁଶନ ସେଣ୍ଟରରେ ଭିଡ଼ ଜମାଉଛନ୍ତି। ହେଲେ ଏହାରି ମଧ୍ୟରେ ଏକ ରୋଚକ ଘଟଣା ରବିବାର ସାମ୍ନାକୁ ଆସିଛି। ଜଣେ ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ କରାଯାଇଛି। ଏପରିକି



ଅଟୋ ଚାଳକ ରାମକୃଷ୍ଣ ନାଥ ଚାଲାଣ କପି ଦେଖାଉଛନ୍ତି।

ଏହି ଚାଲାଣ ଯୋଗୁ ଅଟୋ ଚାଳକ ଜଣକ ତାଙ୍କ ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ କରିପାରୁନାହାନ୍ତି। ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ପଞ୍ଚାୟତରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଚାଲାଣଟି ୪ବର୍ଷ ତଳର ହୋଇଥିବା ବେଳେ ଏବେ ପଲ୍ୟୁଶନ ସାର୍ଟିଫିକେଟ ବାହାର କରିବାକୁ ଯିବାରୁ ଚାଳକ ଜଣକ ଏ ସମ୍ପର୍କରେ ଜାଣିବାକୁ ପାଇଛନ୍ତି।

ସମ୍ପୃକ୍ତ ଅଟୋ ଚାଳକ ହେଲେ ବଡ଼ମହିଷଗୋଠ ପଞ୍ଚାୟତ ନିବାସୀ ରାମକୃଷ୍ଣ ନାଥ। ତାଙ୍କ କହିବା ଅନୁଯାୟୀ, ସେ ଦୀର୍ଘ ୧୦ବର୍ଷ ହେବ ଏକ ମାଲବାହୀ ଅଟୋ(ଓଡି ୨୨ଇ ୯୭୩୧) କିଣି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ୨ ଦିନ ତଳେ ସେ ☞ପୃଷ୍ଠା-୪

**ବୋମା ଧମକ, ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**

ବୋମା ଧମକ ମିଳିବା ପରେ ରବିବାର ସକାଳେ ଦିଲ୍ଲୀରୁ ପଶ୍ଚିମବଙ୍ଗର ବାଗଡୋଗ୍ରା ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଲକ୍ଷ୍ନୌ ଏୟାରପୋର୍ଟରେ ଜରୁରୀ ଅବତରଣ କରିଛି। ସମସ୍ତ ୨୨୨ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ବିମାନରୁ ଖାଲି କରାଯିବା ପରେ ଯାଞ୍ଚ କରାଯାଇଛି। ବିମାନରେ ବୋମା ଥିବା ନେଇ ଟିସୁ ପେପରରେ ଏକ ହାତଲେଖା ନୋଟ୍ ମିଳିଥିଲା।






ଟ୍ରମ୍ପଙ୍କ ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଯୋଜନାକୁ ବିରୋଧ କରି ଅନେକ ହଜାର ଲୋକ ନୁକ୍‌ସ୍ଥିତ ଆମେରିକା ବାଣିଜ୍ୟିକ ଦୂତାବାସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ପଶ୍ଚିମବଙ୍ଗରେ ଟିଏମ୍‌ସି ଜଙ୍ଗଲରାଜର ଅନ୍ତ ଘଟିବ

ସିଙ୍ଗୁର,୧୮।୧


ନରେନ୍ଦ୍ର ମୋଦି

ପଶ୍ଚିମବଙ୍ଗ ଜନସାଧାରଣ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ କ୍ଷମତାରୁ ହଟାଇବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ୧୫ ବର୍ଷର ମହା ଜଙ୍ଗଲରାଜର ଅନ୍ତ ଘଟାଇବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସିଲିଗୁଡ଼ିଠାରେ ଏକ ରାଲିକୁ ସମ୍ବୋଧନ କରି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୮୩୦ କୋଟି ଟଙ୍କା ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ କୋଲକାତାରୁ ଦେଶର ଅନ୍ୟ ଭାଗକୁ ସଂଯୋଗ କରୁଥିବା ୩ଟି ଅମୃତ ଭାରତ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଟିଏମ୍‌ସିର ମହା ଜଙ୍ଗଲରାଜକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ, ବହୁସଂଖ୍ୟାରେ ମା', ଭଉଣୀ ଓ କୃଷକ ପ୍ରକୃତ ପରିବର୍ତ୍ତନ ଚାହାଁନ୍ତି। ପ୍ରତ୍ୟେକ ଜଙ୍ଗଲରାଜର ଅନ୍ତ ଚାହୁଁଛନ୍ତି। ଭାଜପା ପୁଣିଥରେ ବିହାରରେ ଜଙ୍ଗଲରାଜକୁ ରୋକିଥିବାବେଳେ ଏଥର ପଶ୍ଚିମବଙ୍ଗରେ ଟିଏମ୍‌ସିର ମହା ଜଙ୍ଗଲରାଜକୁ ବିଦାୟ ଦେବାକୁ ପ୍ରସ୍ତୁତ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସୁରକ୍ଷା ଓ ସୀମାନ୍ତ ସ୍ଥିତିକୁ ନେଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ସରକାର ରାଜ୍ୟ ଓ ଦେଶର ସୁରକ୍ଷା ସହ ଖେଳୁଛନ୍ତି। ତେଣୁ ଏଠାକାର ଯୁବବର୍ଗଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। ରାଜ୍ୟରେ ଅନୁପ୍ରବେଶ ପାଇଁ ଟିଏମ୍‌ସି ସବୁ ପ୍ରକାର ସୁବିଧା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଏହି ଦଳ ବିକ୍ଷୋଭ କରୁଛି। ଗତ ୧୧ ବର୍ଷ ହେଲା କେନ୍ଦ୍ର ସରକାର ବାରମ୍ବାର ଟିଏମ୍‌ସି ସରକାରଙ୍କୁ ପତ୍ର ଲେଖି ରାଜ୍ୟ ସୀମାରେ ତାରବାଡ଼ ଲଗାଇବାକୁ କହିଆସୁଛି। ଏଥିପାଇଁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ଟିଏମ୍‌ସି ଏହାକୁ ଭ୍ରୂକ୍ଷେପ କରୁନାହିଁ। ଅନୁପ୍ରବେଶକାରୀ ଗ୍ୟାଙ୍ଗଗୁଡ଼ିକୁ ସୁରକ୍ଷା ପ୍ରଦାନ ଏବଂ ସେମାନଙ୍କ ପାଇଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିବାରେ ଶାସକ ଦଳ ପୃଷ୍ଠପୋଷକତା ପ୍ରଦାନ କରୁଛି। ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ସମୟ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ

## ଟ୍ରମ୍ପଙ୍କ ଅକ୍ତିଆର ଧମକ ବିରୋଧରେ ବିକ୍ଷୋଭ

ନୁକ୍,୧୮।୧



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବା ପାଇଁ ଚେତାବନୀ ଦେଇଥିବାବେଳେ ଏହାକୁ ବିରୋଧ କରି ସେଠାରେ ଟ୍ରମ୍ପ ବିରୋଧୀ ବିକ୍ଷୋଭ ଜୋର୍ ଧରିଛି। ଅନେକ ହଜାର ଗ୍ରୀନ୍‌ଲାଣ୍ଡ ବାସିନ୍ଦା ତୁଷାର ଓ ବରଫାବୃତ ରାସ୍ତାରେ ଶୋଭାଯାତ୍ରାରେ ବାହାରି ଆମେରିକା ରାଷ୍ଟ୍ରପତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନେ ନିଜ ଦେଶର ସ୍ୱାୟତ୍ତ ଶାସନକୁ ସମର୍ଥନ କରିବା ସହ 'ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ' ବୋଲି ସ୍ଲୋଗାନ ଦେଇଥିଲେ। ଗ୍ରୀନ୍‌ଲାଣ୍ଡ ରାଜଧାନୀ ନୁକ୍ ସହରରୁ ବିକ୍ଷୋଭକାରୀ ଶୋଭାଯାତ୍ରାରେ ଆମେରିକା ବାଣିଜ୍ୟିକ ଦୂତାବାସ ଅଭିମୁଖେ ବାହାରିଥିଲେ। ବିନା ସଂଘର୍ଷରେ ଆମେ ପରାଜୟ ବରଣ କରିବୁ ନାହିଁ ବୋଲି ସେମାନେ କହିଛନ୍ତି। ରାଜଧାନୀ ନୁକ୍ ସହରର ଲୋକ ସଂଖ୍ୟା ୨୦,୦୦୦ ହୋଇଥିବାବେଳେ ବିକ୍ଷୋଭରେ ଏହାର ଏକଚତୁର୍ଥାଂଶ ସାମିଲ ହୋଇଥିଲେ। ଗ୍ରୀନ୍‌ଲାଣ୍ଡର ଅନ୍ୟ ସହର ସମେତ ଡେନ୍‌ମାର୍କର କୋପେନହାଗେନ୍‌ରେ ମଧ୍ୟ ଅନୁରୂପ ବିକ୍ଷୋଭ ଏବଂ ରାଲି କରାଯାଇଛି। ନୁକ୍‌ରେ ଅନୁଷ୍ଠିତ ବିକ୍ଷୋଭରେ ଗ୍ରୀନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ ଫ୍ରେଡେରିକ୍ ନିଏଲ୍‌ସେନ୍ ଯୋଗଦେଇଥିଲେ। ସେପଟେ ଆମେରିକାର ଗ୍ରୀନ୍‌ଲାଣ୍ଡ ନିୟନ୍ତ୍ରଣ ଯୋଜନାକୁ ବିରୋଧ କରୁଥିବା ୮ଟି ୟୁରୋପୀୟ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଫେବୃଆରୀରୁ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି। ସେହି ଦେଶଗୁଡ଼ିକ ହେଲା ଡେନ୍‌ମାର୍କ, ନରଓ୍ୱେ, ସୁଇଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲାଣ୍ଡସ ଏବଂ ଫିନ୍‌ଲାଣ୍ଡ। ଗ୍ରୀନ୍‌ଲାଣ୍ଡକୁ ସମ୍ପୂର୍ଣ୍ଣ କିଣିବା ପାଇଁ ଆମେରିକା ଚାହୁଁଥିବାବେଳେ ଏହି ଡିଲ୍ କାର୍ଯ୍ୟକାରୀ ହୋଇ ନ ପାରିଲେ ଜୁନ୍ ୧ରୁ ଟାରିଫ୍ ପରିମାଣ ୨୫%କୁ ବୃଦ୍ଧି କରିବେ ବୋଲି ଟ୍ରମ୍ପ କହିଛନ୍ତି। ଟାରିଫ୍ ଧମକ ଟ୍ରମ୍ପ ଏବଂ ନାଟୋ ସହଯୋଗୀଙ୍କ ମଧ୍ୟରେ ଗମ୍ଭୀର ଏବଂ ବିପଜ୍ଜନକ ଉତ୍ତେଜନା ସୃଷ୍ଟି କରିବ ବୋଲି କୁହାଯାଉଛି।

## ଜରୁରୀ ବୈଠକ କରିବେ ଇୟୁ ରାଷ୍ଟ୍ରଦୂତ

ପ୍ୟାରିସ୍,୧୮।୧

### ଟାରିଫ୍ ଧମକ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଯୋଜନା କରିଥିବାବେଳେ ଏହାକୁ ବିରୋଧ କରୁଥିବା ୮ ୟୁରୋପୀୟ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଶନିବାର ଧମକ ଦେଇଥିଲେ। ଏନେଇ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟ୍ରମ୍ପଙ୍କ ଧମକ ପରେ ୟୁରୋପୀୟ ୟୁନିୟନ (ଇୟୁ) ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ରଦୂତମାନେ ଜରୁରୀ ବୈଠକ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ପ୍ରସ୍ତାବକୁ ବିରୋଧ କରି ଗ୍ରୀନ୍‌ଲାଣ୍ଡ ଏବଂ ଡେନ୍‌ମାର୍କରେ ଅନେକ ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଗ୍ରୀନ୍‌ଲାଣ୍ଡ ଅଚଳାବସ୍ଥାକୁ ନେଇ ଟ୍ରମ୍ପ ଯଦି ଅତିରିକ୍ତ ଟାରିଫ୍ ଲାଗୁ କରନ୍ତି, ତେବେ ଆଇନଗତ ଭାବେ ମୁକାବିଲାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଦ୍ରବ୍ୟ ଓ ସେବା ଆମଦାନୀକୁ ରୋକାଯାଇପାରିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଛନ୍ତି।

## ବାଂଲାଦେଶରେ ହିନ୍ଦୁ ବ୍ୟବସାୟୀଙ୍କୁ ପିଟି ହତ୍ୟା

ଢାକା,୧୮।୧

ବାଂଲାଦେଶର ଗାଜିପୁର ଜିଲା ଅନ୍ତର୍ଗତ କାଲିଗଞ୍ଜ ଅଞ୍ଚଳରେ କଦଳୀକୁ ନେଇ ବିବାଦ ପରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଅନ୍ୟ ଏକ ପରିବାରର ୩ ଜଣ ଲୋକ ପିଟି ମାରିଦେଇଛନ୍ତି। ତେବେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ସହ ଏହାର ସମ୍ପର୍କ ଥିବା ନେଇ ସ୍ପଷ୍ଟ ହୋଇନାହିଁ। ମୃତକ ଲିଟନ୍ ଚନ୍ଦ୍ର ଘୋଷ (୫୫) 'ବୈଶାଖୀ ସୁଇଟ୍‌ମିଟ୍ ଆଣ୍ଡ ହୋଟେଲ'ର ମାଲିକ ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ମାସୁମ୍ ମିଆ ନାମକ ବ୍ୟକ୍ତି କଦଳୀ ଚାଷ କରୁଥିବାବେଳେ କେତେ କାନ୍ଦି କଦଳୀ ନ ଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି ବେଳେ ଲିଟନ୍‌ଙ୍କ ହୋଟେଲରେ ଉକ୍ତ କଦଳୀ ଥିବା ଦେଖିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମାସୁମ୍ ଓ ତାଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣ ବେଳେ ଲିଟନ୍ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି।

## ଆର୍‌ଜେଡି କାର୍ଯ୍ୟକାରୀ ସଭାପତି ହୋଇପାରନ୍ତି ତେଜସ୍ୱୀ


ତେଜସ୍ୱୀ ଯାଦବ

ପାଟନା,୧୮।୧

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇପାରେ। ଆସନ୍ତା ୨୫ରେ ବସିବାକୁ ଥିବା ଆର୍‌ଜେଡି ଜାତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବା ଆଶା କରାଯାଉଛି। ତେଜସ୍ୱୀଙ୍କୁ ପଦୋନ୍ନତି ଦେବା ପାଇଁ ଦଳ ଭିତରେ ଏକପ୍ରକାର ସର୍ବସମ୍ମତ ସହମତି ହୋଇଥିବା କୁହାଯାଉଛି। ବରିଷ୍ଠ ନେତାଙ୍କୁ ନୂଆ ଦାୟିତ୍ୱ ଦିଆଯିବା ସହ ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

## କରାଚୀ ଶପିଂ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ: ୬ ମୃତ

କରାଚୀ,୧୮।୧(ପି.ଟି.)

ପାକିସ୍ତାନର କରାଚୀସ୍ଥିତ ଏକ ବିଶାଳ ଶପିଂ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପଠାଯାଇଛି। ସହରର ଜନଗହଳିପୂର୍ଣ୍ଣ ଏମ୍.ଏ. ଜିନ୍ନା ରୋଡ୍‌ରେ ଥିବା ବହୁତଳ ବିଶିଷ୍ଟ ଗୁଲ୍ ପ୍ଲାଜାରେ ଶନିବାର ରାତି ୧୦ଟା ୪୫ ମିନିଟ୍ ସମୟରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ସିନ୍ଧ୍ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହ କାରାଚୀ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନଙ୍କୁ ୧୬ ଘଣ୍ଟା ସମୟ ଲାଗିଥିଲା। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପୋଲିସ ସନ୍ଦେହ କରୁଛି।

# ବାପା, ମୁଁ ବଞ୍ଚିବାକୁ ଚାହୁଁଛି

ନଏଡ଼ା,୧୮।୧

**ଖାତରେ କାର୍ ଖସି ପ୍ରାଣ ହରାଇବା ପୂର୍ବରୁ ଇଞ୍ଜିନିୟରଙ୍କ ଶେଷ କଲ୍**


ଯୁବରାଜ ମେହେଟ୍ଟା

ଘନ କୁହୁଡ଼ି ଯୋଗୁ ନଏଡ଼ାର ସେକ୍ଟର ୧୫୦ ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ଧକ୍କା ଖାଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଯୁବରାଜ ମେହେଟ୍ଟା ନାମକ ଉକ୍ତ ଇଞ୍ଜିନିୟର କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ସାଙ୍ଗକୁ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ ତାଙ୍କ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିଥିଲା। ସେହି ବାଟଦେଇ ଯାଉଥିବା କେତେଜଣ ମେହେଟ୍ଟାଙ୍କ ଚିତ୍କାର ଶୁଣି ସହାୟତା ପାଇଁ ଉଦ୍ୟମ କରିଥିଲେ ମଧ୍ୟ କାର୍‌ଟି ସମ୍ପୂର୍ଣ୍ଣ ବୁଡ଼ି ରହିଥିଲା। ଇଞ୍ଜିନିୟର ଜଣକ ତାଙ୍କ ବାପା ରାଜକୁମାର ମେହେଟ୍ଟାଙ୍କୁ ଫୋନ୍ କରି ଖାତରେ ଖସିପଡ଼ିଥିବା କଥା ଜଣାଇବା ସହ ଉଦ୍ଧାର କରିବାକୁ ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। କିଛି ସମୟ ପରେ ସ୍ଥାନୀୟ ପୋଲିସ, ବୁଡ଼ାଳି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୫ ଘଣ୍ଟାର ଉଦ୍ୟମ ପରେ କାର୍‌କୁ ପାଣିରୁ ବାହାର କରାଯାଇଥିଲା। ସେତେବେଳକୁ ମେହେଟ୍ଟାଙ୍କର ମୃତ୍ୟୁ ଘଟିସାରିଥିଲା। କର୍ତ୍ତୃପକ୍ଷ ରାସ୍ତାରେ ରିଫ୍ଲେକ୍ଟର ନ ଲଗାଇବା ସହ ସର୍ଭିସ୍ ରୋଡ୍ ଡ୍ରେନ୍‌କୁ ଖୋଲା ରଖିଥିବାରୁ ଦୁର୍ଘଟଣା ଘଟିଲା ବୋଲି ମେହେଟ୍ଟାଙ୍କ ପରିବାର ଅଭିଯୋଗ କରିଛନ୍ତି। କୌଣସି ଅବହେଳା ହୋଇଥିବା ଜଣାପଡ଼ିଲେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନଲେଜ ପାର୍କ ଥାନା ଭାରପ୍ରାପ୍ତ ଅଧିକାରୀ କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨ ଜଣ ବିଲ୍ଡରଙ୍କ ନାମରେ ଏତଲା ଦାଏର କରିଛି।


ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମାଘମେଳା ଅବସରରେ ସଙ୍ଗମଠାରେ ସନାତନୀ କିନ୍ନର ଆଖଡ଼ାର ଜଣେ ସାଧ୍ୱୀ ଅସ୍ତ୍ର ଚାଳନା କୌଶଳ ପ୍ରଦର୍ଶନ କରୁଛନ୍ତି।

## ସବୁଠୁ ଅଳସୁଆ ପ୍ରାଣୀ



ସ୍ଲଥ୍‌କୁ ବିଶ୍ୱର ସବୁଠାରୁ ଆଳସ୍ୟ ପ୍ରାଣୀ ବୋଲି ବିବେଚନା କରାଯାଏ। ଏହା ଉଷ୍ଣକଟିବନ୍ଧୀୟ ଜଙ୍ଗଲରେ ରହେ ଏବଂ ଦିନକୁ ପ୍ରାୟ ୨୦ ଘଣ୍ଟା ଶୋଇଥାଏ। ବାକି ସମୟ ଏହା ଧୀରେ ଧୀରେ ପତ୍ର ଖାଇଥାଏ। ଏହାର ଧୀର ମେଟାବୋଲିଜିମ ଏବଂ କମ୍ ଶକ୍ତିଯୁକ୍ତ ଖାଦ୍ୟ ଏହାର ଆଳସ୍ୟର ମୁଖ୍ୟ କାରଣ। ସେହିପରି କୋଆଲା ଏହାର ନିଦ୍ରା ଏବଂ ଆଳସ୍ୟ ପାଇଁ ପ୍ରସିଦ୍ଧ। ଏହା ଦିନକୁ କେବଳ ୨ରୁ ୬ ଘଣ୍ଟା ଜାଗ୍ରତ ରହିଥାଏ। ଏହାର ଆଳସ୍ୟର କାରଣ ୟୁକାଲିପଟାସ୍ ଗଛର ପତ୍ର ହେଉଛି ଖାଦ୍ୟ। ଏହି ପତ୍ରଗୁଡ଼ିକ ବିଷାକ୍ତ ଏବଂ ଫାଇବରରେ ଭରପୂର, ଯାହାକୁ ହଜମ କରିବା ପାଇଁ ବହୁତ ଶକ୍ତି ଆବଶ୍ୟକ ହୁଏ।

ଓପୋସମ ନାମକ ଏକ ପ୍ରାଣୀ ଦିନକୁ ୧୮ରୁ ୨୦ ଘଣ୍ଟା ଶୋଇପାରେ। ରାତିରେ ସାମାନ୍ୟ ସକ୍ରିୟ ଥିବା ବେଳେ, ଓପୋସମ ଦିନର ଅଧିକାଂଶ ସମୟ ଏକ ସୁରକ୍ଷିତ ସ୍ଥାନରେ ବିଶ୍ରାମ ନେଇ ବିତାଇଥାଏ। ସେହିପରି ଜଳହସ୍ତୀ ଦିନକୁ ୧୬ରୁ ୨୦ ଘଣ୍ଟା ଶୋଇଥାଏ। ବିଶେଷ କଥା ହେଉଛି ଏହା ସ୍ଥଳଭାଗରେ ଏବଂ ପାଣିରେ ମଧ୍ୟ ଶୋଇପାରେ। ଶୋଇବା ସମୟରେ ମଧ୍ୟ ଏହା ସ୍ୱୟଂଚାଳିତ ଭାବରେ ନିଃଶ୍ୱାସ ନେବା ପାଇଁ ପୃଷ୍ଠକୁ ଆସିଥାଏ, ଯାହା ଏହାକୁ ବହୁତ ସ୍ୱତନ୍ତ୍ର କରିଥାଏ।

## ମଣିକର୍ଣ୍ଣିକା: ଏଆଇ ଫଟୋ ଛାଡ଼ି ଫସିଲେ ବିରୋଧୀ

ବାରାଣସୀ,୧୮।୧

ଉତ୍ତର ପ୍ରଦେଶ ବାରାଣସୀସ୍ଥିତ ପ୍ରସିଦ୍ଧ ମଣିକର୍ଣ୍ଣିକା ଘାଟର ସୌନ୍ଦର୍ଯ୍ୟକରଣ ପାଇଁ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସାମାଜିକ ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ ଜାଲ୍ ଫଟୋ ଛାଡ଼ି ବିଭ୍ରାନ୍ତିକର ତଥ୍ୟ ପ୍ରସାର କରିବା ଅଭିଯୋଗରେ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଆପ୍ ନେତା ସଞ୍ଜୟ ସିଂ ଓ ସ୍ୱାଧୀନ ଏମ୍‌ପି ପପ୍ପୁ ଯାଦବ ରହିଛନ୍ତି।

ମନ୍ଦିର ନଗରୀ ବାରାଣସୀରେ ମୋଟ ୮୪ଟି ଘାଟ ରହିଛି। ତନ୍ମଧ୍ୟରେ ଥିବା ମଣିକର୍ଣ୍ଣିକା ଶ୍ମଶାନ ଘାଟରେ ଶବଦାହ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ହିନ୍ଦୁଧର୍ମରେ ବିଶ୍ୱାସ ରହିଛି। ୟୁପି ସରକାର ଏହି ଘାଟର ପୁନର୍ବିକାଶ ପାଇଁ ଗତ ସପ୍ତାହରେ ଜବରଦଖଲ ଉଚ୍ଛେଦ କରୁଥିବାବେଳେ କେତେଜଣ ନେତା ଏହାକୁ ବିରୋଧ କରି ଏଆଇ-ଜେନେରେଟେଡ୍ ଜାଲ୍ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ବୋଲି ଦଶାଶ୍ୱମେଧ ଘାଟ ଆସିଷ୍ଟାଣ୍ଟ ପୋଲିସ କମିଶନର ଅତୁଲ ରଞ୍ଜନ କହିଛନ୍ତି। ବିରୋଧୀ ଦଳଗୁଡ଼ିକର ନେତାମାନେ ସେତେବେଳେ ଅଭିଯୋଗ ଆଣିଥିଲେ ଯେ, ଅଷ୍ଟାଦଶ ଶତାବ୍ଦୀରେ ମଣିକର୍ଣ୍ଣିକା ଘାଟକୁ ନୂଆରୂପ ଦେଇଥିବା ମରାଠା ସାମ୍ରାଜ୍ୟର ମହାରାଣୀ ଅହିଲ୍ୟାବାଇ ହୋଲ୍‌କରଙ୍କ ଶତାବ୍ଦୀ ପୁରୁଣା ପ୍ରତିମୂର୍ତ୍ତିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। କେବଳ ଏତିକି ନୁହେଁ, ଭାଜପା ସରକାର ଅନେକ ପ୍ରାଚୀନ ଐତିହ୍ୟକୁ ମଧ୍ୟ ଉଚ୍ଛେଦ କରୁଛି, ଯାହାକୁ ତୁରନ୍ତ ବନ୍ଦ କରାଯିବା ଜରୁରୀ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ତେବେ ଏହି ଅଭିଯୋଗକୁ ଜିଲା ପ୍ରଶାସନ ଖଣ୍ଡନ କରିଛି। ଇତିମଧ୍ୟରେ ବିବାଦ ମୁଣ୍ଡ ଟେକିବାରୁ ନିର୍ମାଣକାରୀ ସଂସ୍ଥା ଥାନାରେ ଏତଲା ଦେଇଛି। ଆପ୍ ସାଂସଦ ସଞ୍ଜୟ ସିଂ, ସ୍ୱାଧୀନ ସାଂସଦ ପପ୍ପୁ ଯାଦବ ଓ କଂଗ୍ରେସ ନେତା ଜଶୱିନ୍ଦର କୌରଙ୍କ ସମେତ ୮ ଅଭିଯୁକ୍ତ ଗତ ୧୬ ତାରିଖରେ Xରେ ମିଥ୍ୟା, ଭିତ୍ତିହୀନ ଓ ବିଭ୍ରାନ୍ତିକର ଫଟୋ ଏବଂ ଭିଡିଓ ଶେୟାର କରିଥିଲେ। ଏପରି କି କେତେକ ପୋଷ୍ଟରେ କେନ୍ଦ୍ର ସରକାରଙ୍କୁ ମୋଗଲ ସମ୍ରାଟ୍ ଔରଙ୍ଗଜେବଙ୍କ ସହ ତୁଳନା କରାଯାଇଥିଲା। ହିନ୍ଦୁ ଭକ୍ତମାନଙ୍କୁ ବିଭ୍ରାନ୍ତ ଓ ସାମାଜିକ ସଦ୍ଭାବ ନଷ୍ଟ କରିବା ସେମାନଙ୍କ ଉଦ୍ଦେଶ୍ୟ ବୋଲି ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଉକ୍ତ ପ୍ରସଙ୍ଗ ଉଠାଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଉଛି, କିନ୍ତୁ ସେ ଏଥିରେ ଭୟଭୀତ ହେବେନାହିଁ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସଙ୍ଗୀତ ନାଟକ ଏକାଡେ଼ମୀ ପକ୍ଷରୁ ଭୁବନେଶ୍ୱର ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁକ୍ତାକାଶ ମଞ୍ଚରେ ଚାଲିଥିବା 'ରାଜାରାଣୀ ସଙ୍ଗୀତ ମହୋତ୍ସବ'ର ରବିବାର ଶେଷ ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ମହାରାଷ୍ଟ୍ରର ପଣ୍ଡିତ ଉଲ୍ଲାସ କଶଲକର୍ ଓ ସାଥୀ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ଚିଲିକାରେ ବଢ଼ିଲେ ୪୯୭୨ ପକ୍ଷୀ

- ଏ ବର୍ଷ ଆସିଛନ୍ତି ୧୧ ଲକ୍ଷ ୩୨ ହଜାର ୨୦୦
- ନୂତନ ଅତିଥି ପକ୍ଷୀ ପ୍ଲେନ ମାର୍ଟିନ, ବେଙ୍ଗଲ ବୁଶ ଲାର୍କ

**ବାଲୁଗାଁ,୧୮।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ରବିବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ୧୯୬ ପ୍ରଜାତିର ୧୧ ଲକ୍ଷ ୩୨ ହଜାର ୨୦୦ ପକ୍ଷୀଙ୍କ ସମାଗମ ହୋଇଛି। ସେଥିମଧ୍ୟରୁ ୧୦୬ ପ୍ରଜାତିର ୧୧ ଲକ୍ଷ ୧୦ହଜାର ୨୫୭ ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ ୯୦ ପ୍ରଜାତିର ୨୧ହଜାର ୯୪୩ ପକ୍ଷୀ ରହିଛନ୍ତି। ଗତବର୍ଷ ଚିଲିକାରେ ୧୧ଲକ୍ଷ ୨୭ହଜାର ୨୨୮ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ୪ହଜାର ୯୭୨ ପକ୍ଷୀଙ୍କ ସଂଖ୍ୟା ବଢ଼ିଛି। ପକ୍ଷୀ ଅଭୟାରଣ୍ୟ ନଳବଣରେ ମଧ୍ୟ ଚଳିତ ବର୍ଷ ପକ୍ଷୀ ଓ ପ୍ରଜାତିସଂଖ୍ୟା ବଢ଼ିଛି। ଗତବର୍ଷ ଏଠାରେ ୯୨ ପ୍ରଜାତିର ୩ ଲକ୍ଷ ୪୩ହଜାର ୨୨୬ ପକ୍ଷୀ ଚିହ୍ନଟ କରାଯାଇଥିଲା। ଚଳିତ ବର୍ଷ ୧୦୬ ପ୍ରଜାତିର ୩ ଲକ୍ଷ ୯୭ହଜାର ୫୮୭ ପକ୍ଷୀଙ୍କ ସମାଗମ ହୋଇଛି। ଅର୍ଥାତ୍ ଏଠାରେ ୫୪ହଜାର ୩୬୧ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ବର୍ଷ ୧୯୭ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଏହି ସଂଖ୍ୟା ୧୯୬ ରହିଛି। ଏଥର ନୂତନ ଭାବେ ପ୍ଲେନ ମାର୍ଟିନ ଏବଂ ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଏହିଦୁଇ ପକ୍ଷୀ ବିଶେଷକରି ଆଫ୍ରିକା ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ଅବସ୍ଥାନ କରିଥାନ୍ତି। ଅନ୍ୟପକ୍ଷରେ ଚିଲିକାର ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ହଂସଜାତୀୟ ପକ୍ଷୀ ଚଳିତ ବର୍ଷ କମିଛନ୍ତି। ଗତ ବର୍ଷ ଏହି ପକ୍ଷୀ ୨୬୩୮ଟି ଦୃଷ୍ଟିଗୋଚର ହୋଇଥିଲେ। ଚଳିତ ବର୍ଷ ଏହାର ସଂଖ୍ୟା ହ୍ରାସ ପାଇ ୧୮୦୦ରେ ପହଞ୍ଚିଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ନର୍ଦ୍ଦର୍ନ ପିଣ୍ଟେଲ (ଗହୀର ଲାଞ୍ଜିଆ ) ୨,୧୮, ୯୯୩, ଇଉରାସିଆନ ୱିଜିଅନ୍ (ଚନ୍ଦନା ହଂସ ) ୧, ୫୩, ୩୧୮, ଗଡ୍‌ୱାଲ (ମାଟିଆ ଗେଣ୍ଡି) ୧,୪୩,୨୧୭, ନର୍ଦ୍ଦନ ସୋଭଲର ୯୬,୦୦୦ ଏବଂ ବ୍ଲାକଟେଲ୍ଡ ଗଡ୍‌ୱିଟ (ଡାଙ୍ଗୁଆ ହଂସ) ୫୨,୦୦୦ଟି ରହିଛନ୍ତି।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ୍ ଟାଙ୍ଗୀ, ବାଲୁଗାଁ, ଚିଲିକା, ସାତପଡ଼ା ଏବଂ ରମ୍ଭା ଚିଲିକା ଅଞ୍ଚଳରେ ଏହି ପକ୍ଷୀ ଗଣନା ହୋଇଥିଲା। ବାଲୁଗାଁ ରେଞ୍ଜ୍ ଅଧୀନ ପକ୍ଷୀ ଅଭୟାରଣ୍ୟ ନଳବଣରେ ସର୍ବାଧିକ ୩,୯୭,୫୮୭ ପକ୍ଷୀଙ୍କ ସମାଗମ ହୋଇଛି। ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ଭୂଷଣ୍ଡପୁର ଅଞ୍ଚଳରେ ୧,୬୧,୩୮୫ ଏବଂ ସର୍ବନିମ୍ନ ଭାବେ ରମ୍ଭା ରେଞ୍ଜରେ ପକ୍ଷୀଙ୍କ ସମାଗମ ହୋଇଛି। ବିଭାଗ ପକ୍ଷରୁ ଚିଲିକାକୁ ୨୨ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୨ଟିଦଳକୁ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସଡ଼କ ପଥରେ ୨ଟି ଗ୍ରୁପ ଏବଂ ଜଳପଥରେ ୨୦ଟି ଗ୍ରୁପ ଡଙ୍ଗାରେ ରହି ପକ୍ଷୀ ଗଣନା କରିଥିଲେ। ସମସ୍ତ ଗ୍ରୁପକୁ ବାଇନାକୁଲାର, ୱାକିଟକି, ଜିପିଏସ୍ ଏବଂ ଭିଏଚ୍ଏଫ୍ ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ପକ୍ଷୀ ଅଭୟାରଣ୍ୟ ନଳବଣରେ କେବଳ ୬ ଦଳ ପକ୍ଷୀ ଗଣନା କରିଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ୨ ଏବଂ ଅବଶିଷ୍ଟ ୧୪ ଦଳ ବାଲୁଗାଁ ନିକଟ ଚନ୍ଦ୍ରାପୁଟଠାରୁ କଳିଯୁଗେଶ୍ୱର ପାହାଡ଼, ମଙ୍ଗଳାଯୋଡ଼ିଠାରୁ କାଳୁପଡ଼ା, ଭୂଷଣ୍ଡପୁର, ସୁନ୍ଦରପୁର, ସୋରଣ ଏବଂ ତିନିମୁହାଣ ପର୍ଯ୍ୟନ୍ତ, ପୁରୀ ଜିଲା କୃଷ୍ଣପ୍ରସାଦ, ସାତପଡ଼ାଠାରୁ ଗମ୍ଭାରୀ, ବଡଗୋଠ, ଗୁରୁବାଇ ଏବଂ ଅରଖକୁଦା, ରମ୍ଭା ନିକଟ ପାଲୁର ଠାରୁ ଶିଆଳ ଏବଂ ମାଲୁଦ ଚିଲିକା ଅଞ୍ଚଳରେ ଗଣନା କରିଥିଲେ। ରବିବାର ଭୋର ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗଣନା ହୋଇଥିଲା। ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ପି.ସତ୍ୟ ସାଲଭମ, ବନ୍ୟପ୍ରାଣୀ ବିଭାଗ ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆରସିସିଏଫ୍ ପି.କେ ମିଶ୍ର, ଡିଏଫ୍‌ଓ ଅମ୍ଲାନ୍ ନାୟକ, ଏସିଏଫ୍ ସୌମ୍ୟ ରଞ୍ଜନ ସାହୁ, ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ଗଣନା କାର୍ଯ୍ୟରେ ଦିଗ୍‌ଦର୍ଶନ ଦେଇଥିଲେ।

# 'ପ୍ରଗତି ପ୍ରବାହ' ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି: ମୁଖ୍ୟମନ୍ତ୍ରୀ

## ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

**ଭୁବନେଶ୍ୱର,୧୮।୧ (ରବିନାରାୟଣ ଜେନା)**



ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ'ପୁସ୍ତକ ଉନ୍ମୋଚନ କରି କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟଠାରେ ଉନ୍ମୋଚନ କରି କହିଥିଲେ, ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ଉଲ୍ଲେଖ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ସରକାରଙ୍କ ହିତାକାଂକ୍ଷୀ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ୍. କିଷାନ ଓ 'ସିଏମ୍- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। 'ଆମ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଆତ୍ମନିର୍ଭରଶୀଳ ଭାରତ'ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ, ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହା କି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉଲ୍ଲେଖଯୋଗ୍ୟ, ବିଏସ୍‌ସି(ଫିଜିକ୍ସ), ଏମ୍‌ବିଏ ଏବଂ ମେକାନିକାଲ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନ କରି ନିଜ ମାଟିରେ ସୁନା ଫଳାଇବା ନିଶାରେ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ସରକାରୀ ସହାୟତା ଓ ସବ୍‌ସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ବିଶିଙ୍କୁ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡ଼ା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିଆରସିଂହ ଉପସ୍ଥିତ ଥିଲେ।

# ନୂଆ ରୂପରେ ଆସିବ ମେଟ୍ରୋ ରେଳ

## ବଦଳିବ 'ଡିପିଆର', ସାମିଲ ହେବ ପାରାଦୀପ

**ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)**



ଦୀର୍ଘଦିନ ଧରି ଭୁବନେଶ୍ୱର-କଟକ ମେଟ୍ରୋ ରେଳପ୍ରକଳ୍ପ କାର୍ଯ୍ୟ ଅନିଶ୍ଚିତତା ଭିତରେ ରହିଛି। ଏହାକୁ ନେଇ ଲୋକେ ଆଶା ଓ ଆଶଙ୍କାରେ ରହିଥିବାବେଳେ ରାଜ୍ୟ ସରକାର ମଧ୍ୟ ବ୍ୟାକ୍‌ଫୁଟ୍‌ରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସରକାରୀସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ମେଟ୍ରୋ ରେଳ ପ୍ରକଳ୍ପ ନୂତନ ରୂପରେ ଆସିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଭାଗ ପକ୍ଷରୁ ପ୍ରସ୍ତୁତ ହେଉଥିବା 'ଡିପିଆର୍'କୁ ନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୂର୍ବରୁ ଏହା କେବଳ ଭୁବନେଶ୍ୱର-କଟକ-ପୁରୀ ମଧ୍ୟରେ ଗଡ଼ିବ ବୋଲି ପ୍ରସ୍ତାବ ରହିଥିଲା। ପୂର୍ବ ସରକାର ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ 'ଡିପିଆର୍' ପ୍ରସ୍ତୁତ କରିଥିଲେ ସେଥିରେ ବହୁତ କିଛି ପରିବର୍ତ୍ତନ କରାଯିବ। ଏହାକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ଯୋଡ଼ିବା ପାଇଁ ସରକାରୀସ୍ତରରେ ଏକପ୍ରକାର ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏସମ୍ପର୍କରେ ପୂର୍ଣ୍ଣାଙ୍ଗ ରୂପରେଖ ଜଣାପଡ଼ିବ। ତେବେ ପୂର୍ବ ସରକାର ସମୟରେ ୬୪କି.ମି.ର ମେଟ୍ରୋ ରେଳପ୍ରକଳ୍ପ ପାଇଁ ୬ହଜାର ୨୫୫କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାକୁ ନେଇ ପୂର୍ବ ସରକାର ତରବରିଆ ଭାବେ ଏହାକୁ କ୍ୟାବିନେଟ୍‌ରେ ପାରିତ କରିଥିଲେ। ଏହାପରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ରାଜ୍ୟ ସରକାରଙ୍କ ଏକ ବୁଝାମଣା ହୋଇଥିଲା। କଟକଠାରୁ ତ୍ରିଶୂଳିଆ-ବାରଙ୍ଗ ଦେଇ ଖୋର୍ଦ୍ଧା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମେଟ୍ରୋ ରେଳ ପ୍ରକଳ୍ପ ହେବାକୁ ଯୋଜନା ରହିଥିଲା। ମାତ୍ର ବର୍ତ୍ତମାନ ପରିବର୍ତ୍ତନ ହୋଇ ଏହି ଡିପିଆର୍‌ରେ ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଓ ଖୋର୍ଦ୍ଧା ରିଜିଅନକୁ ଯୋଡ଼ିବାପାଇଁ ପ୍ରସ୍ତାବ ରହିଛି। ଏହାଦ୍ୱାରା ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ। ରାଜ୍ୟ ସରକାରଙ୍କ ଭିଜନ-୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ମେଟ୍ରୋ ରେଳପ୍ରକଳ୍ପକୁ ଏହିସବୁ ଅଞ୍ଚଳକୁ ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରହିଛି। ଏହାସହିତ କେନ୍ଦ୍ର ସରକାରଙ୍କ ସହିତ ମିଶି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବାକୁ ରହିଛି, ଯାହାଫଳରେ ରାଜ୍ୟ ଉପରେ ଏତେବଡ଼ ଆର୍ଥିକବୋଝ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଏହାର ରୂପରେଖ ସ୍ପଷ୍ଟ ହେବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯିବାକୁ ଥିବା ଏହି ମେଟ୍ରୋ ରେଳପ୍ରକଳ୍ପ ଯଦି ପାରାଦୀପ ଓ ରାଉରକେଲା ପର୍ଯ୍ୟନ୍ତ ଗଡ଼ିବ ତାହା କେତେଦୂର ଆର୍ଥିକ ଦୃଷ୍ଟିକୋଣରୁ ଉଚିତ ହେବ ତାକୁ ନେଇ ସରକାର କେତେଦୂର ଚିନ୍ତା କରୁଛନ୍ତି ତାହା ଦେଖିବାର ରହିଛି।





# 'ଭକ୍ତଙ୍କୁ ଆହୁରି ପ୍ରେରଣା ଦେଉ ଦିବ୍ୟ ପାଦୁକା'

## ଶ୍ରୀ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ

**କଟକ,୧୮।୧(କାର୍ତ୍ତିକ ସାହୁ)**

ଅପୂର୍ବ ଦଳଗତ ସଙ୍ଗୀତର ଆବାହନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ରଥର ଭବ୍ୟ ଆଗମନ ସହିତ କଟକସ୍ଥିତ ଐତିହାସିକ ବାଲିଯାତ୍ରା ପଡ଼ିଆରେ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରାର ସମାବର୍ତ୍ତନ ସମାରୋହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ଟ୍ରଷ୍ଟି ଆର୍. ଜେ. ରତ୍ନାକର ଯୋଗଦେଇ କହିଥିଲେ, ବାଲିଯାତ୍ରା ପଡ଼ିଆ ଆଜି ପବିତ୍ର ପ୍ରଶାନ୍ତି ନିଲୟମ ଭୂମିରେ ପରିଣତ ହୋଇଛି। ସମସ୍ତଙ୍କ ହୃଦୟରେ ମହାନଦୀର ଏହି ଚିର ଶାଶ୍ୱତ ପ୍ରେମ ସବୁଦିନ ପାଇଁ ପ୍ରବାହିତ ହେଉ। ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡିଆ କହିଥିଲେ, ଓଡ଼ିଶାର ସେବା ଦଳ ଭଉଣୀଭାଇମାନେ ନିଃସ୍ୱାର୍ଥପର ଓ ସମର୍ପଣର ସହିତ ପ୍ରଶାନ୍ତିରେ ଯେଉଁ ସେବାକାର୍ଯ୍ୟ କରିଥାଆନ୍ତି ତାହା ଅନନ୍ୟ ଓ ଅସାଧାରଣ। ସଂଗଠନର ରାଜ୍ୟ ସଭାପତି ସତ୍ୟ ସ୍ୱରୂପ ପଟ୍ଟନାୟକ ବାବାଙ୍କର ମାନବ ସମାଜ ପ୍ରତି ଅବଦାନ, ନିଃସ୍ୱାର୍ଥପର ସେବା ଓ ପ୍ରେମ ବିଷୟରେ ଆଲୋକପାତ କରିଥିଲେ। କ୍ରିୟାଯୋଗ ମିଶନର ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ, ଓଡ଼ିଶା ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ, ବିଚାରପତି ଶିବଶଙ୍କର ମିଶ୍ର, ବିଚାରପତି ବିଭୁପ୍ରସାଦ ରାଉତରାୟ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସତ୍ୟସାଇ ସେବା ସଂଗଠନର ରାଷ୍ଟ୍ରୀୟ ସେବା ସଂଯୋଜକ କୋଟେଶ୍ୱର ରାଓ ପ୍ରମୁଖ ବାବାଙ୍କ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ସେବାର ମାର୍ଗ ମାନବଜୀବନର ଉତ୍ତରଣକୁ ସାର୍ଥକ କରିବ ବୋଲି କହିଥିଲେ। କଟକ ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲାର ଖଲିଆପଡ଼ା ଗ୍ରାମରେ ୫୦ତମ ଶ୍ରୀ ସତ୍ୟସାଇ ନିର୍ମଳଝର ପାନୀୟଜଳ ପ୍ରକଳ୍ପର ଭର୍ଚୁଆଲ ଉଦ୍‌ଘାଟନ ହୋଇଥିଲା। ୧୦୦ଜଣଙ୍କୁ ଶ୍ରୀ ସତ୍ୟସାଇ ସ୍ୱାବଲମ୍ବୀ ଯୋଜନାରେ ସିଲେଇ ମେଶିନ ଓ ୫୦ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସାଇଭକ୍ତମାନେ ଦିବ୍ୟ ପାଦୁକା ଦର୍ଶନ କରିଥିଲେ। ଆସନ୍ତା ୧୯ରୁ ୨୨ ତାରିଖ ଯାଏ ଭୁବନେଶ୍ୱର ସାଇ ଜନନୀଠାରେ ୧୦୦ ଘଣ୍ଟା ଅଖଣ୍ଡ ଭଜନ ସହ ୧୦୦ ଘଣ୍ଟା ବେଦ ପାଠ ପରେ ସମଗ୍ର ଓଡ଼ିଶା ପରିଭ୍ରମଣ କରି ଆସିଥିବା ଦିବ୍ୟ ପାଦୁକା ସ୍ଥାପନ କରାଯିବ। ୨୩ ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଡିପ୍ଲୋମା ଇଂଜିନିୟର୍ସ ସେବାସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ୭ ଖାରବେଳ, ସମୟ: ପୂର୍ବାହ୍ନ ୧୧ଟା।
- ସହଭାଗୀ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶାରେ 'ନଗର ସମ୍ମିଳନୀ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସଂଭାବନା ପକ୍ଷରୁ ପ୍ରଣବ ଜୟନ୍ତୀ ଓ ସଂଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ,ସ୍ଥାନ:ବାହାବଳପୁର, ବାଲେଶ୍ୱର,ସମୟ:ସକାଳ ୮ଟା।
- ନାମ ଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ:ବାହାବଳପୁର ବାତ୍ୟା ଆଶ୍ରୟସ୍ଥଳୀ, ବାଲେଶ୍ୱରସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ବାହାନଗା,ସମୟ: ପୂର୍ବାହ୍ନ ୧୦ଟା।
- ବିକ୍ଷୋଭ ଓ ପ୍ରତିବାଦ ସଭା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ,ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।

## ଭଦ୍ରକ

- ଶନିଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଚଣ୍ଡିପୁର, ବନ୍ତ, ସମୟ: ସକାଳ ୭ଟା।
- 'ବନ୍ଦେ ଉତ୍କଳ ଜନନୀ' କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆବଜାରସ୍ଥିତ କର୍ମଚାରୀ ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମା' ବରାହୀ ୩୭ତମ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବଞ୍ଚୋ,
- ସମୟ: ପୂର୍ବାହ୍ନ ୧୦ ଟା।
- ଭିବିଜିରାମଜିର ଜନଜାଗରଣ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ,ସ୍ଥାନ: ପ୍ରେମକାଲ ଯୋଗ ମନ୍ଦିର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ ବଡ଼ସାହି,ସମୟ: ଅପରାହ୍ନ ୫ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୧ଟା।
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଅବସରରେ ଗୀତା ଯଜ୍ଞ, ସ୍ଥାନ:ଡାକୋଇ କଳାରାଫୁଲିଆ, ମୋରଡ଼ା,ସମୟ: ଅପରାହ୍ନ ୧ଟା।

## ଗଞ୍ଜାମ

- ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର,ସ୍ଥାନ: ବୁଗୁଡ଼ା ବ୍ଲକ ଗୌଡିଆବୋରଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: ସହଦେବ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନିମିନା ପଞ୍ଚାୟତରେ ଅଭିଯୋଗ ଶୁଣାଣି,ସ୍ଥାନ: ନିମିନା ପଞ୍ଚାୟତ କାର୍ଯ୍ୟାଳୟ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ତ୍ରିବେଣୀ ମେଳା, ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଧା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପୁରୀକୁ ବରିଷ୍ଠ ନାଗରିକଙ୍କ ତ୍ରୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତ୍ରୟଦଶ ବାର୍ଷିକ ପୂଜା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବ୍ୟାସନଗର କୋପଣ୍ଡ ବିଣାପାଣୀ ସାହି, ସମୟ: ସକାଳ ୮ଟା।
- ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ : ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ସାଢେ ୩ଟା।

## ନୟାଗଡ଼

- ମକର ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ ମ୍ୟାଚ ଖଳିସାହି ବନାମ ପଦାମାଳ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ଦଶମ ଦିବସ ମ୍ୟାଚ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଅଷ୍ଟମ ଦିବସର ୨ୟ ସେମି ଫାଇନାଲ ମ୍ୟାଚରେ ରଙ୍ଗଢ଼ାବା ବନାମ ଭୋଗଡା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ଅଲ ଇଣ୍ଡିଆ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବରେ ପପୁଲାର ଏଫସି ଢ଼େଙ୍କାନାଳ ବନାମ ମରାଠା ୧୧ ଏଫସି ଭଞ୍ଜନଗର, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।
- ମାଘମେଳା ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୪ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗଶୁଣାଣି ଶିବିର, ସ୍ଥାନ: କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟେଲ ଉନ୍ନତି-ଡାଟା ସେଣ୍ଟ୍ରିକ ଲ୍ୟାବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ,ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଉମରକୋଟ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କିନ୍ନର ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ ଟା।
- ଇଂରାଜୀ ନୂତନ ବର୍ଷର ଭେଟ୍‌ଘାଟ, ସ୍ଥାନ: ଉମରକୋଟ ମିକ୍ସଡ଼ ଫାର୍ମ, ସମୟ: ସକାଳ ୧୧ଟା।
- ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପେଣ୍ଡରାଣୀ ମହାବିଦ୍ୟାଳୟର ୪୧ ତମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟସ୍ଥିତ କଲେଜ ପରିସର, ସମୟ: ଅପରାହ୍ନ ୧ଟା।
- ମା କାଳୀଙ୍କ ବାର୍ଷିକ ଉତ୍ସବ ସମାପନ, ସ୍ଥାନ: ଉମରକୋଟ ବ୍ଲକ ଡଙ୍ଗରିଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ ଅଫିସ କନଫରେନ୍ସ ହଲ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦୁଧାରୀ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବଡକେରେଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପରଜା ବଡପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯୁବ ମହୋତ୍ସବ ଅରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଭାଷା ଉପରେ ଜାତୀୟ କର୍ମଶାଳା ଉଦ୍‌ଘାଟନ, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ଜାଗରଣ ସମିତି ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ହାଲ ଜଗନ୍ନାଥ ମନ୍ଦିର ପରିସର ଲକ୍ଷ୍ମୀ ମଣ୍ଡପ, ସୁନାବେଡ଼ା-୨, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରାର ଗୋପପୁର କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା ।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ବୁଢ଼ାରଜା ଅଞ୍ଚଳ, ସମୟ : ପୂର୍ବାହ୍ନ ୧୦ଟା ।
- ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ : ଫୁଲଝରନ ସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳନିକେତନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସମ୍ବଲପୁର ସେଲିବ୍ରିଟି କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ବଲାଙ୍ଗୀର ଲୋକ ଉତ୍ସବ ପାଇଁ ମଞ୍ଚ ପୂଜା ଓ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟନୀ ସଭା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମସ୍ଥାନରେ ପଞ୍ଚଗ୍ରହକୂଟ ସଂଘଟିତ ହେଉଥିବାରୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣାରୁ ଲୋକସମ୍ପର୍କ କ୍ଷୁଣ୍ଣ ହେବ। ତ୍ରିଜା ନକ୍ଷତ୍ର ଏହାର ବିପରୀତ ସାମଗ୍ରିକ ଦୃଷ୍ଟିକୋଣରୁ ଶୁଭଫଳ ପାଇବେ। ନୂତନ ସମ୍ପର୍କ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇପାରନ୍ତି।

**ବୃଷ** ଆଜି ଲାଭାଧିପ ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଉନ୍ନତି ସହିତ ଧାର୍ମିକ ବାତାବରଣର ସୁଯୋଗ ପ୍ରଦାନ କରିବେ। ମନୋରଞ୍ଜନରେ ଆଗ୍ରହୀ ହେବା ସହ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କୌଣସି ଜିନିଷ ହଜାଇ ମନସ୍ତାପ କରିପାରନ୍ତି। ଯାତ୍ରାକାଳୀନ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ସ୍ଥିତି ଭଲ ରହିବ।

**ମିଥୁନ** ଅଷ୍ଟମସ୍ଥ ଗ୍ରହମାନେ ବିଭିନ୍ନ ସମସ୍ୟା ସୃଷ୍ଟିକରି ବ୍ୟତିବ୍ୟସ୍ତ କରାଇପାରନ୍ତି। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ମନୋରଞ୍ଜନାଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ସୁଯୋଗ ମିଳିବ।

**କର୍କଟ** ରାଶିପ୍ରତି ଏକାଧିକ ଗୁରୁଦୃଷ୍ଟି ଆପଣଙ୍କ କଥାର ଓଜନକୁ ବୃଦ୍ଧି କରିବ ଫଳରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଅଶ୍ଲେଷା ନକ୍ଷତ୍ର କିନ୍ତୁ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁଗଣ୍ଠିରେ ଦରଜଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ସିଂହ** ଆଜିର ଦ୍ୱାଦଶାଧିପ ଚନ୍ଦ୍ର ଷଷ୍ଠସ୍ଥାନରେ ରହି ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ହାସଲ କରାଇବେ। ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ଓ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ଅସୁବିଧା ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମସ୍ଥାନରେ ଗୁରୁ ଏବଂ କୋଣସ୍ଥାନରେ ଗ୍ରହମାନେ ଥିବାରୁ କର୍ମକ୍ଷେତ୍ର, ବ୍ୟବସାୟ ଓ ଯାତ୍ରା ପାଇଁ ମନ୍ଦ ହେବନି। ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତି ସୃଷ୍ଟି ହେବ। ଦରକାରୀ କାଗଜପତ୍ର ଆବଶ୍ୟକ ସମୟରେ ନ ପାଇ ବ୍ୟସ୍ତ ହେବେ। ନୂତନ ମିତ୍ରତା ସୃଷ୍ଟି କରିପାରନ୍ତି। ପ୍ଲଟିଂ କାରବାର ସମସ୍ୟା ବିଜଡ଼ିତ ରହିପାରେ।

**ତୁଳା** କେନ୍ଦ୍ର ଓ କୋଣଭାବସ୍ଥ ଗ୍ରହ ପ୍ରଭାବରେ ଆଶା ଓ କାମନା ଚରିତାର୍ଥ ହୋଇଯିବ। ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଶୀଘ୍ର ଆରମ୍ଭ କରିଦେବା ଭଲ। ଆଜିର କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ସହାୟତା ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ ନେଇ ବିବାଦ ହୋଇପାରେ। ନିଜ ଲୋକଙ୍କ ଅନାଦର ଭାବ ବ୍ୟଥିତ କରିପାରେ।

**ବିଛା** ଶନିଙ୍କ ସ୍ଥିତିଜନିତ କିଛି ଆଶା ଓ ଆଶଙ୍କା ମଧ୍ୟରେ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଷ୍ଟମସ୍ଥ ବୃହସ୍ପତି ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ଧନଭାବରେ ଗ୍ରହଙ୍କ ଅବସ୍ଥାନ ଅର୍ଥ ସମ୍ପର୍କିତ ବିବାଦର କାରଣ ହେବ। ସଭାସମିତିରେ ବାକ୍ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିନେବେ। ବାଣିଜ୍ୟ, ଆଇନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ନୂତନ ନିଯୁକ୍ତିର ସୁଯୋଗ ପାଇପାରନ୍ତି।

**ମକର** ଚତୁର୍ଥାଧିପତି ରାଶିରେ ରହିଥିବାରୁ ଆଜି ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ** ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯାଇପାରେ। ଯାତ୍ରା, ବାଣିଜ୍ୟ, ଆଲୋଚନା କ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**ମୀନ** ଆଜି ଚନ୍ଦ୍ର ସମେତ ଅନ୍ୟଗ୍ରହମାନେ ଏକାଦଶଭାବସ୍ଥ ଯୋଗୁ ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ। ପରିବାରର ଖର୍ଚ୍ଚ ବଢ଼ିବାରୁ ବ୍ୟସ୍ତ ହେବେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ତିକ୍ତତା ଯୋଗୁ ମନ ଉଦାସ ରହିବ। କଳା, ସାହିତ୍ୟ, ସଙ୍ଗୀତ ଏବଂ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

ଆଜି ଜାନୁଆରୀ ୧୯ ତାରିଖ, ମାଘ ଶୁକ୍ଳ ପ୍ରତିପଦା ସୋମବାର। କଶ୍ମୀରୀ ପଣ୍ଡିତଙ୍କ ନିର୍ବାସନ ଦିବସ। ଦିବା ଘ.୧୧।୫୧ମି. ପର୍ଯ୍ୟନ୍ତ ଉତ୍ତରାଷାଢ଼ା/ମକର, ତତ୍‌ପରେ ଶ୍ରବଣା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୦ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୫୦ମି. ଗତେ ଘ.୦୯।୧୧ମି. ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## ବେଆଇନ ବାଣ ତିଆରି ...

ସେଠୀ କହିଛନ୍ତି। ସୂଚନାନୁଯାୟୀ, ହାତୀଗଡ଼ାର ବୈକୁଣ୍ଠ ସାମଲ(୫୦) ନିଜ ଘରେ ଦୀର୍ଘଦିନ ହେବ ବେଆଇନ ଭାବେ ବାଣ ତିଆରି କରିଆସୁଥିଲେ। ବାହାଘର, ବ୍ରତଘର, ଖେଳ, ସଭାସମିତି ଆଦିରେ ସେ ଆବଶ୍ୟକ ବାଣ ଯୋଗାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। ତାଙ୍କ ନିକଟରେ ସୁରେଶ କାମ କରନ୍ତି। ରବିବାର ସେ ବାଣ ଭିଡୁଥିବାବେଳେ ଅପରାହ୍ନ ପ୍ରାୟ ୧ଟାରେ ବାରୁଦ ବିସ୍ଫୋରଣ ଯୋଗୁ ତାଙ୍କର ଜୀବନ ଯାଇଛି। ତାଙ୍କ ମୃତଦେହର କିଛି ଅଂଶ ରାସ୍ତାରେ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ଓ ଦମକଳବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ବାରଙ୍ଗ ଅଗ୍ନିଶମ ଅଧିକାରୀ ପ୍ରକାଶ ପାତ୍ରଙ୍କ କହିବାନୁସାରେ, କେତେକ ଅଫୁଟା ବାଣକୁ ପାଣି ପକାଇ ନିଷ୍କ୍ରିୟ କରାଯାଇଥିଲା। ବିସ୍ଫୋରଣ ପ୍ରଭାବରେ ଘରର ବିଭିନ୍ନ ଅଂଶ ଏଣେତେଣେ ଛିଟିକି ପଡ଼ିଥିଲା। ସେହିପରି କଟକ ସଦର ଥାନା ଆଇଆଇସି ସେଠୀଙ୍କ ସହ ଜୋନ-୪ ଏସିପି ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ବାଣ ତିଆରିର ମୁଖ୍ୟ କାର୍ପଟଦାର ଫେରାର ଅଛନ୍ତି। ସେ ଧରାପଡ଼ିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ସେଠୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁରେଶ ପୂର୍ବରୁ ଏକ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରେଇଥିବାରୁ ନିଜ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ କାର୍ଯ୍ୟ କରିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସେ ବୈକୁଣ୍ଠଙ୍କ ପାଖରେ ଦୀର୍ଘଦିନ ହେବ ବାଣଭିଡ଼ି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସ୍ତ୍ରୀ ଓ ଦୁଇଝିଅ ସହ ତାଙ୍କର ଚାରିଜଣ ସଦସ୍ୟ ଥିଲେ। ଘରର ଏକମାତ୍ର ରୋଜଗାରକ୍ଷମ ଥିଲେ ସୁରେଶ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିବା ସହ ତାଙ୍କ ପରିବାର ଚଳିବା କଷ୍ଟକର ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବା ସହିତ ବୈକୁଣ୍ଠଙ୍କୁ ଗିରଫ କରି ତାଙ୍କଠାରୁ କ୍ଷତିପୂରଣ ଆଦାୟ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ବେଆଇନ ବାଣ ତିଆରି ସମ୍ପର୍କରେ ପୋଲିସ ପ୍ରଶାସନ ପାଖରେ ତଥ୍ୟ ନ ଥିଲା କି ଜାଣିଶୁଣି ବେଆଇନ ବାଣ ପ୍ରସ୍ତୁତିକୁ ସୁଯୋଗ ଦିଆଯାଉଥିଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଆତଙ୍କବାଦୀଙ୍କୁ କ୍ରିପ୍ଟୋ ...

ଏକ ବିସ୍ତୃତ ଅଧ୍ୟୟନରେ ଜଣାପଡ଼ିଛି ଯେ, ଚାଇନା, ମାଲେସିଆ, ମ୍ୟାନ୍‌ମାର ଓ କାମ୍ବୋଡିଆରୁ କଶ୍ମୀରକୁ ହାୱାଲା ଜରିଆରେ କ୍ରିପ୍ଟୋ ପାଣ୍ଠି ଆସୁଛି। ଯେପରି ନୋ ୟୋର କଷ୍ଟମର (କେୱାଇସି) ବା ପରିଚୟ ଯାଞ୍ଚର ଆବଶ୍ୟକତା ନ ପଡ଼ିବ, ସେଥିଲାଗି ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ (ଭିପିଏନ୍)କୁ ବ୍ୟବହାର କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀର ପୋଲିସ ଆତଙ୍କବାଦୀଙ୍କ ପରିଚୟ ଚିହ୍ନଟକୁ ଫାଙ୍କିବା ପାଇଁ ଉଦ୍ଦିଷ୍ଟ ଭିପିଏନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଅଧିକାରୀମାନେ କହିଛନ୍ତି, ବିଦେଶୀ ହେଣ୍ଡଲରମାନେ ଏହି ପ୍ରାଇଭେଟ୍ ୱାଲେଟ୍‌ଗୁଡ଼ିକୁ ସିଧାସଳଖ କ୍ରିପ୍ଟୋକରେନ୍ସି ପଠାଉଛନ୍ତି। ଏପରି କି ୱାଲେଟ୍ ହେଣ୍ଡଲରମାନେ ଦିଲ୍ଲୀ ଓ ମୁମ୍ବାଇ ସମେତ ଦେଶର କେତେକ ସହରକୁ ଯାଇ ଅନିୟନ୍ତ୍ରିତ ପିଅର୍-ଟୁ-ପିଅର୍ (ପି୨ପି) ଟ୍ରେଡର୍ସଙ୍କୁ ଭେଟିବା ସହ କ୍ରିପ୍ଟୋ ବିକି ନଗଦ ଅର୍ଥ ସଂଗ୍ରହ କରୁଛନ୍ତି। ଗ୍ରେ ମାର୍କେଟ୍‌ରେ ଏହି କାରବାର ପରିଚାଳିତ ହେଉଛି। ଏଫ୍‌ଆଇୟୁର ତମାମ ଉଦ୍ୟମ ସତ୍ତ୍ୱେ ୨୦୨୪-୨୫ ଆର୍ଥିକବର୍ଷରେ ମାତ୍ର ୪୯ ଏକ୍ସଚେଞ୍ଜ ନିଜକୁ ବୈଧ ସଂସ୍ଥା ଦର୍ଶାଇ ପଞ୍ଜୀକୃତ କରାଇଥିଲେ। ତେଣୁ ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଗତ ୮ ତାରିଖରେ ଏଫ୍‌ଆଇୟୁ ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ କେୱାଇସି ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଏଡି) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ପକ୍ଷରୁ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

## ଅଟୋ ଚାଳକଙ୍କୁ ...

ସ୍ଥାନୀୟ ପଲ୍ୟୁଶନ ସେଣ୍ଟରରେ ଦୀର୍ଘ ସମୟ ଲାଇନରେ ଛିଡ଼ା ହୋଇ ପ୍ରମାଣପତ୍ର କରିବାକୁ ଯାଇଥିଲେ। ହେଲେ ପଲ୍ୟୁଶନ ସେଣ୍ଟରର ଅଧିକାରୀ ତାଙ୍କ ଗାଡ଼ିରେ ଚାଲାଣ ଥିବାରୁ ପ୍ରମାଣପତ୍ର ହୋଇପାରିବ ନାହିଁ ବୋଲି ଜଣାଇଥିଲେ। ତାଙ୍କ ଅଟୋର ଇନ୍ସ୍ୟୁରାନ୍ସ ଏବଂ ଫିଟ୍ ଥିବା ସତ୍ତ୍ୱେ କି ଚାଲାଣ ବୋଲି ଯାଞ୍ଚ କରିବାରୁ ହେଲମେଟ ପିନ୍ଧି ନ ଥିବା ଯୋଗୁ ୨୦୨୧ ନଭେମ୍ବର ୧୭ରେ ୧୦୦୦ ଟଙ୍କାର ଚାଲାଣ କଟିଥିବା ଜାଣିବାକୁ ପାଇଥିଲେ। ଚାଲାଣ କପିରେ ତାଙ୍କ ଗାଡ଼ି ନମ୍ବର ସହ ଏହା ଗୋଟିଏ ଅଟୋ ବୋଲି ଲେଖାଥିଲା। ତେବେ ସତରେ ଚେକିଂରେ ଚାଲାଣ ହୋଇଛି ନା ଅଫିସରେ ଏସିରେ ବସି ବାବୁମାନେ ଟାର୍ଗେଟ୍ ପୂରଣ କରୁଛନ୍ତି, ତାହା ପ୍ରଶ୍ନବାଚୀ ପାଲଟିଛି। ବର୍ତ୍ତମାନ ରାମକୃଷ୍ଣ କେଉଁଠିକୁ ଯାଇ ଏହାର ସମାଧାନ କରିବେ, ତାହାର ବାଟ ଖୋଜୁଛନ୍ତି। କୌଣସି ନାଗରିକ ଭୁଲ୍ କଲେ ତାଙ୍କ ପାଇଁ ସମସ୍ତ ପ୍ରକାରର ଦଣ୍ଡ ବିଧାନର ବ୍ୟବସ୍ଥା ଅଛି। ଯଦି କୌଣସି ଅଧିକାରୀ ଏଭଳି ଭୁଲ୍ କରୁଛନ୍ତି, ତାଙ୍କ ପାଇଁ କ'ଣ ଦଣ୍ଡବିଧାନ ରହିଛି ବୋଲି ରାମକୃଷ୍ଣ ପ୍ରଶ୍ନ କରିଛନ୍ତି। ସେ ଜଣେ ସାଧାରଣ ଅଟୋ ଚାଳକ। ସମସ୍ତ କାଗଜପତ୍ର କରି ଗାଡ଼ି ଚଲାଉଥିବା ବେଳେ ସେ କାହିଁକି ନିଜର କାମଧନ୍ଦା ବନ୍ଦ କରି ଆର୍‌ଟିଓ କିମ୍ବା ଅନ୍ୟ କୌଣସି ଜାଗାକୁ ଦୌଡ଼ିବେ। ଏଥିପାଇଁ ହେଉଥିବା ଖର୍ଚ୍ଚ ଏବଂ ତାଙ୍କ ରୋଜଗାର ବନ୍ଦ ହେଉଥିବାରୁ ସେଥିପାଇଁ କିଏ ଦାୟୀ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତାଙ୍କ ଭୁଲ୍ ଚାଲାଣ ସଂଶୋଧନ କରିବାକୁ ସେ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ କହିଛନ୍ତି, ଏପରି ଅଭିଯୋଗ ତାଙ୍କ ନଜରକୁ ଆସିନାହିଁ। ଯଦି ଏପରି ବ୍ୟତିକ୍ରମ ହୋଇଥାଏ, ତେବେ ଅଭିଯୋଗ ଆସିବା ପରେ ଯାଞ୍ଚ କରାଯିବ। ତ୍ରୁଟି ଥିଲେ ଅନ୍‌ଲାଇନରୁ ଅପସାରଣ କରିଦିଆଯିବ।

## ଶୀତ, କୁହୁଡ଼ି ଭିତରେ...

ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅନୁଗୋଳ ଏବଂ ଝାରସୁଗୁଡା ଜିଲାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ, ଢେଙ୍କାନାଳ ଏବଂ କନ୍ଧମାଳ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବା ନେଇ ସତର୍କ କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ପାଇଁ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଜିଲାରେ କୁହୁଡି ନେଇ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସିମିଳିଗୁଡା ୪.୪ ଡିଗ୍ରୀ, ଫୁଲବାଣୀ ୫.୮ ଡିଗ୍ରୀ, ରାଉରକେଲା ୬ ଡିଗ୍ରୀ, ଝାରସୁଗୁଡା ୬.୮ ଡିଗ୍ରୀ, ବଲାଙ୍ଗୀର ଓ ଚିପିଲିମା ୮ ଡିଗ୍ରୀ, କିରେଇ ୮.୫ ଡିଗ୍ରୀ, ଅନୁଗୋଳ ୮.୮ ଡିଗ୍ରୀ, ଭବାନୀପାଟଣା ୮.୯ ଡିଗ୍ରୀ, ସୁନ୍ଦରଗଡ଼ ୯.୨ ଡିଗ୍ରୀ, କେନ୍ଦୁଝର ୯.୨ ଡିଗ୍ରୀ, କୋରାପୁଟ ୯.୮ ଡିଗ୍ରୀ ଏବଂ ଢେଙ୍କାନାଳରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରହିଥିଲା।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଷା କଲେ ବେଳ ବୁଡ଼**
**ଘର କଲେ ଭାଙ୍ଗେ ହାଡ଼ ।**

ଓଷା କରିବା ଲୋକ ଦିନତମାମ ନ ଖାଇ ନ ପିଇ ଆଉଟୁପାଉଟୁ ହେଉଥାଏ। ଠିକ୍ ସେହିପରି ଘର ତିଆରି କରିବାରେ କାମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶରୀର ଏବଂ ମନକୁ ଅଶେଷ ଯନ୍ତ୍ରଣା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଷେଇତିର ମନ ନାହିଁ**
**ଘଣ୍ଟି ବଜାଉ କାହାପାଇଁ ?**

ପୂଜା ବା ଓଷା ବ୍ରତକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯିବା ଉଚିତ। ଭକ୍ତିଭାବ ବିନା ଲୋକଦେଖାଣିଆ ପୂଜାବ୍ରତ କରିବାରେ ମୂଲ୍ୟ କିଛି ମିଳୁ ନ ଥିବା ବେଳେ ପୂଜା ପ୍ରତି ମନ ବଳାଇଥିବା ବ୍ୟକ୍ତିର ଅନାଗ୍ରହ ଭାବ ପ୍ରଦର୍ଶନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୋଟିଆ ବିବାଦ ସମାଧାନ କରିବାକୁ ଅଣ୍ଟା ଭିଡ଼ିଲା ଡିପିବିପି

- ଆନ୍ଧ୍ର-ଓଡ଼ିଶାର ୬ ଜିଲାର ସଭାପତି, କର୍ମକର୍ତ୍ତା ସାମିଲ ହେବାକୁ ଆହ୍ୱାନ
- ୨ ରାଜ୍ୟର ୬୪ ବ୍ଲକ୍‌କୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ଲକ୍ଷ୍ୟ

ପଟ୍ଟାଙ୍ଗି,୧୮।୧(ଶରତ କୁମାର ଧଳ)


ବୈଠକରେ ଆନ୍ଧ୍ର-ଓଡ଼ିଶାର ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ ଅଧୀନ କୁନ୍ଦୁଲି ସାପ୍ତାହିକ ହାଟସ୍ଥିତ କମ୍ୟୁନିଟି ହଲ୍‌ରେ ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦ(ଡିପିବିପି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିପିବିପି ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ସଭାପତିତ୍ୱରେ ଓଡ଼ିଶା-ଆନ୍ଧ୍ରର ୬ ଜିଲାର ସଭାପତି ଓ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଆନ୍ଧ୍ରର ପାଡେରୁ ଓ ପାର୍ବତୀପୁରମ୍ ମାନ୍ୟାମ ଜିଲା ସଭାପତିଙ୍କ ସହ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲା ସଭାପତି ଓ କର୍ମକର୍ତ୍ତା କୋଟିଆ ପଞ୍ଚାୟତରେ ଫେବୃଆରୀ ୪ରେ ଏକତ୍ର ହୋଇ ପଞ୍ଚାୟତର ବିବାଦ ସମାଧାନ ହେବା ନେଇ ବିସ୍ତୃତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲା ସଭାପତି ଓ କର୍ମକର୍ତ୍ତାମାନଙ୍କୁ ସୂଚନା ଦିଆଯାଇଛି। ୧୯୬୧-୬୨ରୁ ଚାଲିଥିବା ଏହି ସୀମା ବିବାଦର ସମାଧାନ କରିବା ନେଇ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରୁ ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ରହିଛି। ଆନ୍ଧ୍ରରେ ମଧ ମିଳିତ ସରକାର ଥିଲେ ସୁଦ୍ଧା କୋଟିଆ ବିବାଦ ସମାଧାନ ହୋଇପାରୁ ନାହିଁ। ଏଥିଯୋଗୁ ଆଦିବାସୀମାନେ ନିର୍ଯାତିତ ହେବା ସହ ସରକାରଙ୍କ ଯୋଜନାରୁ ଠିକ୍ ସହାୟତା ପାଇ ପାରୁନାହାନ୍ତି। ଏହି ସ୍ଥିତିରେ ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦ ଏହାର ସମାଧାନ ବାଟ ବାହାର କରିପାରିବ ବୋଲି ରାଜ୍ୟ ସଭାପତି ପାଙ୍ଗୀ କହିଛନ୍ତି। ୨ ରାଜ୍ୟର ୬୪ ବ୍ଲକ୍‌କୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ପରିଷଦର ମୂଳ ଲକ୍ଷ୍ୟ। ଏଥିପାଇଁ ଏକ ଦାବିପତ୍ର ପ୍ରସ୍ତୁତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏହାପରେ ଅନ୍ୟ ଜିଲାଗୁଡ଼ିକରେ ମଧ ପରିଷଦ ପକ୍ଷରୁ ଅନୁରୂପ ଦାବିପତ୍ର ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଏହି ୬ ଜିଲାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଥିବାରୁ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବୈଠକରେ କୁହାଯାଇଛି। ସ୍ୱତନ୍ତ୍ର ରାଜ୍ୟ ଗଠନ ନ ହେବା ଯାଏ ଏହି ପରିଷଦର ସଂଗ୍ରାମ ଜାରି ରହିବ ବୋଲି କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। କୋଟିଆ ପଞ୍ଚାୟତରେ ହେବାକୁ ଥିବା ସମାବେଶରେ ୬ ଜିଲାର ସମସ୍ତ ବ୍ଲକରୁ ସଭାପତି ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇପାରିବା ନେଇ ଜିଲା ସଭାପତିମାନେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ସଙ୍ଗଠକ ରାଜୁ ନାୟକ, ମାଲକାନଗିରି ଜିଲାରୁ ଲଳିତ ମାଡକାମୀ, ସୋମନାଥ ଖରା, କୋରାପୁଟ ଜିଲା ଆଦିବାସୀ ସଭାପତି ରଞ୍ଜିତ ପାଙ୍ଗୀ, ରାଜ୍ୟ ଉପସଭାପତି ଚେଟି ଗଙ୍ଗାଧର ସ୍ୱାମୀ ଓ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ ପାଇଁ ୨୦୨୨ ୟୁନିଟ୍ ରକ୍ତ, ମଳ ସଂଗ୍ରହ

- ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାବେଶ
- କୁଆ, ବତକ, କୁକୁଡ଼ା, ପାରା ଆଦି ରୋଗର ବାହକ
- ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ

କେନ୍ଦ୍ରାପଡ଼ା,୧୮।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାବେଶ ହୋଇଛି। ବନ ବିଭାଗ ପକ୍ଷରୁ ପକ୍ଷୀଙ୍କ ସଂଖ୍ୟା ଗଣନା ରବିବାରଠାରୁ ଆରମ୍ଭ ହୋଇଛି। ବିଦେଶାଗତ ପକ୍ଷୀଙ୍କ ସମାବେଶ ହେତୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣିଧନ ବିଭାଗ ପକ୍ଷରୁ ବାର୍ଡ ଫ୍ଲୁ ପ୍ରତି ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳର ପକ୍ଷୀ ଓ ଜିଲା ମଧ୍ୟରୁ କୁକୁଡ଼ା ଫାର୍ମ, ଗୃହପାଳିତ ପକ୍ଷୀଙ୍କ ୨୦୨୨ ୟୁନିଟ୍ ମଳ ଓ ରକ୍ତ ନମୁନା ଅଦ୍ୟାବଧି ସଂଗ୍ରହ କରାଯାଇଛି। ସେହିପରି ପ୍ରାଣିଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସପନ୍ସ ଟିମ୍ ସହ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ କରାଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ମନୋଜ କୁମାର ପଟ୍ଟନାୟକ ଓ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି, ବାର୍ଡ ଫ୍ଲୁପାଇଁ ଏଚ୍ ୫ ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୁଏ। ପକ୍ଷୀଙ୍କ ସହ ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡ଼ା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଅଥବା ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡ ଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ ମସିହାରେ ହଂକଂରେ ଚିହ୍ନଟ ହୋଇଥିଲା। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କର ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସ୍‌ଖସ୍ ହେବା, ନାକରୁ ଅନବରତ ପାଣି ଗଡିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖାଦେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଡା. ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଏ ସମ୍ପର୍କରେ ସିଡିଭିଓ ଡା. ପଟ୍ଟନାୟକ କହିଛନ୍ତି, ବିଭାଗ ପକ୍ଷରୁ ୯ଟି ରାପିଡ ରେସପନ୍ସ ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଇତିମଧ୍ୟରେ ଏହି ଟିମ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ସଚେତନତା ସହ ତାଲିମ ପ୍ରଦାନ କରାଯାଇଛି। ଏଥିସହ ଭିତରକନିକା ସମେତ ଜିଲାର ଅନ୍ୟସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକସ୍ଥ ଏଡିଆର୍‌ଆଇ (ଆନିମଲ ଡିଜିଜ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)କୁ ପଠାଯାଇଛି। ସେହିପରି ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗରେ ଶିକାର ହୋଇଥିବା ପରି ଚିହ୍ନଟ ହୋଇ ନ ଥିବା ଏସ୍‌ଡିଭିଓ ଡା. ପଟ୍ଟନାୟକ ମତ ଦେଇଛନ୍ତି।

# ଦୁଇ ବିଧାୟକ ବିଶ୍ୱାସଘାତକ: ବିଜେଡି

## ପ୍ରମାଣ ଦିଅ, ଉତ୍ତର ଦେବୁ: ଅରବିନ୍ଦ, ସନାତନ

ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)


ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଅମରେଶ ପତ୍ରି ଓ ଦଳର ମୁଖପାତ୍ର ଲେନିନ ଦୁମ୍ନନାଥ ପଣ୍ଡା।

ବିଜେଡିରୁ ବିଧାୟକ ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ରାଜ୍ୟ ରାଜନୀତି ଏବେ ଜୋର୍ ଧରିଛି। ଏହାକୁ ନେଇ ବିଭିନ୍ନ ମହଲରେ ରାଜ୍ୟ ସଭା ଅଙ୍କ ପାଇଁ ଏତେ ସବୁ ନାଟ ବୋଲି କୁହାଯାଉଥିବାବେଳେ ବିଜେଡିରେ କାଦୁଅଫିଙ୍ଗା ରାଜନୀତି ଥମୁନାହିଁ। ନିଲମ୍ବନକୁ ନେଇ ଦଳ ପକ୍ଷରୁ ପ୍ରତିଦିନ ଗଣମାଧ୍ୟମ ଆଗରେ ମୁଖପାତ୍ରମାନେ ବିବୃତି ରଖୁଥିବାବେଳେ ନିଲମ୍ବିତ ସଦସ୍ୟମାନେ ଏହାର କାରଣ ସହିତ ସମ୍ପୂର୍ଣ୍ଣ ଉତ୍ତର ଦେବାକୁ ପ୍ରସ୍ତୁତ ବୋଲି କହୁଛନ୍ତି।


ଏହି ପରିପ୍ରେକ୍ଷୀରେ ରବିବାର ବିଜେଡି ପକ୍ଷରୁ ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ସଂଗଠକ ଅମରେଶ ପତ୍ରୀ କହିଛନ୍ତି, ଦଳକୁ ଦୁର୍ବଳ କରିବା ଏବଂ ବିଶ୍ୱାସଘାତକ ପାଇଁ ଉଭୟ ନିଲମ୍ବିତ ହୋଇଛନ୍ତି। ସେ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅରବିନ୍ଦ ଅଣଦେଖା କରି ନିଜସ୍ୱ ସଂଗଠନ କରିଆସୁଥିଲେ। ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଙ୍ଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ। ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ କରିଥିଲେ। ପାଟକୁରାରେ ବାପା ପୁଅ ଦଳ ଚାଲିଥିଲା । ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ। ଅତୀତରେ ସ୍ୱର୍ଗତ ବିଜୁବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡ଼ଯନ୍ତ୍ର କରିଥିଲେ, ଏବେ ନବୀନ ପଟ୍ଟନାୟକଙ୍କ ବିରୋଧରେ ସେହିଭଳି ବିଶ୍ୱାସଘାତକତା କରିବା ଯୋଜନାରେ ସାମିଲ ହୋଇ ବିଜେଡିକୁ ଦୁର୍ବଳ କରିବା ଅପଚେଷ୍ଟାରେ ଲିପ୍ତ ଥିଲେ। ଠିକ୍ ସମୟରେ ଏହା ସଭାପତିଙ୍କ ଦୃଷ୍ଟିକୁ ଆସିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। କିଛି ମାସ ଧରି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ ତ୍ରୁଟି ସୁଧାରିବା ପାଇଁ ଉଭୟଙ୍କୁ ସୁଯୋଗ ଦେଇଥିଲେ। କିନ୍ତୁ ସୁଧୁରିବା ବଦଳରେ ଉଭୟ ଅରବିନ୍ଦ ଓ ସନାତନ ଦଳ ବିରୋଧୀ କାର୍ଯ୍ୟ ଜାରି ରଖିଥିଲେ। ଦଳର ମୁଖପାତ୍ର ଦୁମ୍ନନାଥ ପଣ୍ଡା କହିଥିଲେ, ଅରବିନ୍ଦ ସୁଯୋଗର ସଦ୍‌ବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ବିଶୃଙ୍ଖଳିତ ଆଚରଣ ଦୁର୍ଭାଗ୍ୟଜନକ।

ଅନ୍ୟପକ୍ଷରେ ବିଧାୟକ ଅରବିନ୍ଦ ମହାପାତ୍ର ଏହାର ଉତ୍ତରରେ କହିଛନ୍ତି, ଦଳର ସଭାପତି ନବୀନବାବୁଙ୍କ ସହ କଥା ହୋଇ ଉତ୍ତର ରଖିବି। ସେ କହିଛନ୍ତି, ବିଜେଡିର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସବୁ ଦିନ ମୋ ବିରୋଧରେ ଦଳ ନୂଆ ନୂଆ ଅଭିଯୋଗ ଆଣୁଛି। ମୋ ବିରୋଧରେ ଯାହାସବୁ ତଥ୍ୟ ପ୍ରମାଣ ରହିଛି ତାକୁ ଗୋଟିଏ କାଗଜ ଫର୍ଦ୍ଦରେ ଲେଖିକି ଆଣନ୍ତୁ ଏବଂ ମିଡିଆରେ ରଖନ୍ତୁ। ମୁଁ ସବୁ ଅଭିଯୋଗର ଉତ୍ତର ଦେଇଦେବି। ମୁଁ ଏବେ ଦିଲ୍ଲୀ ଗସ୍ତରେ ବାହାରିଛି, ଫେରିଲେ ଖବରଦାତା ସମ୍ମିଳନୀ କରି ସବୁ ଅଭିଯୋଗର ଉତ୍ତର ରଖିବି ବୋଲି ଅରବିନ୍ଦ କହିଛନ୍ତି।

ସେହିପରି ବିଧାୟକ ସନାତନ ମହାକୁଡ଼ କହିଛନ୍ତି, ମୁଁ ଦଳର କୌଣସି କ୍ଷତି କରିନାହିଁ। ମାତ୍ର ଜିଲାବାସୀଙ୍କ ଉନ୍ନତି ପାଇଁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟରେ ସାମିଲ ହୋଇଛି। ତେଣୁ କିଏ ବିଶ୍ୱାସଘାତକ କରିଛି ତା'ର ପ୍ରମାଣ ସହ ଗଣମାଧ୍ୟମକୁ ଦଳ ଦେଉ ବୋଲି ସେ ଆହ୍ୱାନ ଦେଇଛନ୍ତି।

# ୧୦ ମାସ ଶିଶୁ ଶ୍ୱାସନଳୀରୁ ବାହାରିଲା ଏଲ୍‌ଇଡି ଧାତବ

ଭୁବନେଶ୍ୱର,୧୮।୧(ଅନୁରାଧା)




ଏଲ୍‌ଇଡି ସଂଯୁକ୍ତ ଖେଳନାରେ ଖେଳୁଥିଲା ୧୦ ମାସର ଶିଶୁ। ଭୁଲ୍ ବଶତଃ ଅଜାଣତରେ ନାକରେ ପଶିଯାଇଥିଲା ଏଲ୍‌ଇଡିର ଧାତବ ଅଂଶ। ଫଳରେ ଶିଶୁଟିକୁ ଶ୍ୱାସକ୍ରିୟା ନେବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି ଜରୁରୀକାଳୀନ ପରିସ୍ଥିତିରେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ କିମ୍ସ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏଲଇଡି ଧାତବ ଖେଳଣାଟି ତୀକ୍ଷ୍ଣ ଧାରଯୁକ୍ତ ହୋଇଥିବାରୁ ଆଭ୍ୟନ୍ତରୀଣ ଆଘାତଜନିତ କ୍ଷତର ବିପଦ ସୃଷ୍ଟି କରିଥିଲା। କିମ୍ସରେ ପହଞ୍ଚିବା ପରେ ଡାକ୍ତରମାନେ ଶିଶୁଟିର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ବିଶିଷ୍ଟ ପଲମୋନୋଲୋଜିଷ୍ଟ ଡା. ଦେବାଶିଷ ବେହେରା ଉନ୍ନତ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ବ୍ୟବହାର କରି ସଫଳତାର ସହ ଶିଶୁର ଶ୍ୱାସନଳୀରୁ ଧାତବ ଏଲଇଡି ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥିଲେ। ଡା. ଅମିତ ପ୍ରଧାନ ଓ ତାଙ୍କ ଆନାସ୍ଥେସିଆ ଦଳ ଏଥିରେ ସହଯୋଗ କରିଥିଲେ। କିମ୍ସର ଇଣ୍ଟେନ୍ସିଭିଷ୍ଟ ଡା. ବନ୍ଧ୍ୟା ସାହୁ, ଡା. ରେଶମି ମିଶ୍ର ଓ ଡା. ମୁକେଶ କୁମାର ଜୈନଙ୍କ ମିଳିତ ଉଦ୍ୟମରେ ଶିଶୁଟିର ସଫଳ ଚିକିତ୍ସା କରାଯାଇଥିବାବେଳେ ସେ ସୁସ୍ଥ ଥିବା କିମ୍ସ ପକ୍ଷରୁ ସୂଚନା ଦିଆଯାଇଛି।







“ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ



# ଅଖାଡୁଆ ବ୍ୟକ୍ତି

ବିଶ୍ୱର ସର୍ବବୃହତ୍ ଦ୍ୱୀପ ଗ୍ରୀନ୍‌ଲାଣ୍ଡ ଡେନ୍‌ମାର୍କ ଭିତରେ ଏକ ସ୍ୱୟଂଶାସିତ ଅଞ୍ଚଳ ଭାବେ ରହିଛି। ଏହା ମାତୃଦେଶ ଡେନ୍‌ମାର୍କଠାରୁ ପ୍ରାୟ ୩ ହଜାର କିଲୋମିଟର ଦୂରରେ ଅବସ୍ଥିତ। ଗ୍ରୀନ୍‌ଲାଣ୍ଡର ଇତିହାସ ଦେଖିଲେ ଜଣାପଡ଼େ ଯେ, ୧୯୫୩ ମସିହାରେ ତାହା ଡେନ୍‌ମାର୍କର ଏକ ଅଂଶ ଭାବେ ପରିଗଣିତ ହୋଇଥିଲା। ଏବେ ତାହା ଏକ ସ୍ୱୟଂଶାସିତ ଅଞ୍ଚଳ ହୋଇଥିଲେ ମଧ୍ୟ ପ୍ରତିରକ୍ଷା ଓ ବହିର୍ବ୍ୟାପାର ବ୍ୟବସ୍ଥା ଡେନ୍‌ମାର୍କ ହାତରେ ରହିଛି। ତେବେ ଗ୍ରୀନ୍‌ଲାଣ୍ଡକୁ ହାତେଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତୁତ ହେଉଥିବାରୁ କେତେକ ୟୁରୋପୀୟ ରାଷ୍ଟ୍ରଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଫଳରେ ଟ୍ରମ୍ପ ନିଜ ଶୈଳୀରେ ଭୟ ଦେଖାଇ ୧୭ ଜାନୁଆରୀ ୨୦୨୬ରେ ବିରୋଧ କରୁଥିବା ୮ ୟୁରୋପୀୟ ଦେଶ ବ୍ରିଟେନ୍, ଡେନ୍‌ମାର୍କ, ନରୱେ, ସୁଇଡେନ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡସ ଓ ଫିନ୍‌ଲାଣ୍ଡରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ବସାଇଛନ୍ତି। ସେ ଆହୁରି କହିଛନ୍ତି, ଜୁନ୍ ୧ ତାରିଖରୁ ଏହି ଶୁଳ୍କ ୨୫ ପ୍ରତିଶତ ବୃଦ୍ଧି ପାଇବ ଓ ଗ୍ରୀନ୍‌ଲାଣ୍ଡ କିଣିବା ପାଇଁ ଆମେରିକାର ଏକ ଚୁକ୍ତି ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଟ୍ରମ୍ପ ଏଭଳି କହିବା ପରେ ୟୁରୋପୀୟ ସଂଘ ନେତାମାନେ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ମୁକାବିଲା କରିବା ଲାଗି ୟୁରୋପୀୟ ସଂଘ ବ୍ରସେଲ୍ସରେ ୨୭ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତମାନଙ୍କ ଏକ ଜରୁରୀ ବୈଠକ ଡାକିଛି। ଏଥିରେ ଅବିଚଳିତ ଟ୍ରମ୍ପ କହିଛନ୍ତି, ବସାଯାଇଥିବା ଟାରିଫ୍ ଯୁକ୍ତିଯୁକ୍ତ। କାରଣ ଆମେରିକାର ଜାତୀୟ ସୁରକ୍ଷା ଓ ବିଶ୍ୱ ସ୍ଥିରତା ପାଇଁ ଗ୍ରୀନ୍‌ଲାଣ୍ଡ କିଣିବା ନିତାନ୍ତ ଦରକାର। ଆର୍କଟିକ୍‌ରେ ରୁଷିଆ ଓ ଚାଇନାର ଆଗ୍ରହ ବଢୁଥିବାରୁ ଅନ୍ତର୍ଜାତୀୟ ରଣନୀତିକ ଦୃଷ୍ଟିକୋଣରୁ ଗ୍ରୀନ୍‌ଲାଣ୍ଡ କିଣିବା ଉପରେ ଟ୍ରମ୍ପଙ୍କ ଜିଦି ନିଶ୍ଚିତ ଭାବେ ବିଶ୍ୱସ୍ତରରେ ଚହଳ ପକାଇଲା ଭଳି ପଦକ୍ଷେପ ବୋଲି ଆଲୋଚନା ହେବା ସ୍ୱାଭାବିକ।

ଟ୍ରମ୍ପଙ୍କ ବିଭିନ୍ନ ନିଷ୍ପତ୍ତିକୁ ବହୁ ରାଷ୍ଟ୍ର ନିନ୍ଦା କରୁଛନ୍ତି, ଏପରିକି ନିଜ ଦେଶ ଭିତରେ ସେ ବିରୋଧର ସମ୍ମୁଖୀନ ହେଉଛନ୍ତି। ତା' ସତ୍ତ୍ୱେ ସେ ଗତାନୁଗତିକ ପଦ୍ଧତିରେ ନିଜ ନିଷ୍ପତ୍ତିରେ ଅଟଳ ରହୁଛନ୍ତି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ଆଣିବା ପରେ ଗୋଟେ 'ଘୋ' ହୋଇଥିଲା ଯେ, ଏହାର ପରିଣତି କ'ଣ ଗୋଟେ ଅସ୍ୱାଭାବିକତା ସୃଷ୍ଟି କରିପାରେ। ଦେଖିଲା ବେଳକୁ ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ବେଲଜ୍ଜା ଭାବେ ହ୍ୱାଇଟ୍ ହାଉସ୍ ଯାଇ ପାଇଥିବା ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କୁ ପ୍ରଦାନ କରିଛନ୍ତି। ଉଦ୍ଦେଶ୍ୟ ରହିଛି କାଳେ କେବେ ଟ୍ରମ୍ପଙ୍କ ଶୁଭ ଦୃଷ୍ଟି ପଡ଼ିଲେ ସେ ଭେନେଜୁଏଲା ଶାସନର ମଙ୍ଗ ଧରିପାରନ୍ତି। ଆମେରିକା ଭିତରେ ଯେଉଁମାନେ ଟ୍ରମ୍ପଙ୍କୁ ବିରୋଧ କରୁଥିଲେ ସେମାନେ ମଧ୍ୟ ଶିଥିଳ ପଡ଼ିଯାଇଛନ୍ତି। ଜୋ ବାଇଡେନ୍ ରାଷ୍ଟ୍ରପତି ଥିବା ବେଳେ ଆମେରିକା ଅର୍ଥନୀତି ଧିମା ହୋଇଥିଲା। ଟ୍ରମ୍ପ କ୍ଷମତାକୁ ଆସିବା ଓ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ମାଗା) ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାରୁ ତାଙ୍କ ଦେଶ ଆର୍ଥିକ ଦୃଷ୍ଟିରୁ ବଢ଼ିଚାଲିଲାଣି ଏବଂ ଏବେ, ପୃଥିବୀର ଅନ୍ୟସବୁ ଦେଶକୁ ପଛରେ ପକାଇ, ଆମେରିକା ବିଶ୍ୱବ୍ୟାପୀ ଆଲୋଚନାର ମୁଖ୍ୟ ବିଷୟ ହୋଇଯାଇଛି। ଏଥିସହିତ ଟ୍ରମ୍ପ ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଦେଶନାମା ଜାରି କରି ଆମେରିକା ଅନୁଦାନ ପାଇ ପୁଷ୍ଟ ହେଉଥିବା ଅନେକ ଦେଶ ଓ ସଙ୍ଗଠନର ପାଣ୍ଠିକୁ ସଙ୍କୁଚିତ କିମ୍ବା ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେଇଛନ୍ତି। ଏଭଳି ନିଷ୍ପତ୍ତି ତାଙ୍କ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥିବା ସେଠାକାର ନାଗରିକ ଉପଲବ୍ଧି କରିବା ପରେ ଆଉ ବେଶି ପାଟି ଫିଟାଉ ନାହାନ୍ତି। ଟ୍ରମ୍ପ ସମ୍ଭବତଃ ହୃଦୟଙ୍ଗମ କରିଥିବେ ଯେ, ତାଙ୍କ ଦେଶ ପକ୍ଷରୁ ଦିଆଯାଉଥିବା ଅନୁଦାନର କୃତଜ୍ଞତା ସ୍ୱରୂପ ଆମେରିକା କିଛି ପାଉ ନ ଥିବାରୁ ସେସବୁକୁ ଜାରି ରଖିବାର ଆବଶ୍ୟକତା ନାହିଁ।

ଆଉ ଗୋଟେ ବିଷୟ ଲକ୍ଷ୍ୟ କରାଯାଉଛି ଯେ, ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାରେ କ୍ଷମତାସୀନ ହେବା ପରେ ବିଶ୍ୱ ଅର୍ଥନୀତି ଚଳଚଞ୍ଚଳ ହୋଇପଡ଼ିଛି। ଦୀର୍ଘବର୍ଷ ଧରି ୟୁରୋ ମୁଦ୍ରା ଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ସେଭଳି ପ୍ରଭାବ ପକାଇପାରୁ ନାହିଁ। ଆମେରିକା ଡଲାରର ପ୍ରଭାବକୁ ହ୍ରାସ କରିବା ଲାଗି 'ବ୍ରିକ୍ସ ମୁଦ୍ରା' ଉପରେ ଅନେକ ହୋହଲ୍ଲା ହେଲା, କିନ୍ତୁ ତାହା ଶୀତଳଭଣ୍ଡାରରେ ପଡ଼ିରହିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା (ନୂଆ ସଦସ୍ୟ ରାଷ୍ଟ୍ର ଇରାନ, ସଂଯୁକ୍ତ ଆରବ ଏମିରେଟ୍‌ସ, ସାଉଦି ଆରବ, ଇଣ୍ଡୋନେସିଆ, ଇଥୋପିଆ ଏବଂ ଇଜିପ୍ଟ)କୁ ନେଇ ବ୍ରିକ୍ସ ଗଠିତ। ଏହିସବୁ ରାଷ୍ଟ୍ର ବିଶ୍ୱ ଜନସଂଖ୍ୟାର ୪୦ ପ୍ରତିଶତ ହୋଇଥିବାରୁ ଆଶା କରାଯାଉଥିଲା ବ୍ରିକ୍ସ ମୁଦ୍ରା କାର୍ଯ୍ୟକାରୀ ହେଲେ ଏମାନଙ୍କ ମଧ୍ୟରେ ବାଣିଜ୍ୟ ସୁଦୃଢ଼ ହେବ ଓ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମିବ। ତାହା ହେଲା ନାହିଁ। ଚାଇନା ନିଜ ଅର୍ଥନୀତି ବଢ଼ାଇବାକୁ ଚାହିଁଲା ବେଳେ ରୁଷିଆ ଯୁଦ୍ଧ ଜର୍ଜରିତ। ଏଭଳି ସ୍ଥଳେ ଭାରତ ନିଜ ଆଭ୍ୟନ୍ତରୀଣ ସମସ୍ୟା ଦେଇ ଗତି କରୁଥିବାରୁ ବ୍ରିକ୍ସ ମୁଦ୍ରାର ଭାଗ୍ୟ ଝୁଲି ରହିଛି। ୟୁରୋଠାରୁ ଆରମ୍ଭ କରି ବ୍ରିକ୍ସ ମୁଦ୍ରାର ପରିଣତିକୁ ଟ୍ରମ୍ପ ଭଲ ଭାବେ ବୁଝିଯିବା ପରେ ସେହି ଦୁଇଟି ମୁଦ୍ରାର ମୂଳଦୁଆକୁ ଭାଙ୍ଗିଦେବାକୁ ପଦକ୍ଷେପ ନେଉଛନ୍ତି। ତାହାର ଉଦାହରଣ କ୍ରିପ୍ଟୋ କରେନ୍ସି ବହୁଳ ପ୍ରସାର କରାଇବା ଦିଗରେ ଅନେକ ପ୍ରଚେଷ୍ଟା ଆରମ୍ଭ କରିଦେଇଛନ୍ତି। ସେଥିପାଇଁ ସେ କୌଶଳ କରି କିମ୍ବା ସ୍ଥଳବିଶେଷରେ ଅନ୍ୟକୁ ଡରାଇ ବିଶ୍ୱସ୍ତରରେ ଏକ ନୂଆ ଅର୍ଥନୈତିକ ପରିଭାଷା ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି। ବାସ୍ତବିକ ଧିମେଇ ଯାଇଥିବା ଅନ୍ତର୍ଜାତୀୟ ଅର୍ଥନୈତିକ ପ୍ରବାହକୁ ଗତିଶୀଳ କରିବା ଲାଗି ଟ୍ରମ୍ପଙ୍କ ନିଷ୍ପତ୍ତି ହୁଏତ ନୂଆ ବାଟ ଦେଖାଇପାରେ। କାମରେ କିଛି ନ କରି ଭଦ୍ର ବ୍ୟବହାର କରୁଥିବା ଲୋକଙ୍କ ଅପେକ୍ଷା ଅଖାଡୁଆ ବ୍ୟକ୍ତିଙ୍କ ତତ୍‌କ୍ଷଣାତ୍ ପଦକ୍ଷେପ ମଧ୍ୟ ଗୋଟେ ବଡ଼ ପରିବର୍ତ୍ତନ ବା ସଂସ୍କାର ଆଣିପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | | | 7 | 4 | | | 3 |
| | 3 | | | | | | 1 | 6 |
| 5 | | 7 | | 3 | | | 4 | |
| | 9 | | 8 | 2 | | | | |
| | | 2 | | | | | 6 | |
| | | | 9 | | 1 | | 3 | |
| | | | | | | | | |
| | | 1 | 3 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 9 | 4 | 5 | 1 | 3 | 8 | 2 |
| 4 | 2 | 1 | 8 | 6 | 3 | 7 | 5 | 9 |
| 3 | 5 | 8 | 2 | 7 | 9 | 6 | 4 | 1 |
| 1 | 3 | 2 | 5 | 9 | 7 | 4 | 6 | 8 |
| 5 | 4 | 7 | 6 | 8 | 2 | 9 | 1 | 3 |
| 9 | 8 | 6 | 3 | 1 | 4 | 5 | 2 | 7 |
| 2 | 1 | 5 | 7 | 3 | 6 | 8 | 9 | 4 |
| 6 | 7 | 4 | 9 | 2 | 8 | 1 | 3 | 5 |
| 8 | 9 | 3 | 1 | 4 | 5 | 2 | 7 | 6 |

ଗତକାଲିର ଉତ୍ତର

# ସାମ୍ପ୍ରତିକ ରାଜନୀତି ଓ ଯୁବପିଢ଼ି



ରାଜୀବ କର୍ମ

ସାମ୍ପ୍ରତିକ ରାଜନୀତିରେ ଦୁଇ ପ୍ରକାର ଯୁବଗୋଷ୍ଠୀଙ୍କୁ ଦେଖିବାକୁ ମିଳେ। ଗୋଟିଏ ହେଲେ ସୌଖୀନ ନେତା ଓ ଅନ୍ୟଟି ହେଲେ ଅପରାଧ ଘଟାଇବା ପାଇଁ ପ୍ରାୟୋଜିତ ନେତା। ପ୍ରଥମ ଗୋଷ୍ଠୀ ରାଜନୈତିକ ପରିବାରରୁ ଆସିଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ କିଛି ଛାତ୍ରନେତା ଏବଂ ପ୍ରଭାବଶାଳୀ ରାଜନେତାଙ୍କ ପୃଷ୍ଠପୋଷକତାରୁ ସୃଷ୍ଟି। ଏହା ସତ୍ତ୍ୱେ ବି ରାଜନୀତିରେ ଯୁବକଙ୍କ ପ୍ରତିନିଧିତ୍ୱ ଗୌଣ। ଭାରତ ପୃଥିବୀର ସବୁଠାରୁ ଯୁବକ ରାଷ୍ଟ୍ର। କିନ୍ତୁ ଏମାନଙ୍କର ରାଜନୀତିରେ ପ୍ରତିନିଧିତ୍ୱ ନିମ୍ନ। ନିର୍ବାଚନରେ ବୟସ୍କଙ୍କ ତୁଳନାରେ ଯୁବ ପ୍ରତିନିଧିତ୍ୱ କମିବାରେ ଲାଗିଛି। ୧୯୫୨-୫୭ ଲୋକ ସଭାରେ ଯୁବ ପ୍ରତିନିଧିତ୍ୱ ଶତକଡ଼ା ୨୨.୨୫ସହିତ ୧୩୮ ଜଣ ୪୦ ବର୍ଷରୁ କମ୍ ବୟସ୍କ ଏମ୍‌ପି ଥିବାବେଳେ ୨୦୨୪ ଲୋକ ସଭାରେ ଏହା କେବଳ ୧୦.୬୮ ଶତକଡା ଅଥାତ୍ କେବଳ ୪୧ ଜଣ ଯୁବ ଏମ୍‌ପି ଅଛନ୍ତି। ଅନ୍ୟ ପକ୍ଷରେ ୭୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏମ୍‌ପି ପ୍ରଥମ ଲୋକ ସଭାରେ ୧୪ ଜଣ ଥିବାବେଳେ ୨୦୨୪ଲୋକ ସଭାରେ ଏହା ୨୦୮କୁ ପହଞ୍ଚିଛି। ପ୍ରଥମ ଲୋକ ସଭାରେ ଏମ୍‌ପିଙ୍କ ହାରାହାରି ବୟସ ୪୬.୫ ଥିବା ବେଳେ ୨୦୨୪ରେ ଏହା ୫୫.୬ରେ ପହଞ୍ଚିଛି।

ସମ୍ପ୍ରତି କମ୍ ଯୁବନେତା ସାମାଜିକ ପରିବର୍ତ୍ତନ ପାଇଁ କାମକରୁଛନ୍ତି। ଏହି ନିରୁତ୍ସାହିତ ସ୍ଥିତି କେବଳ ନିର୍ଦ୍ଦିଷ୍ଟ କେତୋଟି କାରଣ ପାଇଁ ଭାରତୀୟ ରାଜନୀତିରେ ପ୍ରତିଫଳିତ ହୋଇଥାଏ। ପ୍ରଥମତଃ ଯୁବପିଢ଼ି ସକ୍ରିୟ ରାଜନୀତି ପ୍ରତି ଆକୃଷ୍ଟ ନ ହେବା। ଜାତିଗତ ସଂରକ୍ଷଣ, ନିର୍ଭୟା କେସ୍ ତଥା ଦୁର୍ନୀତିମୁକ୍ତ ଭାରତ ପାଇଁ ଆନ୍ନା ହଜାରେଙ୍କ ବିଶାଳ ସମାବେଶ ଭଳି ସମ୍ବେଦନଶୀଳ ବିଷୟରେ ଯୁବକଙ୍କ ଭୂମିକା ଏ ଦେଶ ଦେଖିଛି। କିନ୍ତୁ ବର୍ତ୍ତମାନ ସେତିକି ମାତ୍ରାରେ ଯୁବଶକ୍ତିର ପ୍ରଦର୍ଶନ ହୋଇ ପାରୁ ନାହିଁ। ଦେଶ ଓ ସମାଜ କେଉଁଭଳି ପରିସ୍ଥିତି ଏବଂ ସମସ୍ୟାର ସମ୍ମୁଖୀନ ହେଉଛି ତାହା ଯୁବକଙ୍କୁ ଅଜଣା ନୁହେଁ। ତେଣୁ ସେମାନଙ୍କୁ ସୁଯୋଗ ଦିଆଗଲେ ରାଜନୈତିକ ପରିବେଶକୁ ବଦଳାଇ ରାଜନୀତିକୁ ଏକ ନୂତନ ସମୀକରଣ ଦେଇ ପାରନ୍ତେ।

ଦ୍ୱିତୀୟ କାରଣଟି ହେଉଛି ରାଜନୈତିକ ଦଳର ବରିଷ୍ଠ ସଦସ୍ୟମାନେ ଯୁବକଙ୍କୁ ସୁଯୋଗ ଦେବା ପାଇଁ କୁଣ୍ଠାବୋଧ କରିବା। ରାଜନୈତିକ ଦଳଗୁଡ଼ିକରେ ଅତ୍ୟଧିକ କ୍ଷମତାଲୋଭ ଯୋଗୁ ଯୁବକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ବରିଷ୍ଠମାନେ ଏ ବିଷୟରେ ହୃଦୟଙ୍ଗମକରି ଯୁବକଙ୍କୁ ସୁଯୋଗ ଦେବା ଉଚିତ। ତୃତୀୟଟି ହେଉଛି ବାପା-ମା'ମାନେ ନିଜ ସନ୍ତାନଙ୍କୁ ନିଜର ପାରମ୍ପରିକ ବ୍ୟବସାୟରେ



ନିୟୋଜନ। ବର୍ତ୍ତମାନର ରାଜନେତାମାନେ ନିଜର କଳୁଷିତ ରାଜନୀତି ପାଇଁ ବିଶ୍ୱାସ ହରାଉଛନ୍ତି। ତେଣୁ ବାପା-ମା'ମାନେ ନିଜର ଉଚ୍ଚ ଶିକ୍ଷିତ ପୁଅ-ଝିଅମାନଙ୍କୁ ରାଜନୀତିରେ ଭାଗନେବାକୁ ଉତ୍ସାହିତ କରୁନାହାନ୍ତି। ଏତଦ୍‌ଭିନ୍ନ ତଥାକଥିତ ରାଜନୀତିରେ ଉଚ୍ଚ ଶିକ୍ଷିତମାନଙ୍କର ଆବଶ୍ୟକତା ନାହିଁ।

ଚତୁର୍ଥ କାରଣଟି ଗ୍ରାମାଞ୍ଚଳରେ ଯୁବକମାନେ ରାଜନୀତିକୁ ଏକ ଲାଭଜନକ ବ୍ୟବସାୟ ଭାବରେ ଦେଖୁଛନ୍ତି। ନେତାମାନେ ଯୁବକଙ୍କୁ ଆୟୁଧ କରି ରାଜନୀତିରେ ଲାଭ ହାସଲ କରୁଛନ୍ତି। ଯୁବକମାନଙ୍କୁ କେବଳ ଭୋଟ ପ୍ରଚାର, ବିଭିନ୍ନ ଉନ୍ନୟନମୂଳକ କାମର ଠିକା ଏବଂ ରାଜନୈତିକ ଦଳଗୁଡ଼ିକର ଦଳୀୟ କାର୍ଯ୍ୟକ୍ରମରେ ଲୋକ ଯୋଗାଡ଼ ଏବଂ ଦଳ ପାଇଁ ପାଣ୍ଠି ସଂଗ୍ରହରେ ବ୍ୟବହାର କରନ୍ତି। ପଞ୍ଚମ କାରଣଟି ହେଲା ଯୁବପିଢ଼ି ସମାଜ ଅପେକ୍ଷା ନିଜ ଜୀବିକା କଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଏହା ସ୍ୱାଭାବିକ ମଧ୍ୟ। ପରିବାର ଏବଂ ନିଜର ପ୍ରତିପୋଷଣ ଏମାନଙ୍କ ପାଇଁ ଏବେ ଏକ ମୌଳିକ ଆବଶ୍ୟକତା, ଯାହା ପାଇଁ ଏମାନେ ସବୁବେଳେ ସଂଗ୍ରାମରତ। ଏ ସ୍ଥିତିରେ ଯୁବକଙ୍କୁ ରାଜନୀତି ଆଡ଼କୁ ଆକୃଷ୍ଟ କରିବା ଏକ ଆହ୍ୱାନ।

ରାଜନୀତିରେ ବି ଅବସର ବୟସ ସୀମା ନିର୍ଦ୍ଧାରଣ ହେବା ବାଞ୍ଛନୀୟ। ତତ୍ ସହିତ ଶିକ୍ଷାଗତ ଯୋଗ୍ୟତା ମାପକାଠି ହେବା ଜରୁରୀ। ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ରାଜନୀତିରୁ ଦୂରେଇ ରଖିବା ଉଚିତ। ଆମ ଦେଶର ଗଣତନ୍ତ୍ର ବ୍ୟବସ୍ଥା ଏପରି ଯେ ଯେଉଁଠାରେ ୪୦ ବର୍ଷରୁ କମ୍ ଯୁବପିଢ଼ି ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ କ୍ଷମତାରେ ବସାଇବା ପାଇଁ ବାଛୁଛନ୍ତି। ଯୁବକମାନେ ପ୍ରକୃତରେ ଏଥିରେ ସନ୍ତୁଷ୍ଟ କି ? ଯୁବକମାନଙ୍କୁ ରାଜନୀତିରେ ପ୍ରବେଶ ନିମିତ୍ତ ସରକାରୀ ସ୍ତରରେ ପ୍ରୟାସ ପ୍ରତୀୟମାନ ହୁଏ ନାହିଁ। ୨୦୧୩ର ଓଡ଼ିଶା ରାଜ୍ୟ ଯୁବନୀତି ହେଉ ଅବା ୨୦୧୪ ଜାତୀୟ ଯୁବନୀତି ହେଉ କେଉଁଥିରେ ବି ଯୁବକଙ୍କୁ ରାଜନୀତିରେ ପ୍ରବେଶର ସୁଯୋଗ ପାଇଁ ବ୍ୟବସ୍ଥା ନାହିଁ। ରାଜ୍ୟ ଯୁବନୀତିରେ ଯୁବକଙ୍କୁ କେବଳ ଗୋଷ୍ଠୀରେ ନିୟୋଜନ ଏବଂ ନିଷ୍ପତ୍ତିନେବା ପ୍ରକ୍ରିୟାରେ ଉତ୍ସାହିତ କରିବା କଥା କୁହାଯାଇଥିବା ବେଳେ ଜାତୀୟ ଯୁବନୀତିରେ ସହରାଞ୍ଚଳ ରାଜନୀତି ଏବଂ ରାଜନୈତିକ ବ୍ୟବସ୍ଥା ବାହାରେ ନିୟୋଜନ କଥା କୁହାଯାଇଛି। ଏଥିରୁ ପ୍ରତୀୟମାନ ହେଉଛି ଯେ ରାଜ୍ୟସ୍ତରରେ ହେଉ କିମ୍ବା ଜାତୀୟ ସ୍ତରରେ ନୀତି ପ୍ରଣୟନ କରୁଥିବା ରାଜନେତାମାନେ ଯୁବକଙ୍କୁ ରାଜନୀତିରେ ପ୍ରବେଶର ପଥ ଓଗାଳୁଛନ୍ତି।


ଯୁବକର ମନ ସବୁବେଳେ ଭିନ୍ନ ତଥା ଅଭିନବ ଚିନ୍ତାଧାରା ଓ ଆଦର୍ଶରେ ଅନୁପ୍ରାଣୀତ ହୋଇଥାଏ। ସେମାନଙ୍କୁ ରାଜନୀତିରେ ଭାଗୀଦାରିତା ବଢ଼ାଇବାକୁ ହେଲେ ଏବଂ ତାଙ୍କ ସ୍ୱରକୁ ଉପଯୁକ୍ତ ମାର୍ଗଦର୍ଶନ ଦେବାକୁ ହେଲେ ରାଜନୈତିକ ପରିବେଶ ବ୍ୟାପକ କରିବା ସଙ୍ଗେ ସଙ୍ଗେ ଆହୁରି ଖୋଲାରଖିବାକୁ ପଡ଼ିବ। ଯୁବକମାନେ ରାଜନୀତିରେ ସକ୍ରିୟ ଭାବରେ ହେଉ ଅଥବା ବିଭିନ୍ନ ସାମାଜିକ ସମସ୍ୟା ଉତ୍ଥାପନ ଭାବରେ ହେଉ କିମ୍ବା ଚାପ ସୃଷ୍ଟିକାରୀ ଦଳ ଭାବରେ ହେଉ ଜଡ଼ିତ ହେଲେ ହିଁ ଅନେକ ସାମାଜିକ ସମସ୍ୟା ସମାଧାନ ହୋଇପାରିବ ଏବଂ ଏହା ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ପ୍ରତିକାର ଦେଇପାରିବ। କାରଣ ଯୁବକଙ୍କ ପାଖରେ ହିଁ ଉତ୍ସାହ, ଉଦ୍ଦୀପନା ଏବଂ ସାହସ ଅଛି ।

ଯୁବକମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ପାଇଁ ଗୋଷ୍ଠୀ ଗଠନ ଏବଂ ଯୁବସଂସଦ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇ ପାରିବ। ଯୁବ ସଂସଦ ଏପରି ଏକ ମାଧ୍ୟମ ଯେଉଁଥିରେ ୧୧ରୁ ୧୮ବର୍ଷର ଯୁବକମାନେ ସାମାଜିକ ପରିବର୍ତ୍ତନ ପାଇଁ ସମସ୍ୟା ଉତ୍ଥାପନ କରିପାରିବେ। ଏହା ସମସ୍ତଙ୍କ ପାଇଁ ଗ୍ରହଣୀୟ ଏବଂ ଉତ୍ସାହକାରୀ ମଧ୍ୟ ଏବଂ ଏହା ଯୁବକମାନଙ୍କୁ ପରବର୍ତ୍ତୀ ରାଜନୀତିରେ ପ୍ରବେଶ ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବ। ଯୁବକମାନେ ଲୋକଙ୍କୁ ଶିକ୍ଷା ଦେବାରେ, ବିଭିନ୍ନ ସାମାଜିକ କଳଙ୍କ ଦୂରକରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାରେ ଏବଂ ସମସ୍ୟା ଉତ୍ଥାପନ କରିବାରେ ସାମିଲ ହୋଇପାରିବେ।

ଯୋରୋଗାନ୍‌ଙ୍କ ମତରେ ତୁମେ ଯଦି ପ୍ରକୃତରେ ପୃଥିବୀକୁ ପରିବର୍ତ୍ତନ କରିବାକୁ ଚାହୁଁଛ ତେବେ ଯୁବକମାନଙ୍କୁ ପ୍ରେରଣା ଦେବା ଏବଂ ଉତ୍ସାହିତ କରିବା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ। ଜାତୀୟ ଏବଂ ରାଜ୍ୟସ୍ତରରେ ଏକ ଯୁବକେନ୍ଦ୍ରୀୟ ଯୁବନୀତିର ଅବଶ୍ୟକତା ରହିଛି ଯେଉଁଥିରେ ଯୁବକଙ୍କୁ ରାଜନୀତିରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଥିବ। ସାମାଜିକ ଗଣମାଧ୍ୟମ ଦ୍ୱାରା ଯୁବକମାନଙ୍କୁ ଅଧିକରୁ ଅଧିକ ଯୋଡ଼ିବା ସହିତ ରାଜନୀତି ବିଜ୍ଞାନରେ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଉଚିତ। ନିଜ ଦେଶର ନେତୃତ୍ୱ ନେବାଠାରୁ ବଳି କିଛି ସମ୍ମାନ ନାହିଁ। ତେଣୁ କିଛି ନିଃସ୍ୱାର୍ଥପର ଯୁବଗୋଷ୍ଠୀଙ୍କୁ କାଦୁଅକୁ ଡେଇଁ ନିଜକୁ ନିର୍ମଳ ରଖିବାକୁ ପଡିବ। ମହମବତି ଶୋଭାଯାତ୍ରା, ଧାରଣା, ପଥପ୍ରାନ୍ତ ନାଟକ, ସ୍ଲୋଗାନ ଏବଂ ଆନ୍ଦୋଳନ ମାଧ୍ୟମରେ କିଛି ସମସ୍ୟା ସମାଧାନ ହୋଇପାରିବ ମାତ୍ର ନିଜେ ଆଞ୍ଚଳିକ ସ୍ତରରେ ପ୍ରତିନିଧିତ୍ୱ କରି ହେଉ କିମ୍ବା ବିଧାନ ସଭା ଏବଂ ଲୋକ ସଭାରେ ବସି ଆଲୋଚନା କରି ନିଷ୍ପତ୍ତି ନେଲେ ଅନେକ ସମସ୍ୟା ସମାଧାନ ହୋଇପାରିବ। ଏଥିପାଇଁ ଯୁବକମାନେ ପ୍ରଥମେ ଏକଜୁଟ୍ ହେବା ଦରକାର।

ଶଗଡ଼ା, ବୌଦ୍ଧ
ମୋ: ୮୩୨୮୮୪୮୧୪୫

# ଶାଶୁଘର



ଅଲେଖ ଚନ୍ଦ୍ର ମିଶ୍ର

ଶାଶୁଘର କାହିଁ ? ଏ ପ୍ରଶ୍ନଟି ହୁଏତ ଚମକ ସୃଷ୍ଟି କରିପାରେ, କିନ୍ତୁ ଏହା ଅନେକାଂଶରେ ସତ। ଦିନେ ମହିଳାଙ୍କ ପାଇଁ ଆଜୀବନ କର୍ମଭୂମି ବୋଲାଉଥିବା ଏହି ଶବ୍ଦଟି ତା'ର ଚିରାଚରିତ ଗୌରବ ହରେଇ ଏବେ ଏକ ପ୍ରଶ୍ନବାଚୀ ସ୍ତରକୁ ଚାଲି ଆସିଲାଣି। ଶାଶୁ ଅଛନ୍ତି, ଘର ଅଛି କିନ୍ତୁ ନାହିଁ ଶାଶୁଘରର ପାରମ୍ପରିକ ରୂପରେଖ। ସେହିପରି ନାରୀଟିର ଗଭୀର ଭାବାବେଗର ପ୍ରତୀକ ବାପଘର ବି କ୍ରମେ ତା' ନିକଟରୁ ଦୂରେଇ ଯାଉଛି। ବାପା ମା' ଜୀବିତ ଥିବା ପର୍ଯ୍ୟନ୍ତ ଯେଉଁ ବାପଘର ବିବାହିତା ଝିଅଟି ପାଇଁ ଗର୍ବ ଓ ଗୌରବର ପରିଚୟ ଥାଏ ସେମାନେ ଚାଲିଗଲା ପରେ ତାହା ତା' ପାଇଁ ପ୍ରାୟ ଅପହଞ୍ଚ ହୋଇଯାଏ। ଅନ୍ୟ ପକ୍ଷରେ ଏ ଉଭୟ ପ୍ରକାରର ଘର ସ୍ଥାନରେ ଏବେ ଗଢିଉଠୁଛି 'ଆମଘର' ଯାହା ଆଧୁନିକ ଦମ୍ପତିଙ୍କର ନୂତନ ପରିଚୟ। ଆମ ଘରର ସଂଜ୍ଞା ହେଉଛି 'ନା ତୁମ ଘର ନା ମୋ ଘର' ଏହା 'ଆମ ଦୁହିଁଙ୍କ ଘର' ଯାହାର ଏକ ଅତିରିକ୍ତ ସଦସ୍ୟ ଏକମାତ୍ର ସନ୍ତାନ। ଏହାକୁ କେହି କେହି ଅଣୁପରିବାରର ଆଖ୍ୟା ଦେଇ ତଜ୍ଜନିତ ଗଭୀର ଆତ୍ମଶ୍ଲାଘାରେ ବୁଡି ରହନ୍ତି ଓ ପରିବାର, ପରିଜନ, ବନ୍ଧୁବାନ୍ଧବ ସମସ୍ତଙ୍କଠାରୁ ଦୂରେଇ ଯାଆନ୍ତି। ଫଳରେ ସାମାଜିକ ଓ ପାରିବାରିକ ବୁଝାମଣା ବିପର୍ଯ୍ୟସ୍ତ ହୋଇପଡ଼େ। ସାମ୍ପ୍ରତିକ ପରିସ୍ଥିତି ବି ଏଥିପାଇଁ ପଥ ପ୍ରଶସ୍ତ କରିଦେଉଛି।

ସତୁରି ଅଶୀ ବର୍ଷ ତଳକୁ ଫେରି ଚାହିଁଲେ ଆମ ସମାଜର ଯେଉଁ ଚିତ୍ର ଆଖିଆଗରେ ଭାସିଉଠେ ତାହାର ମୁଖ୍ୟ ଆଧାର ଥିଲା ଲିଙ୍ଗଗତ ବୈଷମ୍ୟ। କୁହା ଯାଉଥିଲା, "ନାରୀର ଭାଗ୍ୟ ପଥର ତଳେ, ପୁରୁଷର ଭାଗ୍ୟ ପତର ତଳେ"। ସେତେବେଳର ପୁରୁଷପ୍ରଧାନ ପରିବାର, ସମାଜ ଓ ଦେଶରେ ନାରୀଟିର ସ୍ଥାନ ଯେପରି ଥିଲା ଚିନ୍ତା କଲେ ଆଖି ଓଦା ହୋଇ ଆସେ। ଝିଅଟିଏ ଜନ୍ମ ହେଲେ ତା'ର ପିତାଙ୍କୁ ମୁରବି ତୁଲ୍ୟ ଲୋକେ କହୁଥିଲେ, "ଝିଅଟିଏ ହେଲାରେ ତା' ପାଇଁ ଏବେଠୁ ଧନ ସଞ୍ଚୟ କର"। ଝିଅଟି ପାଞ୍ଚ ବର୍ଷର ହୋଇ ଗଲେ ତାକୁ କୁହାଯାଉଥିଲା, "ମାଆରେ ତୁ ପାଠ ଦିଅକ୍ଷର ପଢ଼ ନ ହେଲେ ତତେ କିଏ ବାହା ହେବ ?" ଦଶ ବର୍ଷର ହୋଇ ଗଲେ ତାକୁ କୁହାଯାଉଥିଲା, "ଝିଅରେ, ନିଜକୁ ଆକଟ କର୍, ସଣ୍ଢଣା ଶିଖ, ଘରକରଣା କ'ଣ ଜାଣ ନ ହେଲେ ଶାଶୁଘରେ ନାଁ ପକେଇବ। ସେତିକି ବେଳୁ ତା' କାନରେ ପକେଇ ଦିଆ ଯାଉଥିଲା, "ମାଆରେ, ଝିଅ ଜନମ ପର ଘରକୁ," "ଜନମ ଦେଇଛୁ ସିନା କରମ ଦେଇନ", ଟିକେ ସ୍ୱାଧୀନଚେତା ଝିଅମାନଙ୍କୁ ଚେତେଇ ଦିଆ ଯାଉଥିଲା, " ଆଖୁ ସିନା କିଆରିରେ (ବାପଘରେ) ମୋଟ ଖାଇରେ (ଶାଶୁଘରେ) ନୁହେଁ "। ଅନ୍ୟ ପକ୍ଷରେ ଝିଅଟିର ଜୀବନ କେବଳ ଶାଶୁଘର-ସର୍ବସ୍ୱ ଥିଲା। ବାର ତେର ବର୍ଷର ଝିଅ କିମ୍ବା ତା'ଠାରୁ ଆହୁରି କମ୍ ବୟସର ଝିଅକୁ ବାହା କରେଇ ଦେଇ ଶାଶୁ ଘରକୁ ପଠେଇ ଦିଆଯାଉଥିଲା। ନିଜର ଭାଗ୍ୟକୁ ଆଦରି ସେ ଯେଉଁ ଶାଶୁଘରେ ପାଦ ଥାପୁଥିଲା ତା'ର ରୂପରେଖ ହିଁ ଥିଲା ତା' ଜୀବନର ଅବଶିଷ୍ଟ ଦିନ। ତା'ର ସୌଭାଗ୍ୟକୁ ଯଦି ଶାଶୁଘରର ଲୋକେ ଭଲ ପଡୁଥିଲେ ତେବେ ସେ ସର୍ଗସୁଖ ଭୋଗ କରି ସବୁ କିଛି ଭୁଲି ଯାଉଥିଲା। ଯଦି ସେମାନେ ମନ୍ଦ ସ୍ୱଭାବର ଥିଲେ ଯଥା ମାମଲତକାର ଶ୍ୱଶୁର, ଆକଟପ୍ରିୟ ଶାଶୁ, ଆତ୍ମାଭିମାନୀ ଦେଢ଼ଶୁର, ଉଚ୍ଛୃଙ୍ଖଳ ଦେବର, ରାହାବାଳି ନଣନ୍ଦ, ଅହଂଗୁଣୀ ବିଧବା ପିଉସୀ, ଉଦାସୀନ (ବେଳେ ବେଳେ ବିଦେଶରେ ରହୁଥିବା) ପତି ଇତ୍ୟାଦି ତେବେ ତା' ଜୀବନ ନରକ ପାଲଟି ଯାଉଥିଲା। ଆଉ ତା' ସହିତ ଯଦି ଯୌତୁକ ଯନ୍ତ୍ରଣା ଯୋଡି ହୋଇ ଯାଉଥିଲା ତେବେ ଅକାଳରେ ଜୀବନ ଯିବା ବି ଅସମ୍ଭବ ନ ଥିଲା। ତତ୍କାଳୀନ ବୈବାହିକ ବ୍ୟବସ୍ଥା ଏତେ କଠୋର ଥିଲା ସେ ଝିଅଟିଏ ଚାହିଁଲେ ବି ସେଥିରୁ ମୁକ୍ତି ପାଇ ପାରୁ ନ ଥିଲା। ଶାଶୁଘରେ ଯେତେ ଦୁଃଖକଷ୍ଟ ଭୋଗିଲେ ବି ତାକୁ କାହା ଆଗରେ ପ୍ରକାଶ କରିବା ତତ୍କାଳୀନ ରକ୍ଷଣଶୀଳ ପରିବାରର ଶୃଙ୍ଖଳାବିରୋଧୀ ଥିଲା। ଦୈବାତ କେବେ କେହି ସେପରି କଲେ ତାକୁ ସହଯୋଗ ମିଳୁ ନ ଥିଲା। ଏପରି କି ବାପଘର ସବୁ ଜାଣିଲା ପରେ ବି ଝିଅଟିକୁ ନେଇ ଶାଶୁଘରେ ବୁଝାଶୁଝା କରି ପୁଣି ଛାଡିଦେଇ ଆସୁଥିଲେ।



ଏଭଳି ପରିସ୍ଥିତିର ଯେ ଦିନେ ପରିବର୍ତ୍ତନ ଘଟିବ ଏହା ଅନୁମାନ କରାଯାଉଥିଲା ଏବଂ ତାହା ହିଁ ଏବେ ଘଟୁଛି। ସେଥିରେ ସହାୟତା କରୁଛି ପ୍ରଚଳିତ ଆଇନ। ବାଲ୍ୟ ବିବାହ ଉଚ୍ଛେଦ, ବିଧବା ବିବାହ ପ୍ରଚଳନ ଛଡା ହିନ୍ଦୁ ବିବାହ ଓ ବିଚ୍ଛେଦ ଆଇନ (୧୯୫୫) ଆବଶ୍ୟକ ସ୍ଥଳେ ବିବାହ ବିଚ୍ଛେଦ ପାଇଁ ସୁଯୋଗ ଯୋଗାଇ ଦେଉଥିବା ବେଳେ ଯୌତୁକ ନିରୋଧ ଆଇନ ୧୯୬୧ ଖୁବ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରିଛି L ଝିଅଙ୍କ ପାଇଁ ଉତ୍ତରାଧିକାର ଆଇନ ୨୦୦୫ ସେମାନଙ୍କୁ ବାପଘର ସମ୍ପତ୍ତି ଉପରେ ଅଧିକାର ପ୍ରଦାନ କରୁଥିବା ବେଳେ ମହିଳା ସଶକ୍ତୀକରଣ ଯୋଜନା ସେମାନଙ୍କୁ ସ୍ୱାବଲମ୍ବୀ କରୁଛି। ଏହିପରି ଅନେକ ଆଇନ ପ୍ରବର୍ତ୍ତନ କରାଯାଉଛି ଯାହା ସମାଜରେ ମହିଳାଙ୍କୁ ଏକ ସମ୍ମାନନୀୟ ସ୍ଥାନ ଦେଉଛି। ଫଳରେ ଶାଶୁଘରର ଆଭିମୁଖ୍ୟ ବି ବଦଳି ଗଲାଣି। ଯାହା ସମାଜ ନିଜେ କରିବା କଥା ତାହା ସରକାର କରୁଛନ୍ତି। ସେଥିରେ ଯଥା ସମ୍ଭବ ସହଯୋଗ କରିବା ଆଜିର ଆବଶ୍ୟକତା।

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳ ଅତ୍ୟନ୍ତ ମରୁଡ଼ିପ୍ରବଣ। ଏହି ଅଞ୍ଚଳରେ କୃଷି କ୍ଷତିଗ୍ରସ୍ତ ହେଉଥିବାରୁ କୃଷକ ଆତ୍ମହତ୍ୟା ହାର ଅଧିକ। ତେବେ ନିଜ ଗାଁ ଓ ତା' ଆଖପାଖର ୬ଟି ଗାଁରେ ଜଳାଭାବ ଦୂର କରି କୃଷିକୁ ସହଜ କରିପାରିଛନ୍ତି ଅମୋଲ ଲାଙ୍ଗୋଟେ। ଅମୋଲ ରୁହନ୍ତି ଥୁଗାଁ ପିମ୍ପ୍ରିରେ। ଏହି ଗାଁର ଲୋକସଂଖ୍ୟା ୩,୦୦୦ ପାଖାପାଖି। ଗାଁ କଡ଼ ଦେଇ ପୂର୍ଣ୍ଣା ନଦୀ ପ୍ରବାହିତ । ବର୍ଷାଦିନକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ନଦୀରେ ଜଳ ପ୍ରବାହ ନ ଥାଏ। ଜଳାଭାବ ଯୋଗୁ ୨୦୧୮-୧୯ରେ, ବିଦର୍ଭର ଅମରାବତୀ ଜିଲା ଗମ୍ଭୀର ମରୁଡ଼ିକୁ ସାମ୍ନା କରିଥିଲା। ଏଥିରେ ଅମୋଲଙ୍କ ଲେମ୍ବୁଚାଷ ସମେତ ଅନେକ କୃଷକଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏପରି କି ଲୋକଙ୍କୁ ପାନୀୟ ଜଳ ପାଇଁ ଟ୍ୟାଙ୍କର ଉପରେ ନିର୍ଭର କରିବାକୁ ପଡ଼ିଥିଲା। କାରଣ ଭୂତଳ ଜଳ ସ୍ତର ବହୁ ଗଭୀରକୁ ଚାଲିଯାଇଥିଲା। ତେବେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅମୋଲ ତାଙ୍କ ଗାଁ ଲୋକଙ୍କୁ ଏକାଠି କରି ପୂର୍ଣ୍ଣା ନଦୀରେ ବାଲି ଓ ପଥରରେ ଏକ ଚେକ୍‌ଡ୍ୟାମ କରିଥିଲେ। ୨୦୧୯ରେ ତାଙ୍କ ନେତୃତ୍ୱରେ ପ୍ରାୟ ୩୦ଟି ଗାଁର ଲୋକେ ଏକାଠି ହୋଇ ଅଧିକ ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗ୍ରାମବାସୀ ପ୍ରତ୍ୟେକ ୫୦୦ରୁ ୨୦୦୦ ଟଙ୍କା ଦାନ ଦେଇ ୬ଟି ଚେକ୍‌ଡ୍ୟାମ ନିର୍ମାଣ କରିପାରିଛନ୍ତି। ଏବେ ଚାଷ ଭଲ ହେଉଛି, ପାନୀୟ ଜଳ ସଙ୍କଟ ଟଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜାନୁଆରୀ ୧୯୭୭

- ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସହିତ ମିଶିଯିବା ପାଇଁ ବମ୍ବେ ପ୍ରଦେଶ କଂଗ୍ରେସ କମିଟିରେ ଏକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି।
- ସମୁଦ୍ର ଭିତରେ ଭାରତର ଅର୍ଥନୈତିକ ଜୋନ ସମୁଦ୍ରକୂଳରୁ ୨ ଶହ ମାଇଲବ୍ୟାପୀ ଭିତରକୁ ରହିବ ବୋଲି ଭାରତ ପକ୍ଷରୁ ଘୋଷଣା କରାଯାଇଛି।

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ତିଥି ସହ ତାରିଖର ତାଳମେଳ ରହୁନାହିଁ

ମହାଶୟ,

କଥାରେ ଅଛି ଅତିଥି ତିଥି ଦେଖିକି ଆସନ୍ତି ନାହିଁ। ସୌର ତିଥି ସଂକ୍ରାନ୍ତିରୁ ଓ ଚାନ୍ଦ୍ର ତିଥି ପୂର୍ଣ୍ଣିମୀ ଅନୁଯାୟୀ ଗଣନା କରାଯାଇଥାଏ। ସଂପ୍ରତି ବର୍ଷର ତିଥି ସହ ତାରିଖଗୁଡ଼ିକର ତାଳମେଳ ରହୁନାହିଁ। ଏକଦା ଜାତୀୟ ଦିବସ କହିଲେ ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ଗଣତନ୍ତ୍ର ବା ଜନରାଜ୍ୟ ଦିବସ ପାଳନ କରାଯାଉଥିଲା। ଆଜିକାଲି ଜାତୀୟ ଦିବସ ସଂଖ୍ୟା ବଢ଼ିବଢ଼ି ଚାଲିଛି। ବିଶ୍ୱ ଦିବସ, ଜାତୀୟ ଦିବସ, ରାଜ୍ୟ ଦିବସ ନିମନ୍ତେ ତାରିଖ ଅଭାବ ପଡୁଛି। ଗୋଟିଏ ଗୋଟିଏ ତାରିଖରେ ୨/୩ଟି ସ୍ମରଣୀୟ ଦିବସ ରହୁଛି। ସମସ୍ତ ଦିବସକୁ ପାଳନ କରିବାକୁ ହିଁ ହେବ। ଚଳିତବର୍ଷ ଜାନୁଆରୀ ୨୩ ତାରିଖ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ସହ ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଏକାସାଙ୍ଗରେ ପାଳନ ହେବ। ସୁଭାଷ ବୋଷ କଟକରେ ବସନ୍ତ ରୋଗ ଦୂର କରିବା ନିମନ୍ତେ ପଦଯାତ୍ରା କରି ନିଜ କୈଶୋର କାଳରେ ହିଁ ଲୋକଙ୍କ ନିକଟରୁ 'ବସନ୍ତ ବ୍ୟାଘ୍ର' ପଦବୀ ଲାଭ କରିଥିଲେ। ସଂପ୍ରତି 'ସ୍ମଲ୍ ପକ୍ସ'ର ବିଲୋପ ଘଟିଛି। ରହିଛି ଚିକେନପକ୍ସ। ସେହିପରି ଶ୍ରୀପଞ୍ଚମୀ ବସନ୍ତ ଋତୁରେ ପାଳନ କରାଯାଉଥିବାରୁ ଏହା ଏପରି ନାମିତ। ଶିଶୁଙ୍କ ଖଡ଼ିଛୁଆଁ ପର୍ବ। ଇଂରାଜୀ ତାରିଖ ଓ ଆମ ପାଞ୍ଜିର ତିଥି କେବେ ସମାନ ହୋଇନପାରେ। ସେ ଯାହା ହେଉ, ପର୍ବ ପର୍ବାଣି ଉତ୍ସବ ପାଳନ କରିବା ଆମର ବିଶେଷ କର୍ତ୍ତବ୍ୟ ହେବା ଉଚିତ୍।

-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମ ନଗର, ଆଙ୍କୋଲି, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା', ଦୁଇ ଝିଅଙ୍କ ଗଳା କାଟି ହତ୍ୟା ଉଦ୍ୟମ

**ଦିଗପହଣ୍ଡି ରେ ଚାଞ୍ଚଲ୍ୟ**

ଦିଗପହଣ୍ଡି,୧୮।୧(ଅଶୋକ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶର ଗ୍ରାମ ଇନ୍ଦିରା ଆବାସ କଲୋନୀରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ପରିବାରର ଜଣେ ମହିଳାଙ୍କ ସମେତ ତାଙ୍କ ୨ ଝିଅଙ୍କ ଗଳା କାଟି ହତ୍ୟା ଉଦ୍ୟମ କରାଯାଇଛି। ସେମାନେ ହେଲେ କୁମାରୀ ସେଠୀ (୪୮) ଏବଂ ତାଙ୍କ ଦୁଇ ଅବିବାହିତ ଝିଅ ସବିତା (୩୨)ଓ ଖିଲି (୨୪)। ଶନିବାର ରାତି ୧୧ଟାରେ ଏପରି ଘଟଣା ଘଟିଛି। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଥିବା ସମସ୍ତଙ୍କୁ ୩ଜଣଙ୍କୁ ଡାକ୍ତରଖାନା ପଠାଇଥିଲା। ପୋଲିସ ବିଭିନ୍ନ ସ୍ଥାନ ତଲାସ କରି ଅଭିଯୁକ୍ତ ସାନତୁମୁଳା ଗ୍ରାମର ବାଳକୃଷ୍ଣ ପାତ୍ରଙ୍କୁ ଆଣି ପଚରାଉଚରା କରିଥିଲା। ପୂର୍ବଶତ୍ରୁତା ପ୍ରତିଶୋଧ ନେବାକୁ ଯାଇ ବାଳକୃଷ୍ଣ ଏପରି ଘଟାଇଥିବା ପୋଲିସ କହିଛି। ଇନ୍ଦିରା ଆବାସ କଲୋନୀରେ ସ୍ୱର୍ଗତ ପାଣ ସେଠୀଙ୍କ ସ୍ତ୍ରୀ କୁମାରୀ ତାଙ୍କ ଦୁଇ ଝିଅଙ୍କ ସହ ରହୁଛନ୍ତି। ଶନିବାର ରାତିରେ ଖାଇସାରିବା ପରେ ସମସ୍ତେ ଶୋଇଥିଲେ। ରାତି ୧୧ଟା ବେଳକୁ କେତେଜଣ ଆସି ତାଙ୍କ ଘରର କବାଟ ବାଡ଼ାଇଥିଲେ। କୁମାରୀ କବାଟ ଖୋଲିଦେବାରୁ ଜଣେ ଘର ଭିତରେ ପଶି ଅତର୍କିତ ଭାବେ ଏକ ଧାରୁଆ ଛୁରିରେ ତାଙ୍କ ଗଳାକୁ କାଟିଦେଇଥିଲେ। ଦୁଇ ଝିଅ ନିଦରୁ ଉଠି ମା'ଙ୍କୁ ଉଦ୍ଧାର କରିବା ବେଳେ ଦୁର୍ବୃତ୍ତଜଣକ ସେ ଦୁହିଁଙ୍କ ଗଳାକୁ ମଧ୍ୟ ଛୁରିରେ କାଟି ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ମା' ଓ ଦୁଇ ଝିଅଙ୍କ ଚିତ୍କାର ଶୁଣି ପଡୋଶୀମାନେ ଆସି ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ମା'ଝିଅ ୩ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତିନିଙ୍କ ଅବସ୍ଥା ଆହୁରି ବିଗିଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅତକଥିବା ବାଳକୃଷ୍ଣ ନିୟମିତ ବ୍ୟବଧାନରେ ରାତି ଅଧରେ କୁମାରୀଙ୍କ ଘରକୁ ଯାଇ କବାଟ ବାଡାଇ ତାଙ୍କୁ ହଇରାଣ କରୁଥିଲେ। କିଛିଦିନ ତଳେ କୁମାରୀଙ୍କ ସାନଝିଅ ଖିଲି ବାଳକୃଷ୍ଣଙ୍କ ଘରକୁ ଯାଇ ଏହାର ପ୍ରତିବାଦ କରିବା ସହ ତାଙ୍କୁ ଗାଁ ଲୋକଙ୍କ ଆଗରେ ଅପମାନ କରି ଗାଳି କରିଥିଲେ। ଏହାର ପ୍ରତିଶୋଧ ନେବାକୁ ବାଳକୃଷ୍ଣ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ରକ୍ତଭିଜା ଛୁରି ଜବତ କରିଛି। ମା' କୁମାରୀଙ୍କ ଏତଲାକ୍ରମେ ପୋଲିସ ନଂ.୨୬/୨୬ରେ ଏକ ମାମଲା ରୁଜୁ କରିଛି। ସୋମବାର ବାଳକୃଷ୍ଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର କହିଛନ୍ତି।

# ବ୍ୟବସାୟୀ ନିଖୋଜ: ୭ ବର୍ଷ ପରେ ପ୍ରେମିକାଙ୍କୁ ଜେରା

**ପ୍ରେମ ସମ୍ପର୍କରେ ଫାଟକୁ ନେଇ ହତ୍ୟା ସନ୍ଦେହ**

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

୭ବର୍ଷ ତଳେ ଚନ୍ଦକା ଥାନା ଅଞ୍ଚଳରୁ ନିଖୋଜ ବ୍ୟବସାୟୀ ବଳରାମ ସାହାଣୀଙ୍କର ଏଯାଏ ପତ୍ତା ମିଳିନି। ହେଲେ ଏହି ମାମଲାରେ ୫ଦିନ ତଳେ ବ୍ରହ୍ମପୁରରୁ ଗିରଫ ହୋଇଥିବା ତାଙ୍କ ପ୍ରେମିକା ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରିବା ପରେ ଘଟଣାର ରହସ୍ୟ ପର୍ଦ୍ଦାଫାଶ୍ ପାଇଁ ଉଦ୍ୟମ ଆରମ୍ଭ କରିଛି। କୋର୍ଟଙ୍କ ଅନୁମତି ପରେ ପୋଲିସ ପ୍ରେମିକା ରଶ୍ମିତାଙ୍କୁ ଝାରପଡ଼ା ଜେଲରୁ ଆଣି ଜେରା କରୁଛି। ସ୍ପେଶାଲ ସ୍କ୍ୱାଡ୍ ଏବଂ ଚନ୍ଦକା ଥାନା ଅଧିକାରୀ ପଚରାଉଚରା କରୁଛନ୍ତି। ପୋଲିସ ଅପହୃତ ବ୍ୟବସାୟୀ ବଳରାମଙ୍କ ପରିବାର ଲୋକ ଏବଂ ସାଙ୍ଗ ସାଥୀଙ୍କ ବୟାନ ନେବା ପରେ ରଶ୍ମିତାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଘଟଣା ପୂର୍ବରୁ ପ୍ରାୟ ପ୍ରତିଦିନ ରାତିରେ ଉଭୟ ଘଣ୍ଟାଘଣ୍ଟା ଫୋନ୍ କଲ୍‌ରେ କଥା ହେଉଥିବା ଜଣାପଡ଼ିଛି। ହେଲେ ଅପହରଣ ଦିନ ଅବେ କଥା ନ ହେବା ଘଟଣାକୁ ପୋଲିସ ଗୁରୁତ୍ୱ ସହ ନେଇ ଛାନଭିନ କରୁଛି।

୨୦୧୯ ମସିହାରେ ଭୁବନେଶ୍ୱର ଡେଲଟା ଛକରେ ରହୁଥିବା ଗଞ୍ଜାମର ରଶ୍ମିତା ଓ ଚନ୍ଦକାସ୍ଥିତ ଏସ୍‌ଓଜି କଲୋନୀରେ ରହୁଥିବା କେନ୍ଦ୍ରାପଡ଼ାର ବଳରାମ ସାହାଣୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ପରସ୍ପର ଘରକୁ ଯିବା ଆସିବା କରୁଥିଲେ। ବଳରାମ ବିବାହିତ ହୋଇଥିଲେ ମଧ୍ୟ ଅଧିକାଂଶ ସମୟରେ ସେ ଯୁବତୀଙ୍କ ପାଖରେ ରହୁଥିଲେ। ହେଲେ କିଛିଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ହଠାତ୍ ଦିନେ ବଳରାମଙ୍କୁ ଦେଖା କରିବା ପାଇଁ ରଶ୍ମିତା ଡାକିଥିଲେ। ହେଲେ ଏହା ପରଠୁ ବଳରାମଙ୍କର ଆଉ ପତ୍ତା ମିଳି ନ ଥିଲା। ଫୋନ୍ ଲାଗି ନ ଥିଲା କି ସେ କୌଣସି ସାଙ୍ଗସାଥୀଙ୍କ ସହ ଯୋଗାଯୋଗ କରି ନ ଥିଲେ। ବଳରାମଙ୍କ ପରିବାର ଲୋକେ ରଶ୍ମିତାଙ୍କୁ ଏନେଇ ପଚାରିଥିଲେ ମଧ୍ୟ ସେ ତାଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ହେଲେ ବଳରାମଙ୍କ ନିଖୋଜ ଖବର ଶୁଣି ସେ ସେପରି ବ୍ୟଥିତ ନ ହେବାରୁ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ରଶ୍ମିତା ପ୍ରେମ ବ୍ୟାପାରକୁ ନେଇ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ପରିବାର ଲୋକେ ଚନ୍ଦକା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ରଶ୍ମିତାଙ୍କ ଫୋନ୍ ଟ୍ରାକ୍ କରି ୫ଦିନ ତଳେ ଗଞ୍ଜାମରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଥିଲା। ବ୍ୟବସାୟୀ ବଳରାମ କୁଆଡେ ଗଲେ ତାହାର ରହସ୍ୟ ଖୋଲିବା ପାଇଁ ରଶ୍ମିତାଙ୍କୁ ପୋଲିସ ପଚରାଉଚରା କରୁଛି। ସହଯୋଗୀଙ୍କ ସହ ସେ ବଳରାମଙ୍କୁ ଅପହରଣ କରିନେଇ ଗଞ୍ଜାମରେ ହତ୍ୟା କରିବା ପରେ ମୃତଦେହକୁ ନଷ୍ଟ କରି ଦେଇଥିବା ପୋଲିସ ସନ୍ଦେହ କରୁଛି। ତେଣୁ ରଶ୍ମିତାଙ୍କ ବୟାନରେ ସନ୍ଦେହ ହେଲେ ତାଙ୍କର ମିଛ ଧରା ପରୀକ୍ଷା କରାଯିବ ବୋଲି ପୋଲିସ କହିଛି।

# ଜବରଦସ୍ତି ନେଇଯାଉଥିଲେ ବାଲିଘାଟ ଲାଇସେନ୍ସ

**ଜବତ ହେଲା ୨.୬୩ କୋଟି ଟଙ୍କା, ୧୦ ଗାଡ଼ି**

ଭୁବନେଶ୍ୱର,୧୮।୧(ସତ୍ୟଜିତ ରାଉତ)

ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର, ମଦ ଓ ବାଲି ମାଫିଆଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ାଉ କରିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗି ରହିଛି। ଗଞ୍ଜାମ ଜିଲାର ବିଭିନ୍ନ ନଦୀ ବାଲିଘାଟର ଲିଜ୍‌ଧାରୀଙ୍କୁ ଏହି ମାଫିଆମାନେ ଟାର୍ଗେଟ କରୁଥିଲେ। ବାହୁବଳ ଯୋଗୁ ଜବରଦସ୍ତି ଲିଜ୍‌ଧାରୀଙ୍କଠାରୁ ଲାଇସେନ୍ସ ନେଇଯାଉଥିଲେ ବୋଲି ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏହି ଚଢ଼ାଉ ବେଳେ ୨ କୋଟି ୬୩ ଲକ୍ଷ ଟଙ୍କା ସମେତ ୧୦ଟି ଚାରିଚକିଆ ଯାନ ଜବତ କରାଯାଇଥିବା ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଶୁକ୍ରବାର ଠାରୁ ଗଞ୍ଜାମର ୨୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଥିଲା। ଜବତ ଗାଡ଼ି ମଧ୍ୟରୁ ୨ଟି କାର୍ ମାଷ୍ଟରମାଇଣ୍ଡ୍ କୃପାସିନ୍ଧୁ ମୁଦୁଲିଙ୍କର। ଅନ୍ୟ ୮ଟି ଗାଡ଼ି ବେନାମୀ ବୋଲି ଇଡି ପକ୍ଷରୁ କୁହାଯାଇଛି। ଏପରି କି ଅଭିଯୁକ୍ତମାନେ କେବଳ ବେଆଇନ ଭାବେ ନଗଦ ଟଙ୍କା କାରବାର କରୁଥିଲେ, ଯଦ୍ୱାରା ରାଜ୍ୟ ସରକାର ପ୍ରବଳ ରାଜସ୍ୱ କ୍ଷତି ସହୁଥିଲେ। ବହୁବର୍ଷ ଧରି ଗଞ୍ଜାମ ଜିଲାର ଏହି ବାଲି ବ୍ୟବସାୟୀମାନେ ବେଆଇନ ବାଲିଘାଟ ଚଳାଇ ଅପରାଧ କାର୍ଯ୍ୟ ସହ ଟଙ୍କା କାରବାର ଚଳାଇଥିଲେ। ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟରେ ଜଣାପଡ଼ିବା ପରେ ଇଡି ପ୍ରାଥମିକ ତଦନ୍ତ କରି ଚଢ଼ାଉ କରିଥିଲା। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।



ଜବତ କାର୍।

# ବିଧବା ମହିଳାଙ୍କୁ ବଳାତ୍କାର

ଗୋପାଳପୁର,୧୮।୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବଳାତ୍କାର କରାଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଖବର ଅନୁସାରେ, ମହିଳା ଜଣକ ଘରେ ଏକୁଟିଆ ରହୁଥିଲେ। ସେହି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବି.ଆପା ରାଓ ଗତ ୨ ମାସ ହେଲା ତାଙ୍କୁ ପିଛା କରି ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କୁ ବାଧ୍ୟ କରୁଥିଲେ। ୮ ତାରିଖ ସକାଳେ ମହିଳା ଜଣକ ଗ୍ରାମ ନିକଟସ୍ଥ କିଆ ବାଡ଼ ଯାଇଥିଲେ। କିଆ ଫୁଲ ତୋଲୁଥିବା ସମୟରେ ଆପା ରାଓ ସେଠାରେ ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ଭୟରେ ମହିଳା ଜଣକ କାହାରିକୁ କହି ନ ଥିଲେ। ପୁଣି ଗତ ୧୬ ତାରିଖ ରାତି ପ୍ରାୟ ୯ ଟା ବେଳେ ମହିଳାଙ୍କ ଘର ପଛପଟୁ ଆପା ରାଓ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ବେଳେ ମହିଳା ଜଣକ ବିରୋଧ କରିଥିଲେ। ଆପା ରାଓ ଗାଳି କରି ଧମକ ଦେଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ମହିଳା ଜଣକ ଅଭିଯୋଗ କରିଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ହିର୍ଲି ଗ୍ରାମରୁ କଟାପାଦ, ନଦୀ ପାର୍ଶ୍ୱରୁ ମଣିଷ ଖପୁରି, ହାଡ଼ ଜବତ

**ସନ୍ଦେହଘେରରେ ନାବାଳକ ଅପହରଣ ଘଟଣା**

ପାଟଣାଗଡ଼,୧୮।୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଲଠମ୍ବା ଥାନା ଅଧୀନ ହିର୍ଲି ଗ୍ରାମରୁ ରବିବାର ସକାଳେ ଜଣେ ନାବାଳକଙ୍କ କଟାପାଦ ଏବଂ ନିକଟସ୍ଥ ସୁକ୍‌ତେଲ ନଦୀ ହିର୍ଲି ବ୍ରିଜ୍ ତଳୁ ଏକ ଖପୁରି ଓ କିଛି ହାଡ଼ ପୋଲିସ ଜବତ କରିଛି। ଉକ୍ତ ଖପୁରି ଓ ହାଡ଼ ପଡ଼ିଥିବା ସ୍ଥାନଠାରୁ କିଛି ଦୂରରେ ନୀଳରଙ୍ଗର ଏକ ଫୁଲ୍‌ପ୍ୟାଣ୍ଟ ପଡ଼ିଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୨ ତାରିଖରେ ସୁକ୍‌ତେଲ ବ୍ରିଜ୍ ଉପରୁ ଲଠମ୍ବା ଥାନା ଅଧୀନ କାଦୋପାଣି ଗ୍ରାମର ଘନଶ୍ୟାମ ବରିହା(୧୨)ଙ୍କୁ ଅପହରଣ କରାଯାଇଥିଲା। ଏନେଇ ତାଙ୍କ ବାପା ସମାରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏପର୍ଯ୍ୟନ୍ତ ଘନଶ୍ୟାମଙ୍କ ପତ୍ତା ମିଳିପାରିନାହିଁ। ଗୋଟିଏ ପଟେ ଘନଶ୍ୟାମଙ୍କ ପତ୍ତା ନ ମିଳିବା ଏବଂ ଅନ୍ୟପଟେ ହିର୍ଲି ଗ୍ରାମରୁ କଟାପାଦ ଓ ନଦୀକୂଳରୁ ଖପୁରି, ହାଡ଼ ମିଳିବା ଘଟଣା ପ୍ରସଙ୍ଗକୁ ରହସ୍ୟାବୃତ କରିଛି।

ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ସାଢେ ୬ଟାରେ ହିର୍ଲି ଗ୍ରାମରେ ଏକ କଟାପାଦକୁ ୩ଟି କୁକୁର ଟଣାଓଟରା କରି ଖାଉଥିବା ସ୍ଥାନୀୟ ଜଣେ ମହିଳା ଦେଖିଥିଲେ। ଏ ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। କିଛି ସମୟରେ ସୁକ୍‌ତେଲ ନଦୀ ହିର୍ଲି ବ୍ରିଜ୍ ତଳୁ ଏକ ଖପୁରି ଓ କିଛି ହାଡ଼ ମଧ୍ୟ ପୋଲିସ ଜବତ କରିଛି। ଉକ୍ତ କଟାପାଦକୁ ନେଇ ଘନଶ୍ୟାମଙ୍କ ମା'ବାପା ଦ୍ୱନ୍ଦ୍ୱରେ ପଡିଥିବାବେଳେ ପ୍ୟାଣ୍ଟ ଆମ ପୁଅର ନୁହେଁ ବୋଲି କହିଥିଲେ। ସେହିପରି ଖପୁରି ଓ ହାଡ଼ ବିଷୟରେ ସେମାନେ କିଛି କହିପାରି ନ ଥିଲେ। ତେବେ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏ ସମ୍ପର୍କରେ ପୋଲିସ ପ୍ରତିକ୍ରିୟା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛି। ଅପରପକ୍ଷେ ଘନଶ୍ୟାମ ଅପହରଣ ଘଟଣାକୁ ୧୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଉଦ୍ଧାର କରିପାରି ନାହିଁ କି ଅପହରଣକାରୀଙ୍କୁ ଗିରଫ କରିପାରିନାହିଁ। ତେବେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଘନଶ୍ୟାମଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ରାଜ୍ୟ ସରକାର ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି।

**OFFICE OF THE REGULATED MARKET COMMITTEE, CHANDBALI**

Tender Call Notice No. 28 — Date: 15.01.2026

**INVITATION OF BIDS THROUGH E-PROCUREMENT**

The A.D.M. Bhadrak-cum-Chairman, RMC, Chandbali invite percentage rate bids double cover system (Technical Bid & Price Bid) in online mode for three number of work-construction of various infrastructures different market yard at Simulia, Motto, Aradi Sub Market Yard under R.M.C., Chandbali from the eligible 'B' & 'D' & 'C' Class contractors registered with Govt. of Odisha or equivalent class of Govt. of India/C.P.W.D./Central Undertaking/Railway/M.E.S. The detail bid documents will be available in E-Procurement portal **https://tendersodisha.gov.in** from Dt.19.01.2026 to Dt.03.02.2026 upto 5.00 P.M. The authority reserves the right to reject tenders without assigning any reason thereof.

Sd./- A.D.M. Bhadrak-cum-Chairman, RMC, Chandbali

# ଭୟଭୀତ କରି ଗୁଳି ଫୁଟାଇଲେ ଦୁର୍ବୃତ୍ତ: ୮ ଅଟକ



ଜବତ ଗାଡ଼ି।

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟ କୁସିନ୍ଦା ଗ୍ରାମରେ ରବିବାର ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଫାଙ୍କା ଗୁଳି ଫୁଟାଇବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗାଡ଼ି, ମୋବାଇଲ, ବନ୍ଧୁକ ଓ ଗୁଳି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

ରବିବାର ଅପରାହ୍ନ ପ୍ରାୟ ୨ଟାରେ ତ୍ରିଶୂଳିଆ ଛକ ପାଖ କୁସିନ୍ଦା ଗ୍ରାମ ନିକଟରେ ଜଣେ ବିଲଡରଙ୍କ ପ୍ରୋଜେକ୍ଟ କାମ ଚାଲୁଥିଲା। ଏହି ସମୟରେ ଏକ କଳାରଙ୍ଗର ଥାର୍ ଗାଡ଼ିରେ କେତେଜଣ ଅଭିଯୁକ୍ତ ସେଠାରେ ପହଞ୍ଚି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ବନ୍ଧୁକ ଦେଖାଇ କାମ କରୁଥିବା ଲୋକମାନଙ୍କୁ ଭୟଭୀତ କରାଇ କାମ ବନ୍ଦ କରିବାକୁ କହିଥିଲେ। ଖବରପାଇ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ହାତରୁ ଖସିଯିବା ପାଇଁ ସେମାନେ ଫାଙ୍କା ଗୁଳି ଫୁଟାଇଥିଲେ। ମାତ୍ର କୌଶଳକ୍ରମେ ପୋଲିସ ୮ଜଣ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଛି।

No. T-129

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା19.01.2026ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-

**GOVERNMENT OF ODISHA**
**DEPARTMENT OF WOMEN AND CHILD DEVELOPMENT**
**MAHILA VIKAS SAMABAYA NIGAM**
Plot No. 483 (pt.), W&CD Complex, Ganganagar, Unit-VI, Bhubaneswar - 751001, Phone No.: 0674-2393822
Email Id: mvsn_bbsr@yahoo.com

**TENDER NOTICE**

Tender No. 63 — Dated: 17.01.26

No. CAD-3054: Sealed tenders in double cover are invited from the interested GST-registered agencies/suppliers through two bid system (Technical and Financial) for supply of **"Water Bottle"** as per the details given below:

| Sl. No. | Name of the Item | Quantity Required |
|---|---|---|
| 1 | Water Bottle | 51796 |

The tender complete in all respects, must reach the Office of the Managing Director, Mahila Vikas Samabaya Nigam (MVSN), W&CD Complex, Plot No. 483 (pt.), Ganganagar, Unit - VI, Bhubaneswar - 751001 on or before 09.02.2026 through Speed Post/Courier only.
The tender document containing general bid information and other terms & conditions can be downloaded from the website from **https://wcd.odisha.gov.in/** from 19.01.2026 to 09.02.2026.
Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

Sd./- Managing Director
Mahila Vikas Samabaya Nigam (MVSN)
OIPR-

**GOVERNMENT OF ODISHA**
**DEPARTMENT OF WOMEN AND CHILD DEVELOPMENT**
**MAHILA VIKAS SAMABAYA NIGAM**
Plot No. 483 (pt.), W&CD Complex, Ganganagar, Unit-VI, Bhubaneswar - 751001, Phone No.: 0674-2393822
Email Id: mvsn_bbsr@yahoo.com

**TENDER NOTICE**

Tender No. 64 — Dated: 17.01.26

No. CAD-3053: Sealed tenders in double cover are invited from the interested GST-registered agencies/suppliers through two bid system (Technical and Financial) for **"Measurement Bowl & Slotted Spoon"** as per the details given below:

| Sl. No. | Name of the Item | Quantity Required |
|---|---|---|
| 1 | "Measurement Bowl & Slotted Spoon" | 51796 Nos. each |

The tender complete in all respects, must reach the Office of the Managing Director, Mahila Vikas Samabaya Nigam (MVSN), W&CD Complex, Plot No. 483 (pt.), Ganganagar, Unit - VI, Bhubaneswar - 751001 on or before 09.02.2026 through Speed Post/Courier only.
The tender document containing general bid information and other terms & conditions can be downloaded from the website from **https://wcd.odisha.gov.in/** from 19.01.2026 to 09.02.2026.
Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

Sd./- Managing Director
Mahila Vikas Samabaya Nigam (MVSN)
OIPR-

**GOVERNMENT OF ORISSA** — No. O-2052
**OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA (MAYURBHANJ)**
Letter No. 125 — E.Mail ID: eerwkaranjia@yahoo.com — Date: 13.01.2026

**"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2025-26**
**Bid Identification No. - RWDKNJ-15/2025-26**

1. Name of the Work : Road Works (As per Annexure)
2. Estimated Cost : Rs.38.14 to Rs.5.08 Lakhs Approximately (As per Annexure)
3. Class of Contractor : B & C, 'D' & 'C' Class (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and Time of Opening of Tender in O/o. S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ - 15/25-26 | Dt.21.01.2026 at 11.00 A.M. | Dt.28.01.2026 upto 11.00 A.M. | Dt.27.01.2026 upto 1.00 P.M. | Dt.29.01.2026 at 05.00 P.M. |

Further details can be seen from the website **www.tendersodisha.gov.in** .
OIPR- Sd./- Executive Engineer, R.W. Division, Karanjia

**GOVERNMENT OF ODISHA** — No. O-2074
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
Ph. No.: 0674-2301787, Fax No.: 0674-2300965, E-Mail ID: eerw_bbsr@yahoo.co.in
No. Tender Online BBSR Divn. 34 — Date: 12.01.2026

**e-Procurement NOTICE**

1. Name of the Work : Repair/Maintenance Roads & Construction of Building
2. Total No. of Projects : 25 Nos. of Projects
3. Class of Contractor :
   a) Above Rs.20 lakh and upto 3 Crore : **B Class** (of Odisha PWD) or equivalent class of other licensing authorities
   b) Upto Rs.40.00 lakh : **C Class** (of Odisha PWD) or equivalent class of other licensing authorities
   c) Upto Rs.20.00 lakh : **D Class** (of Odisha PWD) or equivalent class of other licensing authorities
4. Estimated Cost of individual project : Rs.5 lakh to 42 lakhs
5. Time for Completion : As per Annexure of TCN Col No. 5
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn. - 34 | 21.01.2026 at 11.00 A.M. | 30.01.2026 upto 5.00 P.M. | 31.01.2026 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR- Sd./- Superintending Engineer, Rural Works Divn., BBSR

बैंक ऑफ़ बड़ौदा Bank of Baroda

**ବ୍ୟାଙ୍କ ଅଫ୍ ବରୋଦା**
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା

**ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ (୧) ଅନୁସାରେ)**

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲ କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଉତ୍ତରଦାୟୀ ରହିବେ। ଏତତ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଛତରପୁର ଶାଖା /ଋଣଗ୍ରହୀତା : ଶ୍ରୀମତୀ ସର୍ମିଷ୍ଠା ଆଚାର୍ଯ୍ୟ (ଓରଫ ଶ୍ରୀମତୀ ସର୍ମିଷ୍ଠା ମିଶ୍ର),** ସ୍ୱା: ଶ୍ରୀ ସୁରଞ୍ଜନ ମିଶ୍ର, ଗ୍ରା/ପୋ: ବଡଦାଣ୍ଡ ସାହି, ପୋ: ଖଲିକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୩୦ | ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ର ମାଲିକାନା ଶ୍ରୀମତୀ ସର୍ମିଷ୍ଠା ଆଚାର୍ଯ୍ୟ (ଓରଫ ଶ୍ରୀମତୀ ସର୍ମିଷ୍ଠା ମିଶ୍ର), ସ୍ୱାମୀ: ଶ୍ରୀ ସୁରଞ୍ଜନ ମିଶ୍ର, ଜିଲ୍ଲା: ଗଞ୍ଜାମ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ମୌଜା: ଫୁଲଝରା, ଖାତା ନଂ. ୭୪/୧୫୩, ପ୍ଲଟ: ୩୭୪/୯୫୬, କ୍ଷେତ୍ର: ଏକର ୦.୦୨୪ ଡ଼ିସିମିଲି, ଚୌହଦି: ପୂର୍ବରେ ରାସ୍ତା, ପଶ୍ଚିମରେ: ବିକ୍ରେତାଙ୍କ ଜମି, ଉତ୍ତରରେ : ବିକ୍ରେତାଙ୍କ ଜମି, ଦକ୍ଷିଣରେ: ସସ୍ମିତା ରାଣୀ ମିଶ୍ରଙ୍କ ଜମି। | ୧୦-୧୨-୨୦୨୪ / ୧୬.୦୧.୨୦୨୬ | ୨୧.୦୯.୨୦୨୫ ସୁଦ୍ଧା ଟ. ୨୮୨୫୭୬୮.୧୭/- (ଅଠାଇଶ ଲକ୍ଷ ପଚିଶ ହଜାର ସାତ ଶହ ଅଠଷଠି ଏବଂ ସତର ପଇସା ମାତ୍ର) + ତତ୍‌ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ |
| **ଗଙ୍ଗ ନଗର ଶାଖା/ ଋଣଗ୍ରହୀତା : ମେସର୍ସ ବ୍ଲୁ ମୁନ୍ ଇଣ୍ଟରନ୍ୟାସନାଲ (ପ୍ରୋପାଇଟର- ଶ୍ରୀମତୀ ସନ୍ଧ୍ୟା ରାଣୀ ଜେନା),** ଗ୍ରାମ: ଜେମାଦେବୀ ଉଚ୍ଚ ବିଦ୍ୟାଳୟ ନିକଟ, ତଳ ମହଲ୍ଲା, ପ୍ଲଟ୍ ନଂ.-୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର-୭୫୧୦୦୨, **ଗ୍ୟାରେଣ୍ଟର୍-ଶ୍ରୀମତୀ ତୁଳସୀ ରାଉତ (ଓରଫ ତୁଳସା ରାଉତ),** ସ୍ୱାମୀ: ବୃନ୍ଦାବନ ରାଉତ, ଗ୍ରା: ଏଗ୍ରିକଲଚର୍ ବ୍ୟାରେକ୍ ବ୍ଲକ, କ୍ୱାଟର ୧୨, ୟୁନିଟ୍-୩, ଖାରବେଳ ନଗର ଭୁବନେଶ୍ୱର-୭୫୧୦୦୧ | ଋଣ ଏବଂ ବନ୍ଧକ ସମ୍ପତ୍ତିର ବିବରଣୀ: ମୌଜା- ସରଦେଇପୁର, ତହସିଲ-ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.-୨୫୧/୬୩୩ ତତ୍‌ସମ୍ବନ୍ଧୀୟ ସାବିକ ଖାତା ନଂ.-୨୫୧/୨୭, ହାଲ୍ ପ୍ଲଟ୍ ନଂ-୫୫୧/୧୦୯୩ ତତ୍‌ସମ୍ବନ୍ଧୀୟ ସାବିକ ଖାତା ନଂ.-୫୫୧, ଏରିଆ ୦.୦୪୮ ଡିସିମିଲ, କିସମ - ଘରବାରି, ସତ୍‌-ସ୍ଥିତିବାନ ସମ୍ପତ୍ତିର ମାଲିକାନା ତୁଳସୀ ରାଉତ (ଓରଫ ତୁଳସା ରାଉତ), ଚୌହଦି ପ୍ଲଟ ନଂ. ୫୫୧, ଭୁବନେଶ୍ୱର ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ସମ୍ମୁଖରେ ଦାୟର ଆପୋଷ ଆବେଦନ ଅନୁଯାୟୀ: ଉତ୍ତର-ପରମାନନ୍ଦ ସାହୁ, ଦକ୍ଷିଣ-ରାସ୍ତା/ସାଧାରଣ ସାମୂହିକପଥ ପୂର୍ବ-କୁଳମଣି ମହାପାତ୍ର, ପଶ୍ଚିମ: ମାଗୁନି ପଣ୍ଡା | ୦୯-୦୫-୨୦୨୫ / ୧୭.୦୧.୨୦୨୬ | ୩୦.୦୪.୨୦୨୫ ସୁଦ୍ଧା ଟ. ୨୪୦୮୪୭୨/- (ଚବିଶ ଲକ୍ଷ ଆଠ ହଜାର ଚାରିଶହ ବାସ୍ତରୀ ମାତ୍ର) + ତତ୍‌ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ |

ତାରିଖ: ୧୯.୦୧.୨୦୨୬
ସ୍ଥାନ:: ଭୁବନେଶ୍ୱର

ସ୍ୱା-କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

**ଭେରାଇଟ୍ ଷ୍ଟୋରରୁ ଚୋରି**

ଧର୍ମଶାଳା,(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର-କାଏମା ରାସ୍ତାର ନାଉପାଳ ପେଟ୍ରୋଲ ପମ୍ପ ନିକଟରେ ଥିବା ପଣ୍ଡା ଭେରାଇଟ୍ ଷ୍ଟୋରରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଷ୍ଟୋର ସଟର୍ ଭାଙ୍ଗି ବହୁ ସାମଗ୍ରୀ ଲୁଟ୍ କରିଛନ୍ତି। ଏନେଇ ଷ୍ଟୋର ମାଲିକ ରବୀନ୍ଦ୍ର ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଷ୍ଟୋରରେ ସିସିଟିଭି ଲାଗିଥିବାବେଳେ ଦୁର୍ବୃତ୍ତ ସିସିଟିଭି ହାର୍ଡଡିସ୍କ, ମନିଟର, ନଗଦ ଟଙ୍କା, ପାନମସଲା, ତେଲ, ଅମୁଲ ଆଦି ନେଇ ପଳାଇଛନ୍ତି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଷ୍ଟୋର ମାଲିକ କହିଛନ୍ତି।

## ସଂକ୍ଷେପରେ

### ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଅମ୍ରିତ ଭାରତ ଏକ୍ସପ୍ରେସ ରହଣି ଶୁଭାରମ୍ଭ

ଯାଜପୁରରୋଡ୍,୧୮।୧(ପବିତ୍ର ରଞ୍ଜନ ମହାନ୍ତି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଆଭାସୀ ମାଧ୍ୟମରେ ସାନ୍ତ୍ରାଗଛି-ତମ୍ବାରମ ନୂଆ ଅତ୍ୟାଧୁନିକ ଅମ୍ରିତ ଭାରତ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ ଯାଜପୁର-କେନ୍ଦୁଝରରୋଡ୍ ରେଳ ଷ୍ଟେଶନରେ ରହଣିର ଶୁଭାରମ୍ଭ କରାଯାଇଛି। ଏଠାରେ ଟ୍ରେନ୍ ରବିବାର ସନ୍ଧ୍ୟା ୭ଟା୧୬ ମିନିଟରେ ପହଞ୍ଚିବାପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଠାରେ ଟ୍ରେନ୍ ମାତ୍ର ୨ମିନିଟ ରହି ୭ଟା୧୮ରେ ଛାଡ଼ିଥିଲା। ପଶ୍ଚିମବଙ୍ଗ ସାନ୍ତରାଗାଛିରୁ ବିଜୟାୱାଡା ଦେଇ ତାମିଲନାଡୁର ତମ୍ବରମ ପର୍ଯ୍ୟନ୍ତ ଏହି ଟ୍ରେନ ଯାତ୍ରାକରିବ। ଯାଜପୁରରୋଡ୍ ଷ୍ଟେଶନରେ ମାତ୍ର ୨ ମିନିଟ ପାଇଁ ରହଣି କରି ୭ଟା୧୮ରେ ଛାଡିବାର ସମୟ ରହିଛି। ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ କୋରେଇ ବିଧାୟକ ଆକାଶ ଦାସନାୟକ, ଭାଜପା ନେତା ପ୍ରସନ୍ନ କୁମାର ସାମଲ ଉକ୍ତ ଟ୍ରେନକୁ ସବୁଜ ପତାକା ଦେଖାଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ରେଳବାଇ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଏବଂ ଭାଜପା ନେତା ଚନ୍ଦ୍ରଶେଖର ପଣ୍ଡା, ପ୍ରୀତିରଞ୍ଜନ ସାହୁଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା, ଅଞ୍ଚଳବାସୀ, ରେଳବାଇ ଷ୍ଟେସନ ପରାମର୍ଶଦାତା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭାରତରେ ବନ୍ଦେ ଭାରତ ଏକ୍ସପ୍ରେସ ପରେ ପ୍ରଥମ ଥର ପାଇଁ ୮ଟି ଅତ୍ୟାଧୁନିକ ଅମ୍ରିତ ଭାରତ ଏକ୍ସପ୍ରେସ ଚାଲିବ। ସେଥି ମଧ୍ୟରୁ ୬ଟି ଅମ୍ରିତ ଭାରତ ଏକ୍ସପ୍ରେସ ଯାଜପୁର-କେନ୍ଦୁଝର ରୋଡ୍ ଦେଇ ଗତି କରିବବୋଲି ରେଳବାଇ ପକ୍ଷରୁ ସୂଚିତ କରାଯାଇଛି। ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାରେ ଦୁଇଟି ଟ୍ରେନ ଏହି ଷ୍ଟେସନରେ ରହଣି କରିବ ବୋଲି ସୂଚନା ମିଳିଛି।

### ଯାଜପୁରରେ ବାଇକ୍, ଚାଲାଣ କଟିଲା ଗଞ୍ଜାମରେ

ଯାଜପୁର ଟାଉନ,୧୮।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁରରେ ବାଇକ ଥିବାବେଳେ ଚାଲାଣ କଟିଛି ଗଞ୍ଜାମରେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଟାଉନ ଥାନା ଚଇନପୁର ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମର ପ୍ରକାଶ ଚନ୍ଦ୍ର ପତିଙ୍କ କ୍ଷେତ୍ରରେ। ଗତ ୧୭ ତାରିଖ ଶନିବାର ସେ ଘରେ ଥିବାବେଳେ ପୂର୍ବାହ୍ନ ୧୦ଟା୧୫ରେ ବିନା ହେଲେମେଟରେ ଗାଡ଼ି ଚଳାଇଥିବାରୁ ଏକ ହଜାର ଟଙ୍କା ଚାଲାଣ କଟିଥିବା ମ୍ୟାସେଜ ଆସିଥିଲା। ଗଞ୍ଜାମ ଜିଲାର ଆରଟିଓ କାର୍ଯ୍ୟାଳୟରୁ ଏହ ମ୍ୟାସେଜ ତାଙ୍କ ମୋବାଇଲକୁ ଆସିଥିଲା। ଏହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଓଡି୩୪ଡବ୍ଲ୍ୟୁ୩୧୩୧ ପ୍ରକାଶଙ୍କ ହୋଣ୍ଡା ୟୁନିକର୍ଣ୍ଣ ନମ୍ବର ଗାଡ଼ିଥିବାବେଳେ ଅବିକଳ ନମ୍ବରକୁ କେହି ଦୁର୍ବୃତ୍ତ ଗଞ୍ଜାମ ଜିଲାରେ ବ୍ୟବହାର କରୁଥିବା ଯୋଗୁ ଏପରି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି। ଏନେଇ ପ୍ରକାଶ ରବିବାର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ଗଞ୍ଜାମ ଜିଲା ପରିବହନ ବିଭାଗ ସହ ଯୋଗାଯୋଗ କରିବ ବୋଲି ସୂଚନା ମିଳିଛି।

# ବାଜବାଟି ଖାଦାନର ୨ ଲିଜ୍‌ଧାରୀଙ୍କୁ ସିଆ ନୋଟିସ

## ଇସି ଖାରଜ ବଦଳରେ ଜବାବ ତଲବ ପ୍ରହସନ

ଯାଜପୁର,୧୮।୧(ହର୍ଷବର୍ଦ୍ଧନ ବେହେରା)



ବାଜବାଟି ପାହାଡ଼ କଳାପଥର ଖାଦାନ।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବାଜବାଟି ପାହାଡର ମୂଲ୍ୟବାନ କଳାପଥର ଖାଦାନଗୁଡିକରୁ ଅନୁମୋଦିତ ପରିମାଣଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ ପରେ ଲଘୁ ଖଣି ବିଭାଗ ପକ୍ଷରୁ ହୋଇଥିବା ମାପଚୁପରେ ବାଜବାଟି ୨ ନମ୍ବର ଖାଦାନରୁ ୬୮୮୪.୧୦୯ କ୍ୟୁବିକ୍ ମିଟର ଓ ୬ ନମ୍ବର ଖାଦାନରୁ ୬୩୧୫.୭୨୮ କ୍ୟୁବିକ୍ ମିଟର ଅଧିକ ଉତ୍ତୋଳନ ହୋଇଥିବା ଜଣାପଡ଼ିଛି। ଏହି ରିପୋର୍ଟକୁ ଆଧାର କରି ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ତଥା ଷ୍ଟେଟ୍ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ) ପକ୍ଷରୁ ସଦସ୍ୟ ସଚିବ ୧୫।୧।୨୦୨୬ରେ ବାଜବାଟି ୨ ନମ୍ବର ଖାଦାନର ଲିଜ୍‌ଧାରୀ ଶରତ ଚନ୍ଦ୍ର ବେହେରା ଓ ୬ ନମ୍ବର ଖାଦାନ ଲିଜ୍‌ଧାରୀ ସମରେନ୍ଦ୍ର ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ନୋଟିସ ଜାରି ହେବାର ୧୫ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ଉପରୋକ୍ତ ଲିଜ୍‌ଧାରୀମାନଙ୍କ ବିରୋଧରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଆ ସଦସ୍ୟ ସଚିବ ଚେତାବନୀ ଦେଇଛନ୍ତି। ତେବେ ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ତୋଳନ ହୋଇଥିବା ବିଭାଗୀୟ ମାପଚୁପରେ ପ୍ରମାଣିତ ହେବା ପରେ ସିଆ ପକ୍ଷରୁ ଲିଜ୍‌ଧାରୀଙ୍କ ପରିବେଶଗତ ଅନୁମତି(ଇସି) ଖାରଜ ନ କରି କେବଳ କାରଣ ଦର୍ଶାଅ ନୋଟିସ ଜାରି ହେବା ପ୍ରହସନ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ବାଜବାଟି କଳାପଥର ଖାଦାନ ଦ୍ୱୟରେ ଲିଜ୍ ପରିମାଣଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବାରୁ ତାହା ଏବେ ଏକ ପୋଖରୀ ଭଳି ଦେଖାଯାଉଛି। ଅନ୍ୟପକ୍ଷରେ ଅଣ ଖଣି ଲିଜ୍ ଅଞ୍ଚଳରୁ ବି କଳାପଥର ଲୁଟ ହୋଇଛି। ଏହି ମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ ଉର୍ବଶୀ ଜେନା ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଏହାପରେ ଏନ୍‌ଜିଟିରେ ୧୮୩/୨୦୨୫/ଇଜେଡ୍ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏହାପରେ ଗତ ଅକ୍ଟୋବରରେ ଜିଲାପାଳଙ୍କ ନେତୃତ୍ୱରେ ଏକ ମିଳିତ କମିଟି ଗଠନ କରି ଅଭିଯୋଗ ଉପରେ ତଦନ୍ତ କରି ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଏହି କମିଟିର ତଦନ୍ତ ପରେ ଖଣି ବିଭାଗ ପକ୍ଷରୁ ହୋଇଥିବା ମାପଚୁପ ରିପୋର୍ଟ ୧୨।୧।୨୦୨୬ରେ ସିଆ ନିକଟରେ ଦାଖଲ କରାଯାଇଥିଲା। ଅନ୍ୟପକ୍ଷେ ୨୫।୯।୨୦୨୫ରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁସାରେ ଲିଜ୍‌ଧାରୀଙ୍କ ପକ୍ଷରୁ ପରିବେଶଗତ ସର୍ତ୍ତାବଳୀର କୌଣସି ଅନୁପାଳନ ଇ-ମେଲ କିମ୍ବା ପୋଷ୍ଟ ମାଧ୍ୟମରେ ଦାଖଲ କରାଯାଇନାହିଁ।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ ବିଭିନ୍ନ ନିୟମକୁ ଉଲ୍ଲଂଘନ କରାଯାଇ ବାଜବାଟି ପାହାଡର ୫ ଏକର ଅଞ୍ଚଳରୁ କଳାପଥର ଉତ୍ତୋଳନ କରାଯାଉଛି। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଓ ସିଆକୁ କନ୍‌ସେଣ୍ଟ ଟୁ ଅପରେଟ(ସିଟିଓ) ଏବଂ ଇସି କାଢ଼ି ନେବାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି ହୋଇଛି। ଏହାବାଦ ଉପରୋକ୍ତ କଳାପଥର ଖାଦାନ ଲୁଟ୍‌ରେ ସହଯୋଗୀ ହୋଇଥିବା ସିଆ ଓ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଜିଲା ଲଘୁ ଖଣି ନିର୍ଦ୍ଦେଶକଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ବାଜବାଟିରେ ଧାର୍ଯ୍ୟଠାରୁ ବହୁ ଗୁଣ ଅଧିକ ପରିମାଣର କଳାପଥର ଲୁଟ୍ ହୋଇଛି। ଏଥିପାଇଁ ବେଆଇନ ଭାବେ ମାପଚୁପ କରାଯାଇ ଲିଜ୍‌ଧାରୀଙ୍କୁ ସୁରକ୍ଷା ଦିଆଯାଇଛି। ତେଣୁ ସରକାରୀସ୍ତରରେ ଉପଯୁକ୍ତ ଭାବେ ପୁନଃ ମାପଚୁପ କରାଯାଇ ଆବଶ୍ୟକ ଜରିମାନା ଧାର୍ଯ୍ୟ କରାଯିବା ଏବଂ ଲୁଟେରାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ଅଭିଯୋଗକାରୀ ଏନ୍‌ଜିଟିରେ ଦାବି କରିଛନ୍ତି। ଅନୁରୂପ ଭାବେ ୨ ନମ୍ବର ଖାଦାନ ପାଇଁ ମିଥ୍ୟା ସୂଚନା ଓ କାଗଜପତ୍ର ଦାଖଲ କରି ପରିବେଶ ମଞ୍ଜୁରୀ ହାସଲ କରାଯାଇଥିବା ଅଭିଯୋଗ ହୋଇଛି। ଏନ୍‌ଜିଟିରେ ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଜିଲାସ୍ତରୀୟ ପାରା ଆଥ୍‌ଲେଟିକ୍ସ ମିଟ୍

ବ୍ରହ୍ମବରଦା,୧୮।୧ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜିଲାସ୍ତରୀୟ ପାରା ଆଥଲେଟିକ୍ସ ମିଟ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଜିଲା ପାରାସ୍ପୋର୍ଟ୍ସର ସଭାପତି ମଣ୍ଟୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ଅନ୍ତର୍ଜାତୀୟ ପାରା କ୍ରୀଡ଼ାବିତ ପ୍ରଫୁଲ୍ଲ ଖଣ୍ଡାୟତରାୟ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ରସୁଲପୁର ମଣ୍ଡଳ ସହ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ବ୍ରହ୍ମବରଦା ଥାନା ଅଧିକାରୀ ଜୟନ୍ତୀ ମଲ୍ଲିକ, ଏସ୍‌ଆଇ ସୁଶାନ୍ତ ସେଠୀ, ଯୁବନେତା ପ୍ରଦୀପ ଦାସ ଓ ପ୍ରଫୁଲ୍ଲ ଗିରି ପ୍ରମୁଖ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଜିଲାର ୨ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପ୍ରତିଯୋଗୀ ଏହି କ୍ରୀଡ଼ାରେ ଭାଗନେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ ସାହାଣୀ, ନିରଞ୍ଜନ ଶତପଥୀ, ସୋମେଶ କୁମାର ସାମଲ, ବଳରାମ ସାହୁ, ସେକ ତାଜଉଦ୍ଦିନ, ଦିବ୍ୟାଙ୍ଗ କ୍ରୀଡ଼ା ସଂଯୋଜକ ରତିକାନ୍ତ ରାଉତ, ବିଶ୍ୱନାଥ ନାୟକ, ଅକ୍ଷୟ କୁମାର ନାୟକ, ବିରେଶ କୁମାର ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଜିଲାସ୍ତରରେ ଉର୍ତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ଆସନ୍ତା ୨୪ରୁ୨୬ଯାଏ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ାରେ ସାମିଲ ହେବେ ବୋଲି ସଭାପତି ଦାସ ପ୍ରକାଶ କରିଥିଲେ।



ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପ୍ରକଟପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଦଶରଥପୁର,୧୮।୧ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ପ୍ରକଟପୁରଠାରେ ଥିବା ଦୟାନିଧି ପରମ ହଂସ ମଠ ପ୍ରାଙ୍ଗଣରେ ହିନ୍ଦୁ ସମାଜ ପକ୍ଷରୁ ରବିବାର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ସୁଜିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସକାଳେ କଳସ ଯାତ୍ରା ସହ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ ସାଧୁସନ୍ଥଙ୍କୁ ନେଇ ଏକ ସଭା ହୋଇଥିଲା। ପଣ୍ଡିତ ଚିନ୍ମୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଣୀ ଭୂଷଣ ବ୍ରହ୍ମଚାରୀ ହିମାଂଶୁ ଚୈତନ୍ୟ, ମୁଖ୍ୟବକ୍ତାଭାବେ ଧର୍ମଜାଗରଣ ଯାଜପୁର ଜିଲା ପ୍ରମୁଖ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭାଗ ପ୍ରମୁଖ ସହସଂଯୋଜକ ପ୍ରାର୍ଥସାରଥୀ ଦାସ, ଶିକ୍ଷାବିତ ଚିଁକିଲତା ବେହେରା, ଦୟାନିଧି ପରମହଂସ ମଠର ମଠାଧୀଶ ଭୃଗୁପତି ଦାସ, ଯାଜପୁର ଜିଲା ଧର୍ମ ଜାଗରଣର ସଭ୍ୟ ବିନ ବାବା, ଶିକ୍ଷାବିତ୍ ପଣ୍ଡିତ ଲକ୍ଷ୍ମୀଧର ମିଶ୍ର ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଭ୍ୟ ପ୍ରତାପ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୁଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ସମ୍ମିଳନୀର ଲକ୍ଷ୍ୟ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୌତମ ରାୟ, ସୁବାସ ଚନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ସାହୁ, ଇନ୍ଦ୍ରଜିତ ଦାସ, ଫକୀର ଚନ୍ଦ୍ର ସେନାପତି, ପ୍ରଶାନ୍ତ ପାଣିଗ୍ରାହୀ, ଦିଗାମ୍ବର ବେହୁରିଆ, ରଞ୍ଜନ ନାୟକ, ମନୋଜ ଯେନା, ପାର୍ଥସାରଥୀ ପୃଷ୍ଟି, ସୁରେଶ ଚନ୍ଦ୍ର କର, ହିମାଂଶୁ ପାଣିଗ୍ରାହୀ, କଳ୍ପନା ଦାଶ, ସଞ୍ଜୁଲତା ସେନାପତି, ପୁଷ୍ପାଞ୍ଜଳି ସେନାପତି ଓ ଶାନ୍ତିଲତା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମବରଦା,୧୮।୧(ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ସୁରେନ୍ଦ୍ର ବାରିକ(୩୫) ରବିବାର ପାରିବାରିକ କଳହରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ତାଙ୍କ ବାପା ଶନାତନ ବାରିକ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କିଛି ଦିନ ହେଲା ବିଭିନ୍ନ ଘଟଣାକୁ ନେଇ ତାଙ୍କ ପରିବାର ମଧ୍ୟରେ କଳହ ଲାଗି ରହୁଥିଲା। କଳହକୁ ସହ୍ୟ ନ କରି ପାରି ସକାଳେ ସୁରେନ୍ଦ୍ର ଘରେ ଲାଗିଥିବା ଏକ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆଜିଠାରୁ ଧର୍ମଶାଳାରୁ ପୁରୀ ତୀର୍ଥଯାତ୍ରା ଆରମ୍ଭ

କାଏମା,୧୮।୧(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳାରୁ ପୁରୀ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ସୋମବାର ସକାଳ ୭ଟାରେ ଶୁଭାରମ୍ଭ କରାଯିବ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉପସ୍ଥିତ ରହି ତୀର୍ଥଯାତ୍ରାର ଶୁଭାରମ୍ଭ କରିବେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ପଞ୍ଚାୟତରୁ ଶ୍ରଦ୍ଧାଳୁ ପର୍ଯ୍ୟାୟକ୍ରମେ ଟ୍ରଷ୍ଟ ସହାୟତାରେ ଜାରକାସ୍ଥିତ ମହୋତ୍ସବ ପଡ଼ିଆକୁ ଆସି ସେଠାରୁ ବସ ଯୋଗେ ପୁରୀ ଜଗନ୍ନାଥ ଦର୍ଶନ ନିମନ୍ତେ ଯିବାଲାଗି ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ ପଞ୍ଚାୟତ ଭବାନୀପୁର ଏବଂ ଥାନୁଆଳରୁ ପ୍ରାୟ ୬୦୦ ତୀର୍ଥଯାତ୍ରୀ ୧୨ ବସ୍ ଯୋଗେ ଯାତ୍ରା ଆରମ୍ଭ କରିବେ। ଏହିଭଳି ୨ ମାସ ଧରି ପ୍ରତ୍ୟେକ ଦିନ ଦୁଇଟି ଲେଖାଏ ପଞ୍ଚାୟତର ଲୋକଙ୍କୁ ନେଇ ତୀର୍ଥଯାତ୍ରା କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ଟ୍ରଷ୍ଟ ପକ୍ଷରୁ ରବିବାର ଜାରକା ସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଉପେନ୍ଦ୍ର କର, ରବୀନ୍ଦ୍ର ବରାଳ, ଚନ୍ଦ୍ରମଣି ପଣ୍ଡିତ, ସବ୍ୟସାଚୀ ସୁନ୍ଦରରାୟ ଓ ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ନେତା ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ପରଲୋକ

ବିଞ୍ଝାରପୁର,୧୮।୧(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ କଂଗ୍ରେସର ବର୍ଷିୟାନ ନେତା, ଅରେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରୁଣେଶ୍ୱର ମେଳାର ଅନ୍ୟତମ ପୁରୋଧା ଗୋବିନ୍ଦ ଚନ୍ଦ୍ର ପରିଡ଼ା(୮୨)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତଥିଲେ। ପରିଡ଼ା ବିଞ୍ଝାରପୁର ଅଞ୍ଚଳରେ ଜଣେ ପରୋପକାରୀ, ସ୍ପଷ୍ଟବାଦୀ, ନିର୍ଭୀକ ଓ ସାଲିସବିହୀନ ରାଜନେତା ଭାବେ ବେଶ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଏହି ଖବରପାଇ ବିଧାୟିକା ପ୍ରମିଳା ମଲ୍ଲିକ, ଭାଜପା ସଭାନେତ୍ରୀ ବବିତା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ପ୍ରଦେଶ କଂଗ୍ରେସର ପୂର୍ବତନ ମୁଖପାତ୍ର ପଦ୍ମାକର ଗୁରୁ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ, ସଂଯୋଜକ ପ୍ରତାପ ଦାସ, ବ୍ଲକ ଭାଜପା ସଂଯୋଜକ ନିରଞ୍ଜନ ବେଉରିଆ, ଜିଲା ଭାଜପା ଉପସଭାପତି ପ୍ରତିଭା ସାହୁ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ଅରେଇର ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, କଏଣା-ରଘୁନାଥପୁରର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଜେନା, କୃଷକନେତା ସନାତନ ସାହୁ, ଅରେଇର ପୂର୍ବତନ ସମିତିସଭ୍ୟ ସମୀର ଜେନା, ଚିକଣାର ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ, ଧ୍ରୁବଚରଣ ସେଠୀ, ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା, କୈଳାସ ସେଠୀ, ଧନେଶ୍ୱର ନାୟକ, ସ୍ମୃତିରଞ୍ଜନ ସାହୁ, ଶିକ୍ଷାବିତ୍ ବିଜୟ କୁମାର ନାୟକ, ମନୋରଞ୍ଜନ ଧଳ, ଗୌରାଙ୍ଗ ସ୍ୱାଇଁ, ଯୁବନେତା ହେମେନ୍ଦ୍ର



ସାମଲ, ତାପସ ମହାପାତ୍ର, ନିର୍ମଳ ନାୟକ, ସରୋଜ ସାମଲ, ଜଗବନ୍ଧୁ ନାୟକ, ବିନୋଦ ବିହାରୀ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅରେଇସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ଅପରାହ୍ନରେ ପରିଡ଼ାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଅରେଇ ପଞ୍ଚାୟତ ପରିକ୍ରମା କରାଯାଇ ଅନ୍ତିମ ସତ୍କାର କରାଯାଇଥିଲା। ପରିଡ଼ାଙ୍କ ପୁଅ ଅମିୟ ମୁଖାଗ୍ନି ଦେଇଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ କପ୍: ଓଏମ୍‌ସି ସୁପରକିଙ୍ଗ ଏକାଦଶ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

କାଳିଆପାଣି,୧୮।୧(ଅସିତ ମହାନ୍ତ):

ଯାଜପୁର ଜିଲା କାଳିଆପାଣିସ୍ଥିତ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ଖେଳ ପଡ଼ିଆରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ କପ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ମଧୁପ ରଞ୍ଜନ ନନ୍ଦଙ୍କ ଉଦ୍ୟମ ଓ ଖବରଦାତା ବିଶ୍ୱଜିତ ନାୟକଙ୍କ ସହଭାଗିତାରେ ଆୟୋଜିତ ଏହି ଏକ ଦିବସୀୟ ମ୍ୟାଚରେ ଓଏମ୍‌ସି ରୟାଲ ଚ୍ୟାଲେଞ୍ଜର୍ସ ଏକାଦଶକୁ ହରାଇ ଓଏମ୍‌ସି ସୁପରକିଙ୍ଗ ଏକାଦଶ ଚାମ୍ପିୟନ ହୋଇଛି। ସୁପରକିଙ୍ଗ ଏକାଦଶ ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଯୁଧିଷ୍ଠିର ସାହୁ ସର୍ବାଧିକ ୨୬ ବଲରେ ୩୬ ରନ କରିଥିଲେ। ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ଏକାଦଶ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୫୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରା ମୁଖ୍ୟ ଅତିଥି, ଖବରଦାତା ମଧୁପ ରଞ୍ଜନ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ମହାନ୍ତି, ଦିବ୍ୟରଞ୍ଜନ ଓ ପ୍ରଦୀପ୍ତ କୁମାର ପଣ୍ଡା ଖେଳ ପରିଚାଳନା କରିଥିଲେ। ଡା. ବିଶ୍ୱଜିତ ବେହେରା ଓ ମେଡିକାଲ ଟିମ ପକ୍ଷରୁ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସୁପରକିଙ୍ଗ ଏକାଦଶ କ୍ୟାପଟେନ ଦୀପକ ରଞ୍ଜନ ଓ ରୟାଲ ଚ୍ୟାଲେଞ୍ଜର୍ସ ଏକାଦଶ କ୍ୟାପଟେନ ରଞ୍ଜନ ସାମଲଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ପରିଚାଳନା କରାଯାଇଥିଲା। ସୂର୍ଯ୍ୟକାନ୍ତ ବେହେରା, ନାରାୟଣ ବିଶୋଇ, ପ୍ରଶାନ୍ତ ରଥ ଖେଳ ପରିଚାଳନରେ ସହଯୋଗ କରିଥିଲେ। ସମସ୍ତ ଖେଳାଳି, ଖେଳ ପରିଚାଳକ ଓ ସହଯୋଗୀଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଛତିଆ,୧୮।୧(ସୌମ୍ୟରଞ୍ଜନ ସାହୁ):

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆ କଳକଳା ପୂର୍ତ୍ତ ବିଭାଗ ରାସ୍ତାର ବୈରୀ ନିକଟରେ ରବିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ କଟକ ଜିଲା ଗୋବିନ୍ଦପୁର ଅଞ୍ଚଳର ରୁନୁ ବାଈ ବୋଲି ସୂଚନା ମିଳିଛି। ତାଙ୍କ ପୁଅ ଓ ଝିଅ ଆହତ ହୋଇଛନ୍ତି।

ମା, ପୁଅ, ଝିଅ ମିଶି କେଦାରନାଥ ମନ୍ଦିରରୁ ଦର୍ଶନ ସାରି ଏକ ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ଛତିଆରୁ ବୈରୀ ଆଡ଼େ ଯାଉଥିବା ଏକ୍ ବାଇକ ସହିତ ତାଙ୍କ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟିରେ ଯାଉଥିବା ମହିଳା ଏକ ଟ୍ରକ୍ ସାମ୍ନାରେ ପଡ଼ିଯାଇଥିଲେ। ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବୈରୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଏମ୍‌ଏସ୍ କପ୍: ଚନ୍ଦନପୁର ଚାମ୍ପିୟନ

ବରୀ,୧୮।୧(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ବାଲିବିଲ ଉତ୍କଳ ଗୌରବ କ୍ରୀଡ଼ା ସଂସଦ ପକ୍ଷରୁ ୩୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ମଧୁସୂଦନ(ଏମ୍‌ଏସ୍) କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଶୁଭ୍ରାଂଶୁ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ଶୀତିକଣ୍ଠ ସାମଲ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ପ୍ରମୋଦ ଶତପଥୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଦେବପ୍ରସାଦ ସାମଲ, ବିରୂପା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ ଯୋଗ ଦେଇଥିଲେ। ସଂସଦ ତରଫରୁ ବୈରଭ ଚୌଧୁରୀ, ପ୍ରତାପ ଦାସ, ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ଅଶୋକ ନାଥଶର୍ମା, ହାସ୍ୟ ଅଭିନେତା ରାଜୁ ଦାସ, ଚିତ୍ତରଞ୍ଜନ ଦାସ, ନିର୍ମଳ ଯତୀ, ଧୀରେନ୍ଦ୍ର ନାଥ ଜେନା, ଅଜିତ ବେଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହାପରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଡବ୍ଲ୍ୟୁସିସି ଚନ୍ଦନପୁର ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା।



ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଏନଜେଏସ ଅକରପଡ଼ା ନିର୍ଦ୍ଧାରିତ ୨୦ ଓଭର ଖେଳି ୧୬୩ ରନ କରିଥିଲା। ଜବାବରେ ଚନ୍ଦନପୁର ୧୫.୪ ଓଭରରେ ୩ ଉଇକେଟ ହରାଇ ୧୬୮ ରନ କରି ଚାମ୍ପିୟନ ହୋଇଥିଲା। ଚନ୍ଦନପୁର ପକ୍ଷରୁ ଅଧିନାୟକ ସ୍ୱରାଜ ଚୌଧୁରୀ ସର୍ବାଧିକ ୭୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଦଳ ତରଫରୁ ଅମନ କୁମାର ୩ ଉଇକେଟ ଅକ୍ତିଆର କରିଥିଲେ। ଅକରପଡ଼ା ତରଫରୁ ସତରାଜ ଓ ରାଜଶଙ୍କର ଅର୍ଦ୍ଧଶତକ ହାସଲ କରିଥିଲେ। ଜ୍ଞାନରଞ୍ଜନ ସ୍ୱାଇଁ ଓ ପ୍ରଶାନ୍ତ ରାଉତ ଖେଳ ପରିଚାଳନା କରିଥିଲେ। ଅଜୟ ସାମଲ, ଅଶ୍ୱିନୀ ସାମଲ, ସ୍ମୃତି ରଞ୍ଜନ ସାମଲ, ଦେବ କଲ୍ୟାଣ ନାଥ, ବିଭୁ କଲ୍ୟାଣ ନାଥ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ସ୍ନେହାଶିଷ ସାମଲ, ସଞ୍ଜୟ ବେହେରା, ସମ୍ବିତ ସାମଲ, ପ୍ରତୀକ ସ୍ୱାଇଁ, ବାଦଲ ମିଶ୍ର, ସିଦ୍ଧାର୍ଥ ଶର୍ମା, ଆଶିଷ ସାମଲ କାର୍ଯ୍ୟ ତୁଲାଇଥିଲେ। କ୍ରୀଡ଼ା ସଂସଦ ସଦସ୍ୟ ସୁଧାଂଶୁ ସାମଲ, ଦେବୀଦତ୍ତ ସାମଲ, ଯଯାତି ସାମଲ, ପ୍ରିୟରଞ୍ଜନ ସାମଲ, ପ୍ରଶାନ୍ତ ପଡିହାରୀ, ପାର୍ଥସାରଥୀ ନାଥ, ଅବିନାଶ ସାମଲ, ଜ୍ଞାନରଞ୍ଜନ ସାମଲ, ଭକ୍ତିପ୍ରସାଦ ସାମଲ, ଦେବାଶିଷ ସାମଲ, ପୃଥ୍ୱୀରାଜ ସାମଲ, ଅନୁରାଗ ସାମଲ, ଅନାଦି ନାୟକ ପ୍ରମୁଖ ସହଯୋଗ କରିଥିଲେ। ମହେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଶ୍ୱିନୀ ସାମଲ ଧନ୍ୟବାଦ ଦେଇଥିଲେ।

**ନିଖୋଜ ମହସମଙ୍କୁ ଖୋଜିବାରେ ପୋଲିସ ଗୁରୁତ୍ୱ ଦେଉନି**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ):କେନ୍ଦ୍ରାପଡା ଟାଉନ ଥାନା ଫକିରାବାଦ ଗାଁର ସେକ ଜଇନୁଲ ଆବେଦିନଙ୍କ ପୁଅ ସେକ ମହସମ ଖାନ(୨୮) ୨୦୨୪ ଡିସେମ୍ବର ୮ରୁ ନିଖୋଜ ଅଛନ୍ତି। ଏ ନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ମହସନଙ୍କ ଖୋଜିବାକୁ ପୋଲିସ ଗୁରୁତ୍ୱ ଦେଉନି ମା' ଖଡିବା ବିବି ଏପରି ଅଭିଯୋଗ ଆଣି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗପତ୍ର ଶନିବାର ଦେଇଛନ୍ତି। ସେ କହିଛନ୍ତି, ମହସମ ଗତ ଡିସେମ୍ବର ୮ ପୂର୍ବାହ୍ନରେ ଘରକୁ ଶୀଘ୍ର ଫେରିବ କହି ସହର ମଧକୁ ଯାଇଥିଲା। ସେ ଆଉ ଘରକୁ ଫେରି ନ ଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ ପତା ମିଳିନାହିଁ। ଅଭିଯୋଗ ପରେ ପୋଲିସ ନଂ. ୧/ ୨୬ରେ ମାମଲା କରି ଚୁପ ହୋଇ ବସିଛନ୍ତି ବୋଲି ସେ କହିଛନ୍ତି।

# କୋଟେରୀ ଗ୍ରୁପ୍‌ର ଚକ୍ରାନ୍ତରେ ବିଧାୟକ ନିଲମ୍ବିତ

ଡେରାବିଶ, ୧୮।୧(ବେବର୍ତ୍ତା ଅଜୟ ଦାସ)


ଖବରଦାତା ସମ୍ମିଳନୀରେ ଡେରାବିଶ ବ୍ଲକ ବିଜେଡି କର୍ମୀମାନେ ଉପସ୍ଥିତ ଅଛନ୍ତି।

- ଡେରାବିଶରେ ବିଜେଡି କର୍ମୀଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ
- ବିଧାୟକଙ୍କ ନିଲମ୍ବନକୁ ନେଇ ପାଟକୁରାରେ ରାଜନୈତିକ ଉଷ୍ମତା

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଗୁରୁବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରିଛନ୍ତି। ଏହାକୁ ନେଇ ପାଟକୁରା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଜୋର୍ ଧରିଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତର ବିଜେଡି କର୍ମୀମାନଙ୍କ ଦ୍ୱାରା ବିଧାୟକଙ୍କ ନିଲମ୍ବନ ପ୍ରତିବାଦରେ ଚାଟରାଚକଡା ପଞ୍ଚାୟତ ଛତାଠାରେ ରବିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଦଳ ସୁପ୍ରିମୋ ଏହାକୁ ପୁନର୍ବିଚାର କରିବା ପାଇଁ ସମସ୍ତ କର୍ମୀ ଦାବି କରିଛନ୍ତି।

ବରିଷ୍ଠ ବିଜେଡି ନେତା ମହେନ୍ଦ୍ର କୁମାର ସିଂହ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ଗତ ଗୁରୁବାର ରାଜ୍ୟ ବିଜେଡି ସଭାପତିଙ୍କ ସ୍ୱାକ୍ଷରରେ ବିଧାୟକ ଅରବିନ୍ଦଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଥିବା ଖବର ସମସ୍ତ ଦଳୀୟ କର୍ମୀଙ୍କୁ ଚକିତ କରିଛି ବୋଲି କହିଥିଲେ। ୧୮ ମାସ ମଧ୍ୟରେ ବିଧାୟକ କେଉଁ ଦଳବିରୋଧୀ କାର୍ଯ୍ୟ କରିଛନ୍ତି ତାହା ଦଳ ପ୍ରମାଣ ସହ ସ୍ପଷ୍ଟ କରିବାକୁ କର୍ମୀମାନେ ଉତ୍ସୁକତାର ସହ ଅପେକ୍ଷା କରିଥିବା ମହେନ୍ଦ୍ର କହିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ନେତା ହଳଧର ଦାସ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ୨୦୨୫ରେ ଦଳୀୟ ନେତୃମଣ୍ଡଳୀଙ୍କ ନିଷ୍ପତ୍ତି ଅନୁଯାୟୀ, ଦଳର ପ୍ରତିଷ୍ଠା ଦିବସ ହେଉ, ପଦଯାତ୍ରା ହେଉ କିମ୍ବା ଅନ୍ୟ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବିଧାୟକ ଅରବିନ୍ଦ ଠିକ ଭାବେ କାର୍ଯ୍ୟକାରୀ କରି କର୍ମୀ ମହଲରେ ଲୋକପ୍ରିୟ ହୋଇଥିବା ବେଳେ କେବେ ଦଳ ବିରୋଧର କାର୍ଯ୍ୟ କଲେ ତାହାର ଦୃଷ୍ଟାନ୍ତ କର୍ମୀ ମହଲରେ ନାହିଁ ବୋଲି କହିଥିଲେ। ବରିଷ୍ଠ ନେତା ବଟକୃଷ୍ଣ ସାମଲ ଏହି ନିଲମ୍ବନ ପଛରେ ଚକ୍ରାନ୍ତକାରୀ କୋଟେରୀ ଗ୍ରୁପ୍‌ର ପ୍ରଚ୍ଛନ୍ନ ହାତ ରହିଥିବା ଖବରଦାତାଙ୍କୁ ସୂଚନା ଦେଇଥିଲେ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ବରିଷ୍ଠ ନେତା ତ୍ରିଲୋଚନ ରାଉତ, ସୁଧୀର କୁମାର ଖଟୁଆ ଓ ଯୋଗାନନ୍ଦ ମହାନ୍ତି ସାଧାରଣ ନିର୍ବାଚନରେ ପାଟକୁରାର ବିଧାୟକ ପ୍ରାର୍ଥୀ ଭାବେ ଅରବିନ୍ଦଙ୍କୁ ଦଳୀୟ ଟିକେଟ ଦିଆଯାଇଥିଲା। ଅରବିନ୍ଦଙ୍କୁ ଜିତାଇବା ପାଇଁ ଦଳ ପକ୍ଷରୁ ଦିଆଯାଇଥିବା ଆହ୍ୱାନକୁ କର୍ମୀମାନେ ସଂକଳ୍ପର ସହ କାର୍ଯ୍ୟ କରି ବିପୁଳ ବିଜୟ ଲାଭ କରିଥିଲେ। ମାତ୍ର ଦଳ ବିରୋଧୀ କାର୍ଯ୍ୟ ବିଧାୟକ କ'ଣ କଲେ କର୍ମୀମାନଙ୍କୁ ନ ଜଣାଇ କିମ୍ବା କାରଣ ଦର୍ଶାଅ ନୋଟିସ ଅରବିନ୍ଦଙ୍କୁ ନ ଦେଇ ନିଲମ୍ବନ କରିବା ଦଳୀୟ କର୍ମୀଙ୍କୁ ହତୋତ୍ସାହ କରିଛି ବୋଲି କହିଛନ୍ତି। ଯେଉଁମାନେ ଗଣମାଧ୍ୟମରେ ପାଟକୁରା ଓ ବିଧାୟକଙ୍କ ବିଷୟରେ ଶସ୍ତା ମନ୍ତବ୍ୟ ଦେଉଛନ୍ତି ଏହା ପାଟକୁରାବାସୀଙ୍କୁ ଅତି ଦୁଃଖିତ କରିଛି ଏବଂ ସେମାନେ ଏଥିରୁ ନିବୃତ୍ତ ରହିବା ପାଇଁ ସମ୍ମିଳନୀରେ ଉପସ୍ଥିତ ଥିବା ବରିଷ୍ଠ ନେତା ଲକ୍ଷ୍ମୀଧର ମହାପାତ୍ର ଓ ସଚ୍ଚିଦାନନ୍ଦ ରଥ କହିଥିଲେ। ଏହି ସମ୍ମିଳନୀରେ ସ୍ଥାନୀୟ ଚାଟରାଚକଡା ପଞ୍ଚାୟତ ସମିତିସଭ୍ୟ ନିରଞ୍ଜନ କର, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଫନିନ୍ଦ୍ର ବେହେରା, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ସସ୍ମିତା ବଳ, ସରପଞ୍ଚ ସୁରେନ୍ଦ୍ର ମଲିକ, ଶିଶିର କୁମାର ସାମଲ, ଅରକ୍ଷିତ କାଣ୍ଡି, କାଶୀନାଥ କାଣ୍ଡି, ମାନସୀ ସାମଲଙ୍କ ସମେତ ଦଳର ବହୁ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ରାଜକିଶୋର ମଲ୍ଲ, ସରଳରେଖା ସାହୁ, ଦିଲୀପ ଦାସ, ସତ୍ୟରଞ୍ଜନ ସାମଲ, ପ୍ରଶାନ୍ତ ସାମନ୍ତରାୟ, ସାହାଜାନ ଖାନ୍, ସୁଜିତ କୁମାର ବଳ, ଅଭିମନ୍ୟୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଗୋବରୀ ନଦୀରେ ଶତାଧିକ ଶ୍ରଦ୍ଧାଳୁଙ୍କ ବୁଡ଼

ଡେରାବିଶ, ୧୮।୧(ବେବର୍ତ୍ତା ଅଜୟ ଦାସ)

**ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା, ରୁଦ୍ରଶାନ୍ତି ମହାଯଜ୍ଞ**



ପବିତ୍ର ତ୍ରିବେଣୀ ଅମାବାସ୍ୟ ତିଥିରେ ଡେରାବିଶ ବ୍ଲକ ଅଧୀନ ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ନିକଟରେ ବହିଯାଉଥିବା ଗୋବରୀ ନଦୀରେ ରବିବାର ପ୍ରାତଃରେ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ମହାଦେବଙ୍କୁ ଦର୍ଶନ କରି ସେମାନଙ୍କର ମାନସିକ ପୂରଣ କରିଛନ୍ତି। ଏହି ଅବସରରେ ମନ୍ଦିର ବେଢ଼ାରେ ରବିବାରଠାରୁ ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ମେଳା ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ଜିଲାରେ ଏହି ମେଳା ପ୍ରସିଦ୍ଧି ଲାଭ କରିଥିବାରୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ନିକିରାଇ ଥାନା ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ସକାଳୁ ଗୋବରୀ ନଦୀର ସନ୍ଥପୁରାସ୍ଥିତ ଘାଟରୁ ଶତାଧିକ ମହିଳା ଶୋଭାଯାତ୍ରାରେ ଆଣିଥିବା କଳସରେ ପବିତ୍ର ଜଳ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମେଳା ଓ ଯଜ୍ଞ ପାଇଁ ଅସ୍ଥାୟୀ ଦୋକାନୀଙ୍କ ସଂଖ୍ୟା ଚଳିତବର୍ଷ ମଧ ବୃଦ୍ଧି ପାଇବାରେ ଲାଗିଛି ବୋଲି କମିଟିର ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ସୂଚନା ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ ବ୍ଲକ୍ କଂଗ୍ରେସ ସଭାପତି ହେଲେ ପ୍ରକାଶ ମହାନ୍ତି

ପଟ୍ଟାମୁଣ୍ଡାଇ, ୧୮।୧ (କଳ୍ପତରୁ ନାୟକ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ଭାବେ ପ୍ରକାଶ ମହାନ୍ତିଙ୍କୁ ନିଯୁକ୍ତି ମିଳିଛି।



ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୋହର ମାରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ଗ୍ରାମର ପ୍ରକାଶ କଂଗ୍ରେସ ଦଳର ଜଣେ ସକ୍ରିୟ ସଙ୍ଗଠକ ଭାବେ ଅନେକ ଗୁରୁ ଦାୟିତ୍ୱ ନିଭାଇଛନ୍ତି। ସାଧାରଣ ନିର୍ବାଚନ ହେଉ କି ପଞ୍ଚାୟତ ନିର୍ବାଚନ ସବୁ ସମୟରେ ସେ କଂଗ୍ରେସର ସଙ୍ଗଠନ ବୃଦ୍ଧି କରି ଆସିଛନ୍ତି। ପ୍ରଦେଶ କମିଟି ପକ୍ଷରେ ତାଙ୍କୁ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ କରିଥିବାରୁ ପିସିସି ସଭାପତି ଦାସ, ପ୍ରଦେଶ କଂଗ୍ରେସ କମିଟିର ପ୍ରଭାରୀ ଅଜୟ ଲଲ୍ଲୁ, ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଜିଲା ସଭାପତି ଡା. ଦେବସ୍ମିତା ଶର୍ମା, ପୂର୍ବତନ ବ୍ଲକ କଂଗ୍ରେସ କମିଟିର ସଭାପତି ଧନେଶ୍ୱର ଦାସ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ତାଙ୍କ ଉପରେ ଭରସା ରଖିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବେଆଇନ୍ ୮ ପଥର ବୋଝେଇ ହାଇୱା ଜବତ

ମହାକାଳପଡ଼ା, ୧୮।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଖଣି, ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ**


ଜବତ ହୋଇଥିବା ହାଇୱା।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ପୋଲିସ ଓ ଜିଲା ଖଣି ବିଭାଗ ଅଧିକାରୀଙ୍କ ପକ୍ଷରୁ ରବିବାର ଭୋରୁ ଚଢ଼ାଉ କରାଯାଇ ବେଆଇନ ଭାବେ ପଥର ଚାଲାଣ ହେଉଥିବା ୮ ହାଇୱାକୁ ଜବତ କରାଯାଇଛି। ଜବତ ହୋଇଥିବା ହାଇୱାଗୁଡ଼ିକର କାଗଜ ପତ୍ର ଯାଞ୍ଚ ପରେ ସେଗୁଡ଼ିକ ବେଆଇନ ଭାବେ ପଥର ଚାଲାଣ କରୁଥିବା ଥାନା ଅଧିକାରୀ ମାନସ କୁମାର ମଲିକ କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ମହାକାଳପଡ଼ା ବ୍ଲକ ଅଞ୍ଚଳର ଗୋବରୀ, ଲୁଣା, ମହାନଦୀ, ପାଇକା ନଦୀ ବନ୍ଧ ସୁରକ୍ଷା ପାଇଁ ତଟବନ୍ଧ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନିର୍ମାଣ କାର୍ଯ୍ୟରେ ଠିକାଦାରମାନେ ପାହାଡିଆ ଅଞ୍ଚଳରୁ ବେଆଇନ ଭାବେ ହାଇୱାରେ ବଡ଼ ବଡ଼ ପଥର ଖଣ୍ଡ ବୋଝେଇ କରି ଚାଲାଣ କରିଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ରବିବାର ଭୋର ୪ଟାରେ ହାଇୱାଗୁଡ଼ିକ ଥାନା ଅଧୀନ କଂସାରରଡିଆ, ବାବର, ବଗଗହଣ, ତରପଦା, ପଙ୍କପାଳ, ବଡ଼ପାଳ, ସିନ୍ଧୁଆପାରି ଆଦି ଅଞ୍ଚଳ ଦେଇ ଗୋବରୀ ନଦୀ ପାର୍ଶ୍ୱରେ ପଥର ସ୍ପର ନିର୍ମାଣ କାର୍ଯ୍ୟ ସ୍ଥଳକୁ ଯାଉଥିଲା। ଖବରପାଇ ପୋଲିସ ଓ ଜିଲା ଖଣିଜ ବିଭାଗ ଅଧିକାରୀଙ୍କ ପକ୍ଷରୁ ଅଳାଇଲ-ଓରତ ଛକଠାରେ ଚଢ଼ାଉ କରାଯାଇ ହାଇୱାଗୁଡ଼ିକୁ ଜବତ ପରେ ବ୍ଲକ ପରିସରରେ ଅଟକ ରଖାଯାଇଛି। ଜବତ ହୋଇଥିବା ହାଇୱାଗୁଡ଼ିକ ଓଭର ଲୋଡ ଓ ବେଆଇନ ଭାବେ ଚାଲାଣ କରୁଥିବା ଜଣାପଡ଼ିଛି। ଅନ୍ୟ ଜିଲାର ପାହାଡ଼ରୁ ଏହି ପଥର ବୋଝେଇ ହାଇୱାଗୁଡ଼ିକ ରାତି ଅଧିଆ ଚାଲାଣ କରାଯାଉଥିଲା। ଏହି ଅଞ୍ଚଳରେ ଓଭର ଲୋଡ଼ ହୋଇ ହାଇୱାରେ ପଥର ବୋଝେଇ ଚାଲାଣ ଯୋଗୁ ରାସ୍ତାଗୁଡ଼ିକ ଫାଟି ଦୁଇ ଫାଳ ହୋଇଯାଉଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଖଣିଜ ସମ୍ପଦ ବିଭାଗ ଅଧିକାରୀ ଦୀନେଶ କୁମାର ମହାପାତ୍ରଙ୍କୁ ପଚାରିବାରେ ଜବତ ହୋଇଥିବା ପଥର ବୋଝେଇ ହାଇୱାଗୁଡ଼ିକର ଆବଶ୍ୟକ କାଗଜ ପତ୍ର ଯାଞ୍ଚରେ ଠିକ୍ ଠାକ୍ ନ ଥିବା ଜଣାପଡିଛି। ଏଥିସହ ଓଭର ଲୋଡ ଉପରେ ତଦନ୍ତ ଜାରି ରହିଛି। ସରକାରୀ ନିୟମ ଅନୁସାରେ ଜରିମାନା ଦେବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜ୍ୟୋତିରଞ୍ଜନ ଗରଦପୁର ବ୍ଲକ ସଭାପତି

ପାଟକୁରା, ୧୮।୧(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ଜ୍ୟୋତି ରଞ୍ଜନ ପରିଡ଼ା ନିଯୁକ୍ତି ପାଇଛନ୍ତି। ଜ୍ୟୋତି ପୂର୍ବରୁ ବ୍ଲକ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସହ ବ୍ଲକ ସଭାପତି ଭାବେ ରହି ଆସିଛନ୍ତି। ତାଙ୍କର ଏହି ନିଯୁକ୍ତିକୁ



ନେଇ ବ୍ଲକ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ରାଉତ, ଶିବ ପ୍ରସାଦ କୁଣ୍ଡୁ, ଶଙ୍କର୍ଷଣ ମଲ୍ଲିକ, ପ୍ରଫୁଲ୍ଲ ଦାସ, ସୁବାସ ସାମଲ, କୁମର ପାଣି ପ୍ରମୁଖ ଜ୍ୟୋତିଙ୍କୁ ଶୁଭେଚ୍ଛା ଜଣାଇବା ସହ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଜିଲା କଂଗ୍ରେସ କମିଟି ସଭାନେତ୍ରୀ ଡା. ଦେବସ୍ମିତା ଶର୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଡେରାବିଶ ବ୍ଲକ କଂଗେସ ସଭାପତି ହେଲେ ରାଜୀବ

ଡେରାବିଶ, ୧୮।୧ (ବେବର୍ତ୍ତା ଅଜୟ ଦାସ)

ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟିକୁ ସୁଦୃଢ଼ କରିବାକୁ ଡେରାବିଶ ବ୍ଲକ କଂଗ୍ରେସ କମିଟିର ସଭାପତି ଭାବେ ରାଜୀବ ଲୋଚନ ମିଶ୍ରଙ୍କୁ ମନୋନିତ କରାଯାଇଛି।



ଏ ସଂକ୍ରାନ୍ତରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଏକ ପ୍ରେସ୍ ନୋଟ୍‌ରେ ରାଜୀବଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି। ଡେରାବିଶ ବ୍ଲକ ଅଞ୍ଚଳରେ ରାଜୀବ ପରିଚିତ ଥିବା ବେଳେ ତାଙ୍କୁ ଏଭଳି ଏକ ଗୁରୁଦାୟିତ୍ୱ ଦିଆଯାଇଥିବାରୁ କଂଗ୍ରେସ କର୍ମୀ ମହଲରେ ବେଶ ଉତ୍ସାହ ଦେଖାଦେଇଛି। ଏଥିପାଇଁ ରାଜୀବ ପିସିସି ସଭାପତି ଭକ୍ତ ଚରଣ ଦାସ, ଜିଲା ସଭାପତି ଡା. ଦେବସ୍ମିତା ଶର୍ମା, ପାଟକୁରା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଓ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଦଳର ସଙ୍ଗଠନକୁ ସୁଦୃଢ଼ କରିବାକୁ ସବୁବର୍ଗର ଲୋକଙ୍କୁ ନେଇ କାର୍ଯ୍ୟ କରିବାକୁ ସେ ତାଙ୍କ ପ୍ରୟାସ ଜାରି ରଖିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ଅକ୍ସଫୋର୍ଡ ସ୍କୁଲର ବାର୍ଷିକ ଉତ୍ସବ

ରାଜକନିକା,୧୮।୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଲାଭର ଅକ୍ସଫୋର୍ଡ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମିସ୍ ଡଲିଙ୍କ ସଂଯୋଜନା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜକନିକା ତହସିଲଦାର ଭାନୁମତୀ ମାଝୀ, ମୁଖ୍ୟ ବକ୍ତା ବିଡିଓ କୈଳାସ ଚନ୍ଦ୍ର ମାହାଳିକ ଓ ସମ୍ମାନିତ ଅତିଥି ଭାବେ ଜାଭିୟର ଇଣ୍ଟର ନ୍ୟାଶନାଲ ସ୍କୁଲ ତଥା ହାରାମଣି ମେମୋରିଆଲ ଟ୍ରଷ୍ଟ ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଜିଲାସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ସ୍କୁଲର ଶୈକ୍ଷିକ ବାତାବରଣ ଅତି ଉଚ୍ଚ କୋଟିର ବୋଲି ପ୍ରଶଂସା କରିବା ସହ ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କିମନା କରିଥିଲେ। ଶିକ୍ଷକ ରଶ୍ମିକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ପ୍ରୀୟଦର୍ଶିନୀ ରାଉତ ଓ ମିନତି ବାୟୀ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସୁଦର୍ଶନ ଦାସ, ସନାତନ ପୃଷ୍ଟି, ସଭ୍ୟ ଗଦାଧର ଦାସ, ରମାକାନ୍ତ ସାହୁ, ସେବା ନିବୃତ୍ତ ଅଧାପକ ଅଜୟ କୁମାର ନାଥ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରୁ ଅତିଥିମାନେ ସ୍କୁଲର ପ୍ରତିଷ୍ଠାତା ପୂର୍ବତନ ଅଧକ୍ଷ ଉଦୟନାଥ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧକ୍ଷା ମିସ୍ ଡଲି ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ଶରତ କୁମାର ଜେନା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ। ଅପରାହ୍ନରେ ଡ. ଡମ୍ବରୁଧର ତରାଇଙ୍କ ରଚନା ତଥା ଗାଳ୍ପିକ ଓ ନିର୍ଦ୍ଦେଶକ ଗୟାଧର ନାଥଙ୍କ ନିର୍ଦ୍ଦେଶନାରେ ଇଂଲିଶ ଏବଂ ଓଡ଼ିଆ ଭାଷାରେ ନାଟକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଆଳି,୧୮।୧(ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ପଞ୍ଚାୟତସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଷଷ୍ଠ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ, ମୁଖ୍ୟ ବକ୍ତା ଆଳି ମଣ୍ଡଳ ସହ ଶିକ୍ଷା ଅଧିକାରିଣୀ ଜ୍ୟୋତି ପୁଷ୍ପା ମହାନ୍ତି, ଖବରଦାତା ଭାସ୍କର ରାଉତରାୟ, କେରଡ଼ାଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚନ୍ଦନନଗର ସାଧନ କେନ୍ଦ୍ର ସଂଯୋଜକ ଚିତ୍ତରଞ୍ଜନ ସାହୁ ଏବଂ ବିଦ୍ୟାଳୟ ପରିଚାଳନା ସଭାପତି ରଞ୍ଜିତା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାର ଉଦ୍ଦେଶ୍ୟ, ମହତ୍ତ୍ୱ, ଶିକ୍ଷା, ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ସରକାରୀ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟ ସହକାରୀ ଶିକ୍ଷକ ଦୀପକ କୁମାର ରାଉତ ନମ୍ର, ଭଦ୍ର, ଶାନ୍ତ, ସରଳ, ନିଷ୍କପଟ ହେବା ସହ ଛବିଳ ମଧୁ ବର୍ଣ୍ଣବୋଧର ମହତ୍ତ୍ୱ ବୁଝାଇଥିଲେ। ବିଦ୍ୟାଳୟର ଅନ୍ୟ ସହକାରୀ ଶିକ୍ଷକ ବିଚିତ୍ର କୁମାର ଖଟୁଆ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସରମନ୍ ସେଠୀ, ଅନ୍ୟ ସହକାରୀ ଶିକ୍ଷକ ବସନ୍ତ କୁମାର ସାହୁ, ଶବର ସୁରେଶ, ଗୁଜୁ ଭେଙ୍କେଟେଶ, ସନ୍ତୋଷ କୁମାର ବେହେରା, ସୁଶ୍ରୀ ମିନାକ୍ଷୀ ଭଳ, ଲୋପାମୁଦ୍ରା ନାୟକ, ଗଣେଶ୍ୱର ସୋରେନ୍ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦେବାଂଶୁ କୁମାର ମୋହିନୀ ଧନ୍ୟବାଦ ଦେଇଥିଲେ।

## ନେତାଜୀ କ୍ଲବ୍ ତରାସ ଚାମ୍ପିୟନ

**ରାଜକନିକା ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ରାଜକନିକା,୧୮।୧(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକ ତରାସସ୍ଥିତ ନେତାଜୀ ମିନି ଷ୍ଟାଡିୟମରେ ନେତାଜୀ କ୍ଲବ୍ ଦ୍ୱାରା ଆୟୋଜିତ ପ୍ରଥମ ରାଜକନିକା ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଯାଇଛି। ଏଥିରେ ଆୟୋଜକ ନେତାଜୀ କ୍ଲବ୍ ତରାସ ଚାମ୍ପିୟନ ଓ ଯୁବଜ୍ୟୋତି କ୍ଲବ ରନର୍ସ ଅପ୍ ହୋଇଛି। ଶେଷ ପର୍ଯ୍ୟନ୍ତ ଖେଳ ୧-୧ ଗୋଲ ବ୍ୟବଧାନରେ ଅମିମାଂସିତ ରହିଥିବା ବେଳେ ଟ୍ରାଇବ୍ରେକର ଜରିଆରେ ୪-୧ ଗୋଲ ବ୍ୟବଧାନରେ ନେତାଜୀ କ୍ଲବ ତରାସ ଚାମ୍ପିୟନ ହୋଇଛି। ମୁଖ୍ୟ ପରିଚାଳକ ଶେଖ ରିଆଜ ଖେଳକୁ ପରିଚାଳନା କରିଥିବାବେଳେ ଶରତ ଜେନା ଓ ଶେଖ ସାଇବୁର ସହଯୋଗ କରିଥିଲେ। ୪ ର୍ଥ ରେଫରୀ ଭାବେ ନୀଗମା ନନ୍ଦ ନାୟକ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର, ସମ୍ମାନିତ ଅତିଥି ରୂପେ ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ, ଡ. ଫକିର ଚରଣ ପ୍ରଧାନ, ଅମିତାଭ କରଣ ଏବଂ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ଆନନ୍ଦ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିଥିମାନେ ଚାମ୍ପିୟନ ଦଳ ନେତାଜୀ କ୍ଲବ ତରାସ ଓ ରନର୍ସଅପ ଦଳ ଯୁବଜ୍ୟୋତି କ୍ଲବ ଚେରଣ୍ଟପଡ଼ାକୁ ଟ୍ରଫି ସହିତ ଆର୍ଥିକ ରାଶି ପ୍ରଦାନ କରିଥିଲେ। ସଭାରେ କ୍ଲବର ଉପସଭାପତି ଗୋପବନ୍ଧୁ ରାଉତ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଶୁଭ୍ରଜିତ ବିଶ୍ୱାଳ ସଭା ସଂଯୋଜନା କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ତଥା ମତୋ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିବ ପ୍ରସାଦ ମଲ୍ଲିକ ଯୁବପିଢି ପଥଭ୍ରଷ୍ଟ ନ ହୋଇ ସର୍ବଦା କ୍ରୀଡା ଅଭ୍ୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ।

## ଆଦିତ୍ୟ ଇଲେଭେନ ଭୁବନେଶ୍ୱର ଚାମ୍ପିୟନ

**ବୈଷ୍ଣବ ଚରଣ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ପାଟକୁରା ୧୭।୧(ରବୀନ୍ଦ୍ର ନାଥ ବାରିକ)



ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ସମ୍ମାନିତ ଅତିଥି ଧରଣୀଧର ନାୟକ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଗରଦପୁର ବ୍ଲକ ଅଧୀନ ବିଟିଏମ୍ ଗ୍ରାଉଣ୍ଡରେ ଚାଲିଥିବା ବୈଷ୍ଣବ ଚରଣ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଟସ୍ ଜିତି ବିଶ୍ୱଭାରତୀ କଟକ ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ଓଭରରେ ୭ ଉକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଦିତ୍ୟ ଇଲେଭେନ ଭୁବନେଶ୍ୱରର ସୁଜିତ ଲେଙ୍କା ଦ୍ରୁତ ଶତକ ଏବଂ ମହମ୍ମଦ ସଲମାନ୍ ୪୫ ରନ୍ ଲଢୁଆ ପାରି ବଳରେ ୧୮.୨ ଓଭର ଖେଳି ୫ ଉଇକେଟ୍‌ରେ ବିଜୟ ହାସଲ କରିଥିଲେ। ଏହି ମ୍ୟାଚରେ ସୁଜିତ ଲେଙ୍କା ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ ଏବଂ ସମ୍ବିତ ସାହୁ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ଖେଳକୁ ଦୀପଙ୍କର ରାଉତ ଏବଂ ପ୍ରଭାସ ରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ଶଶିଭୂଷଣ ଜେନା, ମହେନ୍ଦ୍ର ନାୟକ, ଗଗନ ବିହାରୀ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ ଦାସ, ରିଙ୍କୁ କାନୁନ୍‌ଗୋ ସ୍କୋରର କାର୍ଯ୍ୟ ସମ୍ଭାଳି ଥିଲେ। ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ସମ୍ମାନିତ ଅତିଥି ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଚାମ୍ପିୟନ ଦଳ ଆଦିତ୍ୟ ଇଲେଭେନ ଭୁବନେଶ୍ୱରକୁ ଟ୍ରଫି ସହିତ ନଗଦ ୨୮ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସ ଅପ ବିଶ୍ୱଭାରତୀ କଟକକୁ ରନର୍ସ କପ ସହିତ ନଗଦ ୧୮ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିହିର ମହାନ୍ତି, ସରପଞ୍ଚ ପ୍ରଭାତ ନଳିନୀ ଜେନା, ସରୋଜ ଦାସ, ଅଜିତ ଭୂଷଣ ଦାସ, ପୂର୍ବତନ ସରପଞ୍ଚ ଅଜୟ ଦାସ, ଶିବ ପ୍ରସାଦ ଦାସ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ପରିଚାଳନା କାର୍ଯ୍ୟ ସମ୍ଭାଳି ଥିଲେ।

## ଆଳିରେ ଇସ୍ତେମା ୩୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଆଳି,୧୮।୧(ବନମାଳୀ ସେନାପତି)


ଇସ୍ତେମାରେ ଉପସ୍ଥିତ ଅତିଥି।

କେନ୍ଦ୍ରାପଡ଼ା ଜିଲା ଆଳିଠାରେ ଶନିବାରଠାରୁ ଇସଲାମ ଧର୍ମ ସମ୍ମିଳନୀ ଇସ୍ତେମା ଆରମ୍ଭ ହୋଇଛି। ଏହି ଧର୍ମ ସମ୍ମିଳନୀରେ ଯୋଗ ଦେବାକୁ ରାଜ୍ୟର ମୁସଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଆସି ପହଞ୍ଚିଛନ୍ତି। ୩୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ରେ ଇସ୍ତେମା ପଡିଆ ଉତ୍ସବ ମୁଖର ହୋଇପଡିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଏହି ଧର୍ମ ସମ୍ମିଳନୀରେ ଯୋଗଦେଇ ରାଜ୍ୟର ବିଭିନ୍ନସ୍ଥାନରୁ ଆସିଥିବା ମୌଲାବିଙ୍କଠାରୁ ଧର୍ମ ଆଲୋଚନା ଶୁଣୁଛନ୍ତି। ସମ୍ମିଳନୀକୁ ଶାନ୍ତିଶୃଙ୍ଖଳାର ଶେଷ ହେବାକୁ ଇସ୍ତେମା ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଠିକ ଭାବେ ସମ୍ମିଳନୀ ସ୍ଥଳୀରେ ପହଞ୍ଚାଇ ଦେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକର ସୁପରିଚାଳନା କରାଯିବା ସହ ଇସ୍ତେମା କମିଟି ପକ୍ଷରୁ ସ୍ୱେଚ୍ଛାସେବୀମାନେ ଆଳି ଗଡ଼ଗଡି ସେତୁଠାରୁ ନିଆଳ ହାଟ ପର୍ଯ୍ୟନ୍ତ ଥିବା ଛକ ସ୍ଥାନରେ ଠିଆ ହୋଇ ସେମାନଙ୍କୁ ବାଟ କଢାଇ ନେଉଛନ୍ତି। ୩ଦିନ ବ୍ୟାପି ଚାଲିଥିବା ଏହି ସମ୍ମିଳନୀ ସୋମବାର ଉଦ୍‌ଯାପିତ ହେବ ବୋଲି ଇସ୍ତେମା କମିଟି ପକ୍ଷରୁ ଜଣାଯାଇଛିୟ ଇସ୍ତେମା ସ୍ଥଳରେ ଶ୍ରଦ୍ଧାଳୁ ମାନଙ୍କ ରହଣୀ ଠୁ ନେଇ ସମସ୍ତ ପ୍ରକାର ମୌଳିକ ଆବଶ୍ୟକତା ଉପରେ ପ୍ରଶାସନ ସମେତ ଇସ୍ତେମା କମିଟି ମଧ ସଜାଗ ରହିଛି କ୍ଷ ଇସ୍ତେମା ସ୍ଥଳରେ ଆଲୋକୀକରଣ, ଜଳଯୋଗାଣ, ପାନୀୟଜଳ, ଶୌଚାଳୟ, ସ୍ୱାସ୍ଥ୍ୟ ଶିବିର ଭଳି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଇସ୍ତେମା ସ୍ଥଳରେ ଆଳି ତହସିଲଦାର, ବିଡିଓ, ପାନୀୟ ଜଳ ଓ ପରିମଳ ବିଭାଗ, ପୋଲିସ, ଆମ୍ବୁଲାନ୍ସ, ଅଗ୍ନିଶମ କର୍ମଚାରୀମାନେ ଉପସ୍ଥିତ ରହି ଧର୍ମ ସମ୍ମିଳନୀ କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ସେ ନେଇ ସଜାଗ ରହିଛନ୍ତି। ଏହି ଧର୍ମ ସମ୍ମିଳନୀରେ ଶାନ୍ତି କମିଟିର ସଦସ୍ୟମାନେ ଉପସ୍ଥିତ ରହିଛନ୍ତି। ରବିବାର ଅପରାହ୍ନରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲଙ୍କ ସମେତ କଂଗ୍ରେସ ବ୍ଲକ ସଭାପତି ରବି ନାରାୟଣ ବେହେରା ପ୍ରମୁଖ ଇସ୍ତେମା ସ୍ଥଳରେ ପହଞ୍ଚି ଭାଇଚାରା ବଜାୟ ରଖୁଛନ୍ତି। ସୋମବାର ଏହି ଧର୍ମ ସମ୍ମିଳନୀ ଶେଷ ହେବାକୁ ଯାଉଥିବାରୁ ଶ୍ରଦ୍ଧାଳୁମାନଙ୍କ ସଂଖ୍ୟା ଆହୁରି ବଢିବାର ସମ୍ଭାବନା ରହିଛି।

# ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କ୍ଷୋଭ ପ୍ରକାଶ କଲେ ଜିଲାପାଳ

## ଅବ୍ୟବସ୍ଥାର ସୁଧାର ପାଇଁ ୭ଦିନ ଦେଲେ ସମୟ

ନୟାଗଡ଼/ଦଶପଲ୍ଲା,୧୮।୧
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲାପାଳ ମଧୁମିତା ରଥ ରବିବାର ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରି ରୋଗୀ, ଡାକ୍ତର ଓ ଅଧିକାରୀଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ୱାର୍ଡ ବୁଲି ଭଙ୍ଗା ଶଯ୍ୟା, ଚିରା ଗଦି, ଚିରା ଓ ଅପରିଷ୍କାର ବେଡସିଟ୍ ଦେଖି ଖପ୍ପା ହୋଇଥିଲେ। ସେହିଭଳି ରୁମ୍ ଓ ଶୌଚାଳୟ ଅପରିଷ୍କାର ଦେଖି ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରିଥିଲେ। କର୍ମଚାରୀ ଅନୁପସ୍ଥିତି, ସେମାନଙ୍କ ବ୍ୟବହାର ଉପରେ ମଧ୍ୟ ଅନୁଧ୍ୟାନ କରିଥିଲେ। ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ୭ଦିନ ସମୟ ଦେଇଛନ୍ତି।


ଜିଲାପାଳ ମଧୁମିତା ରଥ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

୭ଦିନ ଭିତରେ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ନ ବଦଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଠିକ୍‌ଭାବେ ସେବା ପାଇବା ଓ ପରିବେଶକୁ ସଫାସୁତରା ରଖିବାକୁ ମଧ୍ୟ ଅନୁରୂପ ନିର୍ଦ୍ଦେଶ ରହିଛି। ଜିଲାପାଳଙ୍କ ଅଚାନକ ଚଢ଼ାଉ ପରେ କର୍ମଚାରୀଙ୍କ ମହଲରେ ଛନକା ପଶିଛି। ଅଭିଯୋଗ ଅନୁସାରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁନଥିବା ଅଭିଯୋଗ ହୋଇ ଆସୁଥିଲା। ପୁଣି କର୍ମଚାରୀଙ୍କ ବ୍ୟବହାର ଉପରେ ୧୭ ଅଭିଯୋଗ ଉଠାଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସିଲେ ଗାଁରୁ ଆସିଛ କହି ବ୍ୟବହାର ଖରାପ ଦେଖାଯିବା ସହ ସ୍ୱାସ୍ଥ୍ୟସେବାରେ ଅଣଦେଖା କରାଯାଉଥିବାର ଅଭିଯୋଗ ରହିଥିଲା।

# ଘର ଆଗରୁ ଟାଟେରା ଚୋରି, ଥାନାରେ ଅଭିଯୋଗ

ଶରଣକୁଳ,୧୮।୧ (ଦୀପକ କର)

ଶରଣକୁଳରେ ଦିନକୁ ଦିନ ଚୋରି, ଡକାୟତି ବଢ଼ିବାରେ ଲାଗିଛି। ଚୋରମାନେ ଚୋରି କରିବାକୁ ବିଭିନ୍ନ ରଣନୀତି ଅବଲମ୍ବନ କରୁଥିବା ବେଳେ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ଘର ଆଗରୁ ଚୋର ଏକ ଟାଟେରା ଗାଡି ଚୋରି କରି ନେବା ଶରଣକୁଳ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଶରଣକୁଳ ଗ୍ରାମର ସୁଶାନ୍ତ କୁମାର ସାହୁ ଦାଣ୍ଡରେ ଗାଡି ରଖି ଘରେ ଶୋଇଥିଲେ। କିନ୍ତୁ ସକାଳୁ ଉଠି ଦେଖିବା ବେଳକୁ ଟାଟେରା ଗାଡି ନଂ ଓଆର ୦୨ ଏକ୍ସ ୭୩୭୭ ନ ଥିଲା। ସୁଶାନ୍ତ ସବୁଆଡେ ବହୁ ଖୋଜାଖୋଜି କରିଥିଲେ ବି ଗାଡ଼ିର ସନ୍ଧାନ ପାଇନଥିଲେ। ସୁଶାନ୍ତ ତାଙ୍କ ଗାଡ଼ିର ଚୋର ଖୋଲି କୌଣସି ଦୁର୍ବୃତ୍ତ ନେଇଯାଇଛନ୍ତି ବୋଲି ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଶରଣକୁଳ ଥାନା ଏସ୍‌ଆଇ ଭୀମସେନ ମଲ୍ଲିକ ସଦଳବଳେ ଯାଇ ତଦନ୍ତ କରିବା ସହ ସିସି ଟିଭି ଆଧାରରେ ଚୋରି ତଦାରଖ କରୁଛନ୍ତି। ଶରଣକୁଳ ଥାନା ଅଞ୍ଚଳରେ ନିଶାଡ଼ିଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲୁଥିବା ବେଳେ ଏହି ନିଶାଡ଼ିମାନଙ୍କ ପାଇଁ ଚୋରି ପୁଲିସ ପ୍ରଶାସନ ଏ ଦିଗରେ ସଚେତନ ଦୃଷ୍ଟି ଦେବାକୁ ଶରଣକୁଳବାସୀ ଦାବି କରିଛନ୍ତି।

# ରାମେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


ଯଜ୍ଞ କର୍ମ କରାଯାଉଛି।

ରଣପୁର,୧୮।୧
(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ରାମଚନ୍ଦ୍ରପୁର ଶାସନରେ ଶନିବାର ବାବା ରାମେଶ୍ୱର ଶୈବ ଓ ମା' ବାଉଡୀ ମଙ୍ଗଳାଙ୍କ ପୀଠରେ ୨୨ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁ ମାନେନିକଟସ୍ଥ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ଯଜ୍ଞ ଶାଳାକୁ ଆସିଥିଲେ। ପରେ ଭଗତ, ପତିତପାବନ, ରଘୁନାଥ ଦେବତାଙ୍କୁ ନିମନ୍ତ୍ରଣ ହୋଇ ଅଣାଯାଇଥିଲା। ପ୍ରତ୍ୟହ ସକାଳୁ ସୂର୍ଯ୍ୟ ପୂଜା, ରୁଦ୍ରାଭିଷେକ, ଚଣ୍ଡୀ ପାଠ କରାଯାଇଛି। ଆଚାର୍ଯ୍ୟ ଆଲୋକ ତ୍ରିପାଠୀ ଯଜ୍ଞ କର୍ମ କରିଥିଲେ। ପଣ୍ଡିତ ଶଙ୍କର୍ଷଣ ଦାଶ, ବାଳକୃଷ୍ଣ ଦାଶ, ହରେକୃଷ୍ଣ ନନ୍ଦ, ନୀଳକଣ୍ଠ ଦାଶ ଓ ପ୍ରଦୀପ ମିଶ୍ର ବେଦପାଠ କରିଥିଲେ। ସନ୍ଧ୍ୟା ସମୟରେ ଆହୁତି କରାଯାଉଥିଲା। ପୂର୍ଣ୍ଣାହୁତି ଦେଖିବା ପାଇଁ ଆଖପାଖ ଗାଁରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରତିଦିନ ସଂଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ହୋଇ ଥିଲା। ବୀରକିଶୋର ମିଶ୍ର, ଜଗନ୍ନାଥ ନନ୍ଦ, ଦେବୀ ପ୍ରସାଦ କର, ଗ୍ରାମବାସୀ ସହଯୋଗ କରିଥିଲେ।

# ବ୍ୟାପକ ଧାନ ନଷ୍ଟ କରୁଛନ୍ତି ବାରହା

ପାରଲାଖେମୁଣ୍ଡି,୧୮।୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଚାଷୀଙ୍କୁ ବାରହା ଭୟ ଘାରିଛି। ବ୍ଲକରେ କାମଚଳା ଧାନମଣ୍ଡି ଖୋଲି ପ୍ରଶାସନ ଲକ୍ଷ୍ୟାର୍ଯ୍ୟ ପୂରଣ ହୋଇଯାଇଥିବା କହି ନୀରବଦ୍ରଷ୍ଟା ସାଜିଛି। ଧାନ କ୍ରୟ ପାଇଁ କମ ଲକ୍ଷ୍ୟାର୍ଯ୍ୟ ଥିବା ଏବଂ ଏହା ପୂରଣ ହୋଇଯାଇଥିବାରୁ ଆଉ ଧାନ କ୍ରୟ କରାଯାଉନି। ମଣ୍ଡିରେ ଦେବାକୁ ଜାଗାରେ ରଖିଥିବା ଧାନକୁ ବାରହା ନଷ୍ଟ କରି ଦେଉଛନ୍ତି। ବାରହାଙ୍କୁ ଘଉଡାଇବା ପାଇଁ ଚାଷୀ ରାତିସାରା ନିଜ କ୍ଷେତ ଖଳାରେ ଜଗୁଥିଲେ ମଧ୍ୟ କେଉଁଠି ଅଞ୍ଚଳରେ କେଉଁ ସମୟରେ ବାରହା ପଲ ପଶି ଧାନ ନଷ୍ଟ କରି ଦେଉଛନ୍ତି। ପ୍ରତ୍ୟେକ ବର୍ଷ ଏପରି ଚାଲିଛି। ଚଳିତ ବର୍ଷ ଉଗରସେଲି, ଜଙ୍ଗଲପାଡୁ, ବଡନୀଳାପୁର, କଇଡଡ଼ା ଆଦି ଗ୍ରାମାଞ୍ଚଳରେ ବାରହା ଉପଦ୍ରବ ହେତୁ ବ୍ୟାପକ ଧାନ ନଷ୍ଟ ହୋଇଛି। ଏହାର ପ୍ରତିକାର ଦିଗରେ ବନବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଶନିବାର ରାତିରେ ଗୋଷାଣି ଗ୍ରାମର ଚାଷୀ ଯୋଗେନ୍ଦ୍ର ବେହେରାଙ୍କର ୩.୫ ଏକର, ଏନ.ଚିନା ରାଓଙ୍କ ୧ ଏକର ଚାଷ ଜମିରେ ଅମଳ ହୋଇଥିବା ଧାନଗଦାଗୁଡ଼ିକ ବାରହା ନଷ୍ଟ କରିଛନ୍ତି। ସେହିପରି ଦାମୋଦର ବେହେରା ଓ ବି. କୁର୍ମାନାଇଡୁଙ୍କ ମଳା ହୋଇ ନ ଥିବା ଧାନ ଗଦାରେ ପଶି ବାରହା ପଲ ନଷ୍ଟ କରିଛନ୍ତି। ଗୋଟିଏ ପଟେ ଧାନ ବିକ୍ରି ହୋଇପାରୁ ନ ଥିବା ଅନ୍ୟପଟେ ବାରହା ନଷ୍ଟ କରୁଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବ୍ଲକରେ ୨ଟି କାମଚଳା ଧାନ ମଣ୍ଡି ଖୋଲାଯାଇଛି। କମ ଲକ୍ଷ୍ୟ ଧାର୍ଯ୍ୟ ଯୋଗୁ ଏହା ପୂରଣ ହୋଇଯାଇଛି। ବର୍ତ୍ତମାନ ପୁଷ ଜାନୁଆରୀ ପ୍ରଥମ ସପ୍ତାହ ମଧ୍ୟରେ ଟୋକନ ପାଉଥିବା ଚାଷୀଙ୍କଠାରୁ ଧାନ କିଣାଯାଉଛି। ଏହାପରଠାରୁ ଧାନ କ୍ରୟ କରାଯାଉନାହିଁ।

# ମା' ହାବୁଡ଼ାସିଂହୀ ପୀଠରେ ୨୯ତମ ଚଣ୍ଡୀ ମହାଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ

ରଣପୁର, ୧୮।୧
(ସୁକାନ୍ତ କିଶୋର ଡାକୁଆ)

ରଣପୁର ଅଞ୍ଚଳର ପ୍ରସିଦ୍ଧ ଆସ୍ଥା କେନ୍ଦ୍ର ମା' ହାବୁଡ଼ାସିଂହୀଙ୍କ ପୀଠରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଚଣ୍ଡୀ ମହାଯଜ୍ଞ ରବିବାର ସାନ୍ଧ୍ୟରେ ପୂର୍ଣ୍ଣାହୁତି ହୋଇଛି। ପାଞ୍ଚ ଦିନ ଧରି ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନାରେ ପରିପୂର୍ଣ୍ଣ ହୋଇଉଠିଥିଲା ଏହି ଅଞ୍ଚଳ। ଏଠାରେ ଆୟୋଜିତ ୨୯ତମ ଚଣ୍ଡୀ ମହାଯଜ୍ଞ ରବିବାର ଗୋଧୂଳି ସମୟରେ ପୂର୍ଣ୍ଣାହୁତି



ସହ ଶେଷ ହୋଇଛି। ଗତ ବୁଧବାର ଅଙ୍କୁରାରୋପଣ କାର୍ଯ୍ୟ ସହ ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା। ଗୁରୁବାର ଶଙ୍ଖ, ଘଣ୍ଟ ଓ ହରିବୋଲ ଧ୍ୱନିରେ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇ ସମଗ୍ର ଅଞ୍ଚଳ ଭକ୍ତିରେ ଉଦ୍ଦୀପିତ ହୋଇଉଠିଥିଲା। ରବିବାର ଗୋଧୂଳି ସମୟରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବା ସହିତ ମହାଯଜ୍ଞର ଉଦ୍ଦେଶ୍ୟ ସାର୍ଥକ ହୋଇଥିଲା। ଏହି ପବିତ୍ର ଅବସରରେ ଶହ ଶହ ଭକ୍ତ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ତ୍ରିବେଣୀ ଅମାବାସ୍ୟାରେ ନୀଳମାଧବ ଜୀଉଙ୍କୁ ଫଳାଭିଷେକ

ଖଣ୍ଡପଡ଼ା,୧୮।୧
(ଅଜୟ କୁମାର ମହାରଣା)

ତ୍ରିବେଣୀ ଅମାବାସ୍ୟା ତିଥିରେ ଜଗନ୍ନାଥ ସଂସ୍କୃତିର ଆଦିଦେବତା ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କୁ ଫଳାଭିଷେକ କରାଯାଇଥିବା ଜଣାଯାଇଛି। ପୁରୀ ଦାସିଆ ବାଉରୀ ମଠର ବାବା ରାମ ଚରଣ ଦାସ (ତୁଳସୀ ବାବା)ରବିବାର ପ୍ରତ୍ୟୁଷରେ ନୀଳମାଧବ କ୍ଷେତ୍ରରେ ପହଞ୍ଚି ଶ୍ରୀ ଜୀଉଙ୍କୁ ପୂଜାର୍ଚ୍ଚନା କରିବା ସହିତ ପ୍ରାତଃ ନୀତି ପରେ ବିଭିନ୍ନ ପୁଷ୍ପ ଓ ଫଳରେ ଅଭିଷେକ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସେବାୟତ ନୀଳମାଧ ମିଶ୍ର, ଦୟାନିଧି ମିଶ୍ର, ନିରଞ୍ଜନ ବାଘ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରାୟ ୧ କୁଇଣ୍ଟାଲ ବିଭିନ୍ନ ଫଳରେ ଶ୍ରୀଜୀଉଙ୍କୁ ଅଭିଷେକ କରାଯାଇଥିଲା।


ନୀଳମାଧବଙ୍କୁ ଫୁଲରେ ସଜା ଯାଇଛି।

# ଆସିକା ବନାଞ୍ଚଳରେ ପକ୍ଷୀ ଗଣନା

ଆସିକା,୧୮।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳର ଆସିକା, ଧାରାକୋଟ, ସଡ଼ଙ୍ଗିପଲ୍ଲୀ ଓ ଶେରଗଡ ସେକ୍‌ସନରେ ରବିବାର ପକ୍ଷୀ ଗଣନା ହୋଇଯାଇଛି। ସକାଳ ୬ଟାରୁ ୧୧ଟା ଯାଏଁ ସମଗ୍ର ଅଞ୍ଚଳରେ ୧୨ଟି ସ୍ଥାନରେ ଥିବା ପୋଖରୀ, ହ୍ରଦ ଓ ଜଳାଶୟ ଆଦିରେ ଏହି ଗଣନା କରାଯାଇଥିଲା। ଆସିକା ସେକ୍‌ସନର କାହାଡା ଘାଇ, ଦନ୍ତରିବଗଡ ହ୍ରଦ, ଭେଟନଇ ପୋଖରୀ ଏବଂ ଦେବଭୂମି ହ୍ରଦ ଓ ଋଷିକୁଲ୍ୟା ନଦୀ ସଂଲଗ୍ନ କଇଁଫୁଲିଆ ଜଳାଶୟ, ଧାରାକୋଟ ସେକ୍‌ସନର ନେଳିଆ ବନ୍ଧ, ବାହାଁରପୁର ପୋଖରୀ, ସଡଙ୍ଗିପଲ୍ଲୀ ସେକ୍‌ସନର ମଥୁରା ବନ୍ଧ, ବାଦପୁର ପୋଖରୀ, ଶେରଗଡ ସେକ୍‌ସନର କେରିକେରି ଖୋଳା କୁମ୍ଭଟି ବନ୍ଧ, ଅଶୋକପୁର ଘାଇ, କୁମାରପାଣି ସାତାସାଗର ହ୍ରଦ ଆଦି ସ୍ଥାନରେ ପକ୍ଷୀ ଗଣତି ହୋଇଥିଲା। ତେବେ ଏହି ଗଣତିରେ କେଉଁ ପ୍ରଜାତିର କେତେ ପକ୍ଷୀ ରହିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ସ୍ଥାନରେ ଶଙ୍ଖଚିଲ, ମାଛିଆ ଚିଲ, ଟିଁଟିଁ, ପଣ୍ଡହିଳନ, କୁଜିଟ୍ୟ, ଶେଣ୍ଡାଳିଆ, ବଗ, ପାଣି କୁଆ ଆଦି ରହିଥିବା ଜଣାପଡିଛି। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆସିକା ବନପାଳ ଶରତ କୁମାର ବେହେରା, ଧାରାକୋଟ ବନପାଳ ଲାଲୁ ଶବର, ସଡଙ୍ଗିପଲ୍ଲୀ ବନପାଳ ପି. ସୁରଜ କୁମାର ଓ ଶେରଗଡ ବନପାଳ ରାଜେନ୍ଦ୍ର କୁମାର ରାଉତ ଏବଂ ବନ କର୍ମଚାରୀ ଏହି ପକ୍ଷୀ ଗଣତିରେ ସାମିଲ ଥିଲେ।

# ୧୯୮୫ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ଯୋଗଦେଇଥିବା ଛାତ୍ରମାନେ।

ଶରଣକୁଳ,୧୮।୧(ଦୀପକ କର)

ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳ ୧୯୮୫ ମସିହା ମାଟ୍ରିକ ବ୍ୟାଚ ଛାତ୍ରମାନଙ୍କର ଏକ ବନ୍ଧୁମିଳନ ସ୍ଥାନୀୟ ବ୍ରଜେନ୍ଦ୍ର ସଂସ୍କୃତ ଟୋଲ, ଶରଣକୁଳ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବୈକୁଣ୍ଠ ନାଥ ସିଂ, ଗୋପୀନାଥ ସାହୁ, ଶିବାରାମ ଗାଆଣ, ପ୍ରକାସ ମିଶ୍ର, ଚିତ୍ତରଞ୍ଜନ ପଟ୍ଟନାୟକ, ବିପିନ ବିହାରୀ ମିଶ୍ର, ସମୀର ରଥ, ପ୍ରଦୀପ ଦାଶ, ଗୋଦାବରୀ ବସନ୍ତିଆ, ରବୀନ୍ଦ୍ର ଗାଆଣ, ଅଶୋକ କୁମାର ପ୍ରଧାନ, ଶିବରାମ ପାତ୍ର, ପଦ୍ମଲୋଚନ ତ୍ରିପାଠୀ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ କୁମାର ଦାଶ, ପ୍ରମୋଦ ଦାଶ, ଜଙ୍ଗଲୀ ବାଜପେୟୀ ଓ ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ଯୋଗଦେଇ ୪୦ ବର୍ଷର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ବୈକୁଣ୍ଠ ନାଥ ସିଂ, ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ୫ ଜଣ କମିଟିକୁ ମନୋନୀତ ହୋଇଥିଲେ। ପ୍ରତିବର୍ଷ ପାଞ୍ଚଜଣ ଗରିବ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ଉପକରଣ ସହାୟତା ପ୍ରଦାନ ସହିତ ମେଧାବୀ ଛାତ୍ରାଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

# ବୁଗୁଡ଼ା ବନାଞ୍ଚଳରେ ପକ୍ଷୀ ସଂଖ୍ୟା ବୃଦ୍ଧି

ବୁଗୁଡ଼ା,୧୮।୧(କାଳିଚରଣ ଦାଶ)

ଗ୍ରାମୀୟ ବନ ବିଭାଗ ପକ୍ଷରୁ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଳାଶୟ ତଥା ଆର୍ଦ୍ରଭୂମି ସ୍ଥାନରେ ପକ୍ଷୀ ଗଣନା ହୋଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଗଣନା କାର୍ଯ୍ୟକ୍ରମ ନିମନ୍ତେ ୧୨ଟି ଦଳ ଗଠିତ ହୋଇଥିଲା ବେଳେ ପ୍ରତ୍ୟେକ ଦଳରେ ୪ ଜଣ ଲେଖାଏଁ ରହିଥିଲେ। ଏହି ଦଳ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଘୁଆ ଜଳଭଣ୍ଡାର, ଚିଲିଖମ୍ବା, ବାଲିପଦର, ଛାମୁଣ୍ଡା, ମାଣିତରା, ଜିଳିବା, ଇନ୍ଦ୍ରବାଡ଼ ଆଦି ଗ୍ରାମାଞ୍ଚଳ ଆର୍ଦ୍ରଭୂମି ସ୍ଥାନମାନଙ୍କରେ ପକ୍ଷୀ ଗଣନା କରିଥିଲେ। ବନପାଳ, ବନରକ୍ଷୀ ଓ ସ୍କ୍ୱାର୍ଡ କର୍ମଚାରୀଙ୍କୁ ନେଇ ଗଠିତ ପକ୍ଷୀ ଗଣନାକାରୀ ଦଳଗୁଡ଼ିକ ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ କରିଥିଲେ। ଦେଶୀୟ ପକ୍ଷୀ ସାଙ୍ଗକୁ ବିଦେଶୀ ପକ୍ଷୀ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଗତ ବର୍ଷ ତୁଳନାରେ ଏ ବର୍ଷ ପକ୍ଷୀ ସଂଖ୍ୟାରେ ବୃଦ୍ଧି ଘଟିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଜି.ଉଦୟଗିରି,୧୮।୧(ବିଜୟ କୁମାର ସେଠୀ)

ଜି.ଉଦୟଗିରି ବନବିଭାଗ ତରଫରୁ ଫିଙ୍ଗି ଗ୍ରାମ ନିକଟରେ ଥିବା ବଣଭୋଜି ସ୍ଥଳ ଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଫରେଷ୍ଟ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁଲବାଣୀ ଏସିଏଫ୍ ସ୍ୱେତଲିନା ସାହୁ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ସମ୍ପର୍କରେ କହିବା ସହ ପ୍ରକୃତି, ବନ୍ୟପ୍ରାଣୀ ଓ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ପ୍ଲାଷ୍ଟିକ ଦ୍ୱାରା ସୃଷ୍ଟି ହେଉଥିବା ଦୀର୍ଘକାଳୀନ କ୍ଷତି ବିଷୟରେ ସଚେତନ କରାଇଥିଲେ। ବଣଭୋଜି ସମୟରେ ପଲିଥିନ, ପ୍ଲାଷ୍ଟିକ ପାତ୍ର ଓ ଥରେ ବ୍ୟବହୃତ ବସ୍ତୁ ବଦଳରେ ପରିବେଶ ସହଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ।

# ଏକାଧିକ ସ୍ଥାନରେ ଖୋଲିନି ମଣ୍ଡି

## ଧାନବିକ୍ରି ଅପେକ୍ଷାରେ ଚାଷୀ, ଦଲାଲ ସକ୍ରିୟ

ଖଣ୍ଡପଡ଼ା, ୧୮।୧
(ଅଜୟ କୁମାର ମହାରଣା)

ଡିସେମ୍ବର ୨୯ ରୁ ସମଗ୍ର ନୟାଗଡ଼ ଜିଲାରେ ଧାନମଣ୍ଡି ଖୋଲିବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲେ। ମାତ୍ର ଅଦ୍ୟାବଧି ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଯୋଗିଆପଲ୍ଲୀ ଓ ବେଣାଗାଡିଆ ସେବା ସମବାୟ ସମିତିକୁ ବାଦ ଦେଲେ ଆଉ କେଉଁଠି ହେଲେ ପ୍ରଶାସନ ପକ୍ଷରୁ ଧାନମଣ୍ଡି ଖୋଲା ଯାଇନାହିଁ। ଫଳରେ ମଣ୍ଡିରେ ଉଚିତ ମୂଲ୍ୟରେ ଧାନ ବିକ୍ରୟ କରିବା ନିମନ୍ତେ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି। ଗତ ୨ ମାସ ତଳୁ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଧାନ ଅମଳ କାର୍ଯ୍ୟ ଶେଷ କରିଥିବା ଜଣାଯାଇଛି। ମାତ୍ର ସବୁଠି ଧାନମଣ୍ଡି ଖୋଲି ନ ଥିବାର ସୁଯୋଗ ନେଇ ଗାଁ ଗାଁରେ ଏକାଧିକ ଦଲାଲ ଏବେ ବେଶ୍ ସକ୍ରିୟ ହୋଇ ଉଠିଥିବା ଜଣାଯାଇଛି। ଧାନ ବେପାରୀଙ୍କଠାରୁ ଆରମ୍ଭ କରି ଦଲାଲମାନେ ସିଧାସଳଖ ଚାଷୀଙ୍କଠାରୁ କମ୍ ଦରରେ ଧାନକ୍ରୟ କରିବା ପାଇଁ ଏବେ ପ୍ରୟାସ ଆରମ୍ଭ କରି ଦେଇଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଧାର କରଜ କରି ଚାଷ କରୁଥିବା ଚାଷୀମାନେ ଏବେ ଅଭାବୀ ଧାନ ବିକ୍ରିର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛି। ଫଳରେ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଧାନ ବେପାରୀମାନେ ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପିଛା ୧୯୦୦ ରୁ ୨୦୦୦ ଟଙ୍କାରେ କ୍ରୟ କରିବାକୁ ପ୍ରବର୍ତ୍ତାଉ ଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ସେବା ସମବାୟ ସମିତି ଗୁଡ଼ିକରେ ତୁରନ୍ତ ଧାନମଣ୍ଡି ଖୋଲିବା ନିମନ୍ତେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ନୟାଗଡ଼ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳ ଚାଷୀମାନେ ଦାବି କରିଛନ୍ତି।

# ତହସିଲ ଟାଇଗରକୁ ହରାଇ ଓଡ଼ଗାଁ ଗୋଲ୍ଡ ଚାମ୍ପିୟନ


ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

## ଓଡ଼ଗାଁ ଗୋଲ୍ଡ , ତହସିଲ ଟାଇଗର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ଓଡ଼ଗାଁ, ୧୮।୧
(ଆଦର୍ଶ କୁମାର ପଟ୍ଟନାୟକ)


ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମରେ ଓଡ଼ଗାଁ ଗୋଲ୍ଡ ଏବଂ ତହସିଲ ଟାଇଗର(ପ୍ରଶାସନ)ମଧ୍ୟରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ୨୦୨୬ ରବିବାର ଫାଇନାଲ ମ୍ୟାଚରେ ତହସିଲ ଟାଇଗରକୁ ହରାଇ ଓଡ଼ଗାଁ ଗୋଲ୍ଡ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ପ୍ରତିଯୋଗିତାରେ ବସ୍ତୁତଃ ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରି ଚାମ୍ପିୟନ ଦଳ ଓଡ଼ଗାଁ ଗୋଲ୍ଡର ଅଧିନାୟକ ଖେଳ ମଣିଷ ତଥା ରଘୁନାଥ ଆଲେଲିକ ଆସୋସିଏସନ ସମ୍ପାଦକ ଦିବାକର ନାୟକ ରନର ଦଳର ଅଧିନାୟକ ମାନସଙ୍କୁ ରନର୍ସ ଟ୍ରଫି ଏବଂ ରନର୍ସ ଦଳ ତହସିଲ ଟାଇଗର ଅଧିନାୟକ ମାନସ ରଞ୍ଜନ ଭୋଇ ଚାମ୍ପିୟନ ଦଳର ଅଧିନାୟକ ଦିବାକରଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରି ମ୍ୟାଚ ପରେ ଖେଳ ମାଧ୍ୟମରେ ବନ୍ଧୁତ୍ୱର ପ୍ରମାଣିତ କରିଥିଲେ। ଚାମ୍ପିୟନ ଦଳ ଖେଳାଳି ଉମାକାନ୍ତ ଦାସ ଶ୍ରେଷ୍ଠ ଖେଳାଳି ପୁରସ୍କାର ଏବଂ ରନର ଦଳର ମାନସ ରଞ୍ଜନ ଭୋଇଙ୍କୁ ଅତିଥି ଆର୍ମି ଜେନେରାଲ ଆଦର୍ଶ କୁମାର ପଟ୍ଟନାୟକଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଓଡ଼ଗାଁ ଗୋଲ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ଉମାକାନ୍ତଙ୍କ ବ୍ୟକ୍ତିଗତ ରନ ୭୮ ଏବଂ ମାନସ ସାହୁଙ୍କ ବ୍ୟକ୍ତିଗତ ରନ ୬୪ ଦ୍ୱାରା ୨୩୩ରର ବିଶାଳ ରନ ପ୍ରତିପକ୍ଷ ଦଳକୁ ପ୍ରଭାବିତ କରିଥିଲା। ୨୩୪ ରନ ସଂଗ୍ରହର ଲକ୍ଷ୍ୟ ରଖି ତହସିଲ ଟାଇଗର ସଂଘର୍ଷପୂର୍ଣ୍ଣ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୧୩ ରନରେ ସୀମିତ ରହିଥିଲେ। ଫଳରେ ଓଡ଼ଗାଁ ଗୋଲ୍ଡ ୨୧ ରନରେ ମ୍ୟାଚ ଜିତି ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ଖେଳ ପ୍ରାରମ୍ଭରେ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ସତ୍ୟନାରାୟଣ ବାରିକ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଇଂ ଜନ୍ମେଜୟ ଦାଶ, ବିଶ୍ୱଜିତ ମହାପାତ୍ର, ପ୍ରଫୁଲ୍ଲ ମାଝି ଏବଂ ଉମାକାନ୍ତ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ମାନସ, ସନ୍ତୋଷ, ପ୍ରଭାକର ଓ ସଞ୍ଜୟ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଓଡ଼ଗାଁ ଗୋଲଡ, ଓଡ଼ଗାଁ କଲେଜ ସୁପର୍ କିଙ୍ଗସ, ଓଡ଼ଗାଁ ବ୍ଲକ ବ୍ଲାଷ୍ଟର ଏବଂ ତହସିଲ ଟାଇଗର ମଧ୍ୟରେ ମିନି ଷ୍ଟାଡିୟମ୍‌ରେ ଗତ ୧୦ ତାରିଖରେ ବନ୍ଧୁତ୍ୱପୂର୍ଣ୍ଣ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେ ଦୁଇଟି ମ୍ୟାଚର ବିଜୟୀ ଦଳ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ରାଜନୀତି ବିଜ୍ଞାନ ବିଭାଗର ଜାତୀୟ ସେମିନାର

ଆସିକା,୧୮।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି କଲେଜ ପରିସରରେ ରବିବାର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଦିବସୀୟ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ଓ ଏକ ଉଦୀୟମାନ ଶକ୍ତି – ଆହ୍ୱାନ ଏବଂ ସମ୍ଭାବନା ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ପ୍ରସାଦ ବିଶୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ମୁଖ୍ୟବକ୍ତା ରୂପେ ବିଜ୍ଞାନ ଜେନେଷ୍ଟ୍ରାର ପୂର୍ବତନ ପ୍ରଫେସର ଡ. ବଂଶିଧର ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜୟକୃଷ୍ଣ ବରାଳଙ୍କ ସମେତ ଡ. ନିରଞ୍ଜନ ମୁନି, ଡ. ସନ୍ତୋଷ କୁମାର ସାହୁ, ଡ. ଜୀବନ କୃଷ୍ଣ ଦାସ, ଅଧ୍ୟାପକ ଉପେନ୍ଦ୍ର ମାଝି, ପ୍ରଫେସର କିଶୋର କୁମାର ବେହେରା, ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଡ. ଅମିୟ କୁମାର ପରିଚ୍ଛା, ଡ. ପ୍ରମୋଦ କୁମାର ରାୟ, ପ୍ରଫେସର ରବିନ୍ଦ୍ର କୁମାର ଶତପଥି ପ୍ରମୁଖ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ସିଲୁ ସେଠୀ ଧନ୍ୟବାଦ ଦେଇଥିଲେ।

# ସେବା ଓ ସମର୍ପଣର ବହ୍ନିଶିଖା– ପାର୍ବତୀ ଗିରି



**ସୂର୍ଯ୍ୟବଂଶୀ ସୂରଜ**
ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ

ଆଜି ସ୍ୱାଧୀନତାର ଅମୃତ ଲଗ୍ନରେ ଯେତେବେଳେ ଆମେ ଅଶ୍ରୁତ ବୀରାଙ୍ଗନାମାନଙ୍କ କଥା ମନେପକାଉଛୁ, ଶହେ ବର୍ଷ ତଳେ ଜନ୍ମଲାଭ କରିଥିବା ମହୀୟସୀ ପାର୍ବତୀ ଗିରିଙ୍କ ନାମ ସ୍ୱତଃ ହୃଦୟ ଦର୍ପଣରେ ପ୍ରତିବିମ୍ବିତ ହେଉଛି। ସ୍ଥାନ, କାଳ, ପାତ୍ର, ଲିଙ୍ଗ ଭେଦରୁ ଉପରକୁ ଉଠି ଜନସେବାରେ ଜୀବନ ସମର୍ପିତ କରିଥିବା ମା' ପାର୍ବତୀ ଗିରି ସମସ୍ତଙ୍କ ପାଇଁ ଉଦାହରଣ। ସେବାବ୍ରତ ହିଁ ଥିଲା ତାଙ୍କର କର୍ମ ଓ ଧର୍ମ। ନିଜକୁ ଆଜୀବନ ଶିକ୍ଷାର୍ଥୀ ଭାବି ସେ ପଢୁଥିଲେ ନିଜକୁ ଓ ଗଢୁଥିଲେ ଅନ୍ୟକୁ। ନିଃସ୍ୱାର୍ଥପର ଭାବରେ ପାର୍ବତୀ ଗିରି ଗଢ଼ି ଚାଲିଥିଲେ ସ୍ୱାବଲମ୍ବୀ ସମାଜ: ସେବା ଓ କରୁଣା ଥିଲା ତା'ର ଦୁଇ ଆତ୍ମା।

ତତ୍କାଳୀନ ସମ୍ବଲପୁର ଜିଲାର ସମଲାଇପଦର ଗ୍ରାମରେ ୧୯୨୬ ମସିହା ଜାନୁଆରୀ ୧୯ ତାରିଖରେ ପିତା ଧନଞ୍ଜୟ ଗିରିଙ୍କ କୋଳମଣ୍ଡନ କରିଥିଲେ ବିଶ୍ୱଜନନୀର ଅନ୍ୟତମ ଅବିସ୍ମରଣୀୟ ପ୍ରତିଭା ପାର୍ବତୀ ଗିରି। ମହାତ୍ମା ଗାନ୍ଧୀଙ୍କ ବହୁ ପ୍ରତୀକ୍ଷିତ ଅହିଂସା ନୀତି ସହ ଖଦି ବୁଣିବା, ହରିଜନ ସେବା, ରଚନାତ୍ମକ କାର୍ଯ୍ୟକ୍ରମ, ରାଷ୍ଟ୍ରଭାଷା ଶିକ୍ଷା, ଗୋ ସେବା, ମହୁଚାଷ ଓ ଧନ୍ଦାମୂଳକ ଶିକ୍ଷା ଆଦି କାର୍ଯ୍ୟକୁ ଅବଲମ୍ବନ କରିବା ସହ ସେଥିରେ ଆତ୍ମନିର୍ଭରଶୀଳ ହେବାକୁ ବହୁ ବରିଷ୍ଠ କର୍ମଜୀବୀ ଓ ନେତାମାନଙ୍କୁ ସେ ପ୍ରେରିତ କରିଥିଲେ। ଜାତିର ପିତାଙ୍କ ସ୍ଲୋଗାନରେ ଅନୁପ୍ରାଣିତ ହୋଇ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ବ୍ରିଟିଶ ସରକାରଙ୍କ ଦ୍ୱାରା କାରାବରଣ ଭୋଗିବାକୁ ପଡ଼ିଥିଲା।

ଗରିବ ଓ ଅସହାୟମାନଙ୍କର ଆଶାର ପ୍ରତୀକ ଭାବେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ ରଖିବାର କର୍ମ ହିଁ ଥିଲା ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ପ୍ରତିବଦ୍ଧତା। ସ୍ୱାଧୀନତା ପରେ ତାଙ୍କୁ ରାଜନୀତି କ୍ଷେତ୍ରରେ ଅନେକ ପଦ ପଦବୀର ସୁଯୋଗ ଥିଲେ ମଧ୍ୟ ଜଣେ ଅସାଧାରଣସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ଏସବୁକୁ ପ୍ରତ୍ୟାଖ୍ୟାନ କରି ନିଜର ସମଗ୍ର ଜୀବନ ସମାଜ ସେବାରେ ସମର୍ପଣ କରିଦେଇଥିଲେ। ପ୍ରାପ୍ତି ନୁହେଁ ତ୍ୟାଗ ଥିଲା ତାଙ୍କ ଜୀବନର ଧ୍ୟେୟ, ଧ୍ୟାନ ଓ ଧାରଣା।

ଭାରତରେ ଜନ୍ମିତ ମହାପୁରୁଷ ଓ ଦିଗ୍‌ଗଜମାନଙ୍କ ପରାକାଷ୍ଠା ଏ ଜାତିକୁ ବହୁ ଦିଗ୍‌ଦର୍ଶନ ଦେଇପାରିଅଛି। ମହାତ୍ମାମାନେ ନରରୂପୀ ନାରାୟଣ, ଦରିଦ୍ରରୂପୀ ଦୀନବାଳକଙ୍କ ସେବା ଜାରିରଖି ବିଶ୍ୱବନ୍ଦିତ ହୋଇପାରିଛନ୍ତି। ସେମାନଙ୍କ ପଦାଙ୍କ ଅନୁସରଣ କରି ପାର୍ବତୀ ଗିରି ସେହି ଚିରାୟତ ମୂଲ୍ୟବୋଧର ବାହିକା ଭାବେ ଆଜୀବନ କାର୍ଯ୍ୟ କରିଛନ୍ତି। ସହଜ ଓ ସରଳ ହେବା କଠିନ କିନ୍ତୁ ଉଭୟ ଗୁଣର ଅଧିକାରିଣୀ ଥିଲେ ପୂଜନୀୟା ପାର୍ବତୀ ଗିରି। ଜନମାନସର ଦୁଃଖ ଦୁର୍ଦ୍ଦଶାକୁ ଆପଣାର ଭାବି ସେବା କରିବାର ଦୃଢ଼ତା ପ୍ରତିପାଦନ କରିବାର ସାମର୍ଥ୍ୟ ପାର୍ବତୀ ଗିରିଙ୍କ ପାଖରେ ପ୍ରତୀୟମାନ ହେଉଥିଲା। ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର ବହୁ ଅନାଥ ଶିଶୁଙ୍କର ଅବିକଳ ଓ ଅନାହାର ଅବସ୍ଥାକୁ ହୃଦୟଙ୍ଗମ କରି ୨୮ ଜଣଙ୍କୁ ନେଇ ୨୮ ସେପ୍ଟେମ୍ବର ୧୯୭୪ରେ ନୃସିଂହନାଥଠାରେ ଏକ ଅନାଥ ଆଶ୍ରମ ପ୍ରତିଷ୍ଠା କରି ଏ ଜନମାନସକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଗଠନ କରିଥିବା ଏହି ଅନାଥ ଆଶ୍ରମଟି ପରବର୍ତ୍ତୀ କ୍ଷେତ୍ରରେ 'କସ୍ତୁରବା ଗାନ୍ଧୀ ମାତୃ ନିକେତନ' ନାମରେ ନାମିତ ହୋଇଥିଲା।

ତତ୍କାଳୀନ ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ଅନୁଭବ କରି ସମ୍ବଲପୁର ଜିଲାର ଫୁଲଝରନ୍‌ଠାରେ ନିଷ୍ପେଷିତ, ଅନାଥ ଓ ଅବହେଳିତ ଲୋକମାନଙ୍କ ପାଇଁ 'ଡକ୍ଟର ଆଇଜାକ ସାନ୍ତ୍ରା ବାଲ୍ ନିକେତନ' ନାମରେ ଏକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ସେବାର ଅନ୍ୟତମ ମୂର୍ତ୍ତିମନ୍ତ ପ୍ରତୀକ ଓ ଦେବୀ ଭଳି ସାରାଜୀବନ ଜଗତର ହିତ ଓ ଲୋକକଲ୍ୟାଣ ଦିଗରେ ନିଜକୁ ସମର୍ପି ଦେଇଥିଲେ ଏହି ଅଗ୍ନିକନ୍ୟା। ଭାଗୀରଥି ପଟ୍ଟନାୟକ, ଫକୀର ବେହେରା ଓ ମାଳତୀ ଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ଚେତନା କ୍ଷେତ୍ରରେ ଆକର୍ଷିତ ହୋଇଥିଲେ। ଅଳ୍ପ ବୟସ ଅର୍ଥାତ୍ ମାତ୍ର ୧୨ ବର୍ଷ ବୟସରେ ବରିର ରାମଚନ୍ଦ୍ରପୁର ସେବାଶ୍ରମରେ ମା' ରମାଦେବୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଦୁଇ ବର୍ଷ କାଳ ଏହି ସ୍ଥାନରେ ଅତିବାହିତ କରି ବିଭିନ୍ନ ସାମାଜିକ ସେବାରେ ନିଜକୁ ଉତ୍ସର୍ଗ କରିବା ପରେ ୧୯୪୦ରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମୂଲ୍ୟବୋଧ ଭିତ୍ତିକ ଜୀବନ ଜିଇବାର କଳାକୁ ଆପଣାର କରି ସେବାଧର୍ମ ପ୍ରତି ରହିଥିବାର ମମତା ହିଁ ପାର୍ବତୀ ଗିରିଙ୍କୁ ଅନେକ ସୁନାମ ଆଣି ଦେଇଥିଲା।

ଭାରତକୁ ସ୍ୱାଧୀନତା ଆଣିବାରେ ଏ ଦେଶକୁ ସ୍ୱତନ୍ତ୍ରତା ଦେବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଣେ ଅନନ୍ୟ ଯୋଦ୍ଧା, ଅଗ୍ନିକା, ବହ୍ନିକନ୍ୟା ଭାବେ ସତ୍‌ପଥରେ ଏକାକୀ ଚାଲି କାର୍ଯ୍ୟ କରିବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ ପାର୍ବତୀ ଗିରି। ୱାର୍ଦ୍ଧା ଏବଂ ପରେ ଆସାମଠାରେ ସେବାକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟରେ ବିଭିନ୍ନ ଅଞ୍ଚଳ ଗସ୍ତକରି ଦୁର୍ଗତମାନଙ୍କର



ପାର୍ବତୀ ଗିରି

ସେବା ଜାରିକରି ସ୍ୱକୀୟ ସ୍ୱତନ୍ତ୍ରତାର ପରିଚୟ ଦେଇପାରିଥିଲେ। କୌଣସି ସୀମିତତା ପାର୍ବତୀ ଗିରିଙ୍କୁ ବାନ୍ଧିପାରି ନ ଥିଲା। ୧୯୫୫ ମସିହାରେ ଓଡ଼ିଶାରେ ବନ୍ୟାର ବିଭୀଷିକାରେ ଦଳେଇଘାଇ ଭାଙ୍ଗିଯିବାରୁ ବିଭିନ୍ନ ଅଞ୍ଚଳରେ ବହୁ ବନ୍ୟାଜଳ ପ୍ଲାବିତ ହୋଇ ଅନେକ ଧନଜୀବନ କ୍ଷୟକ୍ଷତି ହେବାସହ ଲୋକମାନେ ବାସହରା ହୋଇ ଅନାହାରରେ କାଳାତିପାତ କରିଥିଲେ। ଏହିପରି ଘଡିସନ୍ଧି ମୁହୂର୍ତ୍ତରେ ପାର୍ବତୀ ଗିରି ସମ୍ପୃକ୍ତ ବନ୍ୟାଞ୍ଚଳ ପରିଦର୍ଶନ କରି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ଥଳବିଶେଷରେ ଆନୁଷ୍ଠାନିକ ଶିକ୍ଷାପ୍ରତି ଯେପରି କିଛି ବାଧାବିଘ୍ନ ନ ଘଟେ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ବର୍ଣ୍ଣବୈଷମ୍ୟ ଦୂର କରିବା, ତତ୍କାଳୀନ ସମାଜରେ ଚାଲିଥିବା ବିଭିନ୍ନ କୁସଂସ୍କାରର ମୂଳୋତ୍ପାଟନ କରିବା, ଗାଁ ଗାଁ ବୁଲି ଲୋକମାନଙ୍କୁ ଏକତ୍ର କରି ସଂସ୍କାରମୂଳକ ମୂଲ୍ୟବୋଧଭିତ୍ତିକ ପରାମର୍ଶ ଓ ପ୍ରେରଣା ଦେଇଥିଲେ। ଯଥାର୍ଥରେ ଜଣେ ସଂଗ୍ରାମୀ ଓ ବିପ୍ଲବିନୀ ଭାବରେ ସମଗ୍ର ଜୀବନ ସେ ଜନସେବାରେ ଉତ୍ସର୍ଗ କରିଦେଇଥିଲେ। ବରଗଡ଼ର ତତ୍କାଳୀନ ଉପଜିଲାପାଳ ସୁଖେନ୍ଦୁ ଜ୍ୟୋତି ମଜୁମଦାରଙ୍କ ଚଉକିରେ ବସି ବ୍ରିଟିଶ ସରକାରଙ୍କୁ ଅବଜ୍ଞା କରି ଗୋରା ସରକାରଙ୍କୁ ଅବମାନନା କରିଥିବାରୁ ତାଙ୍କୁ ୨ ବର୍ଷ କାରାବରଣ ହୋଇଥିଲା। ସ୍ୱଦେଶୀ ପଦାର୍ଥ ବ୍ୟବହାର କରିବା ଏବଂ ବିଦେଶୀ ପଦାର୍ଥକୁ ବର୍ଜନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ନାରୀମାନଙ୍କୁ ଅଧିକ ଶକ୍ତିଶାଳୀ କରିବାକୁ ଉଦ୍‌ବୋଧନ ଦେବା ସହ ସେ ସମୟରେ ନାରୀଜାଗରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବାର ଅନେକ ଦୃଷ୍ଟାନ୍ତ ସ୍ୱଲିଖିତ ଡାଏରୀରୁ ଦେଖିବାକୁ ମିଳେ। ତନ୍ମଧ୍ୟରୁ–

''ନ ଜାଗିଲେ ଯଦି ଭାରତ ରମଣୀ
ଜାଗିବ ନାହିଁ ଏ ଭାରତ ଧରଣୀ।''

ନିଜର ସ୍ୱଲିଖିତ ଡାଏରୀ ୩।୧୧।୮୭ରେ ନୃସିଂହନାଥରେ ଲେଖିଥିଲେ– ''ଦରିଦ୍ର କୁଟିରରେ ରହିଛି ଆମ ଜାତିର ଜୀବନ''। ବାସ୍ତବରେ ଦେଶର ଉନ୍ନତି ଓ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ହେଲେ, ଦରିଦ୍ର ଅବସ୍ଥାରେ ବସବାସ କରୁଥିବା ଲୋକମାନଙ୍କର ଉନ୍ନତି ସାଧନ କରିବା, ତେବେ ଯାଇ ଦେଶକୁ ଆମେ ପ୍ରଗତି ପଥରେ ଆଗେଇ ନେଇପାରିବାର ଚିନ୍ତାକୁ ସେ ଅନୁଭବ କରିପାରିଥିଲେ। ସମାଜରେ ପ୍ରତ୍ୟେକଙ୍କ ପାଇଁ ଏକ ସମାନ୍ତରାଳ ଓ ସହାବସ୍ଥାନ ନୀତି ପ୍ରଣୟନରେ ତାଙ୍କର ପ୍ରମୁଖ ଭୂମିକା ଅନସ୍ୱୀକାର୍ଯ୍ୟ।

ବହ୍ନିକନ୍ୟା ଭାବେ ପରିଚିତ ପାର୍ବତୀ ଗିରିଙ୍କ ସାଧନାରେ ଆମର ମଥା ନଇଁଯାଏ। ସେ ଥିଲେ ଶକ୍ତି ସ୍ୱରୂପିଣୀ ମା' ପରି, ସେ ଅନ୍ୟର ଦୁଃଖରେ ହୋଇପଡୁଥିଲେ ଦୁଃଖାଭିଭୂତ। ଏହି ଦୁଃଖର ପରିସମାପ୍ତି ପାଇଁ ଅହରହ ସଂଗ୍ରାମ ଜାରି ରଖି ଜଣେ ସାଲିସ ବିହୀନ ଜନନେତ୍ରୀ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ତାଙ୍କର ଅଗ୍ନିବର୍ଷୀ ବାଣୀରେ ଆକର୍ଷିତ ହୋଇ ଯୁବଗୋଷ୍ଠୀ ଦେଶମାତୃକାର ସେବା କରିବାକୁ ଆଗେଇ ଆସୁଥିଲେ। ସେବାର ମନ୍ତ୍ରରେ ଦୀକ୍ଷିତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। 'ପରୋପକାରାୟ ସ୍ୱର୍ଗାୟ' ନୀତିକୁ ଆପଣାର କରି ଏହାକୁ ସ୍ମରଣୀୟ କରିବାରେ ସେ ପ୍ରାଣ ବିନିଯୋଗ କରିବାକୁ ପଛାଉ ନ ଥିଲେ। କୁଷ୍ଠରୋଗୀଙ୍କ ସେବା ହେଉ ଅଥବା ପ୍ରସୂତି ଚର୍ଚ୍ଚା: ପାର୍ବତୀ ଗିରିଙ୍କ ସେବା ସର୍ବଦା କାମନାରହିତ ଓ ପ୍ରେମାଶ୍ରିତ ଥିଲା। ଏ ସଂସାରରୁ ବିଦାୟ ନେବା ପୂର୍ବରୁ ସେ ଆଉ ଏକ ଅନାଥ ଆଶ୍ରମ ବଲାଙ୍ଗୀର ଜିଲାର ପଥରଚେପାଠାରେ ଆରମ୍ଭ କରିଥିଲେ। ମାତ୍ର ବିଧାତାର ବିଧାନ ବିଚିତ୍ର। ଆଶ୍ରମ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ୬୯ ବର୍ଷ ବୟସରେ ଏହି ମହୀୟସୀ ମହିଳାଙ୍କ ମହାପ୍ରୟାଣ ଅଗଷ୍ଟ ୧୮ ତାରିଖ ୧୯୯୫ରେ ଘଟିଥିଲା। ତାଙ୍କର ସଦିଚ୍ଛୁମାନଙ୍କର ସାହାଯ୍ୟ ଓ ସହଯୋଗକୁ ପାଥେୟ କରି ବଲାଙ୍ଗୀରର 'ପଥରଚେପା' ଠାରେ ନିର୍ମାଣାଧୀନ ଥିବା ବାଲ୍ୟନିକେତନକୁ ପାର୍ବତୀ ଗିରିଙ୍କ ନାମରେ ନାମିତ କରାଯାଇଥିଲା। ସର୍ବୋପରି ଏହି ମହାନ୍ ଦିଗ୍‌ଦ୍ରଷ୍ଟା, ସୁଜ୍ଞାନୀ, ବିଦୂଷୀଙ୍କ ଜନ୍ମ ଶତବାର୍ଷିକୀ ତାଙ୍କ ଜନ୍ମସ୍ଥାନ ସମଲାଇପଦରରେ ପାଳନ ହେଉଥିବା ରାଜ୍ୟସ୍ତରୀୟ ଶତବାର୍ଷିକୀ ସମାରୋହ ଉପଲକ୍ଷେ ତାଙ୍କୁ ଯେତେ ଶବ୍ଦଅର୍ଘ୍ୟ ଦେଲେ ମଧ୍ୟ ବହୁତ କମ୍ ହେବ। ସେ ପ୍ରକୃତରେ ଓଡ଼ିଶାର ଗର୍ବ ଓ ଗୌରବ। ତ୍ୟାଗ, ବଳିଦାନ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ପାର୍ବତୀ ଗିରିଙ୍କ ଆଦର୍ଶ ଆଜି ବି ଝଙ୍କୃତ। ସେ ଅମର। କୃତି ଓ କର୍ମ ପାଇଁ ସୂକ୍ଷ୍ମରୂପରେ ସଦା ବିଦ୍ୟମାନ। ଦେଶମାତୃକାର ସେବା ନିମନ୍ତେ ସମଗ୍ର ଜୀବନକୁ ସମର୍ପିଦେଇଥିବା ଏହି ମହାମନୀଷୀଙ୍କୁ ଏ ଜାତି ତରଫରୁ କୋଟି କୋଟି ପ୍ରଣାମ।

## ମାଙ୍କଡ ଡେଇଁ ପଡ଼ିବାରୁ ଓଲଟିଲା ଅଟୋ, ଡ୍ରାଇଭର ମୃତ

**ଧରାକୋଟ, ୧୮।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ଧରାକୋଟ ଥାନା ତାଳପାଟଣା ନିକଟରେ ଚଳନ୍ତା ଅଟୋ ଆଗକୁ ଏକ ମାଙ୍କଡ ଡେଇଁ ପଡିବାରୁ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିଛି। ଫଳରେ ଘଟଣା ସ୍ଥଳରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋରଡ଼ାର ରତ୍ନ କାର୍ଜି (୨୦)। ରତ୍ନ ଚେନ୍ନାଇରୁ ଆସୁଥିବା ନିଜ ଭାଇ ଭାଉଜଙ୍କୁ ଅଟୋ (ନଂ.ଓଡି ୦୭ ବିସି–୩୨୪୭)ରେ ଧରି ଆସିକା କାଳଷଣ୍ଡପୁରଠାରୁ ସୋରଡ଼ା ଯାଉଥିଲେ। ଧରାକୋଟ ତାଳପାଟଣାଠାରେ ତାଙ୍କ ଅଟୋ ଆଗକୁ ଏକ ମାଙ୍କଡ ଡିଆଁ ମାରିଥିଲା। ଫଳରେ ରତ୍ନ ଅଟୋକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ରତ୍ନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

# ଚିପ୍‌ସ ପ୍ୟାକେଟ୍ ଭିତରେ ଲୁଚିଛି ଯମ

## ୨ ମାସରେ ଗଲାଣି ୩ ଶିଶୁଙ୍କ ଜୀବନ, ୫ ଆହତ

**ଭୁବନେଶ୍ୱର, ୧୮।୧ (ତ୍ରିନାଥ ମହାନ୍ତି)**

■ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

■ ଖୁବ୍‌ଶୀଘ୍ର ଚିପ୍‌ସ କମ୍ପାନୀ ପାଇଁ ଏସ୍‌ଓପି ଆଣିବେ ସରକାର

ଖାଦ୍ୟ ସହ ଖେଳ ଖେଳୁଛନ୍ତି ଚିପ୍‌ସ କମ୍ପାନୀ। ବେପାର ବଢାଇବା ପାଇଁ ଚିପ୍‌ସ ପ୍ୟାକେଟ୍ ଭିତରେ ଛୋଟ ଖେଳନା, ବେଲୁନ ଆଦି ବିଭିନ୍ନ ପ୍ରକାର ଜିନିଷ ପୂରାଇ ପିଲାଙ୍କୁ ଆକୃଷ୍ଟ କରୁଛନ୍ତି। ଖାଦ୍ୟ ସହ ଖେଳନା ଖାଇ କୋମଳମତି ଶିଶୁଙ୍କ ଜୀବନ ଯାଉଛି। ତଣ୍ଟିରେ ଲାଗିଯିବାରୁ ୨ ମାସରେ ୩ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଆହତ ହୋଇଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏବେ ଲୋକେ 'ଚିପ୍‌ସ ପ୍ୟାକେଟ'ରେ ଯମ ରହିଥିବା ପିଲାଙ୍କୁ କହି ଡରାଉଥିବା ଦେଖିବାକୁ ମିଳୁଛି। ତେବେ ଅବହେଳାରୁ ଘଟୁଥିବା ଏଭଳି ମୃତ୍ୟୁ ଘଟଣାରେ ଥାନାରେ ମାମଲା ହୋଇଛି। କେତେକ କ୍ଷେତ୍ରରେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ମ୍ୟାନେଜର କ୍ଷମା ମାଗି ଖସିଯାଉଥିବା ଦେଖାଯାଉଛି। ହେଲେ ସମ୍ପୃକ୍ତ କମ୍ପାନୀ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏଭଳି ହୃଦୟବିଦାରକ ଘଟଣା ବଢ଼ିଚାଲିଛି। ତେବେ ଏନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ମାନବାଧିକାର କର୍ମୀ ହିମାଂଶୁ ନାୟକ ପିଟିଶନ ଦାଏର କରିଛନ୍ତି। ଚିପ୍‌ସରେ ଖେଳନା ଦେଉଥିବା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏତେ ଜୀବନ ଯିବା ପରେ ବହୁ ବିଳମ୍ବରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଏଭଳି ଅଘଟଣ ଏଡ଼ାଇବାକୁ ଚିପ୍‌ସ ପ୍ରସ୍ତୁତକାରୀଙ୍କ ପାଇଁ ଏସ୍‌ଓପି ଜାରି କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ଏନେଇ ଗାଇଡଲାଇନ୍ ଜାରି ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅଭିଭାବକମାନେ ମଧ୍ୟ ଏଥିପ୍ରତି ସତର୍କ ଓ ସଚେତନ ରହିବା ଦରକାର ବୋଲି ମତ ପ୍ରକାଶ ପାଇଛି। ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏଭଳି ଜଙ୍କ୍ ଫୁଡ୍‌ଠାରୁ ପିଲାଙ୍କୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଚଳିତ ମାସରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ନିଧିପୁର ଗାଁର ତାପସ ପାଇକରାୟ ଚିପ୍‌ସ ପ୍ୟାକେଟରୁ ବାହାରିଥିବା ବେଲୁନ ଫୁଙ୍କିବା ବେଳେ ତାହା ପାଟି ଭିତରେ ପଶି ତଣ୍ଟିରେ ଲାଖିଯାଇଥିଲା। ପ୍ରାଣବିକଳରେ ଛଟପଟ ହେଉଥିବା ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ବଞ୍ଚାଇପାରି ନ ଥିଲେ। ସେହିଭଳି ୩ ଦିନ ତଳେ ଚିପ୍‌ସ ପ୍ୟାକେଟ ଭିତରେ ଥିବା ଖେଳଣା ନିଆଁରେ ପଡ଼ି ବିସ୍ଫୋରଣ ହେବାରୁ ଆଖି ହରାଇଥିଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶଗଡ଼ ଗାଁର ୮ ବର୍ଷର ପୁଅ ଅଙ୍କେଶ ହର୍‌ପାଲ। ଆଉ ଏସବୁ ଘଟଣା ୨ ମାସ ତଳର କନ୍ଧମାଳ ଜିଲାର ଆଉ ଏକ ଘଟଣାକୁ ମନେ ପକାଇଦେବା ସହ ସତର୍କ କରାଇଦେଇଛି। ଅଙ୍ଗନୱାଡି କେନ୍ଦ୍ରରୁ ଫେରିବା ବେଳେ ବାପା କିଣିଦେଇଥିବା ଚିପ୍‌ସ ପ୍ୟାକେଟରୁ ବାହାରିଥିବା ଖେଳଣା ବନ୍ଧୁକ ତଣ୍ଟିରେ ଲାଗିଯିବାରୁ ଆଖି ବୁଜିଥିଲେ କନ୍ଧମାଳ ବ୍ରାହ୍ମଣୀ ଥାନା ଅନ୍ତର୍ଗତ ମୁଷିମାହା ଗାଁର ରଞ୍ଜିତ ପ୍ରଧାନଙ୍କ ୪ ବର୍ଷର ପୁଅ ବିଗିଲ।

ଆଇନଜୀବୀ ଅବିନାଶ ଗୁରୁ କହିଛନ୍ତି, ଚିପ୍‌ସରେ ଖେଳନା ଦେଉଥିବା କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଆହୁରି ମଧ୍ୟ ପୋଲିସ ଉକ୍ତ କମ୍ପାନୀ ମ୍ୟାନେଜରମାନଙ୍କୁ ତୁରନ୍ତ ଗିରଫ କରିବା ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଉ।

ଅଭିଭାବକ ରଶ୍ମିରେଖା ବେହେରା କହିଛନ୍ତି, ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଆମ ପିଲାଙ୍କୁ ଚିପ୍‌ସ ଖାଇବାକୁ ଦେବାକୁ ଭୟ ଲାଗୁଛି। ହେଲେ ଆମ ଅଜାଣତରେ ସେମାନେ ଦୋକାନକୁ ଯାଇ କିଣି ଖାଉଛନ୍ତି। ଘରକୁ ଯଦି କେହି ଆସୁଛନ୍ତି ସେମାନଙ୍କୁ ଖେଳନା ଚିପ୍‌ସ କିଣିବା ପାଇଁ ଜିଦ୍‌କରି କାନ୍ଦୁଛନ୍ତି। ତେଣୁ ଯେଉଁ କମ୍ପାନୀ ପିଲାଙ୍କ ଜୀବନ ନେବାଭଳି କାମ କରୁଛି, ସେସବୁ କମ୍ପାନୀକୁ ସରକାର ବ୍ୟାନ୍ କରିବା ଭଳି କଠୋର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ସାଙ୍ଗ ମୃତ

**ଜଳେଶ୍ୱର, ୧୮।୧ (ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୫୭ନଂ. ରାଜ୍ୟ ରାଜପଥର ଆମ୍ବପୁଞ୍ଜାଠାରେ ଶନିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କମର୍ଦ୍ଦା ଥାନା ଅଧୀନ ନାଛିନ୍ଦା ପଞ୍ଚାୟତ ଜଳଧାବାଗ ଗ୍ରାମର ଗୌତମ ସାହୁ(୧୮) ଓ ଚନ୍ଦ୍ରଶେଖର ମହାପାତ୍ର(୨୨)। ସୂଚନା ଅନୁଯାୟୀ, ସେମାନେ ଏକ ବାଇକ୍ (ଓଡି୦୧ଏଏକ୍ସ–



ଚନ୍ଦ୍ରଶେଖର ମହାପାତ୍ର ଓ ଗୌତମ ସାହୁ।

୨୩୨୮)ରେ କମର୍ଦ୍ଦା ଆଡୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ଆମ୍ବପୁଞ୍ଜାଠାରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୌତମ ଓ ଚନ୍ଦ୍ରଶେଖର ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ନାମ୍ପୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଜଳେଶ୍ୱର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

## ପୋଖରୀହୁଡ଼ାରୁ ନବଜାତ ଶିଶୁପୁତ୍ର ମୃତଦେହ ଜବତ

**ଉମରକୋଟ, ୧୮।୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୋଏଲାରବେଡ଼ା ଗାଁର ପୋଖରୀହୁଡ଼ାରୁ ରବିବାର ସକାଳୁ ଜଣେ ନବଜାତକଙ୍କ ମୃତଦେହ ମିଳିଛି। ଉମରକୋଟ ପୋଲିସ ମୃତଦେହ ଜବତ କରିବା ସହ ଏହାର ତଦନ୍ତ କରୁଛି। ମୃତଦେହ ସେଠାକୁ କିପରିଆସିଲା ତାହାର ସୂଚନା ମିଳିନି।

ସୂଚନା ଅନୁଯାୟୀ ରବିବାର ଗୋରୁ ନେଇ ଯାଉଥିବା କେତେଜଣ ପୋଖରୀହୁଡ଼ାରେ ଥିବା ଏକ ଖଜୁରି ଗଛ ମୂଳେ ନବଜାତ ଶିଶୁପୁତ୍ର ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଡିଏସ୍‌ପି ରମାକାନ୍ତ ସାଏ, ଏଏସ୍‌ଆଇ ନରେନ୍ଦ୍ର ଗୋଲାପୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ସତ୍କାର କରାଯାଇଛି। କେସ୍ ନଂ ୬/୨୬ ମାମଲା ରୁଜୁ ହୋଇଛି।


No.CAD-3045

idco | ODISHA NEW OPPORTUNITIES

File No.HO/Civil/T&E-E-5298/01/2025/993 Dt.09.01.2026

**OFFICE OF THE CHIEF GENERAL MANAGER (CIVIL)-II, IDCO, IDCO TOWER, BHUBANESWAR**

Bid Identification No. CIVIL/EST/25/2025-26

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| | | | |
|---|---|---|---|
| 1. | Name of the Work | : | Construction of Swimming Pool in the district of Koraput, Odisha |
| 2. | Value of work | : | Rs.1742.72 Lakhs (Approx.) |
| 3. | Period of completion | : | 12 (Twelve) Calendar Months |
| 4. | Availability of tender online for Bidding : | | |
| | I. Start Date | : | 18:00 Hours of dt.20.01.2026 |
| | II. Prebid meeting Date | : | 11.30 Hours of dtd.27.01.2026 |
| | III. End date | : | 17:00 Hours of dt.09.02.2026 |
| | IV. Opening Date | : | 17.30 Hours of dt.09.02.2026 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

OIPR- Sd./- Chief General Manager (Civil)-II, IDCO, Bhubaneswar

**CORRIGENDUM**

No. V-32: The schedule for holding the Entrance Examination for admission into Eklavya Model Residential Schools (EMRSs), Kalinga Model Residential Schools (KMRSs) and Biju Patnaik Adarsha Vidyalayas (BPAVs) for the academic session 2026 has been revised.

In partial modification of the earlier notification issued in this regard, the revised schedule for conducting the EMRS Selection Test, KMRS Selection Test and BPAV Selection Test - 2026 is given below.

| Sl. | Contents | Scheduled Dates |
|---|---|---|
| 1 | Online registration of application start date | 16.01.2026 |
| 2 | Last date for submission of offline application | 10.02.2026 |
| 3 | Last date for submission of online application | 12.02.2026 |
| 4 | Verification of documents (Offline/Online) | From 01.01.2026 to 15.02.2026 |
| 5 | Issue of online Admit Card | From 15.02.2026 to 22.02.2026 |
| 6 | Date of EMRSST, KMRSST, BPAVST - 2026 | 22.02.2026 (10 A.M.) |
| 7 | Last date of entry of marks and display of result in web portal | 28.02.2026 |
| 8 | First merit list with issuing intimation letter through SMS, email, phone, letter | 28.02.2026 onwards |

All other terms and conditions mentioned in the earlier notification shall remain unchanged.
For detailed information and updates, please visit: https://omtes.odisha.gov.in.

OIPR: Sd./- Secretary, OMTES

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
e-Mail-eerw_kuchinda@yahoo.com

1st Corrigendum to Bid Identification No. Tender online 13/ RWD/ Kuchinda / 2025-26

No.O-2075 : Due to unavoidable circumstances, the following changes have been made in this office Bid identification No.- tender online 13/ RWD/ Kuchinda / 2025-26

The availability of tender for online bidding has been extended from **21.01.2026 at (11.00 A.M.) to 29.01.2026 up to (5.00 P.M.)**
Last date & Time of seeking tender clarification: - **28.01.2026**
Date & Time of opening tender :- **30.01.2026.**
**All other terms and conditions remain unchanged.**

OIPR- Sd./- Superintending Engineer, Rural Works Division, Kuchinda

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
**OFFICE OF THE EXECUTIVE ENGINEER (AGRIL.), AGRIL. ENGG DIVISION, RAYAGADA**

No. 52 INVITATION FOR BIDS (IFB) Date. 16/01/2026
e-procurement notice

**Bid identification number / Tender call notice No. - EE (A) -05 of 2025-26**
No.L-165 : The Executive Engineer (Agril.), Agril. Engg Division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Governor of Odisha for the Civil construction works (including IE and PH works) under Rayagada Division. The costs of the project are approximately 1.96 to 22.34 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **19.01.2026 at 11:00 hours to 31.01.2026 at 17:30 hours**. The bid will be opened on **02.02.2026 at 11:00 AM hours** and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

OIPR- Sd./- Executive Engineer (Agril.) Agril. Engg Division, Rayagada

**ODISHA HYDRO POWER CORPORATION LTD.** OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-R&M-P-30, Vol-VI/381 Date : 16.01.2026

TENDER CALL NOTICE NO. HHEP-07/2026

No.CAD-3051 : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors only for supply and demonstration of the following materials as mentioned below.

| Description of work/ Service | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply and Demonstration of Digital Multimeter and Clamp meters at HHEP, Burla | Rs. 2360/- (Rs. 2000 + GST @ 18%) | 2750/- |

- Sale of tender paper : **21.01.2026 (10.00AM) to 03.02.2026 upto 05.30PM**
- Receipt of tender paper : **04.02.2026 upto 03.30PM**
- Date & time of opening of tender : **04.02.2026 at 04.00PM**

Further details like tender documents / terms & conditions (corrigendum /erratum / addendum, if any), please visit our official website www.ohpcltd.com

OIPR- Sd./- C & P Head, HHEP, Burla

**GOVERNMENT OF ODISHA** No.O-2063
**OFFICE OF THE EXECUTIVE ENGINEER RURAL WORKS DIVISION, BONAI**
E-mail ID : rwd.bonai@yahoo.com
TENDER CALL NOTICE
BID IDENTIFICATION NO. ONLINE-EEBNI-06 of 2025-26

1. Name of the work : Road Repair Works, 2. Total No. of works : 14 (Fourteen) Nos., 3. Estimated cost : Rs.15.40-84.98 Lakhs, 4. Class of contractor : "B", "C" & "D" Class, 5. Period of completion : 01 (One) Month, 6. Type of Tender : Single Cover & Double Cover, 7. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | ONLINE - EEBNI-06 of 2025-26 | 20.01.2026 from 11.00 A.M. | 28.01.2026 upto 05.00 P.M. | 27.01.2026 upto 5.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.

OIPR- Sd./- Executive Engineer RW Division, Bonai

**DISTRICT PROJECT OFFICE SAMAGRA SHIKSHA, BHADRAK**
At-Upper Bagurai, Post-Madhabanagar, Bhadrak-756181
No.117/pcd/2026 Dated : 15.01.2026

NOTICE INVITING TENDER (NIT)

**No.n-235** : Sealed tenders are invited from the reputed & cridible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class-V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class-V & VIII 2026 Students | Rs.2000/- | Rs.100000/- | 29.01.2026 | 30.01.2026 |

The detailed BID document is available in the district website https://www.bhadrak.odisha.gov.in and aleo OSEPA website : www.osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with above website.

The Tender inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

OIPR- Sd./- Collector-cum-Chairman Samagra Shiksha Bhadrak

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II BHUBANESWAR**
eerb2_bbsr@yahoo.com

INVITATIONS FOR BIDS THROUGH e-Procurement
Bid Identification No- C.C. (R&B) - 02
e - Procurement Notice No. 35 of 2025-26

**No.B-971** : The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **Four** Number **Building** works to be received in online bidding, **Single & Double** cover system as detailed in: https://tendersorissa.gov.in. The details of bid documents will be available in the above website from **20.01.2026 to 5.00 P.M. of 02.02.2026**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **03.02.2026** in the Office of the Superintending Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

OIPR- Sd./- Superintending Engineer, BBSR (R&B) Division No.II, BBSR

**ଗ୍ରାମବାସୀଙ୍କୁ ଭୟଭୀତ କରୁଥିବା ଯୁବକ ଗିରଫ**

କଳିଙ୍ଗନଗର,(ଶୁଭାଶିଷ ରାଉତ): ମଦ୍ୟପାନ ପରେ ଖଣ୍ଡାଧରି ଗ୍ରାମବାସୀଙ୍କୁ ଭୟଭୀତ କରିବା ଅଭିଯୋଗରେ କଳିଙ୍ଗନଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଉଁସନଳିର କିଷାନ ମାରାଣ୍ଡି(୪୫)। ପୋଲିସ କିଷାନଙ୍କଠାରୁ ଏକ ସ୍ପର୍ଫିଓ ଏବଂ ୩ ଫୁଟର ଏକ ଖଣ୍ଡା ଜବତ କରିଛି। ସେ ମଦ୍ୟପାନ କରିବା ପରେ ଗ୍ରାମବାସୀଙ୍କୁ ଖଣ୍ଡା ଧରି ଭୟଭୀତ କରୁଥିବା ଖବର ପାଇ ଥାନାଧିକାରୀ ପ୍ରକାଶ ସାହୁ ପହଞ୍ଚି ତାଙ୍କୁ ଗିରଫ କରିଥିଲେ।

# ଜୟ ମା’ ବିରଜା ଧ୍ୱନିରେ ଗୁଞ୍ଜରିତହେଲା ମନ୍ଦିର ପରିସର



ମା ବିରଜାଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ।

**ଯାଜପୁରଟାଉନ,୧୮।୧ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

- ମା’ ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ
- ସାବିତ୍ରୀ ବେଶରେ ଦର୍ଶନ ଦେଲେ ମା’
- ଆକର୍ଷଣ ସାଜିଲା ବାଲୁକା କଳା



ତ୍ରିବେଣୀ ଅମାବାସ୍ୟା ଅବସରରେ ରବିବାର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ମା’ଙ୍କ ମହାସ୍ନାନ କରାଯାଇଥିଲା। ଏହାପରେ ପିଷ୍ଟକାଦି ନୈବେଦ୍ୟ ଅର୍ପଣ ପରେ ଚନ୍ଦନ ଲାଗି ଅଳଙ୍କାର ଲାଗି କରାଯାଇଥିଲା। ମା’ଙ୍କୁ ସାବିତ୍ରୀ ବେଶରେ ସଜ୍ଜିତ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା ବିଧି ଓ ସ୍ୱନକ୍ଷତ୍ର ପୂଜା ପରେ ନବରତ୍ନ ମଣ୍ଡପେ ଯଜ୍ଞ ବେଦୀରେ ମା’ଯଜ୍ଞାନୁଷ୍ଠାନ କରାଯାଇଥିଲା। ଯଜ୍ଞ ଶେଷରେ ପୂର୍ଣ୍ଣାହୁତି, ଆରତୀ ଦର୍ଶନ ଓ ଘଟ ବିସର୍ଜନ କରାଯାଇଥିଲା। ମା’ଙ୍କୁ ଗାୟତ୍ରୀ ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା। ସ୍ୱନକ୍ଷତ୍ର ଦିବସ ଅବସରରେ ମା’ଙ୍କ ମନ୍ଦିର ଚତୁଃପାର୍ଶ୍ୱ ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା। ସକାଳୁ ରାତି ପର୍ଯ୍ୟନ୍ତ ମା’ଙ୍କୁ ଦର୍ଶନ ପାଇଁ ଜିଲା ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିରରେ ଭିଡ଼ ଜମାଇଥିଲେ। ଜୟ ମା’ ବିରଜା ଧ୍ୱନିରେ ଗୁଞ୍ଜରିତ ହୋଇଥିଲା ବିରଜା ମନ୍ଦିର ପରିସର।

ବିରଜା ମନ୍ଦିର ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ ସ୍ୱନକ୍ଷତ୍ର ଉତ୍ସବର ସମସ୍ତ କାର୍ଯ୍ୟ ତଦାରଖ କରୁଥିଲେ। ମା’ଙ୍କର ସ୍ୱନକ୍ଷତ୍ର ଉତ୍ସବ ନିମନ୍ତେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ବ୍ୟାପକ ପୋଲିସ ଫୋର୍ସ ମନ୍ଦିର ଚତୁଃପାର୍ଶ୍ୱରେ ମୁତୟନ ହୋଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ସୁରୁଖୁରୁରେ ମା’ଙ୍କୁ ଦର୍ଶନ କରି ଆଶିଷ କାମନା କରିଥିଲେ। ସନ୍ଧ୍ୟାରେ ମା’ଙ୍କ ମନ୍ଦିର ପାର୍ଶ୍ୱରେ ଭଜନ ପରିବେଷଣ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ଦୀପ୍ତିମୟୀ ଦାସ ଏହି ଭଜନ ସମାରୋହରେ ଯୋଗ ଦେଇ ମା’ ବିରଜାଙ୍କ ଭଜନ ଗାନ କରିଥିଲେ। ଚଳିତ ଥର ପୁଣ୍ୟତୋୟା ପକ୍ଷରୁ ‘ଯାଜପୁରରେ ମା’ ବିରଜା’ଙ୍କ ଉପରେ ଏକ ନୂତନ ଭଜନ ହୋଇଥିଲା। ବାଲୁକା ଶିଳ୍ପୀଙ୍କ ଦ୍ୱାରା ବାଲିରେ ମା’ଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା, ଯାହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଏହି ବାଲୁକା କଳା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମା’ଙ୍କ ସ୍ୱନକ୍ଷତ୍ର ଉତ୍ସବ ପାଇଁ ଯାଜପୁର ସହର ଚଳଚଞ୍ଚଳ ହେବା ସହିତ ଉତ୍ସବମୁଖର ହୋଇଥିଲା ବିରଜା ମନ୍ଦିର। ବିଶ୍ୱାସ ରହିଛି ଏହି ଦିନରେ ମା’ବିରଜାଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହିତ ପାପ ମଧ କ୍ଷୟ ହୋଇଥାଏ। ତେଣୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମା’ଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁ ମା’ଙ୍କୁ ନିଜର ଦୁଃଖ ଜଣାଇବା ସହ ଦୀପ, ଧୂପ, ପୁଷ୍ପ, ଭୋଗରାଗ ମା’ଙ୍କ ନିକଟରେ ଅର୍ପଣ କରିଥିଲେ।

## ବିରଜା ମହୋତ୍ସବ ଉଦ୍‌ଘାଟିତ

**ଯାଜପୁରଟାଉନ,୧୮।୧ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଡିଷ୍ଟ୍ରିକ୍ଟ ଆର୍ଟିଷ୍ଟ ୱେଲ୍‌ଫେୟାର ଆସୋସିଏସନ୍ ପକ୍ଷରୁ ମା’ବିରଜା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ହରିହର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ହୃଷୀକେଶ ପତି ସ୍ତୋତ୍ରପାଠ କରିଥିଲେ। ସମ୍ପାଦକ କୈଳାସ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭାପତି ଗୌତମ ରାୟ ଯୋଗଦେଇ ଭାରତର ୫୧ ଶକ୍ତିପୀଠ ମଧ୍ୟରେ ଯାଜପୁରର ବିରଜାକ୍ଷେତ୍ର ଅନନ୍ୟ ଓ ସର୍ବପ୍ରାଚୀନ ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହାକୁ କଳା, ସାହିତ୍ୟ, ସଂସ୍କୃତି, ନୃତ୍ୟ, ସଂଗୀତ ଓ ଚାରୁକଳା ପ୍ରଭୃତି କ୍ଷେତ୍ରରେ ଆହୁରି ଉନ୍ନତ ଏବଂ ସମୃଦ୍ଧ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତ ରଖିଥିଲେ। ମା’ବିରଜାଙ୍କ ମନ୍ଦିର ବ୍ରହ୍ମାକୁଣ୍ଡ, ଦଶାଶ୍ୱମେଧ ଘାଟ, ବୈତରଣୀ ନଦୀର ଗରିମାମୟ ଐତିହ୍ୟର ପୁନର୍ବିନ୍ୟାସ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ନେଇଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ଭୂ-ଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଡିଏସ୍‌ପି ଶରତ ପାତ୍ର, ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂହ, ହୃଦ୍‌ରୋଗ ବିଶେଷଜ୍ଞ ଡା. ଦୀପକ ପାଢ଼ୀ, ନିର୍ଦ୍ଦେଶକ ନୃସିଂହ ନନ୍ଦ ପ୍ରମୁଖ ଯୋଗଦେଇ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ଡିଏସ୍‌ପି ପାତ୍ରଙ୍କ ରଚିତ, ସଂଗୀତଜ୍ଞ ଦିନେଶ୍ ମଲ୍ଲିକଙ୍କ ସ୍ୱର ସଂଯୋଜନା ଓ ଡ. ସୁବାସ ପାଣିଙ୍କ କଣ୍ଠ ଦାନରେ ‘ମା’ବିରଜା’ କ୍ୟାସେଟ୍ ଏବଂ ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ଓ ଅଭିଲିପ୍ସା ମିଶ୍ରଙ୍କ କଣ୍ଠ ଦାନରେ ପ୍ରସ୍ତୁତ ‘ବିରଜା ସ୍ତୋତ୍ରମ’ କ୍ୟାସେଟ୍ ଓ ପୁସ୍ତକ ଉନ୍ମୋଚିତ ହୋଇଥିଲା।



ବିରଜା ମହୋତ୍ସବରେ ଯୋଗଦେଇଥିବା ଅତିଥି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ଅଂଶୁମାନ



@ ରାଜଲକ୍ଷ୍ମୀ



@ ରୌମ୍ୟରଞ୍ଜନ



@ ସୁନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଳାଶୁଣୀ ଗୁମ୍ଫାମେଳା: ରବିବାର ପାଇଁ ଅସମ୍ଭାଳ ଭିଡ଼



**ଚଣ୍ଡିଖୋଲ,୧୮।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଳାଶୁଣୀ ଗୁମ୍ଫା ମେଳା ରବିବାର ୫ମ ଦିନରେ ପହଞ୍ଚିଛି। ଏହା ଛୁଟିଦିନ ହୋଇଥିବାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ଯାଜପୁର ଜିଲାର ଏହିମେଳା ଓଳାଶୁଣୀ ପାହାଡ଼ ପାଦ ଦେଶରୁ ଆରମ୍ଭ କରି ଶୀର୍ଷ ଦେଶ ପର୍ଯ୍ୟନ୍ତ ୨ କିଲୋମିଟର ଯାଏ ଲମ୍ବିଛି। ଏହା ୫୩ନଂ. ଜାତୀୟ ରାଜପଥ କଡ଼ରେ ହୋଇଥିବାରୁ ଗମନାଗମନ ସୁବିଧା ରହିଛି। ସେଥିପାଇଁ ଜାତୀୟ ରାଜପଥଠାରୁ ମେଳା ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ଭିଡ଼ ଲାଗି ରହିଥିଲା। ଅପରାହ୍ନରେ ପୋଲିସ ଜାତୀୟ ରାଜପଥ ନିକଟରୁ ସମସ୍ତ ୪ ଓ ୨ ଚକିଆ ଯାନ ବନ୍ଦ କରିଦେବାରୁ ୨ କିଲୋମିଟର ମେଳା ପଡ଼ିଆ ପର୍ଯ୍ୟନ୍ତ ଲୋକଙ୍କୁ ଚାଲିକି ଆସିବାକୁ ପଡ଼ିଥିଲା। ଲଳିତଗିରି ପଟୁ ଆସୁଥିବା ଯାତ୍ରୀ ୧ କିଲୋମିଟର ଦୂରରେ ଗାଡ଼ି ରଖି ଆସିବାକୁ ବାଧ ହୋଇଥିଲେ। ମେଳା ପଡ଼ିଆ ବାହାରେ ହୋଇଥିବା ପ୍ରାୟ ୩୦ ବାଇକ୍ ଷ୍ଟାଣ୍ଡ ପୂର୍ଣ୍ଣ ହୋଇଯାଇଥିଲା। ମେଳା ପଡ଼ିଆ ଆରମ୍ଭ ପୂର୍ବରୁ ପୋଲିସ ଟ୍ରାଫିକ ପୋଷ୍ଟ କରିଥିବାରୁ ସମସ୍ତେ ମେଳା ପରିସରକୁ ଚାଲିକି ଆସିଥିଲେ। ଭିଡ଼ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ମେଳାପଡ଼ିଆ ସହିତ ଓଳାଶୁଣୀ ପାହାଡ଼ ଉପର ଭାଗ ଓ ଉଭୟ ଦୁଇ ପାର୍ଶ୍ୱ ରାସ୍ତାରେ ଗହଳି ଅଧିକ ଥିବାରୁ ଯାତାୟାତ କଷ୍ଟକର ହୋଇପଡ଼ିଥିଲା। ଏପରିକି ଶୁଖୁଆପଡ଼ା ଗ୍ରାମ୍ୟ ରାସ୍ତା ମଧ ସମ୍ପୂର୍ଣ୍ଣ ଜାମ ହୋଇଥିଲା।

## ବ୍ୟାସନଗରରେ ମା’ ବିରଜାଙ୍କ ଜନ୍ମୋତ୍ସବ

**ବ୍ୟାସନଗର,୧୮।୧(ପବିତ୍ର ରଞ୍ଜନ ମହାନ୍ତି):** ତ୍ରିବେଣୀ ଅମାବାସ୍ୟା ପରିପ୍ରେକ୍ଷୀରେ ରବିବାର ବ୍ୟାସନଗର ସ୍ଥିତ ବିରଜାନଗରରେ ଥିବା ବିରଜା ମନ୍ଦିରରେ ମା’ଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସକାଳ ୬ଟାରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ୭ଟା୩୦ରେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ ଓ ଶୋଡ଼ଷ ଉପଚାର ପୂଜା ଅନଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ପ୍ରଭାତରୁ ମା’ଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ମହାଳିକ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସମ୍ପାଦକ ଭାଗ୍ୟଧର ମହାରଣା, ଉପଦେଷ୍ଟା ବିଜୟ ବରାଳ, ଚନ୍ଦ୍ରମଣି ସାମଲ, ନିରଞ୍ଜନ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ରମେଶ କାଣ୍ଡି, ନୀତି ସଂଯୋଜକ ବୀର କିଶୋର ସାହୁ, ସ୍ମୃତି ରଞ୍ଜନ ପଣ୍ଡା, ଦିଲୀପ ମହାନ୍ତି, ଅଭିରାମ ନାୟକ, ଲମ୍ବୋଦର ମଲ୍ଲିକ, ବିଷ୍ଣୁଚରଣ ପଟ୍ଟନାୟକ, ଦିବ୍ୟାଂଶୁ ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି, ରାଜେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସେଠୀ, ନିରଞ୍ଜନ ମଲ୍ଲିକ, ପ୍ରକାଶ ସାହୁ, ଜିତେନ୍ଦ୍ର କୁମାର ରାଉତ, ମନ୍ଦିର ପୂଜକ କାହ୍ନୁଭାଇନା, ସଂଗ୍ରାମ ଶତପଥୀ ଓ ମନୁ ନନା ଏହି କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟକର୍ତ୍ତା ଭାବେ ବିମାନ ଆଇଚ ସକ୍ରିକ କାର୍ଯ୍ୟ ତୁଲାଇଥିଲେ।



## ବସ୍‌ଷ୍ଟାଣ୍ଡରୁ ବିପୁଳ ଗଞ୍ଜେଇ ଜବତ, ୫ ଗିରଫ

**ଯାଜପୁରରୋଡ୍,୧୮।୧ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ପୋଲିସ ରବିବାର ସକାଳେ ଯାଜପୁରରୋଡ୍ ବସଷ୍ଟାଣ୍ଡରେ ଚଢ଼ାଉ କରି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୬ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ୪ ମୋବାଇଲ ଓ ୨ ହାତ ଘଣ୍ଟା ଜବତ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ନରେନ୍ଦ୍ରପୁର ଥାନା ଅଞ୍ଚଳର ସୁମନ ମଣ୍ଡଳ (୨୫), ଚନ୍ଦନ ସରକାର(୩୦), ଗୋପାଳ ଦେବନାଥ(୨୫), ସ୍ୱପ୍ନସରକାର (୨୬) ଓ ସୁଜୟ ହାଲଦାର(୨୧)। ଅଭିଯୁକ୍ତମାନେ ଏହି ଗଞ୍ଜେଇକୁ ଟ୍ରେନ ଯୋଗେ ଯାଜପୁରରୋଡ୍ ଷ୍ଟେଶନରୁ କଲିକତା ପଠାଇଥାନ୍ତେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଗଞ୍ଜେଇ କନ୍ଧମାଳ ଅଞ୍ଚଳରୁ ଯାଜପୁରରୋଡ ଆସିଥିଲା। ଏଠାରୁ କୋଲକାତାକୁ ଚାଲାଣ ହୋବାକୁ ଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗରେ ଆଉ କେଉଁମାନେ ଅଛନ୍ତି ଏବଂ ଏହାର ଚେର କେଉଁ ଆଡକୁ ଲମ୍ବିଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ ଏକ ପ୍ରେସ ବିବୃତିରେ କହିଛନ୍ତି। ଚଢ଼ାଉରେ ଏସଆଇ ମାନସ ସାହୁ, ଗୃହଲକ୍ଷ୍ମୀ ପଟ୍ଟନାୟକ, ଏଏସଆଇ ହରେକୃଷ୍ଣ ସ୍ୱାଇଁ, ଦେବେନ୍ଦ୍ର ରାଉତ ଓ ହାବିଲଦାର ବିଦ୍ୟାଧର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଜନସମୁଦ୍ର ପାଲଟିଲା ମେଳାପଡ଼ିଆ

## ପଞ୍ଚମ ଦିବସରେ ବରୁଣେଶ୍ୱର ମେଳା

**ବିଞ୍ଝାରପୁର,୧୮।୧(ରାମକୃଷ୍ଣ ଦାସ):**

ପ୍ରସିଦ୍ଧ ବରୁଣେଶ୍ୱର ମେଳାର ରବିବାର ଥିଲା ପଞ୍ଚମ ଦିବସ। ଛୁଟିଦିନ ଥିବାରୁ ମେଳାରେ ଅପରାହ୍ନରେ ମେଳା ପଡ଼ିଆ ଜନସମୁଦ୍ର ପାଲଟିଥିବା ପରିଲକ୍ଷିତ ହୋଇଥିଲା। ଏପରି କି ବିଞ୍ଝାରପୁରର ସମସ୍ତ ରାସ୍ତା କେବଳ ବରୁଣେଶ୍ୱର ମେଳା ମୁହାଁ ହୋଇଥିବା ଦେଖାଯାଇଥିଲା। ମେଳା ପଡ଼ିଆରୁ ମଇଁନ୍ଦା ଛକ, ଚିକଣାଠାରୁ ମେଳାପଡ଼ିଆ ଓ ଅରେଇଠାରୁ ମେଳାପଡ଼ିଆ ପୁରା ଜାମ ହୋଇପଡ଼ିଥିଲା। କେବଳ ସେତିକି ନୁହେଁ, ଯାତ୍ରା ପାଇଁ ଅପରାହ୍ନ ପରଠାରୁ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତା ଚଳଚଞ୍ଚଳ ହୋଇପଡ଼ିଥିଲା।



ମେଳାରେ ହୋଇଥିବା ଭିଡ଼।



ମେଳା ବୁଲିବାକୁ ଆସିଥିବା ଦିବ୍ୟାଙ୍ଗ ପିଲାମାନେ।

### ଦିବ୍ୟାଙ୍ଗ ପିଲାଙ୍କୁ ମେଳା ବୁଲାଇଲେ ଯୁବ ଶିଳ୍ପୋଦ୍ୟୋଗୀ ଜିତୁ

ମାନବିକତା ଓ ସେବା ମନୋଭାବର ଉତ୍ତମ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ଯୁବ ଶିଳ୍ପୋଦ୍ୟୋଗୀ ଜିତେନ୍ଦ୍ର କୁମାର ପ୍ରଧାନ। ସେ ବିଞ୍ଝାରପୁର ପ୍ରମିଳାଦେବୀ ସ୍ପେସାଲ ସ୍କୁଲର ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ଅନାଥ ପିଲାଙ୍କୁ ବରୁଣେଶ୍ୱର ମେଳା ବୁଲାଇବା ସହ ବାବାଙ୍କ ଦର୍ଶନ କରାଇଛନ୍ତି। ପରେ ପିଲାଙ୍କୁ ବରୁଣେଶ୍ୱର ମେଳାପଡ଼ିଆକୁ ନେଇ ଦୋଳିର ମଜ୍ଜା, ବିଭିନ୍ନ ମନୋରଞ୍ଜନ ସାଧନ ଦେବାସହ ଖାଦ୍ୟ ଖୁଆଇଛନ୍ତି। ମେଳାର ଆନନ୍ଦ ପାଇ ସମସ୍ତ ପିଲାଙ୍କ ମୁହଁରେ ଖୁସି ଝଲସି ଉଠିଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମକୁ ସଫଳ କରିବାରେ ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟାପକ ଦୀପକ ଜେନା, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା ଓ ଏନ୍‌ଏସ୍‌ଏସ୍ ୟୁନିଟ୍ ଛାତ୍ରୀଛାତ୍ର ସକ୍ରିୟ ଭାବେ ସହଯୋଗ କରିଥିଲେ। ଜିତେନ୍ଦ୍ରଙ୍କ ଏପରି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ଲୋକେ ବେଶ ପ୍ରଶଂସା କରିଛନ୍ତି।



### ନାମମନ୍ଦିର ପରିବାର ପକ୍ଷରୁ ପୂର୍ବତନ ସୈନିକ, ଚାଷୀ ସମ୍ବର୍ଦ୍ଧିତ

ବରୁଣେଶ୍ୱର ପୀଠ ସଂଲଗ୍ନ ନାମମନ୍ଦିର ପକ୍ଷରୁ ମକର ମିଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଞ୍ଝାରପୁର ଅଞ୍ଚଳର ପୂର୍ବତନ ସୈନିକ ଓ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାତା ବାବା ସଚ୍ଚିଦାନନ୍ଦ ମହାରାଜ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ମହାମନ୍ତ୍ରୀ ପୂଜନୀୟ ଦଣ୍ଡସ୍ୱାମୀ ଜିତେନ୍ଦ୍ରାନନ୍ଦ ସରସ୍ୱତୀଜୀ ଯୋଗଦେଇଥିଲେ। ଦେଶ ମାତୃକାର ସେବାପାଇଁ ବିଞ୍ଝାରପୁର ଅଞ୍ଚଳର ୩୦ ଅବସରପ୍ରାପ୍ତ ସୈନିକ ଓ ୨ ଅଗ୍ରଣୀ ଚାଷୀଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେଶର କୋଣ ଅନୁକୋଣରୁ ପଚାଶରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେଇଥିଲେ।

### ପଲ୍ଲିଶ୍ରୀ ମେଳାରୁ ମହାମେଳା

ବରୁଣେଶ୍ୱର ମେଳାରେ ଆଧୁନିକତା ଛାପ ବାରି ହୋଇପଡୁଛି। ପୂର୍ବରୁ ଏହି ମେଳାରେ ସୋଲା, ମଟର, ବାରମଜା, ବରା ଆଳୁଦମ, ରସଗୋଲା, ଛେନାପୋଡ଼ ଆଦି ବିକ୍ରି ହେଉଥିବାବେଳେ ଏବେ ମେଳାପଡ଼ିଆରେ ଗୁପଚୁପ, ଚାଟ, ପିଜା, ବର୍ଗର, ଠୁଙ୍କାପୁରୀ ଆଦି ବିକ୍ରି କରାଯାଉଛି। ଯୁବବର୍ଗ ଏହାର ମଜା ନେବା ପାଇଁ ବେଶୀ ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ ମେଳାରେ ମାଟି ନିର୍ମିତ ସାମଗ୍ରୀ ବିକ୍ରି ହେଉଥିଲାବେଳେ ଏବେ କଂସା, ପିତଳ, ଷ୍ଟିଲ ସାମଗ୍ରୀର ବହୁଳ ବିକ୍ରି ହେଉଛି। ଏପରିକି ମେଳା ପଡ଼ିଆରେ ନାମୀଦାମୀ କମ୍ପାନୀର ଟିଭି, ଫ୍ରିଜ, ଟ୍ରାକ୍ଟର, ବାଇକ୍ ଆଦି ବିକ୍ରି ହେଉଥିବା ଦେଖାଯାଇଛି। ମୋଟାମୋଟି ଭାବରେ ବରୁଣେଶ୍ୱର ମେଳା ଗ୍ରାମୀଣ ମେଳାରୁ ଏବେ ଆଧୁନିକ ଯୁଗରେ ମହାମେଳାରେ ପରିଣତ ହୋଇଛି।

**ଦୁର୍ଘଟଣାରେ ଯୁବକ ଗୁରୁତର**

ଏରସମା, ( ଦୀପ୍ତି ଖଣ୍ଡୁଆଳ ): ଏରସମା ଥାନା ଅନ୍ତର୍ଗତ ପୋଖରୀଆପଡା ପଞ୍ଚାୟତସ୍ଥିତ ଭଜନା ଗ୍ରାମର ଜଣେ ଯୁବକ ବାଇକ୍‌ରେ ଆସୁଥିବାବେଳେ ଭାରସାମ୍ୟ ହରାଇବାରୁ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ୱରାଜ ସ୍ୱାଇଁ (୨୩)। ସେ ଚଟୁଆରୁ ବାଇକ୍‌ରେ ଏରସମା ଆସୁଥିବାବେଳେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

# ଲାଞ୍ଚ ନ ଦେବାରୁ ୱେବସାଇଟ୍‌ରେ ନିର୍ମାଣ ଶ୍ରମିକଙ୍କୁ ମୃତ ଘୋଷଣା

■ ଜିଲା ଶ୍ରମ ଅଧିକାରୀ (ମଙ୍ଗଳ)ଙ୍କୁ କାରଣ ଦର୍ଶାଅ ନୋଟିସ
■ ୨ ଦିନ ଭିତରେ ଉତ୍ତର ନ ରଖିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଜଗତ୍‌ସିଂହପୁର, ୧୮।୧ (ପ୍ରମୋଦ କୁମାର ନାୟକ)

ଛାତ୍ରବୃତ୍ତି ପାଇଁ ଲାଞ୍ଚ ନ ଦେବାରୁ ଜଣେ ନିର୍ମାଣ ଶ୍ରମିକଙ୍କୁ ୱେବସାଇଟ୍‌ରେ ମୃତ ଘୋଷଣା କରାଯାଇଥିଲା। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଧ୍ରୁବଚରଣ ପାଇଟାଳ। ଏ ସମ୍ପର୍କରେ ଉପଶ୍ରମ ଆୟୁକ୍ତ (ଡିଏଲ୍‌ସି)ଙ୍କଠାରୁ ଆରମ୍ଭ କରି ଶ୍ରମ ଆୟୁକ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲା ଶ୍ରମ ଅଧିକାରୀ (ମଙ୍ଗଳ)ଙ୍କୁ ଜିଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଉତ୍ତର ନ ରଖିଲେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଚେତାବନୀ ଦେଇଛନ୍ତି।

ଧ୍ରୁବଚରଣ ତାଙ୍କ ଝିଅ ଓ ପୁଅଙ୍କ ପାଠପଢା ପାଇଁ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ସହାୟତା ଆବେଦନ କରିଥିଲେ। କିନ୍ତୁ ଏହି ରାଶି ମଞ୍ଜୁର ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ପୁଷ୍ପିତା ଷଡ଼ଙ୍ଗୀ ତାଙ୍କୁ ଲାଞ୍ଚ ମାଗିଥିଲେ। ଫୋନ ମାଧ୍ୟମରେ ମୋଟା ଅଙ୍କର ଅର୍ଥ ଦାବି କରିଥିଲେ। ଏପରି କି ଜିଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଟଙ୍କା ନ ପାଇଲେ ଫାଇଲରେ ଦସ୍ତଖତ କରିବେ ନାହିଁ ବୋଲି କହିଥିଲେ। ଏ ସଂକ୍ରାନ୍ତୀୟ ଅଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଅନ୍ୟପଟେ ଲାଞ୍ଚ ଟଙ୍କା ଦେବାରେ ବିଳମ୍ବ ହେବାରୁ ବିଭାଗୀୟ ୱେବସାଇଟରେ ଧ୍ରୁବଚରଣଙ୍କୁ ମୃତ ଦର୍ଶାଯାଇଥିଲା। ଏନେଇ ଧ୍ରୁବଚରଣ ବିସ୍ମିତ ହେବା ସହ ଲାଞ୍ଚ ଦେବାରେ ବିଳମ୍ବ କାରଣରୁ ତାଙ୍କୁ ମୃତ ଦର୍ଶାଯାଇଥିବା ନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହି ଘଟଣାକୁ ଜିଲା ପ୍ରଶାସନ ଗମ୍ଭୀରତା ସହ ନେଇଛି।

ଜିଲାପାଳ ଜେ. ସୋନାଲ ଏ ସମ୍ପର୍କରେ ଅବଗତ ହେବା ପରେ ପ୍ରସଙ୍ଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲା ଶ୍ରମ ଅଧିକାରୀ (ମଙ୍ଗଳ) ସ୍ମୃତିରେଖା ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସ ପାଇବାର ୨ ଦିନ ଭିତରେ ଉତ୍ତର ନ ଦେଲେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେଥିରେ ଦର୍ଶାଯାଇଛି। ଏଥିରେ ସ୍ପଷ୍ଟ କରାଯାଇଛି ଯେ, ଜିଲା ଶ୍ରମ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଲାଞ୍ଚ ଦାବି କରାଯିବା ସଂକ୍ରାନ୍ତୀୟ ଅଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଯେଉଁଥିରେ କୁହାଯାଉଛି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା (ଏନ୍‌ଏସ୍‌କେୱାଇ)ରେ ଲାଞ୍ଚ ଦାବି କରିବା ଘଟଣାରେ ତାଙ୍କର ସମ୍ପୃକ୍ତି ରହିଛି। ଏଭଳି କାର୍ଯ୍ୟ କୌଣସି ପ୍ରକାର ବଡ଼ ଦୁର୍ନୀତିଠାରୁ କମ୍ ନୁହେଁ। ଏହାଦ୍ୱାରା ସମ୍ପୃକ୍ତ ଅଧିକାରୀ କର୍ତ୍ତବ୍ୟ ପାଳନରେ ଅବହେଳା କରିଛନ୍ତି। ଏଥିରେ ସାଧୁତା ଓ ସଚ୍ଚୋଟତାର ଅଭାବ ପରିଲକ୍ଷିତ ହେଉଛି। ଏହା ଓଡ଼ିଶା ସରକାରଙ୍କ ସେବା (ଶୃଙ୍ଖଳା) ନିୟମ ୧୯୫୯ ନିୟମ-୩ର ପରିପନ୍ଥୀ। ତେଣୁ ତୁରନ୍ତ ଉତ୍ତର ଦେବାକୁ ହେବ। ଏ ସମ୍ପର୍କରେ ଅନ୍ୟତମ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କହିଛନ୍ତି, ବିଭାଗୀୟ ୱେବସାଇଟ୍ ଯାଞ୍ଚ କରାଗଲା ପରେ ଜଣାଯାଇଥିଲା କି ଧ୍ରୁବଚରଣଙ୍କ ମୃତ୍ୟୁ ହୋଇଥିବା ନେଇ କେହି ଆବେଦନ କରିଛନ୍ତି। ତେଣୁ ତାଙ୍କର ଆଇଡି ଆକ୍ଟିଭ କରାଯାଇ ଯାହା ବକେୟା ପାଇବାର ଥିଲା ସେସବୁ ଅନୁମୋଦନ କରି ଦିଆଯାଇଛି ବୋଲି ସାହୁ କହିଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଶିବଙ୍କ ସ୍ତ୍ରୀ ତଥା ଅନ୍ୟତମ ଜିଲା ଶ୍ରମ ଅଧିକାରୀ (ମଙ୍ଗଳ) ସ୍ମୃତିରେଖା ଏଥିରେ ସମ୍ପୃକ୍ତ ନ ଥିବା ଦର୍ଶାଇ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାଁରେ ଜଗତ୍‌ସିଂହପୁର ଥାନାରେ ଏତଲା ଦେଇଛନ୍ତି। ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ଦର୍ଶାଇ ଏହାର ତଦନ୍ତ ଦାବି କରିଛନ୍ତି। ଏଥିସହ ଧ୍ରୁବଚରଣଙ୍କ ୱେବସାଇଟରେ ହୋଇଥିବା ତ୍ରୁଟିକୁ ଠିକ୍ କରି ଦିଆଯିବା ସହ ତାଙ୍କ ପିଲାମାନଙ୍କ ଶିକ୍ଷା ସୁବିଧା ଯୋଗାଇ ଦିଆଯାଇଛି। ଏଥିମଧ୍ୟରେ ଡାଟା ଏଣ୍ଟ୍ରି ଅପରେଟର ପୁଷ୍ପିତାଙ୍କ କାର୍ଯ୍ୟାଳୟ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଥିବା ସ୍ମୃତିରେଖା କହିଛନ୍ତି। ଅନ୍ୟପଟେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଲ୍‌ସି ବାବା ଆନନ୍ଦ ଦାସ କହିଛନ୍ତି। ଏହି ରିପୋର୍ଟ ଶ୍ରମ ଆୟୁକ୍ତଙ୍କୁ ଦିଆଯାଇଛି। ଏଥିସହ ପୁଷ୍ପିତାଙ୍କୁ ଛଟେଇ କରିବାକୁ ଆଉଟସୋର୍ସିଂ ସଂସ୍ଥାକୁ ଶ୍ରମ ଆୟୁକ୍ତ ଚିଠି କରିଛନ୍ତି ବୋଲି ଡିଏଲ୍‌ସି କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦୀପକ


@ ରାଜଲକ୍ଷ୍ମୀ


@ ସୌମ୍ୟରଞ୍ଜନ


@ ସୁନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆନ୍ତଃବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ


ନାଟକରେ ଶିଶୁକଳାକାରମାନେ ଅଭିନୟ କରୁଛନ୍ତି।

ପାରାଦୀପ, ୧୮।୧(ଶରତ ରାଉତ)

ଜାନୁଆରୀ ୧୩ ରୁ ଆରମ୍ଭ ହୋଇଥିବା ଆନ୍ତଃ ବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ୬ ଦିନଧରି ଜୟଦେବ ସଦନରେ ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ପାରାଦୀପରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଲାଙ୍କ ଦ୍ୱାରା ଅଭିନିତ ଶିଶୁନାଟକଗୁଡ଼ିକ ଦର୍ଶକଙ୍କୁ ବାନ୍ଧିରଖିଥିବା ବେଳେ ସମସ୍ତ ନାଟକଗୁଡିକ ଶିକ୍ଷା ଓ ସମାଜକୁ ବାର୍ତ୍ତା ଦେଲାଭଳି ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ ମହୋତ୍ସବକୁ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ଚରଣ ସାହୁ, କାର୍ଯ୍ୟକାରୀ ସଭାପତି ରୁଦ୍ର ନାରାୟଣ ମିଶ୍ର ଓ ସମ୍ପାଦକ ପ୍ରଶାନ୍ତ ମହାରଣା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଦୁଇଟି ବିଦ୍ୟାଳୟକୁ ନେଇ ନାଟକ ପରିବେଷଣ କରାଯାଇଥିବା ବେଳେ ହେମନ୍ତ କୁମାର ମାଝୀ ଓ ଗୁରୁ ନିରଞ୍ଜନ ଗାନ୍ ମଞ୍ଚ ପରିଚାଳନାରେ କରିଥିଲେ। ଶେଷ ସନ୍ଧ୍ୟାରେ ଗଣପତି ଶିଶୁ ବିଦ୍ୟାମନ୍ଦିରର ପିଲାମାନେ ନାଟକ 'ଅନୁତାପ' ପରିବେଷଣ କରିଥିଲେ।

## ଜଗତ୍‌ସିଂହପୁର ଜିଲାର ୫ ସ୍ଥାନରେ ୬୬ ହଜାର ପକ୍ଷୀ

ବିଦେଶୀ ପକ୍ଷୀଙ୍କ ଆଗମନ ସାମାନ୍ୟ ହ୍ରାସ

ପାରାଦୀପ ୧୮।୧(ଶରତ ରାଉତ)

ପାରାଦୀପ ସମେତ ଜଗତସିଂହପୁର ଜିଲାର ୫ ସ୍ଥାନରେ ରବିବାର ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଚଳିତ ବର୍ଷ ପ୍ରାୟ ୬୬ ହଜାରରୁ ଅଧିକ ପକ୍ଷୀ ଥିବା ଜଣାପଡିଛି। ରାଜନଗର ବନଖଣ୍ଡ ପକ୍ଷରୁ ସୋମବାର ଏନେଇ ଚୂଡାନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଗତବର୍ଷ ଠାରୁ ଚଳିତ ବର୍ଷ ସାମାନ୍ୟ କମ୍ ବିଦେଶାଗତ ପକ୍ଷୀ ଆସିଛନ୍ତି। ସବୁଠାରୁ ଅଧିକ ପକ୍ଷୀ ପିପିଏଲ୍ ପରିସରରେ ଥିବା ଜଳାଶୟକୁ ଆସିଛନ୍ତି। ଜଗତ୍‌ସିଂହପୁର ଜିଲାର ପାରାଦୀପ ପିପିଏଲ, ହାୱାଖାନା, ତଣ୍ଡା ଜଙ୍ଗଲ, ବନ୍ଦର ଓ କଂସାରୀପାଟିଆଠାରେ ବନ ବିଭାଗ ପକ୍ଷରୁ ପକ୍ଷୀଗଣନା କରାଯାଇଥିଲା। ୫ ଟିମ୍‌ରେ ୧୯ ଜଣ ଗଣନାକାରୀ ଏଥିରେ ଭାଗ ନେଇଥିଲେ। କୁଜଙ୍ଗ ବନାଞ୍ଚଳ ପକ୍ଷରୁ କରାଯାଇଥିବା ଏହି ଗଣନାରେ



ଉନ୍ନତମାନର ବୈଷୟିକ କ୍ୟାମେରା ନିୟୋଜିତ କରାଯାଇଥିଲା। ବିଦେଶାଗତ ପକ୍ଷୀ ମଧ୍ୟରେ ଗଡୱାଲ, ବ୍ଲାକ ଇବିଶ, ନର୍ଦ୍ଦର ପିଣ୍ଟାଇଲୋ, ଲାର୍ଜ ହୁଇସିଲ ଡକ୍, ଲେଜର ହୁଇସିଲ ଡକ୍ ଆଦି ପକ୍ଷୀ ଥିଲେ ବୋଲି ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ବେହେରା କହିଛନ୍ତି। ପିପିଏଲ୍ ମଧ୍ୟରେ ଅଧିକ ପକ୍ଷୀ ରହିବା ସମ୍ପର୍କରେ କମ୍ପାନୀ କର୍ପୋରେଟ ଆଫେୟାର୍ସ ମୁଖ୍ୟ ବିଭୁଦତ୍ତ ପାଣିଗ୍ରାହୀ କୁହନ୍ତି, କମ୍ପାନୀ ପରିସରରେ ଶାନ୍ତ ପରିବେଶ ସହ ପକ୍ଷୀଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କୌଣସି ଲୋକ ଯେପରି ପକ୍ଷୀଙ୍କୁ ବ୍ୟାଘାତ ନ କରନ୍ତି ସେପରି ବ୍ୟବସ୍ଥା କରାଯାଇଛି।

## ଏକତା, ଭ୍ରାତୃଭାବ ସମ୍ପର୍କ ଅତୁଟ ରଖ

ତରିକୁନ୍ଦ ହାଇସ୍କୁଲ ୧୯୭୬ ବ୍ୟାଚ ବନ୍ଧୁମିଳନର ୫୦ ବର୍ଷ ପୂର୍ତ୍ତି

ରଘୁନାଥପୁର,୧୮।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତରିକୁନ୍ଦ ହାଇସ୍କୁଲ ୧୯୭୬ ମ୍ୟାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ୫୦ ବର୍ଷରେ ପଦାର୍ପଣ କରିଛି। ଏହି ଉପଲକ୍ଷେ ଉକ୍ତ ବିଦ୍ୟାଳୟର ଗୁରୁଦକ୍ଷିଣା ପ୍ରକୋଷ୍ଠରେ ବନ୍ଧୁମିଳନ ଉତ୍ସବକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ପ୍ରାରମ୍ଭରେ ପୁରାତନ ଛାତ୍ରୀଛାତ୍ରମାନେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ ଆମନ୍ତ୍ରିତ ପ୍ରାକ୍ତନ ଶିକ୍ଷକଙ୍କୁ ନେଇ ଗୁରୁପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ପୁରାତନ ଛାତ୍ର ଉପେନ୍ଦ୍ର କୁମାର ନନ୍ଦଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଆଚାର୍ଯ୍ୟ, ପ୍ରାକ୍ତନ ଶିକ୍ଷକ ତଥା ପଞ୍ଚସଖା ଶିକ୍ଷା ସେତୁର ସଭାପତି ରଘୁନାଥ ପତି, ଆଦିକନ୍ଦ ନାୟକ, ପଣ୍ଡିତ ବସନ୍ତ କୁମାର ଦାଶ ଓ ପ୍ରଭାତ ମହାନ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ଏକତା ଓ ଭ୍ରାତୃଭାବ ବଜାଇ ରଖି ୫୦ ବର୍ଷ ପୂର୍ତ୍ତି ପାଳନ କରିଥିବା ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ଦେଇଥିଲେ। ପରସ୍ପର ମଧ୍ୟରେ ଏହି ସମ୍ପର୍କକୁ ଅତୁଟ ରଖି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜୀବନ ନୌକା ବାହିନେବାକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ନିଜର ଅନୁଭୂତି ରଖିଥିଲେ। ଏଥିସହ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ସମସ୍ତ ଛାତ୍ରୀଛାତ୍ର ସଂକଳ୍ପ ନେଇଥିଲେ। ଶାନ୍ତନୁ କୁମାର ବେହେରା ସଭା ସଞ୍ଚାଳନ, ସୁରେଶ ତ୍ରିପାଠୀ ଅତିଥି ପରିଚୟ ଓ ସୁମାଳି ଚରଣ ମହାରଣା ଧନ୍ୟବାଦ ଦେଇଥିଲେ। ଏଥିରେ ସରୋଜ ମହାନ୍ତି, ଶ୍ରୀକାନ୍ତ ଆଚାର୍ଯ୍ୟ, ଗିରିଧାରୀ ରାୟ,ବାମନ ନାୟକ, ଲକ୍ଷ୍ମୀପ୍ରିୟା ଦାଶ, ବିଦ୍ୟୁଲତା ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ଜେନା, ଆମଦ କୁମାର ଜେନା, ସୀତାନାଥ ନନ୍ଦ, କନକ ଶତପଥୀ, ପତିତପାବନ ପଣ୍ଡା, ପ୍ରଶାନ୍ତ ଦାଶ, ସୁଶୀଲ ବାରିକଙ୍କ ସହ ୮୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସେମାନଙ୍କ ପରିବାର ସହ ଏଥିରେ ଯୋଗଦେଇଥିଲେ।

## ଡାଙ୍ଗମାଳରେ ବାରହା ଆତଙ୍କ, ଦୁଇଦିନରେ ୨ ଗୁରୁତର

ରାଜନଗର, ୧୮।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳରେ ବାରହା ଆତଙ୍କ ସୃଷ୍ଟି ହୋଇଛି। ଦୁଇଦିନରେ ୨ ଜଣ ବାରହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ବାରହା ଜନବସତିକୁ ବାରମ୍ବାର ପଶି ଆସିବା ଓ ଲୋକଙ୍କୁ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ରବିବାର ଡାଙ୍ଗମାଳ ଗାଁର ତ୍ରିଲୋଚନ କୁଅାଁର (୫୦) ଗୁରୁତର ଆହତ ହୋଇଛନ୍ତି। ସକାଳ ୭ଟାରେ ତ୍ରିଲୋଚନ ଘର ନିକଟ ରାସ୍ତା ନିକଟରେ ଛିଡା ହୋଇଥିବା ବେଳେ ହଠାତ ଦ୍ରୁତଗତିରେ ଦୌଡି ଆସି ବାରହା ଆକ୍ରମଣ କରିଥିଲା। ତ୍ରିଲୋଚନ କିଛି ବୁଝିବା ପୂର୍ବରୁ ବାରହା ଆକ୍ରମଣ କରିଥିଲା। ବାରହା ଆକ୍ରମଣରେ ତ୍ରିଲୋଚନଙ୍କ ମୁହଁ, ଗୋଡ , ଜଙ୍ଘରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାରହା ତ୍ରିଲୋଚନଙ୍କୁ ଆକ୍ରମଣ କରିବା ପରେ ଜଙ୍ଗଲ ମଧ୍ୟକୁ ଚାଲିଯାଇଛି। ଶନିବାର ବାରହା ଆକ୍ରମଣରେ ରଗଡାପାଟିଆ ଗାଁର ସିଦ୍ଧେଶ୍ୱର ଗିରିଙ୍କ ସ୍ତ୍ରୀ ସଂଧ୍ୟାରାଣୀ ଗିରି (୬୮) ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସକାଳ ସାଢ଼େ ୬ଟାରେ ବାଡ଼ିରେ କାମ କରୁଥିବା ବେଳେ ବାରହା ସନ୍ଧ୍ୟାରାଣୀ ଆକ୍ରମଣ କରିଥିଲା। ବୃଦ୍ଧା ଜଣକ କିଛି ବୁଝିବା ପୂର୍ବରୁ ତାଙ୍କୁ ବାରହା ଆକ୍ରମଣ କରିଥିଲା। ବାରହା ଆକ୍ରମଣରେ ମହିଳାଙ୍କ ମୁଣ୍ଡ, ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମହିଳାଙ୍କ ପାଟି ଶୁଣି ପରିବାର ଲୋକେ ଆସିବାରୁ ବାରହା ତାଙ୍କୁ ଛାଡି ଦେଇ ପରିବାର ଲୋକଙ୍କୁ ଗୋଡାଇଥିଲା। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ମୁଖ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମଉଳା ଭଣଜା, କୁଣ୍ଡେଶ୍ୱର ଶୈବପୀଠରେ ତ୍ରିବେଣୀ ଯାତ୍ରା

ନାଉଗାଁ, ୧୮।୧(ସୁଧା ବେହୁରା)

ନାଉଗାଁ ବ୍ଲକ ଡେରିକି ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଦାସ୍ଥିତ ମଉଳା ଭଣଜା ଓ କୁଣ୍ଡେଶ୍ୱରର ତ୍ରିଲୋଚନଶ୍ୱର ଶୈବପୀଠରେ ତ୍ରିବେଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଣ୍ଡେଶ୍ୱରସ୍ଥିତ ଅଳକା ନଦୀ ପଠାରେ ପଞ୍ଚ ଦୋଳ ମେଳଣ ହେବା ସହ ଅଳକା ନଦୀରେ ଠାକୁରମାନେ ସ୍ନାନ କରିଥିଲେ। ଠାକୁରମାନଙ୍କର ସ୍ନାନ ସରିବା ପରେ ବହୁ ଶ୍ରଦ୍ଧାଳୁ ଉକ୍ତ ନଦୀରେ ବୁଡ଼ ପକାଇଥିଲେ। ସେହିପରି ମଉଳାଭଣଜା ଶୈବପୀଠକୁ କୋରୁଅ, ଡେରିକି, ଉର, ଗଙ୍ଗଦା ଗ୍ରାମରୁ ଚାରି ଦୋଳ ଆସିଥିଲା। ଏନେଇ ଆୟୋଜିତ ଶୋଭାଯାତ୍ରା ଗଙ୍ଗଦାହାଟରୁ ଆରମ୍ଭ ହୋଇଥିଲା। ମଉଳା ଭଣଜା ପୀଠରେ ଯଥାରୀତି ପୂର୍ବକ ପୂଜାବିଧି କରାଯିବା ପରେ ୪ ଦୋଳଙ୍କୁ ମେଳଣ କରାଯାଇଥିଲା। ଏହି ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ପ୍ରଭାବଶାଳୀଙ୍କ ଦଖଲରେ ପଞ୍ଚାୟତ ଗ୍ରାମ୍ୟ ଉନ୍ନୟନ ରାସ୍ତା

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୧୮।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବାଛରା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ଆରଡି ରାସ୍ତାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରିଛନ୍ତି। ଫଳରେ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ସ୍ଥାନୀୟ ପ୍ରଶାସନଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦିନକୁଦିନ ପ୍ରଭାବଶାଳୀମାନେ ରାସ୍ତାକୁ ମଡାଇ ପାଚେରୀ କଲେଣି ତ ଆଉ କିଏ ଶୌଚାଳୟ ଟାଙ୍କି ନିର୍ମାଣ କରି ଆବର୍ଜନା ରାସ୍ତାକୁ ନିଷ୍କାସନ କରୁଛନ୍ତି। ଫଳରେ ସେହି ରାସ୍ତା ଦେଇ ସ୍କୁଲକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ରମାନେ ଆବର୍ଜନା ପାଣିରେ ପସି ବିଭିନ୍ନ ସଂକ୍ରମକ ରୋଗରେ ପଡୁଛନ୍ତି। ରାସ୍ତା ସଙ୍କୁଚିତ ହେବା ସହିତ ଗାଡି ମୋଟର ଓ ଆମ୍ବୁଲାନ୍ସ ଯାତାୟାତ କରିପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଗ୍ରାମବାସୀ ଶ୍ରୀକାନ୍ତ ବେହେରା, ବରାହ ଚରଣ ସାମଲ, ନାରାୟଣ ପ୍ରଶାଦ ରାଉତ, ବିଜୟ ସାହୁ, ସୁଧାଂଶୁ ସାମଲ, ଆଶୋକ ସାହୁ, ଅଜୟ ସାହୁ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସହିତ କେନ୍ଦ୍ରାପଡା ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ତହସିଲଦାର ଓ ପଟ୍ଟାମୁଣ୍ଡାଇ ଆରଡି ବିଭାଗ ସହକାରୀ ଯନ୍ତ୍ରୀକୁ ଅଭିଯୋଗ କରିଛନ୍ତି। ଯଦି ଏହା ଉପରେ ବିହିତ ପଦକ୍ଷେପ ନିଆ ନ ଯାଏ ତାହା ହେଲେ ଗ୍ରାମବାସୀ ଆଇନର ଦ୍ୱାରସ୍ଥ ହେବାକୁ ଚେତାଇ ଦେଇଛନ୍ତି।

## ପାଠ୍ୟପୁସ୍ତକରେ ତୃତୀୟରୁ ଭାଗବତ, ଷଷ୍ଠରୁ ଗୀତା ପଢ଼ାଯାଉ

ଜଗତ୍‌ସିଂହପୁର, ୧୮।୧ (ପ୍ରମୋଦ କୁମାର ନାୟକ)

ପାଠ୍ୟପୁସ୍ତକରେ ଗୀତା ଓ ଭାଗବତ ପଢ଼ାଯାଉ। ତୃତୀୟ ଶ୍ରେଣୀରୁ ଭାଗବତ ଓ ଷଷ୍ଠରୁ ଗୀତା ପଢ଼ାଯାଉ। ୩ୟରେ ୫୦ ନମ୍ବର ଭାଗବତ, ୫୦ ନମ୍ବର ରାଷ୍ଟ୍ରୀୟ ବିଚାର ସଂସ୍କୃତି ଜ୍ଞାନରେ ପରୀକ୍ଷା କରାଯାଉ। ଏହାଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ଶନିବାର ୨୭ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଶ୍ରୀମଦ୍‌ଭଗବତ ଗୀତା ଓ ଯୁବପିଢ଼ି ଶୀର୍ଷକ ସାହିତ୍ୟ ଆସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକବାଦୀ ପ୍ରବକ୍ତା ସ୍ୱାମୀ ସ୍ମୃତିସାଗରାନନ୍ଦ ସରସ୍ୱତୀ ଏହି ଦାବି କରିଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ପୁସ୍ତକମେଳାରେ ସେ କହିଥିଲେ, ଏହି ଦାବି ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ନିକଟ ଅତୀତରେ ରଖିଥିଲେ। ତାଙ୍କ ଯୁକ୍ତି ଥିଲା, ପିଲାଟି ଯେତେବେଳେ ଗୀତାର ଏକ ପଂକ୍ତି କୌଣସି କାରଣରୁ ବୁଝି ନ ପାରିବ ସେ ପ୍ରଥମେ ତାଙ୍କ ମା'ଙ୍କୁ ପଚାରିବ। ମା କହି ନ ପାରିଲେ ବାପାଙ୍କୁ ପଚାରିବ। ବାପାଙ୍କଠାରୁ ନିରାଶ ହେଲେ ଟ୍ୟୁଶନ ହେଉଥିବା ସାର କିମ୍ବା ଅନ୍ୟ କୌଣସି ମାଧ୍ୟମରୁ ବୁଝିବାକୁ ଚାହିଁବ। ଏହାଦ୍ୱାରା କେବଳ ପିଲା ନୁହେଁ, ମା', ବାପା, ଟ୍ୟୁଶନ କରୁଥିବା ଶିକ୍ଷକଙ୍କ ସମେତ ଅନେକ ଗୀତା ପଢି ବୁଝିବାକୁ ବ୍ୟାକୁଳ ହେବେ। ଏହା କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଯେତେବେଳେ ପହଞ୍ଚିବ ସେତେବେଳେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଗୀତାକୁ ନେଇ ସାମ୍ପ୍ରଦାୟିକତା ରହିବ ନାହିଁ। କାରଣ ସୁନୀତା ୱିଲିୟମ୍ସ ଯେତେବେଳେ ମହାକାଶରେ ଗୀତା ପଢୁଥିଲେ ସେତେବେଳେ ୩ ମାସର ଖାଦ୍ୟ ୯ ମାସ ଯାଏ ଚାଲିଯାଇଥିଲା। ଡ. ଅବଦୁଲ କଲାମ ଗୀତାକୁ ଧରି ଇନୋଭେଶନ୍ ବିଜ୍ଞାନର ଶୀର୍ଷକୁ ଛୁଇଁ ପାରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଗୀତାକୁ ଧରି ସ୍ୱାଧୀନତା ଆଣି ପାରିଥିଲେ। ଅତୀତରେ ଘଟିଥିବା ହୃଦୟ ବିଦାରକ ବିମାନ ଦୁର୍ଘଟଣାରେ ଅନେକଙ୍କ ମୃତ୍ୟୁ ହୋଇଥିଲା। ସବୁ ଧ୍ୱଂସ ହୋଇ ଯାଇଥିବାବେଳେ ଏକ ନାଲି କପଡାରେ କେବଳ ଗୀତାଟିଏ ସୁରକ୍ଷିତ ରହିବା ସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛି। ତେଣୁ ଗୀତା ଧ୍ୱଂସ ନୁହେଁ, ମଣିଷକୁ ପରିବର୍ତ୍ତନ କରିପାରେ। ପାଶ୍ଚାତ୍ୟାଭିମୁଖୀ ଶିକ୍ଷା ଯୋଗୁ ସମାଜ ନଷ୍ଟ ଆଡକୁ ଅଗ୍ରସର ହେଉଛି। ବିବାହର ବୟସ ୩୧ରୁ ଅଧିକ ହୋଇଗଲାଣି। ଆଉ ୩୦ ବର୍ଷ ପରେ ସମାଜ ଏତେ ତଳକୁ ପଳାଇ ଆସିଥିବ ଯେତେବେଳେ ଗୀତା ପଢ଼ିବା ତ ଦୂରର କଥା କେହି କାହାରିକୁ ପଚାରିବେ ନାହିଁ। ବାବାଜୀ, ମଠ, ମନ୍ଦିର ରହିବନାହିଁ। କାରଣ ବିଳମ୍ବରେ ବାହାଘର, ପିଲାଛୁଆ ଗୋଟିଏ ସନ୍ତାନ ଜନ୍ମ ଦେବାରେ ସମସ୍ୟା ସୃଷ୍ଟି କରିବ। ତେଣୁ ୨୫ରୁ ୨୭ ବର୍ଷକୁ ବିବାହର ସମୟ ଧାର୍ଯ୍ୟ କରାଯାଉ। ବିବାହ ପରେ ଅତି କମ୍‌ରେ ଦମ୍ପତି ୩ଟି ସନ୍ତାନ ଜନ୍ମ କରନ୍ତୁ। ଏହାଦ୍ୱାରା ସମାଜକୁ ରକ୍ଷା କରିହେବ ବୋଲି ସ୍ୱାମୀ ସ୍ମୃତିସାଗରାନନ୍ଦ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ମଣିଷ ସମାଜ ବିଶେଷକରି ଯୁବପିଢ଼ିଙ୍କ ପାଇଁ ଗୀତାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସେ କହିଥିଲେ, ଗୀତା ନିର୍ଦ୍ଦିଷ୍ଟ ଜାତି କି, ବର୍ଗ ପାଇଁ ନୁହେଁ। ପ୍ରତ୍ୟେକ ମଣିଷ ସମାଜ ପାଇଁ ମାର୍ଗଦର୍ଶନ। ଡ. କଲାମ ଗୀତାକୁ ଶାନ୍ତି ଓ ଭକ୍ତିର ବାର୍ତ୍ତା ବୋଲି କହିଥିଲେ। ମନ, ଇନ୍ଦ୍ରିୟକୁ ଆୟତ୍ତ କରି ଉଚିତ ମାର୍ଗରେ ଯିବା ପାଇଁ ଗୀତା ଆମକୁ ବାଟ ଦେଖାଏ। ଗୀତାର ୭୦୦ ଶ୍ଳୋକ ପଢ଼ନ୍ତୁ କି ଗୋଟିଏ, ବାପାଙ୍କ ଭଳି ଏହା ହିତ କରିଥାଏ। ମଣିଷ ଜୀବନର ଭେଦ କ'ଣ ଜଣାଇଥାଏ। ସୁପ୍ତ ଶକ୍ତିକୁ ଜାଗ୍ରତ କରିଥାଏ। ସେଥିପାଇଁ ତଳକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ସବୁଠି ଗୀତା ଛୁଆଁଯାଉଥିଲା ବୋଲି ବାବା ସତ୍ୟାନନ୍ଦ କହିଥିଲେ। ଜଳେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତା ସମ୍ପ୍ରତି ଯୁବକମାନଙ୍କ ପାଇଁ ଆହ୍ୱାନ ହୋଇଛି ବୋଲି କହିଥିଲେ। ଗୀତାରେ ୧୮ ଅଧ୍ୟାୟ ଭିତରୁ ୪ଟି ଯୁବକମାନଙ୍କ ପାଇଁ ଉତ୍ସର୍ଗିକୃତ। କର୍ମ, ଜ୍ଞାନ, ଭକ୍ତି ଓ ରାଜ ଯୋଗ ଉପରେ ଗୀତାରେ ବର୍ଣ୍ଣନା ଅନେକ କିଛି ଜ୍ଞାନ ଦେଇଥାଏ ବୋଲି ସେ ପ୍ରକାଶ କରିଥିଲେ। ପରିଷଦ ଉପାଧ୍ୟକ୍ଷ ବିଜୟ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜଗତସିଂହପୁର ରବିନାରାୟଣ ଜେଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ସତ୍ୟବ୍ରତ ବିଶ୍ୱାଳ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଦୁର୍ଯ୍ୟୋଧନ ମହାରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ପୁସ୍ତକମେଳାର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

ଜଗତ୍‌ସିଂହପୁର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

# କଟ୍‌ନୀଛଟ୍‌ନୀ ବନ୍ଦ ନେଇ କଥା ରଖିପାରିଲାନି ପ୍ରଶାସନ

■ କୁଇଣ୍ଟାଲରେ ୭ କେଜି କାଟ୍ ପରେ ବଢ଼ିଲା ଅସନ୍ତୋଷ
■ ୨୨ରେ ଜିଲାପାଳ ଅଫିସ ଘେରିବେ ଚାଷୀ
■ ୧୭୪ ସ୍ଥାନରୁ ୧୯ଟିରେ ଖୋଲିଛି ଧାନମଣ୍ଡି

ନୟାଗଡ଼,୧୮।୧(ଲୋକନାଥ ମିଶ୍ର)

କଟ୍‌ନୀଛଟ୍‌ନୀ ବନ୍ଦ ନେଇ ପ୍ରଶାସନ କଥା ରଖି ପାରି ନ ଥିବାରୁ ନୟାଗଡ଼ ଜିଲାରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ, କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ ପାଇଛି। ନୟାଗଡ଼ ଜିଲାରେ ଯଦିଓ ଧାନକିଣା ସ୍ୱାଭାବିକ ହୋଇନି ତେବେ ପ୍ରାରମ୍ଭରୁ ୭କେଜି କଟ୍‌ନୀଛଟ୍‌ନୀ ପରେ ଚଳିତ ମାସ ୨୨ ତାରିଖରେ ଜିଲାପାଳ ଅଫିସ ଘେରିବାକୁ ଚାଷୀମାନେ ନିଷ୍ପତି ନେଇଛନ୍ତି। ଜିଲାରେ ଏଯାବତ ୧୭୪ଟି ମଣ୍ଡିରୁ ୧୯ଟି ମଣ୍ଡି ଖୋଲିଥିଲେ ହେଁ ସବୁଥିରେ ଧାନ କିଣା ଯାଇନାହିଁ।

ପ୍ରକାଶଯେ, ଗତ ଡିସେମ୍ବର ୨୯ ତାରିଖ ଧାନ କିଣାର ଶୁଭାରମ୍ଭ ହୋଇଥିଲେ ମଧ୍ୟ କିଣାଯାଇ ନ ଥିଲା। ଶୁଭାରମ୍ଭ ଦିବସରେ ଚାଷୀ ଆନ୍ଦୋଳନ ଦେଖା ଦେଇଥିଲା। ଧାନକିଣା କଟ୍‌ନୀଛଟ୍‌ନୀ ବନ୍ଦ କରିବାକୁ ନେଇ ଚାଷୀମାନେ ନୟାଗଡ଼ ସହରର ଖଣ୍ଡପଡ଼ା ରୋଡସ୍ଥିତ ଆରଏମ୍‌ସି ବଜାର ପ୍ରାଙ୍ଗଣ ପରିସରରେ କ୍ରୟ ଶୁଭାରମ୍ଭକୁ ବିରୋଧ କରି ଅନଶନ କରିଥିଲେ। ଧାନକିଣାର ଶୁଭାରମ୍ଭ ବାଚସ୍ପତି ସୁରମା ପାଢୀ କରିବାର ରହିଥିଲେ ହେଁ ଅନୁପସ୍ଥିତିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ କରିବାକୁ ଉଦ୍ୟମ କରିଥିଲେ। କଟ୍‌ନୀଛଟ୍‌ନୀ ବନ୍ଦକୁ ନେଇ ଚାଷୀଙ୍କ ଅନଶନ ପରେ କିଛି ସମୟ ପାଇଁ ଧାନକିଣା ଶୁଭାରମ୍ଭ ହୋଇପାରି ନ ଥିଲା। କଟ୍‌ନୀଛଟ୍‌ନୀ ବନ୍ଦ କରିବାର ପ୍ରତିଶୃତି ଦେବା ପରେ ଚାଷୀ ଅନଶନ ପ୍ରତ୍ୟାହାର ହେବାରୁ ଖଣ୍ଡପଡ଼ା ବିଧାୟକ ଧାନ କିଣାର ଶୁଭାରମ୍ଭ କରିଥିଲେ। ବିଳମ୍ବରେ ବାଚସ୍ପତି ପହଞ୍ଚି ପୁଣିଥରେ ଶୁଭାରମ୍ଭ କରିଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକରେ ବାଚସ୍ପତି, ଖଣ୍ଡପଡା ବିଧାୟକ, ନୟାଗଡ଼ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ସଭାପତି ଓ ଜିଲା ଯୋଗାଣ ଅଧିକାରୀ କଟ୍‌ନୀଛଟ୍‌ନୀ ହେବବୋଲି ପ୍ରତିଶୃତି ଦେଇଥିଲେ। କଟ୍‌ନୀଛଟ୍‌ନୀ ବନ୍ଦକୁ ନେଇ ଚାଷୀ ଖୁସି ହୋଇଥିଲେ ମଧ୍ୟ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିଲା। ଜିଲାର ୧୫୩ ପାକ୍ସ ଦ୍ୱାରା ୧୭୪ଟି ସ୍ଥାନରେ ମଣ୍ଡି ଖୋଲିବାର ରହିଥିବା ବେଳେ ଧାନକିଣା ଶୁଭାରମ୍ଭର ୨୧ ଦିନ ପରେ ମାତ୍ର ୧୯ଟି ମଣ୍ଡି ଖୋଲିଛି। ମାତ୍ର ରଣପୁର, ନୂଆଗାଁ ଓ ଦଶପଲ୍ଲା ଅଞ୍ଚଳରେ ଖୋଲିଥିବା କେତେକ ମଣ୍ଡିରେ ୭କେଜି କଟ୍‌ନୀଛଟ୍‌ନୀ ନ ହେଲେ ଚାଷୀର ଧାନ ମିଲର ନେଉନି। ବିଭିନ୍ନ ମଣ୍ଡିରେ ଚାଷୀ ପ୍ରତିବାଦ କରୁଥିଲେ ମଧ୍ୟ ମିଲର ଶୁଣୁ ନ ଥିବା ଅଭିଯୋଗ ଉଠିଛି। ଏନେଇ ନବ ନିର୍ମାଣ କୃଷକ ସଂଗଠନ ଜିଲା ସଭାପତି ରଣଜିତ ଦଳବେହେରା କୁହନ୍ତି, ପ୍ରଶାସନ ପ୍ରତିବର୍ଷ କଟ୍‌ନୀଛଟ୍‌ନୀକୁ ମନା କରେ ତେବେ କଟ୍‌ନୀଛଟ୍‌ନୀ କରେ। ଗତ ବର୍ଷ ଅଦିନିଆ ବର୍ଷାରେ ଧାନ ନଷ୍ଟ ହେବା ପରେ ନଷ୍ଟ ହୋଇଥିବା ଓ ନଷ୍ଟ ହୋଇ ନ ଥିବା ଚାଷୀଙ୍କଠାରୁ ୧୦ ରୁ ୧୫ କେଜି ଧାନ କଟା ଯାଇଥିଲା। କଟ୍‌ନୀଛଟ୍‌ନୀ ନ ହେଲେ ମିଲର ଧାନ ନେଇ ନ ଥିଲା। ଚଳିତ ବର୍ଷ ଭଲ ଧାନ ହୋଇଛି। ତେବେ ୭ କେଜି ଲେଖାଏ କଟ୍‌ନୀଛଟ୍‌ନୀ ପରେ ଚାଷୀ ଉତ୍ତେଜିତ ହୋଇ ପଡିଲେଣି। ଆନ୍ଦୋଳନ କରିବାକୁ ନିଷ୍ପତି ହୋଇଛି। ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଭାପତି ଶେଷ ଦେବ ନନ୍ଦ କୁହନ୍ତି, କଟ୍‌ନୀଛଟ୍‌ନୀ ବନ୍ଦ ପାଇଁ ନୟାଗଡ଼ ଜିଲାପାଳଙ୍କ ଅଫିସକୁ ଚାଷୀମାନେ ଚଳିତ ମାସ ୨୨ ତାରିଖରେ ଘେରାଉ କରି ବିକ୍ଷୋଭ କରିବେ। ଚାଷୀ ସବୁବେଳେ କଟ୍‌ନୀଛଟ୍‌ନୀ ପରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଆନ୍ଦୋଳନ କରୁଥିଲେ ମଧ୍ୟ ତାର ଆନ୍ଦୋଳନ ଅଣଦେଖା ଓ ଉପେକ୍ଷିତ ହୋଇ ରହୁଛି। ୯୦ ଦିନର ଧାନକିଣା ମଧ୍ୟରୁ ନୟାଗଡ଼ ଜିଲାରେ ୨୧ ଦିନ ଚାଲି ଯାଇଥିବାବେଳେ ସବୁ ମଣ୍ଡି ଖୋଲିବାରେ ପ୍ରଶାସନ ସମର୍ଥ ହୋଇପାରୁନି। ଧାନମଣ୍ଡି ଖୋଲିବାରେ ପ୍ରଶାସନ ପାରୁ ନ ଥିବାବେଳେ କଟ୍‌ନୀଛଟ୍‌ନୀକୁ ପ୍ରୋତ୍ସାହନ ଦେଉଥିବା ଘଟଣା ଚାଷୀଙ୍କ ମେରଦଣ୍ଡକୁ ଭାଙ୍ଗି ଦେଉଛି। ଚାଷୀଙ୍କ ସମସ୍ୟା ସମାଧାନ ପାଇଁ କାହାରି ଆନ୍ତରିକତା ଥିବା ପରି ଲାଗୁ ନ ଥିବା କହିଛନ୍ତି। ନୟାଗଡ଼ ଡିଆରସିଏସ୍ ଅନନ୍ତ ନାୟକ କୁହନ୍ତି, ଜିଲାରେ ୧୭୪ ମଣ୍ଡିରୁ ୧୯ଟି ଖୋଲିଛି। ୫ଦିନ ଭିତରେ ଅବଶିଷ୍ଟ ମଣ୍ଡି ଖୋଲାଯିବ। ଏବେ ମାତ୍ର ୫ ହଜାର କୁଇଣ୍ଟାଲ ଧାନ କିଣା ହୋଇଥିବା ପ୍ରକାଶ କରିଛନ୍ତି।

# ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ଶରଣକୁଳ,୧୮।୧ (ଦୀପକ କର)

ଶରଣକୁଳ ଲଡୁବାବା ପୀଠ ସିଂହଦ୍ୱାର ସମ୍ମୁଖରେ ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ମାଘ ମାସ କୃଷ୍ଣ ଏକାଦଶୀରୁ ୫ଦିନ ବ୍ୟାପୀ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ତ୍ରିବେଣୀ ଅମାବାସ୍ୟାରେ ରବିବାର ପୂର୍ଣ୍ଣାହୁତି ହୋଇଥିଲା। ସମସ୍ତ ସେବାୟତ ଏବଂ ଭକ୍ତମାନେ କୁସୁମୀ ନଦୀରୁ ଜଳ କଳସରେ ଆଣି ମଣ୍ଡପରେ ସ୍ଥାପନ କରି ଯଜ୍ଞ ଆରମ୍ଭ କରିଥିଲେ। ସନ୍ଧ୍ୟାରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ହୋଇ ହରିବୋଲ, ହୁଳହୁଳି ଧ୍ୱନିରେ ଭକ୍ତିମୟ ପରିବେଶ ମଧ୍ୟରେ ଘୃତ, ନାରିକେଳ ଯଜ୍ଞ କୁଣ୍ଡରେ ସମର୍ପଣ କରିବା ସହ ହୋମର ପୂର୍ଣ୍ଣାହୁତିରେ ସାମିଲ ହୋଇଥିଲେ। ଏହି ପଞ୍ଚଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞରେ ୫୫ଜଣ ନୈଷ୍ଠିକ ବ୍ରାହ୍ମଣ ବେଦମନ୍ତ୍ର ପାଠ କରିବା ସହ ଆଚାର୍ଯ୍ୟ ଭାବେ ମନ୍ଦିର ପରିଚ୍ଛା ତୋଷବନ୍ତ କର ଓ ପୁସ୍ତକ ଆଚାର୍ଯ୍ୟ ସନ୍ତୋଷ ତ୍ରିପାଠୀ ଆହୁତି ପ୍ରଦାନ କରିଥିଲେ। ନିକଟସ୍ଥ ଗ୍ରାମମାନଙ୍କରୁ ନାମ ସଂକୀର୍ତନ ଦଳ ଆସି ଯଜ୍ଞ ମଣ୍ଡପର ଚତୁଃପାର୍ଶ୍ୱରେ ନାମ ସଂକୀର୍ତ୍ତନ ଗାନ ସହ ପରିକ୍ରମା କରିଥିଲେ। ଶରଣକୁଳ ଆଖପାଖ ଅଞ୍ଚଳର ଗ୍ରାମ ସଭାପତି, ପୂଜା କମିଟି, ଗ୍ରାମ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପର୍ଣ୍ଣ ହୋଇଥିଲା। ଦୈନିକ ସେବାସୀମାନଙ୍କ ପକ୍ଷରୁ ଯାତ୍ରା ନୀଳଚକ୍ର, ଅସୁରଢ଼ିପା ବ୍ରହ୍ମା ମାର୍କଣ୍ଡ କଳି ନାଟକ ମଞ୍ଚସ୍ଥ କରିଥିଲେ। ଏଥିରେ ସେବାସୀ ଦର୍ଶନୀ କମିଟି ସଭାପତି ପ୍ରଭାତ କୁମାର ମହାପାତ୍ର, ସମ୍ପାଦକ ଶ୍ରୀଧର କୁମାର ମହାପାତ୍ର ଏବଂ ମିଳା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡଙ୍କ ସମେତ ସମସ୍ତ ସେବାୟତ ଓ ଯଜ୍ଞ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



ଯଜ୍ଞ ପୂର୍ଣ୍ଣାହୁତି କରାଯାଉଛି।

# ହାଇୱା ଧକ୍କାରେ ବୃଦ୍ଧ ମୃତ: ହାଟଦ୍ୱାର ଗାଁରେ ଉତ୍ତେଜନା



ରାସ୍ତାରୋକୋ କରାଯାଇଛି।

## ମୃତଦେହ ରଖି ରାଜପଥ ଅବରୋଧ

ନୟାଗଡ଼,୧୮।୧(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ହାଟଦ୍ୱାର ମଙ୍ଗରାଜପୁର ରାସ୍ତାର ହାଟଦ୍ୱାର ଗାଁ ପ୍ରାରମ୍ଭ ଘର ସମ୍ମୁଖରେ ରବିବାର ସକାଳ ପ୍ରାୟ ୮ଟାରେ ଦାନ୍ତ ଘଷୁଥିବା ଜଣେ ବ୍ୟକ୍ତିଙ୍କର ହାଇୱା ଧକ୍କାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦ ନାୟକ(୬୫)। ଘର ହାଟଦ୍ୱାର ଗାଁରେ। ଘଟଣାସ୍ଥଳରେ ଗୋବିନ୍ଦଙ୍କର ମୃତ୍ୟୁ ହୋଇଥିଲା। ଖବର ଜଣାପଡିବା ପରେ ହାଟଦ୍ୱାର ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁଲୋକ ଡ୍ରାଇଭରଙ୍କୁ ଅଟକ ଓ କ୍ଷତିପୂରଣ ଦାବିରେ ମୃତଦେହ ରଖି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ପ୍ରଧାନ, ତହସିଲଦାର ଓ ଅତିରିକ୍ତ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ଼କ୍ରସ୍‌ରୁ ୧୦ ହଜାର, ହାଇୱା ମାଲିକ ୭୦ ହଜାର ଟଙ୍କା ଦେବା ପରେ ସକାଳ ସାଢ଼େ ୮ଟାରେ ଆରମ୍ଭ ହୋଇଥିବା ରାସ୍ତାରୋକୋ ଅପରାହ୍ନ ୧ଟାରେ ପ୍ରତ୍ୟାହାର ହୋଇଥିଲା। ଆନ୍ଦୋଳନ ପ୍ରତ୍ୟାହାର ପରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ନଂ.୧୮/୨୬ରେ ମାମଲା ରୁଜୁ କରି ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ, ଦଶପଲ୍ଲା ପାର୍ଶ୍ୱ ରାସ୍ତାରୁ ହାଟଦ୍ୱାର ଗାଁ ରାସ୍ତା ଦେଇ ଓଡିଶା ଏଏନ ୫୮୬୮ନଂ ହାଇୱା ମଙ୍ଗରାଜପୁରକୁ ମାଟି ଆଣିବାକୁ ଯାଉଥିଲା। ଗାଁ ରାସ୍ତା କଡଘର ସମ୍ମୁଖରେ ଗୋବିନ୍ଦ ନାୟକ ଦାନ୍ତ ଘଷୁଥିଲେ। ଏହି ସମୟରେ ଡ୍ରାଇଭର ଫୋନରେ ଗପି ଅନ୍ୟମନସ୍କ ହୋଇ ଆଗ ଚକାରେ ଗୋବିନ୍ଦ ଉପରେ ମଡାଇ ଦେଇଥିଲେ। ଏନେଇ ବୋହୂ ମମତା ନାହାକ କୁହନ୍ତି, ଦୁଇ ପୁଅଙ୍କ ମୃତ୍ୟୁ ପରେ ନାତି ନାତୁଣି ଓ ଦୁଇ ବୋହୂଙ୍କ ଭରଣ ପୋଷଣ ଶ୍ୱଶୁର କରୁଥିଲେ। ଶ୍ୱଶୁରଙ୍କ ମୃତ୍ୟୁ ପରେ ପରିବାରରେ କେହି ରୋଜଗାରକ୍ଷମ ବ୍ୟକ୍ତି ରହିଲେ ନାହିଁ। ଆମେ ଚଳିବୁ କିପରି ଖାଇବୁ କ'ଣ। ଆମ କଥା କିଏ ବୁଝିବ ବୋଲି କହିଥିଲେ। ଗରିବ ପରିବାରକୁ ସହାୟତା ଦେବା ପାଇଁ ଅନୁରୋଧ କରିଥିଲେ।



@ ଦୀପକ



@ ଅଂଶୁମାନ୍



@ ରାଜଲକ୍ଷ୍ମୀ



@ ସୌମ୍ୟରଞ୍ଜନ



@ ସୁନନ୍ଦ

ସେଲ୍‌ଫି କରନ୍ତୁ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଚିନ, ଲିପୁନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଭୋଗଡା କ୍ରିକେଟ କ୍ଲବ ବିଜୟୀ

ଖଣ୍ଡପଡ଼ା,୧୮।୧
(ଅଜୟ କୁମାର ମହାରଣା)

ଗୋକୁଳାନନ୍ଦ ସ୍ପୋର୍ଟସ କ୍ରିକେଟ ଆସୋସିଏଶନ,ସିଧାମୂଳା ଆନୁକୂଲ୍ୟରେ ସିଧାମୂଳା ଏମ୍‌ଇ ସ୍କୁଲ ଖେଳ ପଡ଼ିଆରେ ବୁଧବାର ୨୮ତମ ସଚିନ ଓ ଲିପୁନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ୯ମ ଦିବସ ତଥା ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ଭୋଗଡା କ୍ରିକେଟ କ୍ଲବ ୪ ଉଇକେଟରେ ଚମ୍ପେଶ୍ୱର କ୍ରିକେଟ କ୍ଲବକୁ ହରାଇ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ଚମ୍ପେଶ୍ୱର ଟିମ୍ ବ୍ୟାଟିଂ କରି ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ଭୋଗଡା ଦଳ ୮.୫ ଓଭରରେ ୬ ଉଇକେଟ ହରାଇ ନିର୍ଦ୍ଧାରିତ ୧୩୫ ରନ୍ କରି ବିଜୟୀ ହୋଇଥିଲା।

ବିଜୟୀ ଭୋଗଡା ଦଳର ସରୋଜ ଧଳ ୧୪ ବଲରେ ୪୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାଚକୁ ବିଜୟ କୁମାର ମହାଲିକ ଓ ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱ ସୁଶାନ୍ତ କୁମାର ରାଉତ ତୁଲାଇଥିଲେ। ଆଲୋକ ରାଉତ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ୨ୟ କ୍ୱାଟର ଫାଇନାଲରେ ରଙ୍ଗଢ଼ବ କ୍ରିକେଟ କ୍ଲବ ଏବଂ ବରହ୍ମପୁରା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ନୟାଗଡ଼ ସଦର ଥାନାରେ ନୂଆ ଆଇଆଇସି

ନୟାଗଡ଼,୧୮।୧(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନାରେ ନୂଆ ଆଇଆଇସି ଭାବେ ପ୍ରିୟତମା ପ୍ରଧାନ ରବିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଥିବା ଆଇଆଇସି ଶରତ ଚନ୍ଦ୍ର ସେଠୀଙ୍କର ଜିଲା ମୁଖ୍ୟାଳୟକୁ ବଦଳି ହୋଇଛି। ନୂଆ ଆଇଆଇସିଙ୍କ ସୂଚନା ଅନୁସାରେ ଆଇନଶୃଙ୍ଖଳା କିପରି ଠିକ୍‌ରେ ରହିବ, ଲୋକମାନେ କିପରି ଉଚିତ ନ୍ୟାୟ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, କଶ୍ମୀର ଚାମ୍ପିୟନ



ଦୁଇ ଖେଳାଳିଙ୍କ ସହ ଅତିଥି ବୃନ୍ଦ।

ଦଶପଲ୍ଲା, ୧୮।୧(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଗାନ୍ଧୀ ମଇଦାନରେରେ ଅଗ୍ରଣୀ କ୍ରିଡ଼ା ଅନୁଷ୍ଠାନ ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ୨୬ ତମ ଦଶପଲ୍ଲା କପ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ ଖେଳ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ, ବିହାର ସହିତ ଏସ୍‌ଟିଏଫସି, କଶ୍ମୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଶ୍ମୀର ୨ ଟି ଗୋଲ ଦେଇଥିଲେ। ବିହାର ଦଳ ଖେଳ ଶେଷ ପର୍ଯ୍ୟନ୍ତ କୌଣସି ଗୋଲ ପରିଶୋଧ କରିପାରିନଥିଲେ। କଶ୍ମୀର ୨-୦ ଗୋଲରେ ବିହାର ଠାରୁ ବିଜୟ ଲାଭକରି ଚଳିତ ବର୍ଷର ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଚାମ୍ପିୟନ କପ୍ ହାସଲ କରିଥିଲା। ଆଜିର ଖେଳ ପରିଚାଳନା କରୁଥିଲେ ରେଫରୀ ରାଜ କିଶୋର ମହାନ୍ତି ଲାଇନ୍ସରେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲରେ ଅଶୋକ କୁମାର ପ୍ରଧାନ ସହଯୋଗ କରିଥିଲେ। ଫାଇନାଲ ଖେଳ ଦେଖିବା ପାଇଁ ଗାନ୍ଧୀ ମଇଦାନରେ ଦର୍ଶକ ଭର୍ତ୍ତୀ ହୋଇଥିଲେ।

ଫାଇନାଲ ଖେଳରେ ଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ କଶ୍ମୀର ଦଳକୁ ଚାମ୍ପିୟନ କପ୍ ଏବଂ ବିହାର ଦଳକୁ ରନର କପ୍ ପ୍ରଦାନ କରାଯାଇଥିଲା। ଏଥି ସହ ଭଲିବଲ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଏବଂ ଶ୍ରେଷ୍ଠ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନ ସଭାପତି ଦିଲ୍ଲୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତ୍ୟିକ ହାଡିବନ୍ଧୁ ମହାଖୁଡ ଏବଂ ଶିକ୍ଷକ ତ୍ରିନାଥ କୁମାର ସାହୁ ଉତ୍ସବରେ ସଂଯୋଜନା କରିଥିଲେ। ସ୍ପୋର୍ଟିଭ ସ୍ପୋର୍ଟସ୍ ସୋସାଇଟିର ସମସ୍ତ ସଦସ୍ୟ ଉକ୍ତ କ୍ରୀଡା ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ।

# ଚାଇଲ୍ଡ ହେଲ୍ପ ଲାଇନକୁ ହସ୍ତାନ୍ତର କଲେ ମା' ବାପା

## କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଗଲା ଶିଶୁକନ୍ୟା

ନୟାଗଡ଼,୧୮।୧(ଲୋକନାଥ ମିଶ୍ର)

ଚିକିତ୍ସା ପାଇଁ ଅର୍ଥ ନ ଥିବା ଓ ଲାଳନ ପାଳନରେ ଅସମର୍ଥ ଦର୍ଶାଇ ମା'ବାପା ନିଜର ୪ଦିନର ଶିଶୁକନ୍ୟାକୁ ଚାଇଲ୍ଡ ହେଲ୍ପ ଲାଇନକୁ ହସ୍ତାନ୍ତର କରିଛନ୍ତି। ଶିଶୁକନ୍ୟାର ଅବସ୍ଥା ଭଲ ନ ଥିବାରୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ଖଣ୍ଡପଡା ବ୍ଲକ ବୋଦସା ଗାଁର ଏକ ଦମ୍ପତିଙ୍କର ବିବାହ ୯ମାସ ହୋଇଥିବା ବେଳେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୪ଦିନ ତଳେ ୮ମାସ ଶିଶୁ କନ୍ୟା ଜନ୍ମ ହୋଇଥିଲା। ଅପରିପକ୍ୱ ଶିଶୁକନ୍ୟାର ମୁଣ୍ଡ ପଛପାଖରେ ଏକ ଫୁଟ୍‌ବଲ ପରି ମାଂସ ରହିଥିଲା। ସମ୍ପୃକ୍ତ ରୋଗକୁ ଏନ୍‌ସେଫାଲୋସେଲ କୁହାଯାଏ। ଯାହାକି ଭିନ୍ନକ୍ଷମର ଲକ୍ଷଣ। ଅଲଟ୍ରାସାଉଣ୍ଡରେ ମଧ୍ୟ ମା ବାପା ନିଜ ସନ୍ତାନ ଭିନ୍ନକ୍ଷମ ବୋଲି ଜାଣି ପାରିଥିଲେ। ଶିଶୁକନ୍ୟା ଜନ୍ମ ପରେ ଭିନ୍ନକ୍ଷମର ଲକ୍ଷଣ ରହିବାରୁ ମାରିବା ଅପେକ୍ଷା ଚାଇଲ୍ଡ ହେଲ୍ପ ଲାଇନକୁ ହସ୍ତାନ୍ତର କରିବାକୁ ନିଷ୍ପତି ନେଇଥିଲେ।

# କବିସୂର୍ଯ୍ୟ ପାଠାଗାର ସ୍ୱର୍ଣ୍ଣଜୟନ୍ତୀ ସମାରୋହ ଉଦ୍‌ଘାଟିତ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଖଣ୍ଡପଡ଼ା,୧୮।୧
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ରାମଚଣ୍ଡୀ ସାହି ସ୍ଥିତ କବିସୂର୍ଯ୍ୟ ପାଠାଗାର ୫୦ବର୍ଷ ପାଳନ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ସମାରୋହକୁ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପାଠାଗାର ପ୍ରତିଷ୍ଠାତା ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ବିରଞ୍ଚି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ସ୍ୱାଇଁଙ୍କ ସମେତ ମୁଖ୍ୟ ବକ୍ତା ଡ. ନିରୋଦ ମନ୍ତ୍ରୀ ଓ ସମ୍ମାନିତ ଅତିଥି ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଏଡିଏମ୍ ବିଜୟାନନ୍ଦ ନାୟକ, ତିରୁପତି ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସାମାଜିକ କର୍ମୀ ସୁରଥ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖଣ୍ଡପଡା ବନଖଣ୍ଡ ଅଧିକାରୀ, ସରପଞ୍ଚ ପ୍ରତିମା ପ୍ରଧାନ, ପ୍ରତିଷ୍ଠାତା ସଦସ୍ୟ ସୂର୍ଯ୍ୟମଣି ରଣା, ବାଇଧର ମାଣ୍ଡୋଇ, ଅନ୍ତର୍ଯାମୀ ମାଣ୍ଡୋଇ, ପାଠାଗାର ସଭାପତି ସତ୍ୟବାଦୀ ବେହୁରୁକ, ସାହି ସଭାପତି ସତ୍ୟବାଦୀ ପ୍ରଧାନ ପ୍ରମୁଖ ଯୋଗଦେଇ ଗ୍ରାମରେ ୭୦ଦଶକରେ ଏକ ପାଠାଗାର ପ୍ରତିଷ୍ଠା କରି ଗ୍ରାମକୁ ଗୌରାବାନ୍ୱିତ କରିଥିବା ବ୍ୟକ୍ତିଙ୍କ ଚେତନାକୁ ଉଚ୍ଚ ପ୍ରଶଂସା କରିବା ସହିତ ୫୦ ବର୍ଷ ଧରି ସ୍ୱେଚ୍ଛାସେବା କାର୍ଯ୍ୟକ୍ରମ ଜାରି ରଖିଥିବା ପାଠାଗାରକୁ ଆଗେଇ ନେଇଥିବା ତଥା ସାଂସ୍କୃତିକ ଭାବଧାରାକୁ ଉଜ୍ଜୀବିତ କରିଥିବାରୁ ପାଠାଗାର ସଦସ୍ୟଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପାଠାଗାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହୁରୁକ ବାର୍ଷିକ ବିବରଣୀ ପାଠ କରିଥିଲେ। ପାଠାଗାର ପରିସରରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଏକ ପ୍ରତିମୂର୍ତ୍ତି ମୁଖ୍ୟ ଅତିଥିଙ୍କ ଦ୍ୱାରା ଅନାବରଣ ହୋଇଥିଲା। ଏଥିସହ ସ୍ୱର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସୂର୍ଯ୍ୟପ୍ରଭା' ଉନ୍ମୋଚନ କରାଯାଇଥିଲା। ଗ୍ରାମର ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷ ତଥା ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନ, ନରସିଂହ ବେହେରା ପ୍ରମୁଖଙ୍କୁ ପାଠାଗାର ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ ସହିତ ଗ୍ରାମ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହାଇପରଟେନ୍‌ସନ: କାରଣ, ପ୍ରତିକାର


ଡା. ରିତେଶ ଆଚାର୍ଯ୍ୟ

"ଅନେକ ଲୋକ ରକ୍ତଚାପ ବଢ଼ିଥିବା ନିଜେ ଜାଣି ନ ଥିବାରୁ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଫଳରେ ହଠାତ୍ ହୃଦ୍‌ଘାତ, ମସ୍ତିଷ୍କ ଷ୍ଟ୍ରୋକ୍, କିଡ୍‌ନୀ ବିଫଳତା ଓ ଦୃଷ୍ଟିଶକ୍ତି ହ୍ରାସ ପରି ସମସ୍ୟା ଦେଖାଯାଏ। ଭାରତୀୟ ତଥ୍ୟ (ଆଇସିଏମ୍ଆର୍ ୨୦୨୨) ଅନୁସାରେ ୪୦ ବର୍ଷ ଉର୍ଦ୍ଧ୍ୱ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ପ୍ରାୟ ୧ରୁ ୨ ଜଣ ନିଜେ ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଅନଡାଇଗ୍ନୋସିଡ୍ ହାଇପରଟେନ୍‌ସନ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ୩ ଗୁଣା ଅଧିକ ଓ ହୃଦ୍‌ଘାତ ଆଶଙ୍କା ୨.୫ ଗୁଣା ଅଧିକ ଥାଏ।"

ହାଇପରଟେନ୍‌ଶନ ବା ଉଚ୍ଚ ରକ୍ତଚାପ ଆଜି ଭାରତ ଓ ସାରା ବିଶ୍ୱରେ ସବୁଠୁ ଅଧିକ ଜୀବନ ବିପଦ ସୃଷ୍ଟି କରୁଥିବା ରୋଗମାନଙ୍କ ମଧ୍ୟରୁ ଅନ୍ୟତମ। ଏହାକୁ ସାଇଲେଣ୍ଟ କିଲର ବୋଲି କୁହାଯାଏ। କାରଣ ଏହା ବହୁ ସମୟ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖା ନ ଦେଇ ଶରୀରର ହୃତ୍‌ପିଣ୍ଡ, ମସ୍ତିଷ୍କ, କିଡ୍‌ନୀ ଓ ଚକ୍ଷୁ ଭଳି ଆମ ଶରୀର ପ୍ରମୁଖ ଅଙ୍ଗଗୁଡ଼ିକୁ ଧୀରେ ଧୀରେ କ୍ଷତି କରେ।

**ଭାରତରେ ହାଇପରଟେନ୍‌ସନ:** ଏକ ସର୍ଭେରୁ ଜଣାପଡିଛି ଯେ ଭାରତରେ ପ୍ରାୟ ୨୯-୩୧ ପ୍ରତିଶତ ପ୍ରାପ୍ତବୟସ୍କ ଲୋକ ହାଇପରଟେନସନରେ ଆକ୍ରାନ୍ତ। ସହର ଅଞ୍ଚଳରେ ଏହାର ପରିମାଣ ପ୍ରାୟ ୩୫-୪୦ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ପ୍ରାୟ ୨୫ପ୍ରତିଶତ ବୋଲି ଏଥିରୁ ଜଣାପଡିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଯେ ପ୍ରାୟ ୫୦-୬୦ ପ୍ରତିଶତ ଲୋକ ହାଇପରଟେନ୍‌ସନ ବିଷୟରେ ଅବଗତ ହୋଇ ନ ଥାନ୍ତି ଅର୍ଥାତ୍ ସେମାନେ ନିଜର ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଭାରତରେ ସମସ୍ତ ହୃଦ୍‌ଘାତର ୫୦ ପ୍ରତିଶତ, ମସ୍ତିଷ୍କାଘାତ (ଷ୍ଟ୍ରୋକ୍)ର ୬୦-୬୫ ପ୍ରତିଶତ ଓ କିଡ୍‌ନୀ ଫେଲ୍ୟୁଅର (ସିକେଡି)ର ୩୫-୪୦ ପ୍ରତିଶତ ହାଇପରଟେନ୍‌ସନ ସହ ସମ୍ପୃକ୍ତ।

**ଅନଡାଇଗ୍ନୋସିଡ ହାଇପରଟେନ୍‌ସନ** ଅନେକ ଲୋକ ନିଜେ ରକ୍ତଚାପ ବଢ଼ିଥିବା ଜାଣି ନ ଥିବାରୁ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ଫଳରେ ହଠାତ୍ ହୃଦ୍‌ଘାତ, ମସ୍ତିଷ୍କ ଷ୍ଟ୍ରୋକ୍, କିଡ୍‌ନୀ ବିଫଳତା ଓ ଦୃଷ୍ଟି ଶକ୍ତି ହ୍ରାସ ପରି ସମସ୍ୟା ଦେଖାଯାଏ। ଭାରତୀୟ ତଥ୍ୟ (ଆଇସିଏମ୍ଆର୍ ୨୦୨୨) ଅନୁସାରେ ୪୦ ବର୍ଷର ଉର୍ଦ୍ଧ୍ୱ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ପ୍ରାୟ ୧ରୁ ୨ ଜଣ ନିଜେ ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଅନଡାଇଗ୍ନୋସିଡ ହାଇପରଟେନ୍‌ସନ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ୩ ଗୁଣା ଅଧିକ ଓ ହୃଦ୍‌ଘାତ ଆଶଙ୍କା ୨.୫ ଗୁଣା ଅଧିକ ଥାଏ।



**ସମାଧାନ:** ୩୦ ବର୍ଷ ପରେ ପ୍ରତି ବ୍ୟକ୍ତିଙ୍କ ନିୟମିତ ସମୟ ବ୍ୟବଧାନରେ ରକ୍ତଚାପ ଯାଞ୍ଚ କରିବା ଉଚିତ। ଅନ୍ୟପକ୍ଷରେ ଡାଇବେଟିସ୍, ମେଦବହୁଳତା ସମସ୍ୟା ଥିଲେ ଏବଂ ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ପ୍ରତି ୩-୬ ମାସରେ ଥରେ ରକ୍ତଚାପ ମାପିନେବା ଦରକାର।

### ଠିକ୍ ନିରୀକ୍ଷଣ ଓ ରକ୍ତଚାପ ଲକ୍ଷ୍ୟ

**ଆଦର୍ଶ ରକ୍ତଚାପ (ନର୍ମାଲ ବ୍ଲଡ୍ ପ୍ରେସର୍):** ସମସ୍ତ ରୋଗୀ ପାଇଁ ଏହି ସୀମା (<୧୩୦/୮୦ mmHg) ଅତ୍ୟାବଶ୍ୟକ। ଯେଉଁମାନେ ମଧୁମେହ, କିଡ୍‌ନୀ ରୋଗ ବା ହୃଦ୍ ସମସ୍ୟା ଅଛି, ସେମାନଙ୍କ ପାଇଁ ଏହି ଲକ୍ଷ୍ୟ ଆହୁରି ଜରୁରୀ।

**ଅନିୟନ୍ତ୍ରିତ ରକ୍ତଚାପ (ଇନ୍‌ଧାଲାନ୍ସଡ ବ୍ଲଡ୍ ପ୍ରେସର୍):** ଏହାଦ୍ୱାରା ଷ୍ଟ୍ରୋକ୍ ସମସ୍ୟା ୪ ଗୁଣା ବଢ଼େ ଓ ହୃଦ୍‌ଘାତ ସମସ୍ୟା ୩ ଗୁଣା ବଢ଼େ , ବୃକ୍କ ବିଫଳତା (କିଡ୍‌ନୀ ଫେଲ୍ୟୁଅର) ସମସ୍ୟା ୨.୫ ଗୁଣା ବଢ଼େ। ଖାଦ୍ୟ ଓ ପୋଷଣ (ଡାଏଟାରି ମଡିଫିକେଶନ୍) କରିବା ଉଚିତ। ପ୍ରତିଦିନ ଲୁଣ <୫ ଗ୍ରାମ ଖାଇଲେ ସିଷ୍ଟୋଲିକ BP ୫-୬ mmHg କମିପାରେ। **ସବୁଜ ପନିପରିବା ଓ ଫଳ:** ସବୁବେଳ ସବୁଜ ପନିପରିବା ଏବଂ ତଟକା ଫଳମୂଳ ଖାଆନ୍ତୁ। ଚର୍ବିଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। **ଏଡ଼ାଇବା ଉଚିତ:** ପ୍ରୋସେସ୍ଡ ଖାଦ୍ୟ, ଅଧିକ ଲୁଣ ଓ ତେଲିଆ ଖାଦ୍ୟ। ଅଧିକ ମିଠା, ସଫ୍ଟ ଡ୍ରିଙ୍କ। ଧୂମପାନ ଓ ମଦ୍ୟପାନ।

**ଡାସ୍ ଡାଏଟ୍ (DASH Diet):** ବୈଜ୍ଞାନିକ ପ୍ରମାଣ ଅନୁସାରେ, ନିୟମିତ ଡାସ୍ ଡାଏଟ୍ ଖାଇଲେ ସିଷ୍ଟୋଲିକ BP ୮-୧୪ mmHg ପର୍ଯ୍ୟନ୍ତ କମାଇପାରେ।

### କ'ଣ କରିବେ

**ନିୟମିତ ବ୍ୟାୟାମ:** ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତି ସପ୍ତାହରେ ଅତିକମ୍‌ରେ ୧୫୦ ମିନିଟ ଚାଲନ୍ତୁ। ମର୍ନିଂ ୱାକ୍ କରିବା ସମୟରେ ଟିକେ ଦ୍ରୁତ ଗତିରେ ଚାଲନ୍ତୁ। ଏହା ବ୍ୟତୀତ ପହଁରିବା, ଜଗିଂ, ସାଇକେଲିଂ, ଯୋଗ, ପ୍ରାଣାୟାମ ଇତ୍ୟାଦି ଏଥିରେ ସାମିଲ କରନ୍ତୁ।

**ଓଜନ ନିୟନ୍ତ୍ରଣ:** ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଜନ ନିୟନ୍ତ୍ରଣ। ବୟସ ଅନୁସାରେ ଓଜନ କେତେ ରହିବ ଡାକ୍ତରଙ୍କ ସହ ପରାମର୍ଶ କରି ବୁଝି ନିଅନ୍ତୁ। କାରଣ ଓଜନ ଯଦି ଅନିୟନ୍ତ୍ରିତ ରହିଲା ତେବେ ତାହା ପରୋକ୍ଷରେ ଅନେକ ଶାରିରୀକ ସମସ୍ୟାର କାରଣ ସାଜିଥାଏ।

**ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ**
ଆଜିକାଲି ଅନେକେ ନିଶାଦ୍ରବ୍ୟ ସେବନ ସହ ଜଡିତ। ଧୂମପାନ, ମଦ୍ୟପାନ, ଗୁଟ୍‌ଖା ତଥା ତମାଖୁଜାତୀୟ ଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ଏହାକୁ ଯେତେ ଶୀଘ୍ର ବର୍ଜନ କରନ୍ତୁ। ରକ୍ତଚାପ ବୃଦ୍ଧି କରିବାରେ ଏସବୁ ସାହାଯ୍ୟ କରିଥାଏ। ନିଶାଦ୍ରବ୍ୟ ସେବନ ବର୍ଜନ କଲେ ଆପଣ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।

**ମାନସିକ ଚାପ**
ମାନସିକ ଚାପଠାରୁ ନିଜକୁ ଦୂରେଇ ରଖନ୍ତୁ। ପ୍ରତିଦିନ ଯୋଗ ଓ ଧ୍ୟାନ ୨୦-୩୦ ମିନିଟ କଲେ ରକ୍ତଚାପ ପ୍ରାୟ ୪-୬ mmHg କମିଥାଏ।

**ସୁନିଦ୍ରା:** ନିଜକୁ ସୁସ୍ଥ ରଖିବାକୁ ହେଲେ କିମ୍ବା ରକ୍ତଚାପଠାରୁ ଦୂରେଇ ରହିବାକୁ ହେଲେ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ସକାରାତ୍ମକ ମନୋଭାବ: ନିଜର ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ରକ୍ତଚାପ ଆଶଙ୍କା କମ୍ ରହିବ ଏବଂ ରକ୍ତଚାପ ଥିଲେ ତାହା କେତେକାଂଶରେ ନିୟନ୍ତ୍ରଣରେ ରହିବ। ଅଧିକ ଟେନସନ୍‌ର ବଶବର୍ତ୍ତୀ ହେଲେ ରକ୍ତଚାପ ବଢ଼ି ଯାଇଥାଏ। (କ୍ରମଶଃ...)

-କନ୍‌ସଲ୍‌ଟାଣ୍ଟ, କାର୍ଡିଓଲୋଜିଷ୍ଟ ଆଣ୍ଡ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ, ହୃଦ୍‌ରୋଗ ବିଭାଗ, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଭୁବନେଶ୍ୱର
ମୋ: ୯୪୩୮୧୮୧୭୮୬

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଆନ୍ତି, ତେବେ ସେ ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଉପଶମ ଲାଭ କରିପାରିବେ। କେବଳ ସେତିକି ନୁହେଁ, ଏଥିରେ ଏଭଳି ଗୁଣ ରହିଛି ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂରେଇବାରେ ସକ୍ଷମ ହୋଇଥାଏ। ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଭରିରହିଛି। ଏହା ଶରୀରରେ ପୋଟାସିୟମ୍ ଓ ସୋଡିୟମ୍ ମାତ୍ରାକୁ ସନ୍ତୁଳିତ ରଖେ। ନିୟମିତ ଅଙ୍ଗୁର ଖାଇଲେ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରେ କୋଲେଷ୍ଟରଲ୍‌ର ମାତ୍ରାକୁ ବି କମାଇଦିଏ। ସବୁଠାରୁ ଖାସ୍ କଥା ହେଲା, ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ଅଙ୍ଗୁର। ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କକୁ ବୃଦ୍ଧିରେ ସାହାଯ୍ୟ କରେ। ଏହାକୁ ଖାଇବା ଦ୍ୱାରା ଅସ୍ଥି ମଧ୍ୟ ଶକ୍ତ ରହେ। ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

## ଜାଣିରଖନ୍ତୁ



ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ୧୩-୧୫ ପ୍ରତିଶତ ମହିଳା ଧୂମପାନ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମ୍‌ଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ।

## ମୁଣ୍ଡବ୍ୟଥା ହେଉଥିଲେ...

ଖାଦ୍ୟପେୟରେ ଅନିୟମିତତା, ଗ୍ୟାଷ୍ଟ୍ରିକ୍ ସମସ୍ୟା ଆଦି କେତେକ କାରଣରୁ ମୁଣ୍ଡବିନ୍ଧା ହୋଇଥାଏ। ଏଥିରୁ କେତେକାଂଶରେ ଉପଶମ ପାଇବା ଲାଗି କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ସବୁବେଳେ ପ୍ରଚୁର ପାଣି ପିଅନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ମୁଣ୍ଡବ୍ୟଥାରୁ ଉପଶମ ଦେବାରେ ନିଦ୍ରା ମଧ୍ୟ ସାହାଯ୍ୟ କରିଥାଏ। ତେଣୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥା କମ୍ ହେବାର ସମ୍ଭାବନା ରହିଛି। ହର୍ବାଲ୍ ଉପଚାର ମୁଣ୍ଡବ୍ୟଥା ପାଇଁ ମହୌଷଧି ସଦୃଶ। ସବୁଠାରୁ ବଡ କଥା ହେଲା, ଏହି ସମୟରେ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ତା'ସହ ସବୁବେଳେ ଏକ ରୁଟିନ୍ ଦୈନନ୍ଦିନ ଜୀବନ ଅନୁସରଣ କରନ୍ତୁ।



## ଗଣ୍ଠିଜନିତ ରୋଗର କାରଣ



ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଔଷଧ (ପେନ୍‌କିଲର) ଖାଇଲେ ତାହା କ୍ରମଶଃ କିଡ୍‌ନୀ ଖରାପ କରିଥାଏ ଏବଂ ସ୍ଥଳ ବିଶେଷରେ ପାକସ୍ଥଳୀ ଓ ଖାଦ୍ୟନଳୀରେ କ୍ଷତ ଓ ଘାଆ ସୃଷ୍ଟି କରିଥାଏ। ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧ୍ୟରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହା ବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ଗୁଡ଼ିକୁ ପରସ୍ପର ସହ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତା'ହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍‌ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ ଜମା ହେବା ଦ୍ୱାରା ମଧ୍ୟ ଗଣ୍ଠି ପ୍ରଭାବିତ ହୋଇଥାଏ।

## ସ୍କିଜୋଫ୍ରେନିଆ ସମସ୍ୟା

ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ସ୍କିଜୋଫ୍ରେନିଆ ସମସ୍ୟା ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ମଧ୍ୟ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କର ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ମୁଖ୍ୟତଃ ୧୫ରୁ ୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସହଜରେ କରିହେବ। ଏଥିସହ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ। ସାଧାରଣତଃ ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ପରିବାରର ସଦସ୍ୟମାନେ ବିଳମ୍ବ କରିଦେଇଥାନ୍ତି। କେତେଜଣ ଲୋକ ସ୍କିଜୋଫ୍ରେନିଆ ରୋଗ ଓ ତଜ୍ଜନିତ ବ୍ୟବହାରକୁ ରୋଗ ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଗାରେଡି ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାନ୍ତି। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା କଲେ ଅଧିକ ଦିନ ଔଷଧ ସେବନ କରିବାକୁ ପଡିପାରେ ଏବଂ ରୋଗୀ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ଆଶଙ୍କା କମିଗଲା ପରେ ମନସ୍ତାତ୍ତ୍ୱିକ ଚିକିତ୍ସା ଯଥା କାଉନ୍‌ସେଲିଂ (ଫ୍ୟାମିଲିଥେରାପି) ସପୋର୍ଟିଭ୍ ଥେରାପି, ସୋସିଆଲ କୌଶଳ ଟ୍ରେନିଂ, ଜ୍ଞାନଗତ ପ୍ରତିକାର ଦିଆଯାଇଥାଏ।



## ସ୍ୱାସ୍ଥ୍ୟ ସୂଚନା

➢ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

➢ନିଜ ଓଜନ କେତେ ରହୁଛି ତାହା ଜାଣି ରଖନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଓଜନ ବୃଦ୍ଧିରେ ସହାୟକ ହେବ। ଯଦି ଓଜନ ଆବଶ୍ୟକତା ଠାରୁ ଅଧିକ ରହୁଛି ତେବେ ତାହାକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ।



➢ନିଜକୁ ଟେନ୍‌ସନ୍ ଏବଂ ଅବସାଦ ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।


➢ରାତ୍ର ଭୋଜନ ତାଲିକାରେ ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ରାତିରେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ପାଚନଜନିତ ସମସ୍ୟା ସୃଷ୍ଟି କରିଥାଏ।

➢କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିକିତ୍ସିତ ହେଉଥିଲେ ଏ ନେଇ କେବଳ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟ କେହି ଏହି ବିଷୟରେ କିଛି ଟିପ୍ସ ଦେଲେ ତାହା କେତେ ଗ୍ରହଣଯୋଗ୍ୟ ତାହା ପ୍ରଥମେ ତର୍ଜମା କରନ୍ତୁ। ସେ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରି ତାହାକୁ ଗ୍ରହଣ କରନ୍ତୁ।

➢ଯଦି ଅଣ୍ଟାଜନିତ ସମସ୍ୟା ରହିଛି ତେବେ ବସିବା-ଉଠିବା ବେଳେ ସାବଧାନତା ଅବଲମ୍ବନ କରନ୍ତୁ।

## ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ

ବର୍ତ୍ତମାନ ବିଶ୍ୱ ସ୍ତରରେ ଅନ୍ୟତମ ପ୍ରମୁଖ ସମସ୍ୟା ସାଜିଛି ଜଳବାୟୁ ପରିବର୍ତ୍ତନ। ଏହା ପଛରେ ଅନେକ କାରଣ ଥିଲେ ମଧ୍ୟ ଏବେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ଦ୍ୱାରା ଜଳବାୟୁ ଅନେକାଂଶରେ ପ୍ରଭାବିତ ହୋଇଥାଏ। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶରେ ମିଶିଥାଏ। କେବଳ ସେତିକି ନୁହେଁ, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହୁଏ।



ଲଣ୍ଡନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାଯାଏ ଯେ, ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇବାର ଆଶଙ୍କା ଏବେଠାରୁ ଦେଖାଗଲାଣି। ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସ୍‌ର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ବା ଗ୍ଲୋବାଲ ୱାର୍ମିଂ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାରି ରହିବ ସୁନା ଦର ବୃଦ୍ଧି



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଆସନ୍ତା ସପ୍ତାହରେ ସୁନାର ମୂଲ୍ୟ ବୃଦ୍ଧି ଜାରି ରହିବାର ସମ୍ଭାବନା ରହିଛି। ନିରାପତ୍ତା ଆଶ୍ରୟ ଚାହିଦା ଓ ଯୁକ୍ତରାଷ୍ଟ୍ର ଫେଡେରାଲ ରିଜର୍ଭର ନୀତି କୋହଳ ଆଶା ଏହାକୁ ସମର୍ଥନ ଦେଉଛି। ଅନ୍ୟପକ୍ଷରେ ରୁପା ଦରରେ ପାରମ୍ପରିକ ବୃଦ୍ଧି ପରେ ସଂଶୋଧନ ଦେଖାଇଦେଇପାରେ ବୋଲି ବିଶ୍ଳେଷକମାନେ କହିଛନ୍ତି। ଗତ ସପ୍ତାହରେ ଏମ୍‌ସିଏକ୍ସରେ ସୁନା ଫ୍ୟୁଚର୍ସ ୨.୭% ଅର୍ଥାତ୍ ୩,୬୯୮ଟଙ୍କା ବୃଦ୍ଧି ପାଇ ରେକର୍ଡ ୧,୪୩,୫୯୦ ଟଙ୍କାରେ ପହଞ୍ଚିଥିଲା। ଆନ୍ତର୍ଜାତିକ ବଜାରରେ ମଧ୍ୟ ସୁନା ୪,୫୯୫.୪ ୟୁଏସ୍‌ଡି ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ବିଶ୍ଳେଷକଙ୍କ ଅନୁମାନ ଅନୁଯାୟୀ ସୁନା ଏମସିଏକ୍ସରେ ୧,୪୬,୦୦୦ଟଙ୍କା ଓ ବିଶ୍ୱବଜାରରେ ୪,୭୫୦ ୟୁଏସ୍‌ଡି ଛୁଇଁପାରେ । ରୁପା ଗତ ସପ୍ତାହରେ ଏମସିଏକ୍ସରେ ୧୪% ଅର୍ଥାତ୍ ୩୫,୦୩୭ ଟଙ୍କା ବୃଦ୍ଧି ପାଇ ରେକର୍ଡ ୨,୯୨,୯୬୦ଟଙ୍କାରେ ପହଞ୍ଚିଥିଲା। ବିଶ୍ୱବଜାରରେ ୧୧.୬% ବୃଦ୍ଧି ପାଇ ୮୮.୫୩ ୟୁଏସ୍‌ଡିରେ ବନ୍ଦ ହୋଇଥିଲା। ତେବେ ଏହାର ତୀବ୍ର ବୃଦ୍ଧି ପରେ ସଂଶୋଧନ ଆସିପାରେ, ବିଶେଷକରି ୧୦୦ ୟୁଏସଡି ନିକଟରେ ପହଞ୍ଚିବା ପୂର୍ବରୁ ବା ପରେ ଏଥିରେ ସଂଶୋଧନ ହୋଇପାରେ। ବିଶ୍ଳେଷକମାନେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ସୁନା କ୍ରୟ, ଭୂରାଜନୈତିକ ଚିନ୍ତା ଓ ମାକ୍ରୋ ଅନିଶ୍ଚିତତା ସୁନା-ରୁପା ଦର ବୃଦ୍ଧିକୁ ସମର୍ଥନ ଦେଉଛି। ଟେକ୍ନୋଲୋଜି, ନବୀକରଣଯୋଗ୍ୟ ଶକ୍ତି ଆଦି କ୍ଷେତ୍ରରେ ରୁପାର ଔଦ୍ୟୋଗିକ ଚାହିଦା ଦୀର୍ଘମିଆଦୀ ରହିଛି।

# ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ଶୁଭାରମ୍ଭ



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏହି ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ ଦ୍ୱାରା ପୂର୍ବ ଏବଂ ଦକ୍ଷିଣ ଭାରତ ମଧ୍ୟରେ ଏକ ଦୃଢ଼ ନୂତନ ରେଳ କରିଡର ସ୍ଥାପନ ହୋଇଛି। ଯାହା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁରେ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଟ୍ରେନ୍ ନମ୍ବର ୦୬୧୦୮ ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ରବିବାର ପଶ୍ଚିମବଙ୍ଗର ସାନ୍ତ୍ରାଗାଛିରୁ ତାମିଲନାଡୁର ତାମ୍ବରମ ଯାତ୍ରା କରିଥିଲା। ଏହି ଟ୍ରେନ୍ ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବାଲୁଗାଁ , ବ୍ରହ୍ମପୁର, ପଳାସା, ବିଜୟନଗରମ, ଏବଂ ଦୁଭଡା ସମେତ ପୂର୍ବତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେଶନ ଦେଇଯାଇଥିଲା। ଖଡ଼ଗପୁର, ବାଲେଶ୍ୱର, ରାଣିତାଲ, ଶ୍ରୀକାକୁଲମ ରୋଡ, କୋଟାଭାଲାସା, ପେଣ୍ଡୁରତି, ସୀମାଚଲମ ଉତ୍ତର, ଅନକାପାଲ୍ଲୀ, ସାମଲକୋଟ, ରାଜମହେନ୍ଦ୍ରୀ, ଏଲୁରୁ, ବିଜୟୱାଡା, ଟେନାଲି, ଚିରାଲା, ଅଙ୍ଗୋଲେ, ନେଲୋର, ସୁଲୁରୁପେଟା ଏବଂ ଚେନ୍ନାଇ ଏଗମୋର ଆଦିରେ ଏହା ରହଣି କରିଥିଲା। ସୂଚନା ଥାଉକି, ଅମୃତ ଭାରତ ଏକ୍ସପ୍ରେସ ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ୍ ଟ୍ରେନ୍, ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ସେବା ପ୍ରଦାନ କରେ। ଏହି ଟ୍ରେନ୍‌ରେ ଏର୍ଗୋନୋମିକାଲି ଡିଜାଇନ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ ରହିବ, ଯେଉଁଥିରେ ୧୧ଟି ଜେନେରାଲ ଶ୍ରେଣୀ ସିଟିଂକୋଚ, ୮ଟି ସ୍ଲିପର୍ ଶ୍ରେଣୀ କୋଚ, ୨ଟି ଲଗେଜ କମ୍ ଡିଭିଆଙ୍ଗଜାନ କୋଚ୍ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।

# ବଜାରକୁ ଆସିଲା ବଜାଜ ଚେତକ ସି୨୫ ମଡେଲ

ଭୁବନେଶ୍ୱର,୧୮।୧ (ଅନୁରାଧା ମହାରଣା)



ବଜାଜ ଅଟୋ ଲିମିଟେଡ ପକ୍ଷରୁ ନୂଆ ଚେତକ ସି୨୫ ମଡେଲ ଲଞ୍ଚ କରିଛି। କେନ୍ଦ୍ର ସରକାରଙ୍କ ପିଏମ୍ ଇ-ଡ୍ରାଇଭ୍ ସ୍କିମ ଅଧୀନରେ ସବସିଡି ସମେତ ଏହାର ପ୍ରାରମ୍ଭିକ ମୂଲ୍ୟ ୯୧,୩୯୯ ଟଙ୍କା ରହିଛି। ଏହି ମଡେଲ ପାଇଁ ବୁକିଂ ଆରମ୍ଭ ହୋଇଛି। ଚେତକ ଲାଇନ-ଅପ୍‌ରେ ଏହା ସବୁଠାରୁ ଶସ୍ତା ଅଫରିଂ ହୋଇଛି ଏବଂ ପୁଣେ ଆଧାରିତ କମ୍ପାନୀର ଦ୍ୱିତୀୟ ମଡେଲ, ଯାହା ୧ ଲକ୍ଷ ଟଙ୍କାରୁ କମ ଦାମରେ ଉପଲବ୍ଧ। ଏହା ବର୍ତ୍ତମାନର ଚେତକ ୩୫୦୧, ୩୫୦୨, ୩୫୦୩ ଓ ୩୦୦୧ ଭ୍ୟାରିଆଣ୍ଟଗୁଡ଼ିକ ସହିତ ବଜାରରେ ମିଳିବ। ଭାରତୀୟ ବଜାରରେ ଏହା ଟିଭିଏସ୍ ଅରବିଟର, ଟିଭିଏସ୍ ଆଇକ୍ୟୁବ୍ ୨.୨, ହିରୋ ଭିଡ଼ା ଭିଏକ୍ସ ୨ ଗୋ, ଓଲା ଏସ୍୧ଏକ୍ସ ଆଦି ମଡେଲଗୁଡ଼ିକ ସହ ପ୍ରତିଯୋଗିତା କରିବ। ବଜାଜ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହା ପୂର୍ବବର୍ତ୍ତୀ ଜେନେରେଶନ ମଡେଲ ଅପେକ୍ଷା ୨୨ କିଲୋଗ୍ରାମ ହାଲୁକା ହୋଇଛି, ଯାହା ଦକ୍ଷତା ଓ ହ୍ୟାଣ୍ଡଲିଂକୁ ଉନ୍ନତ କରିଛି। ଏଥିରେ ୩ ବର୍ଷ କିମ୍ବା ୫୦,୦୦୦ କିଲୋମିଟର୍ ୱାରେଣ୍ଟି ରହିଛି। ବିକ୍ରୟ ଦୃଷ୍ଟିରୁ ପୁଣେ ଆଧାରିତ କମ୍ପାନୀ ୨୦୨୫ରେ ଇ-ସ୍କୁଟର୍ (ଚେତକ ଓ ୟୁଲୁ) ବିକ୍ରୟରେ ତୃତୀୟ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବଜାଜ ଅଟୋ ୨୦୨୫ରେ ୨,୬୯,୮୩୬ ୟୁନିଟ ବିକ୍ରି କରିଛି, ଯାହା ୨୦୨୪ ଅପେକ୍ଷା ୩୯% ଅଧିକ। ଏହା ପ୍ରଥମ ଥର ପାଇଁ ବାର୍ଷିକ ୨ ଲକ୍ଷ ଓ ୨.୫ ଲକ୍ଷ ମାଇଲଷ୍ଟୋନ ଅତିକ୍ରମ କରିଛି। କମ୍ପାନୀର ବଜାର ଅଂଶ ୨୦୨୪ର ୧୭%ରୁ ବଢ଼ି ୨୧% ହୋଇଛି (୨୦୨୩ରେ ୮% ଥିଲା)। ବଜାଜ ଚେତକ ନେଟୱର୍କ ବୃଦ୍ଧି କରୁଥିବାବେଳେ ୩୯୦ ଏକ୍ସକ୍ଲୁସିଭ ଷ୍ଟୋର୍ ଓ ୪,୨୮୦ ପଏଣ୍ଟ ଅଫ ସେଲରେ ୫୦୦ରୁ ଅଧିକ ସହରରେ ଉପଲବ୍ଧ। ଏହାର ୪,୧୦୦ରୁ ଅଧିକ ସର୍ଭିସ ୱାର୍କଶପ ରହିଛି।

# ଜୁପିଟରର ବାର୍ଷିକ କ୍ରୀଡ଼ା ମହୋତ୍ସବ -୨୦୨୬





ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଜୁପିଟର ସମୂହ ଶିକ୍ଷା ପକ୍ଷରୁ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗପରଟଶାସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମାରାଥନ ଧାବିକା ବବିତା ଦିବ୍ୟାଦର୍ଶନୀ ଯୋଗଦେଇ କ୍ରୀଡ଼ା ମଶାଲ ଧରି ଧାବକଙ୍କ ସହ ଦୌଡ଼ିଥିଲେ ଏବଂ ପତାକା ଉତ୍ତୋଳନ କରି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଡ଼ିଆରେ ଖେଳାଳିମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ହର୍ ରାଣୀ ଜାତୀୟ ତଥା ଅନ୍ତର୍ଜାତୀୟ ଟ୍ରାକ ଏବଂ ଫିଲ୍ଡ ଆଥଲେଟ ଭାବେ ପରିଚିତ ଅନୁରାଧା ବିଶ୍ୱାଳ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ ମନୋବଳ ବଢ଼ାଇବା ସହିତ କ୍ରୀଡା କିପରି ଶୃଙ୍ଖଳା ଓ ଧୈର୍ଯ୍ୟ ବୃଦ୍ଧି କରିଥାଏ ବୁଝାଇଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ପଦକ ତଥା ମାନପତ୍ର ପ୍ରଦାନ କରିବା ସହିତ ସିନିଅର୍ ଓ ଜୁନିଅର୍ ବାଳକ ଓ ବାଳିକା ଉଭୟଙ୍କୁ ବ୍ୟକ୍ତିଗତ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ମନୋଜ୍ଞ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ।

# ତମ୍ବାଶିଳ୍ପରୁ ସଂଗ୍ରହ ହେବ ଗୁରୁତ୍ୱପୂର୍ଣ୍ଣ ଖଣିଜ

## ସିଏସ୍‌ଆଇଆର୍-ଆଇଏମ୍ଏମ୍‌ଟି, ଏଚ୍‌ସିଏଲ୍ ମଧ୍ୟରେ ଚୁକ୍ତି



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ତମ୍ବାପଥର, କନ୍‌ସେଣ୍ଟ୍ରେଟ ଏବଂ ଟେଲିଙ୍ଗ୍‌ସରୁ ରେୟାର୍ ଆର୍ଥ ଏଲିମେଣ୍ଟସ, ଟ୍ରେସ ଏଲିମେଣ୍ଟସ ଏବଂ ତମ୍ବା ସମେତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ପାଇଁ ସିଏସଆଇଆର-ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ପ୍ରତିଷ୍ଠାନ (ସିଏସ୍‌ଆଇଆର-ଆଇଏମ୍ଏମଟି) ଏବଂ ହିନ୍ଦୁସ୍ଥାନ କପର ଲିମିଟେଡ(ଏଚ୍‌ସିଏଲ) ସହିତ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି। ଉଭୟ ସଂଗଠନ ମଧ୍ୟରେ ସ୍ୱାକ୍ଷରିତ ପ୍ରକଳ୍ପ ଚୁକ୍ତିନାମା ଆଦାନପ୍ରଦାନ ସହିତ କୋଲକାତାସ୍ଥିତ ଏଚସିଏଲ କର୍ପୋରେଟ କାର୍ଯ୍ୟାଳୟରେ ଏହ ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଚ୍‌ସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସିଂ, ନିର୍ଦ୍ଦେଶକ (ଅର୍ଥ) ଆର.ଭି.ଏନ. ବିଶ୍ୱେଶ୍ୱର, ନିର୍ଦ୍ଦେଶକ (ପରିଚାଳନା) ସଞ୍ଜୀବ କୁମାର ସିହ୍ନା ଏବଂ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ଅଧ୍ୟକ୍ଷତାରେଏହି ଶୁଭାରମ୍ଭ ହୋଇଥିଲା। ଏଚସିଏଲର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଖଣି) ବିନୋଦ ଗୁପ୍ତା ଏବଂ ସିଏସଆଇଆର-ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ତଥା ବ୍ୟବସାୟ ବିକାଶ ଏବଂ ସେଣ୍ଟର ଅଫ ଏକ୍ସଲେନ୍ସ ବିଭାଗର ମୁଖ୍ୟ ଡ. କାଳୀ ସଞ୍ଜୟ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଇଭି, ୱିଣ୍ଡଟର୍ବାଇନ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ସବୁଜ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ପାଇଁ ତମ୍ବା ଭଳି ବାଣିଜ୍ୟିକ ଖଣିଜ ଏବଂ ଆରଇଇ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଆବଶ୍ୟକତା ରହିଛି। ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ଥିବାରୁ ତମ୍ବା ପଥର ଏବଂ ଏହାର ବର୍ଜ୍ୟବସ୍ତୁରୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକର ପୁନରୁଦ୍ଧାର କରିବା ଦ୍ୱାରା ଦେଶର ଖଣିଜ ସୁରକ୍ଷା ମଜଭୁତ ହେବା ସହ ଏହା ଏକ ରଣନୀତିକ ଘରୋଇ ସମ୍ପଦ ଭାବେ ଉପଲବ୍ଧ ହେବ। ଏହି ପଦକ୍ଷେପ ଅଧୀନରେ, ସିଏସଆଇଆର-ଆଇଏମଏମଟି ବିଭିନ୍ନ ତମ୍ବା ଶିଳ୍ପ ସାମଗ୍ରୀର ବିସ୍ତୃତ ବୈଶିଷ୍ଟ୍ୟ ଅନୁଧ୍ୟାନ କରିବ ଏବଂ ସେଥିରୁ ତମ୍ବା, ରେୟାର୍ ଆର୍ଥଏ ବଂ ଆନୁଷଙ୍ଗିକ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକର ନିଷ୍କାସନ ପାଇଁ ସମ୍ଭାବ୍ୟ ମାର୍ଗ ପ୍ରସ୍ତୁତ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଖଣିଜ ପଦାର୍ଥର ଉପସ୍ଥିତି ବିଷୟରେ ବୈଜ୍ଞାନିକ ଧାରଣା ପ୍ରଦାନ କରିବା, ପୁନରୁଦ୍ଧାରର ବ୍ୟବହାରିକତା ଆକଳନ କରିବା ଏବଂ ପରୀକ୍ଷାମୂଳକ ଭାବେ ପ୍ରକ୍ରିୟା ବିକାଶ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା।

# ରିଲାଏନ୍ସ ରିଟେଲରର ୩୭ କୋଟି ୮୦ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

## ୨୦୨୫-୨୬ର ତୃତୀୟ ତ୍ରୈମାସିକ ଫଳାଫଳ

ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରିଟେଲ ବ୍ୟବସାୟ ଉଲ୍ଲେଖନୀୟ ଭାବରେ ସମ୍ପ୍ରସାରଣ ଜାରି ରଖିଛି। ଏହି ତ୍ରୈମାସିକରେ ୪୩୧ଟି ନୂତନ ଷ୍ଟୋର ଯୋଡିବା ସହିତ ଦେଶରେ ରିଲାଏନ୍ସ ରିଟେଲର ମୋଟ ଷ୍ଟୋର ସଂଖ୍ୟା ୧୯,୯୭୯ରେ ପହଞ୍ଚିଛି । ଜିଓମାର୍ଟ ମଧ୍ୟ ଏହି ତ୍ରୈମାସିକରେ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ଦୈନିକ ଅର୍ଡର ସଂଖ୍ୟା ୧୬ ଲକ୍ଷ ଅତିକ୍ରମ କରିଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୫୦ କୋଟି କାରବାର (ଟ୍ରାଞ୍ଜାକ୍ସନ) ସଂଖ୍ୟା ଅତିକ୍ରମ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୪୭.୬ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। କମ୍ପାନୀର ପଞ୍ଜୀକୃତ ଗ୍ରାହକ ଆଧାର ମଧ୍ୟ ୩୭ କୋଟି ୮୦ ଲକ୍ଷକୁ ବୃଦ୍ଧି ପାଇଛି। ତୃତୀୟ ତ୍ରୈମାସିକରେ ରିଲାଏନ୍ସ ରିଟେଲର ରାଜସ୍ୱ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୮.୧ ପ୍ରତିଶତ ବୃଦ୍ଧି ପାଇ ୯୭,୬୦୫ କୋଟି ଟଙ୍କା ହୋଇଛି। ତ୍ରୈମାସିକ ଫଳାଫଳ ଉପରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ. ଅମ୍ବାନୀ କହିଛନ୍ତି, ରିଲାଏନ୍ସ ରିଟେଲ ଏହି ତ୍ରୈମାସିକରେ ଦୃଢ଼ ପ୍ରଦର୍ଶନ ସହିତ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭିନ୍ନ ଭିନ୍ନ ସପିଙ୍ଗ ଆବଶ୍ୟକତାକୁ ସଫଳତାର ସହିତ ପୂରଣ କରିଛି। ଟ୍ରେଣ୍ଡ-କେନ୍ଦ୍ରିତ ଉତ୍ପାଦ ଏବଂ ଏକ ନିରବଚ୍ଛିନ୍ନ ଓମନି-ଚ୍ୟାନେଲ ଅଭିଜ୍ଞତାକୁ ପ୍ରାଥମିକତା ଦେଇ, ଆମେ ଲଗାତର ଭାବରେ ଦୃଢ଼ ଗ୍ରାହକ ସମ୍ପୃକ୍ତି ଏବଂ ଗ୍ରାହକ ବିଶ୍ୱାସ ବଢ଼ାଇବାରେ ସଫଳତା ହାସଲ କରୁଛୁ।


# Classified Everyday

0674-2580101, 9692975378



## REAL ESTATE

### SALE

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

I, Kamala Satanami, W/o- Lokanath Satanami, Resident of Village/P.O./ P.S.- Papadahandi, Dist.- Nabarangpur do hereby solemnly affirm and state that I am purchasing a Land to an extend of Ac 0.90 cents under Papadahandi before the Dist Sub-Registrar Nabarangpur in year of 1983 vide Document No: 1241 of 1983. That the said sale deed & other's documents has been misplaced somewhere, while going towards Jeypore. That in spite of several search I couldn't traced out. So I have reported before Papadahandi Police Station. That the content of this affidavit are true to the best of my knowledge, belief and information.

Deponent
D-3143

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, CF. No.- 80, dated 13.01.2026, I, DHURBA BHOI, S/o- Late Abhin Bhoi, permanent resident of Badagada Bhoi Sahi, Bhubaneswar, Dist.- Khordha, State- Odisha, PIN- 751018 declare that I have changed my name from DHRUBA BOI (Old name) to DHURBA BHOI (New name). Henceforth, I shall be known as DHURBA BHOI for all purposes.
D-76952

I, Ashok Kumar Sahoo, S/o- Jadumani Sahoo, At- Kathagada, Sibaji Nagar, Tahasil/P.S- Dhenkanal, P.S.- Town, District- Dhenkanal, 759001, Odisha declare that I have changed my minor daughter's name from SARMISTHA SAHOO to SARMISTHA SAHU, dtd. 26.12.2025 before Notary Public, Dhenkanal.

Ashok Kumar Sahoo
D-3142

# ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**୰ଗୋପାଳ ଚନ୍ଦ୍ର ସେଠୀ**

ପ୍ଲଟ୍ ନଂ- ୮୫, ଗୌତମ ନଗର, ଭୁବନେଶ୍ୱର

ତିରୋଧାନ: ୨୯।୦୧।୨୦୧୭

ଅଦିନ ସୁଅରେ ପ୍ରଳୟ ଝଡ଼ରେ
ସୁଖ ସ୍ୱପ୍ନ ଗଲା ସରି
ନଅଟି ବରଷ ଅଭୁଲା ସ୍ମୃତିକୁ
ନୀରବରେ ଝୁରି ଝୁରି
ତୁମ ବିନା ଆଜି ଶୂନ୍ୟ ମନ୍ଦିରରୁ
ଦୁଃଖରେ ପ୍ରଦୀପ ଜାଳୁ
ଯହିଁ ଥାଅ ପଛେ ସୁଖରେ ରହିବ ଏତିକି
କାମନା କରୁ।

ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ସ୍ତ୍ରୀ, ସେଠୀ ପରିବାର ଓ ଆତ୍ମୀୟସ୍ୱଜନ।

ଧ-୭୬୩୦୫

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅର୍ଜୁନ ପୃଷ୍ଟି**

ଭୁଷଣ୍ଡପୁର, ଖୋର୍ଦ୍ଧା

ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣାଦାୟକ। ବାପା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ, ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ। ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।

ଶୋକସନ୍ତପ୍ତ: କନ୍ୟା- ମମତା, ଜ୍ୱାଇଁ- ରାମେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ- କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିକ୍ତା, ନାତି- ଓମ୍, ଗୋପାଳ, ସ୍ୱାଧୀନ, କାହ୍ନା, ନାତୁଣୀ- ମାମା, ସୋମା, ଶୁଭ, ଦିପି, ଲିପି, ଲିଙ୍କି,ପିଙ୍କି ରଣପୁର ଓ ଚାନ୍ଦପୁର କୋଣାର୍କ କୁଏଲାରୀ ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

ଧ-୩୧୪୦

### ୧୪ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସୁଶୀଳା ସାହୁ**

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ତିରୋଧାନ: ୨୪।୦୧।୨୦୧୨

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୧୫୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନିରଞ୍ଜନ ଜେନା**

ଆବିର୍ଭାବ :- ୧୨.୧୧.୧୯୪୨
ତିରୋଧାନ :- ୦୯.୦୧.୨୦୨୬

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"

ବାପା, ତୁମ ଅବର୍ତ୍ତମାନରେ ଆମେ ସାରା ପରିବାର ଦୁଃଖ ସନ୍ତପ୍ତରେ କାଳ କାଟୁଛୁ। ଆମ୍ଭମାନଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ମୋହ ମାୟା ଭରା ଅନ୍ଧ ରାଇଜରେ ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନୁଶାସନ ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ।

: ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ନାତି, ନାତୁଣ, ପରିବାର ଓ ଆତ୍ମୀୟସ୍ୱଜନ।

ଧ-୩୧୩୯

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ରାଡୁକାନୁ, ସାବାଲେଙ୍କା ଦ୍ୱିତୀୟ ରାଉଣ୍ଡରେ

ରାଡୁକାନୁ ୧୮।୧

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ବ୍ରିଟିଶ ନମ୍ବର ୱାନ ଏମା ରାଡୁକାନୁ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାର୍ଗାରେଟ୍ କୋର୍ଟ ଆରେନାଠାରେ ଖେଳାଯାଇଥିବା ମ୍ୟାଚରେ ଏହି ୨୩ ବର୍ଷୀୟା ଥାଇଲାଣ୍ଡର ବିଶ୍ୱ ୧୯୬ ମାନ୍ୟତାପ୍ରାପ୍ତ ମନଞ୍ଚୟା ସାୱାଙ୍ଗକେଉଙ୍କୁ ୬-୪, ୬-୧ରେ ହରାଇ ଦେଇଛନ୍ତି। ରାଡୁକାନୁ ପରବର୍ତ୍ତୀ ରାଉଣ୍ଡରେ ଅଷ୍ଟ୍ରିଆର ଆନାସ୍ତାସିଆ ପୋଟା ପୋଭାଙ୍କୁ ଭେଟିବେ। ତୃତୀୟ ରାଉଣ୍ଡରେ

## ଅଷ୍ଟ୍ରେଲିଆନ ଓପନ ଆରମ୍ଭ

ତାଙ୍କର ବିଶ୍ୱର ନମ୍ବର ୱାନ ଆରିନା ସାବାଲେଙ୍କାଙ୍କୁ ଭେଟିବା ସମ୍ଭାବନା ସୃଷ୍ଟି ହୋଇଛି। ରଡ୍ ଲାଭର ଆରେନାଠାରେ ଖେଳାଯାଇଥିବା ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ସାବାଲେଙ୍କା ଫ୍ରେଞ୍ଚ୍ ୱାଇଲ୍ଡ କାର୍ଡ ଟିଆଣ୍ଟସୋଆ ରାକୋଟୋମାଙ୍ଗାଙ୍କୁ ୬-୪, ୬-୧ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ସପ୍ତମ ସିଡ୍ ଯସ୍ମିନ ପାଓଲିନ୍ ୬-୧, ୬-୨ରେ ଆଲିଆକ୍ ସାଣ୍ଡ୍ରାଙ୍କୁ ୬-୧, ୬-୨ରେ ହରାଇ ଦେଇଛନ୍ତି। ମହିଳା ବିଭାଗରେ ଦୁଇ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏଲ୍‌ସା ଜାକ୍ୱେମଟ ବିଶ୍ୱର ୨୦ ନମ୍ବର ମାର୍ଟା କୋଷ୍ଟିଉକ୍‌ଙ୍କୁ ୬-୭ (୪), ୭-୬ (୪), ୭-୬ (୭)ରେ ପରାସ୍ତ କରିଥିବା ବେଳେ ତୁର୍କୀଶ କ୍ୱାଲିଫାୟର



ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ନମ୍ବର ୱାନ ଆରିନା ସାବାଲେଙ୍କାଙ୍କ ପ୍ରତିକ୍ରିୟା।

ଜେନେକ୍ ସନ୍‌ମେଜ ୧୧ ନମ୍ବର ଖେଳାଳି ଏକାଟରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ୭-୫, ୪-୬, ୬-୪ରେ ହରାଇ ଦେଇଛନ୍ତି।

### ଅଲ୍‌କାରାଜ, ଜେଭରେଭ ବିଜୟୀ

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ କଷ୍ଟ ସାଧ୍ୟ ବିଜୟ ହାସଲ କରିଛନ୍ତି। ସେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୨୪ ବର୍ଷୀୟ ତଥା କାନାଡାର ଉଦୀୟମାନ ତାରକା ଖେଳାଳି ଗାବ୍ରିଲ ଡାଏଲୋଙ୍କୁ ୬-୭ (୭), ୬-୧, ୬-୪, ୬-୨ରେ ହରଇ ଦେଇଛନ୍ତି। ପ୍ରଥମ ପୁରୁଷ ସିଡ୍ ଖେଳାଳି ଭାବେ ବିଶ୍ୱର ୨୦ନମ୍ବର ଇଟାଲିର ଫ୍ଲାବିଓ କୋବୋଲି ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ସେ ବ୍ରିଟିଶ କ୍ୱାଲିଫାୟର ଆର୍ଥର ଫେରିଙ୍କଠାରୁ ୭-୬ (୭), ୬-୪, ୬-୧ରେ ପରାଜିତ ହୋଇଛନ୍ତି। ଟପ୍ ସିଡ କାର୍ଲୋସ ଅଲକାରାଜ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ୍ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ଆଡାମ ୱାଲ୍‌ଟନ୍‌ଙ୍କୁ ୬-୩, ୭-୬ (୨), ୬-୨ରେ ହରାଇ ଦେଇଛନ୍ତି।

# ନ୍ୟୁଜିଲାଣ୍ଡର ସିରିଜ୍ ବିଜୟ

ଇନ୍ଦୋର,୧୮।୧

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ରବିବାର ବିରାଟ କୋହଲିଙ୍କ ଦର୍ଶନୀୟ ଶତକ ସତ୍ତ୍ୱେ ଭାରତ ୪୧ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଭାରତ ମାଟିରେ ଏହା ନ୍ୟୁଜିଲାଣ୍ଡ ପାଇଁ ପ୍ରଥମ ଦିନିକିଆ ସିରିଜ୍ ବିଜୟ। ଅନ୍ୟପକ୍ଷରେ ଦୀର୍ଘ ୭ ବର୍ଷ ପରେ ଘରୋଇ ମାଟିରେ ଭାରତୀୟ ଦଳ ପ୍ରଥମ ଥର ପାଇଁ କୌଣସି ଦିନିକିଆ ସିରିଜ୍ ହାତଛଡ଼ା କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଖୁବ ଶସ୍ତାରେ ଡେଭନ କନୱେ (୫) ଓ ହେନରୀ ନିକୋଲସ(୦)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱିଲ ୟଙ୍ଗ ୩୦ ରନ୍ କରି ପାଭିଲିଅନ ଫେରିଥିଲେ। ଏହାପରେ ମିଚେଲ ଓ ଫିଲିପ୍ସ ଚତୁର୍ଥ ଉଇକେଟରେ ୨୧୯ ରନ ଯୋଡ଼ିଥିଲେ। ୪୩ତମ ଓଭରରେ ଫିଲିପ୍ସଙ୍କୁ ଆଉଟ୍ କରି ଅର୍ଶଦୀପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ ଥ୍ରୁ ଆଣି ଦେଇଥିଲେ। ଫିଲିପ୍ସ ୮୮ ବଲରେ ୯ ଚୌକା ଓ ୩ ଛକା ୧୦୬ ରନ୍ କରିଥିଲେ। ତାଙ୍କ ଭଳି ମିଚେଲ କ୍ୟାରିୟରର ନବମ ଦିନିକିଆ ଶତକ ହାସଲ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୧୩୧ ବଲରେ ୧୫ ଚୌକା ଓ ୩ ଛକା ସହିତ ୧୩୭ ରନ କରିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ନ୍ୟୁଜିଲାଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ କରିପାରିଥିଲା। ଭାରତ ପାଇଁ ଅର୍ଶଦୀପ ଓ ହର୍ଷିତ ରାଣା ୩ ଲେଖାଏ ଉଇକେଟ ଅର୍ଜନ କରିଥିଲେ।

ଜବାବରେ ଭାରତ ଆରମ୍ଭରୁ ରୋହିତ ଶର୍ମା (୧୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ବିରାଟ କୋହଲି ଗୋଟିଏ ପକ୍ଷରେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଅଧିନାୟକ ଶୁବମନ ଗିଲ (୨୩), ଶ୍ରେୟସ ଆୟାର (୩) ଓ ଲୋକେଶ ରାହୁଲ (୧) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଦଳ ମାତ୍ର ୭୧ ରନରେ ପ୍ରମୁଖ ୪ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ କୋହଲିଙ୍କ ସହ ନୀତୀଶ କୁମାର ରେଡ୍ଡୀ ମିଶି ପଞ୍ଚମ ଉଇକେଟରେ ୮୮ ରନ ଯୋଡ଼ିଥିଲେ। ହେଲେ ନୀତୀଶ (୫୩ ରନ, ୨ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ତାଙ୍କ ପରେ କ୍ରିଜ୍‌କୁ ଓହ୍ଲାଇଥିବା ରବୀନ୍ଦ୍ର ଜାଡେଜା (୧୨) ବିଫଳ ହୋଇଥିଲେ। ଏହିଠାରୁ କୋହଲି ଓ ହର୍ଷିତ ରାଣା ସପ୍ତମ ଉଇକେଟରେ ୬୯ ବଲରେ ଦ୍ରୁତ ୯୯ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଇତି ମଧ୍ୟରେ କୋହଲି ଶତକ ପୂରଣ କରିଥିଲେ। ହର୍ଷିତ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୪ ଲେଖାଏ ଚୌକା ଓ ଛକା ସହ ୫୨ ରନ କରିଥିଲେ। କୋହଲି ୧୨୪ (୧୦ ଚୌକା ଓ ୩ ଛକା ) ରନ କରି ୯ମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ଭାରତ ୪୬ ଓଭରରେ ୨୯୬ ରନରେ ଅଲଆଉଟ୍ ହୋଇଯାଇଥିଲା।



ଶତକ ପରେ ଡାରଲି ମିଚେଲ ଓ ଗ୍ଲେନ୍ ଫିଲିପ୍ସ।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ: ୫୦ ଓଭରରେ ୩୩୭/୮(ଡାରଲି ମିଚେଲ-୧୩୭, ଗ୍ଲେନ ଫିଲିପ୍ସ-୧୦୬, ଅର୍ଶଦୀପ ସିଂ-୩/୬୩, ହର୍ଷିତ ରାଣା-୩/୮୪)। ଭାରତ: ୪୬ ଓଭରରେ ୨୯୬/ଅଲଆଉଟ୍ (ବିରାଟ କୋହଲି-୧୨୪, ହର୍ଷିତ ରାଣା-୫୨, ନୀତୀଶ ରେଡ୍ଡୀ-୫୩, କ୍ରିଷ୍ଟିଆନ କ୍ଲାର୍କ-୩/୫୪, ଜାକାରି ଫକେସ-୩/୭୭, ଜେଡେନ ଲେନକ୍ସ- ୨/୪୨)।

# ୧୭ ବର୍ଷରୁ କମ୍ ଚେସ୍: ସତ୍ୟମ୍ ଚାମ୍ପିୟନ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଁ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ଓପନ ଚେସ୍‌ରେ ସତ୍ୟମ୍ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୪ ପଏଣ୍ଟ ପାଇଛନ୍ତି। ସ୍ୱୟମ ସ୍ୱରୂପ ମହାନ୍ତି, ଆୟୁଷ୍ମାନ ବେହେରା, ସ୍ଥିତପ୍ରଜ୍ଞ ପଟ୍ଟନାୟକ ଓ ସ୍ୱସ୍ତିକ ତ୍ରିପାଠୀ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଁ ଗୁରୁକୁଳ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହୁରା ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।



ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଗ୍ରେଡିଂରେ ଭାଗ ନେଇଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ପାକିସ୍ତାନର ହସ୍ତକ୍ଷେପ ଲୋଡ଼ିଲା ବାଂଲାଦେଶ

## ଟି୨୦ ବିଶ୍ୱକପ୍ ବିବାଦ

ଢାକା,୧୮।୧

ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳର ଭାରତ ଟ୍ରାଭେଲ କରିବାକୁ ନେଇ ଲାଗି ରହିଥିବା ବିବାଦ ନୂଆ ମୋଡ଼ ନେଇଛି। କିଛି ରିପୋର୍ଟ ମୁତାବକ, ବାଂଲାଦେଶ କୂଟନୈତିକ ଓ କ୍ରିକେଟିଂ ସମର୍ଥନ ଲାଗି ପାକିସ୍ତାନର ହସ୍ତକ୍ଷେପ ଲୋଡ଼ିଛି।

ବାଂଲାଦେଶ ସରକାର ପାକିସ୍ତାନୀ ଅଧିକାରୀଙ୍କୁ ଯୋଗାଯୋଗ କରି ଆଗାମୀ ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ଓ ଆଇସିସିଠାରୁ ସକାରାତ୍ମକ ପ୍ରତିକ୍ରିୟା ଲାଗି ସମର୍ଥନ ମାଗିଛନ୍ତି। ଯଦି ବାଂଲାଦେଶ ଦଳର ଦାବି ପୂରଣ ନ କରାଯାଏ, ତେବେ ପାକିସ୍ତାନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ କି ନାହିଁ, ତା' ଉପରେ ବିଚାର କରିବାକୁ ସଙ୍କେତ ଦେଇଥିବା ସୂତ୍ରରୁ କୁହାଯାଇଛି। ଯଦି ପାକିସ୍ତାନ ହସ୍ତକ୍ଷେପ କରେ, ତେବେ ବିବାଦ ଅଧିକ ଜଟିଳ ହେବ ଏବଂ ସମାଧାନ କରିବାକୁ ଉଦ୍ୟମ କରୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଲାଗି ଅଡୁଆ ବଢ଼ିବ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଭାରତରେ ଶରଣ ନେବା ପରେ ବାଂଲାଦେଶ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିଛି। ବାଂଲାଦେଶ ପକ୍ଷରୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରାଯିବା ସତ୍ତ୍ୱେ ଭାରତ ତାହାକୁ ଅଣଦେଖା କରୁଛି, ଯାହାକି ଦୁଇ ପଡ଼ୋଶୀ ଦେଶର ସମ୍ପର୍କକୁ ତିକ୍ତ କରି ଦେଇଛି।

# କରାଟେ ଗ୍ରେଡିଂ ପରୀକ୍ଷା: ୨୯୪ କରାଟେକା ଉତ୍ତୀର୍ଣ୍ଣ

ଭୁବନେଶ୍ୱର,୧୮।୧ (ବିଜୟ ରଣା)

ଉତ୍କଳ କରାଟେ ମୁଖ୍ୟଶାଖାରେ ସୁକୋକୋଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯୪ଜଣ କାରାଟେକାରେ ଉତ୍ତୀର୍ଣ୍ଣ ହୋଇ ଉପରିସ୍ଥ ବେଲ୍ଟ ହାସଲ କରିଛନ୍ତି। ପରୀକ୍ଷାରେ ୫୯ଜଣ ୟଲୋ ବେଲ୍ଟ, ୬୪ଜଣ ଅରେଞ୍ଜ ବେଲ୍ଟ, ୪୧ ଜଣ ଗ୍ରୀନ୍ ବେଲ୍ଟ, ୫୧ ଜଣ ବ୍ଲୁ ବେଲ୍ଟ ଏବଂ ୭୯ଜଣ ବ୍ରାଉନ୍ ବେଲ୍ଟରେ କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକୋଇ କରାଟେ ୟୁନିୟନର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହିପରୀକ୍ଷାକୁପରିଚାଳନା କରିଥିଲେ ସେନ୍‌ସେଇ ସିନିୟର ପ୍ରଶିକ୍ଷକ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, ଅମିୟ ସାହୁ, ଆଶିଷ ରାଉତ, ରାହୁଲ ପ୍ରଧାନ, ଗୋପାଳ ରାଓ ଓ ନ୍ୟାସା କୁମାରୀ।

# ଫିଡେ ସମ୍ମିଳନୀ ଅବସରରେ ସ୍ୱତନ୍ତ୍ର ପୋଷ୍ଟାଲ ଷ୍ଟାମ୍ପ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ସମାଜ ଏବଂ ଶିକ୍ଷା ଉପରେ ଚେସ୍‌ର ପ୍ରଭାବକୁ ନେଇ ପ୍ରଥମ ଫିଡେ ଗ୍ଲୋବାଲ୍ ସମ୍ମିଳନୀ ସଫଳତାର ସହ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ), ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ଏବଂ କିଟ୍ ଓ କିସ୍‌ର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଏହି ବିଶେଷ ଅବସରରେ ୬ ଜଣଙ୍କ ଉପରେ ସ୍ୱତନ୍ତ୍ର ଲଫାପା ଏବଂ ୬ଟି ପୋଷ୍ଟାଲ୍ ଷ୍ଟାମ୍ପ ଉନ୍ମୋଚିତ ହୋଇଛି। ଏହି ୬ ଜଣ ହେଲେ ରୁଷ୍‌ର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଏବଂ ବର୍ତ୍ତମାନ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍, ୫ ଥର ବିଶ୍ୱ ଚେସ୍ ଚାମ୍ପିୟନ୍ ବିଶ୍ୱନାଥନ ଆନନ୍ଦ, ଲାଟଭିଆ ଗଣରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ, ୫ ଥର ସାଂସଦ ଏବଂ ବର୍ତ୍ତମାନ ଫିଡେ ଉପାଧ୍ୟକ୍ଷ, ଡାନା ରେଜନିସ୍-ଓଜୋଲା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫିଡେର ଚେସ୍ ଇନ୍ ଏଜୁକେଶନ୍ କମିଶନରେ ଭାରତର ପ୍ରତିନିଧି ଗ୍ରାଣ୍ଡମାଷ୍ଟର ଅଭିଜିତ କୁନ୍ତେ ଏବଂ ଫଇଡେ ମୂଲ୍ୟାଙ୍କିତ ଖେଳାଳି, ପ୍ରଶିକ୍ଷକ, ଆର୍ବିଟର ଏବଂ ଫେୟାରପ୍ଲେ ବିଶେଷଜ୍ଞ ରଞ୍ଜନ ମହାନ୍ତି। ରଞ୍ଜନ ହେଉଛନ୍ତି ବର୍ତ୍ତମାନ ଏଆଇସିଏଫ୍‌ର ଇଭେଣ୍ଟସ୍ କମିଟିର ସଦସ୍ୟ। ଭାରତୀୟ ରାଜସ୍ୱ ସେବା ଅଧିକାରୀ ରଞ୍ଜନ ମହାନ୍ତିଙ୍କୁ ତାଙ୍କର ଚମତ୍କାର କାର୍ଯ୍ୟ ପାଇଁ ଫଡେ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଭାବରେ ଏହି ମେଗା ଇଭେଣ୍ଟର ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ସେ ଓଡ଼ିଶାର ପ୍ରଥମ ଚେସ୍ ଖେଳାଳି ଭାବେ ଚେସ୍ ପ୍ରୋତ୍ସାହନ ପାଇଁ ଫିଡେ ତରଫରୁ ପ୍ରଶଂସା ପତ୍ର ପାଇଛନ୍ତି।



ସ୍ୱତନ୍ତ୍ର ପୋଷ୍ଟାଲ ଷ୍ଟାମ୍ପ ସହ ଉପସ୍ଥିତ ଅତିଥିବୃନ୍ଦ।

# 'କ୍ରୀଡ଼ା ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ, ବିଶିଷ୍ଟ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ବିଶେଷ ଅବଦାନ ରଖୁଥିବା ଏମ୍‌ଜିଏମ୍ ଗ୍ରୁପ୍‌କୁ ପୁରସ୍କୃତ କରିଛନ୍ତି। ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ବାବଦରେ ନଗଦ ୨୫ହଜାର ଟଙ୍କା ଲେଖାଏ, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗ ହାତ ବଢ଼ାଉଥିବା ଏମ୍‌ଜିଏମ୍‌କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏମ୍‌ଜିଏମ୍ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ତରଫରୁ କମ୍ପାନୀର ଏଜିଏମ୍ (କର୍ପୋରେଟ୍ ଆଫେୟାର୍ସ ଆଣ୍ଡ ସିଏସ୍‌ଆର୍) ଉତ୍ତମ କୁମାର ନାୟକ ପ୍ରଥମ ଥର ପାଇଁ ପ୍ରଚଳିତ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ "କ୍ରୀଡ଼ା ବିକାଶରେ ସରକାରଙ୍କ ବ୍ୟବସ୍ଥା ସହିତ ଖବରଦାତାଙ୍କ ଭୂମିକା ହିଁ ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ ଭାବେ ଉପଯୁକ୍ତ ଯୋଗଦାନ ରଖୁଛି। ସରକାର ଏବେ ଓଡ଼ିଶାରେ ତୃଣମୂଳସ୍ତରରୁ ଖେଳର ସାମଗ୍ରିକ ବିକାଶ ପାଇଁ କାମ କରୁଛନ୍ତି। ଏ କ୍ଷେତ୍ରରେ ଯଦି କୌଣସି ପ୍ରତିବନ୍ଧକ ଆସୁଛି କି ପ୍ରସ୍ତାବ ରହିଛି ଆମ ଦୃଷ୍ଟିକୁ ଅଣାଯାଉ"।



ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

### ସଟଲ ପରିସରରେ ମିଡିଆ ସେଣ୍ଟର

କ୍ରୀଡ଼ା ଖବରଦାତାଙ୍କ ଭୂମିକାକୁ ସ୍ୱୀକୃତି ଜଣାଇବା ସହ ଖୁବ୍‌ଶୀଘ୍ର କଳିଙ୍ଗ ଷ୍ଟାଡିୟରେ ଏକ କ୍ରୀଡ଼ା ସଂଗ୍ରହାଳୟର ବ୍ୟବସ୍ଥା କରାଯିବ ଏବଂ ବ୍ୟାଡ୍‌ମିଣ୍ଟନର ବିଶ୍ୱସ୍ତରୀୟ ଭିତ୍ତିଭୂମି 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର୍ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଛନ୍ତି।

## ପ୍ରୀତିସ୍ମିତା, କାଳୁଚରଣ, ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର

ଅନ୍ୟପକ୍ଷରେ ଖେଳ ଖବରଦାତାଙ୍କ ଭୂମିକା ପାଇଁ ହିଁ ଖେଳ ଓ ଖେଳାଳିଙ୍କ ସଫଳତାକୁ ନେଇ 'ଓଡ଼ିଶା' ଆଜି ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଛି ବୋଲି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସୁରେଶ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ପ୍ରକାଶଯୋଗ୍ୟ, ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥ୍‌ଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟ୍‌ବଲର ଦେବ ସିଂ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରିଜଭୂଷଣ ମହାନ୍ତି, ୨୦୨୦ରେ ପାରା-ଆଥ୍‌ଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା ଏହି ପୁରସ୍କାର ପାଇଥିଲେ।

# ଇଂଲଣ୍ଡର ପାକିସ୍ତାନ ବଂଶୋଦ୍ଭବ ଖେଳାଳିଙ୍କୁ ଭିଜା ମିଳିଲା

**ନୂଆଦିଲ୍ଲୀ, ୧୮।୧ (ପି.ଟି.):** ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଖେଳିବା ପାଇଁ ସମସ୍ତ ପାକିସ୍ତାନ ବଂଶୋଦ୍ଭବ ୪୨ ଖେଳାଳି ଓ ଅଫିସିଆଲଙ୍କ ଲାଗି ଭିଜା ଔପଚାରିକତାକୁ ସହଜ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପଦକ୍ଷେପ ନେଇଛି। ଇଂଲଣ୍ଡ ଦଳରେ ଥିବା ପାକିସ୍ତାନ ବଂଶୋଜ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ସ୍ପିନର ଆଦିଲ ରଶିଦ, ରେହାନ ଅହମଦ ଏବଂ ପେସର ସାକିବ୍ ମେହେମୁଦ୍ ଅନ୍ୟତମ। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ଦଳରେ ଅଲି ଖାନ୍ ଓ ଶାୟନ ଜାହାଙ୍ଗୀର ପ୍ରତିନିଧିତ୍ୱ କରିବାକୁ ଯାଉଥିବା ବେଳେ ନେଦରଲାଣ୍ଡ୍ସରୁ ଜୁଲଫିକର ସାକିବ୍ ଖେଳିବେ। ଖରବ ଅନୁସାରେ ଇଂଲଣ୍ଡ ଖେଳାଳି ରଶିଦ, ରେହାନ ଓ ସକ୍‌ବିଙ୍କ ଭିଜା କ୍ଲିଅର ହୋଇଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ୟୁଏସ୍ଏ ଇଟାଲୀ, ବାଂଲାଦେଶ ଓ କାନାଡା ଦଳର ଅଂଶବିଶେଷ ଥିବା ଅନେକ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଓ ଅଫିସିଆଲଙ୍କ ଲାଗି ଭିଜା ବ୍ୟବସ୍ଥା ଚାଲିଛି। ସମ୍ଭବତଃ ସେମାନଙ୍କୁ ଆସନ୍ତା ସପ୍ତାହ ବେଳକୁ ଭିଜା ମିଳିଯିବ। ଅଂଶଗ୍ରହଣକାରୀଙ୍କ ଲାଗି ଭିଜା ମିଳିବା ଶେଷ ତାରିଖ ଜାନୁଆରୀ ୩୧ ରଖାଯାଇଛି।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୯/୨୦୨୬ Bhubaneswar, Monday, January 19/ 2026




# କଳିଙ୍ଗ ଲାନ୍ସର୍ସର କ୍ରମାଗତ ଷଷ୍ଠ ବିଜୟ

**ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)**

ଚମତ୍କାର ଫର୍ମରେ ଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଅପରାଜେୟ ଧାରା ଜାରି ରଖି ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଲାନ୍ସର୍ସ ଶୁଟ୍ ଆଉଟ ୪-୧ ଗୋଲରେ ଆକର୍ଡ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ

## ହକି ଇଣ୍ଡିଆ ଲିଗ୍

୧-୧ ଗୋଲରେ ବରାବର ରହିଥିଲା। ମ୍ୟାଚର ୧୯ଶ ମିନିଟରେ ବ୍ଲେକ୍ ଗୋଭର୍ସ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ତାମିଲନାଡୁକୁ ୧-୦ରେ ଅଗ୍ରଣୀ କରିଥିଲେ। ତେବେ ତୃତୀୟ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୪୪ତମ ମିନିଟରେ ଲାନ୍ସର୍ସର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ନ ହେବାରୁ ଫଳାଫଳ ନିର୍ଣ୍ଣୟପାଇଁ ଶୁଟ୍ଆଉଟ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା।




କଳିଙ୍ଗ ଲାନ୍ସର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

ଏଥିରେ ଲାନ୍ସର୍ସ ପକ୍ଷରୁ କୁପର ବର୍ନ୍ସ, ଅଙ୍ଗଦ ବୀର ସିଂ, ଆଣ୍ଟୋନି କିନା ଓ ଅଧିନାୟକ ଆର୍ଥର ଭାନ୍ ଡୋରେନ ଗୋଲ ଦେବାରେ ସଫଳ ହୋଇଥିଲେ। ମାତ୍ର ଡ୍ରାଗନ୍ସ ପକ୍ଷରୁ ନାଥନ ଇଫ୍ରାଉମ୍ସ ଓ ବ୍ଲେକ ଗୋଭର୍ସ ଗୋଲ ଦେବାରେ ବିଫଳ ହୋଇଥିବାବେଳେ ଏକମାତ୍ର ଉତ୍ତମ ସିଂ ଗୋଲ ଦେଇଥିଲେ। ଜେଡ୍ ସ୍ନୋଡେନ ଚମତ୍କାର ଗୋଲକିପିଂ କରି କଳିଙ୍ଗ ଲାନ୍ସର୍ସକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ନକ୍ଆଉଟକୁ ଯୋଗ୍ୟତା ପାଇ ସାରିଥିବା ଲାନ୍ସର୍ସ ୬ ମ୍ୟାଚରୁ ୪ ବିଜୟ, ୨ ଶୁଟ୍ ଆଉଟ ବିଜୟ ସହ ୧୬ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ତାମିଲନାଡୁ ଡ୍ରାଗନ୍ସ ୬ ମ୍ୟାଚରୁ ୧ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହିତ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

# ପାଇପର୍ସଙ୍କୁ ହରାଇଲା ଟାଇଗର୍ସ

**ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ମ୍ୟାଚର ପ୍ରଥମାର୍ଦ୍ଧରେ ଏସ୍‌ଜି ପାଇପର୍ସ ଚମତ୍କାର ପ୍ରଦର୍ଶନ କରି ଅଗ୍ରଣୀ ରହିଥିଲା। ୫ମ ମିନିଟ୍‌ରେ ଦିଲରାଜ ସିଂ ଏକ ଗୋଲ ସ୍କୋର କରି ବିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ପାଇପର୍ସ ୧-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ଟୋମାସ ଡୋମେନେ ଆଉ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମାତ୍ର ତୃତୀୟ କ୍ୱାର୍ଟର ଶେଷ କ୍ଷଣରେ ଅର୍ଥାତ୍ ୪୫ତମ ମିନିଟରେ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂ ଓ ଅଭିଷେକ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଫଳରେ ତୃତୀୟ ତଥା ଅନ୍ତିମ କ୍ୱାର୍ଟରରେ ସ୍ୱାଭାବିକ ଭାବେ ଲଢ଼େଇ ରୋମାଞ୍ଚକ ହୋଇଥିଲା। ଏଥିରେ ୪୮ତମ ମିନିଟରେ ବେଙ୍ଗଲ ଦଳର ଆଫାନ ୟୁସୁଫ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଲିନ୍ ଚୁନ୍, ଆନ୍ ସି' ଚାମ୍ପିୟନ

**ନୂଆଦିଲ୍ଲୀ, ୧୮।୧ (ପି.ଟି.)**

ଚାଇନିଜ ତାଇପେର ଲିନ୍ ଚୁନ୍-ୟି ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନମ୍ବର ୱାନ୍ ଦକ୍ଷିଣ କୋରିଆର ଆନ୍ ସି ୟଙ୍ଗ୍ ମହିଳା ସିଙ୍ଗଲ୍ସ ଟାଇଟଲ୍ ହାସଲ କରିଛନ୍ତି। ଲିନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜୋନାଥନ କ୍ରିଷ୍ଟିଙ୍କୁ ୨୧-୧୦, ୨୧-୧୮ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ଫାଇନାଲରେ ଆନ୍ ସି ୟଙ୍ଗ୍ ଚାଇନାର ୱାଙ୍ଗ ଝିୟିଙ୍କୁ ୨୧-୧୩, ୨୧-୧୧ରେ ପରାଜିତ କରି ସିଜନରେ ତାଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ